# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୯/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, November 9/2023 | Page 16 | ₹ 7.00

୪୯ଶ ଭାଗ ୩୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 344 | ମୂଲ୍ୟ ₹୭/-





# ବିଶ୍ୱରେ ୭୫ ଲକ୍ଷ ଟିବି ଆକ୍ରାନ୍ତ

## ଡବ୍ଲ୍ୟୁଏଚ୍‌ଓର ୨୦୨୩ ଗ୍ଲୋବାଲ ଟିବି ରିପୋର୍ଟ



ଜେନେଭା,୮।୧୧

୨୦୨୨ରେ ବିଶ୍ୱର ପ୍ରାୟ ୭.୫ ନିୟୁତ (୭୫ ଲକ୍ଷ) ଲୋକ ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୋଇଥିଲେ। ଟ୍ୟୁବରକୁଲୋସିସ୍ (ଟିବି)କୁ ନେଇ ୧୯୯୫ରେ ତଥ୍ୟ ସଂଗ୍ରହ ଆରମ୍ଭ ହେବା ପରଠୁ ଏହା ସର୍ବାଧିକ ବୋଲି ବୁଧବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଜାରି ୨୦୨୩ ଗ୍ଲୋବାଲ ଟିବି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

୧୯୨ଟି ଦେଶ ଓ ଭୂଖଣ୍ଡରୁ ସଂଗୃହୀତ ତଥ୍ୟକୁ ଭିତ୍ତିକରି ପ୍ରକାଶ ପାଇଥିବା ଉକ୍ତ ରିପୋର୍ଟ ଅନୁସାରେ ଏତେ ସଂଖ୍ୟକ ଲୋକ ଟିବି ଆକ୍ରାନ୍ତ ହୋଇଥିଲେ ମଧ୍ୟ ଅନେକ ରାଷ୍ଟ୍ରରେ ସ୍ୱାସ୍ଥ୍ୟସେବା ସମ୍ପର୍କିତ ନିୟମ ଯୋଗୁ ଆରୋଗ୍ୟଙ୍କ ସଂଖ୍ୟା ମଧ୍ୟ ବଢ଼ିଛି। କୋଭିଡ୍-୧୯ ମହାମାରୀ ଯୋଗୁ ଅଚଳାବସ୍ଥା ସୃଷ୍ଟି ହେବା ପରେ ୨୦୨୨ରେ ଟିବି ନିଦାନ ଓ ଚିକିତ୍ସାରେ ଉନ୍ନତି ଆସିଥିଲା। ଫଳରେ ସାରା ବିଶ୍ୱରେ ଟିବି ରୋଗୀଙ୍କ ଆରୋଗ୍ୟ ହାର ମଧ୍ୟ ବଢ଼ିଥିଲା। ତେବେ ନୂଆ ଲକ୍ଷ୍ୟ ହାସଲ ପାଇଁ ତ୍ୱରିତ ଉଦ୍ୟମର ଆବଶ୍ୟକତା ରହିଥିବା ଏଥିରେ କୁହାଯାଇଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୨୦ ଓ ୨୦୨୧ରେ ନୂଆକରି ଟିବି ଚିହ୍ନଟ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା ହ୍ରାସ ପାଇଥିଲା। ସେମାନଙ୍କ ମଧ୍ୟରୁ ୬୦% ଭାରତ, ଇଣ୍ଡୋନେସିଆ ଓ ଫିଲିପାଇନ୍ସର। ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଧାନୋମ୍ ଘେବ୍ରେୟେସସ୍ ଏନେଇ ଏକ ବିବୃତିରେ କହିଛନ୍ତି, ଆମ ପୂର୍ବପୁରୁଷମାନେ ଅନେକ ଶତାବ୍ଦୀ ଧରି ଟିବିରେ ପଡ଼ି ପ୍ରାଣ ହରାଇଥିଲେ। ଏହି ରୋଗ ସମ୍ପର୍କରେ ସେମାନଙ୍କ କୌଣସି ଧାରଣା ନ ଥିଲା। ଟିବିର କାରଣ ଓ ନିରାକରଣ ସମ୍ପର୍କରେ ସେମାନେ ଅଜ୍ଞ ଥିଲେ। ଆଜି ଆମ ପାଖରେ ଜ୍ଞାନ ଓ ସାଧନ ଅଛି, ଯାହା ସମ୍ପର୍କରେ ପୂର୍ବରୁ ଆମେ କଳ୍ପନା ମଧ୍ୟ କରିପାରୁ ନ ଥିଲେ। ଆମ ନିକଟରେ ରାଜନୈତିକ ପ୍ରତିଶ୍ରୁତିବଦ୍ଧତା ରହିଛି। ଆମେ ଏପରି ଏକ ସୁଯୋଗ ପାଇଛେ, ଯାହା ମାନବ ଜାତିର ଇତିହାସରେ କେବେ ମିଳି ନ ଥିଲା ବୋଲି ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ କହିଛନ୍ତି।

ସାରା ବିଶ୍ୱରେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ୨୦୨୨ରେ ୧୦.୬ ନିୟୁତ ଲୋକଙ୍କ ମୃତ୍ୟୁ ଘଟିଥିଲା, ଯାହାକି ୨୦୨୧ର ୧୦.୩ ନିୟୁତଠାରୁ ଅଧିକ। ୨୦୨୨ରେ ଭୌଗୋଳିକ ଦୃଷ୍ଟିରୁ ଟିବି ସଂକ୍ରମିତ ହୋଇଥିବା ଅଧିକାଂଶ ଲୋକ ଡବ୍ଲ୍ୟୁଏସ୍‌ଓ ରିଜିୟନ୍ସ ଅଫ୍ ସାଉଥ୍-ଇଷ୍ଟ ଏସିଆ (୪୬%), ଆଫ୍ରିକା (୨୩%) ଓ ପଶ୍ଚିମ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର (୧୮%) ଥିଲେ। ପୂର୍ବ ଭୂମଧ୍ୟସାଗରୀୟ ଅଞ୍ଚଳରେ (୮.୧%), ଆମେରିକାସ୍ (୩.୧%) ଏବଂ ୟୁରୋପରେ ସର୍ବନିମ୍ନ ୨.୨ ପ୍ରତିଶତ ଲୋକ ଟିବିରେ ଆକ୍ରାନ୍ତ ହୋଇଥିଲେ। ୨୦୨୨ରେ ଟିବିଜନିତ (ଏଚ୍‌ଆଇଭି ସଂକ୍ରମିତଙ୍କ ସମେତ) ମୋଟ ମୃତ୍ୟୁସଂଖ୍ୟା ୧.୩ ନିୟୁତ ରହିଥିଲା, ଯାହାକି ୨୦୨୧ର ୧.୪ ନିୟୁତ ତୁଳନାରେ କମ୍। ୨୦୨୦-୨୦୨୨ ସମୟରେ କୋଭିଡ୍-୧୯ ଯୋଗୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଚଳାବସ୍ଥା ଦେଖାଦେଇଥିଲା। ଫଳରେ ପୂର୍ବ ତୁଳନାରେ ପ୍ରାୟ ୫୦ ଲକ୍ଷ ଅଧିକ ଲୋକଙ୍କ ଟିବି ମୃତ୍ୟୁ ଘଟିଥିଲା। ଏଚ୍‌ଆଇଭିଠାରୁ ମଧ୍ୟ ଏହା ଅଧିକ ଘାତକ ପ୍ରମାଣିତ ହୋଇଥିଲା।

ମଲ୍ଟିଡ୍ରଗ୍-ରେଜିଷ୍ଟାଣ୍ଟ ଟିବି (ଏମ୍‌ଡିଆର୍-ଟିବି) ଏକ ଜନସ୍ୱାସ୍ଥ୍ୟ ସଙ୍କଟ ଭାବେ ଛିଡ଼ା ହୋଇଛି। ୨୦୨୨ରେ ପ୍ରାୟ ୪୧୦,୦୦୦ ଲୋକ ମଲ୍ଟିଡ୍ରଗ-ରେଜିଷ୍ଟାଣ୍ଟ ବା ରିଫାମ୍ପିସିନ୍-ରେଜିଷ୍ଟାଣ୍ଟ ଟିବି (ଏମ୍‌ଡିଆର୍/ଆର୍‌ଆର୍-ଟିବି) ରୋଗରେ ସଂକ୍ରମିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରତି ୫ ଜଣରେ ଜଣେ ଚିକିତ୍ସା ସୁବିଧା ପାଇପାରିଥିଲେ। ତେବେ ଟିବି ନିଦାନ ବ୍ୟବସ୍ଥା, ଔଷଧ ଓ ଟିକା ବିକଶିତ ହେବା ପରେ ଏହି କ୍ଷେତ୍ରରେ କିଛି ଉନ୍ନତି ପରିଲକ୍ଷିତ ହୋଇଛି। ଏହାସତ୍ତ୍ୱେ ଏଭଳି ଚିକିତ୍ସାରେ ସୁଧାର ଆଣିବା ଲାଗି ଉପଯୁକ୍ତ ନିବେଶ ହୋଇପାରୁ ନାହିଁ। ୨୦୧୮ରେ ରଖାଯାଇଥିବା ଲକ୍ଷ୍ୟ ୨୦୨୨ରେ ପୂରଣ ହୋଇ ନ ଥିଲା। ୨୦୧୫ରୁ ୨୦୨୨ ମଧ୍ୟରେ ଟିବିଜନିତ ମୃତ୍ୟୁରେ ୧୯% ହ୍ରାସ ଘଟିଥିଲା। ୨୦୨୫ ସୁଦ୍ଧା ୭୫% ଟିବିମୃତ୍ୟୁ କମ୍ କରିବା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ବହୁ ଦୂରରେ ରହିଥିବା ଏଥିରୁ ବୁଝାପଡୁଛି।

## ନିରାକରଣରେ ଓଡ଼ିଶା ଦ୍ୱିତୀୟ

ଭୁବନେଶ୍ୱର, ୮।୧୧(ଅସମାପିକା ସାହୁ)

ଯକ୍ଷ୍ମା ବା ଟିବି ରୋଗ ନିରାକରଣରେ ସାରା ଦେଶରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ଇଣ୍ଡିଆ ଟିବି ରିପୋର୍ଟ ୨୦୨୩ ଅନୁସାରେ ୫୦ଲକ୍ଷ ଉପରେ ଲୋକସଂଖ୍ୟା ଥିବା ରାଜ୍ୟ ମଧ୍ୟରେ ହିମାଚଳପ୍ରଦେଶ ପ୍ରଥମ ସ୍ଥାନରେ ଥିବାବେଳେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ଗତବର୍ଷ ଓଡ଼ିଶା ତୃତୀୟ ସ୍ଥାନରେ ଥିଲା। ରୋଗ ଚିହ୍ନଟ ପାଇଁ ଆନୁଆଲ ସ୍କ୍ରିନିଂ କରିବାରେ ଓଡ଼ିଶା ବହୁ ଉପରକୁ ଯାଇଛି। ୨୦୧୮ରେ ୨.୬ଲକ୍ଷ ଲୋକଙ୍କ ସ୍କ୍ରିନିଂ କରାଯାଇଥିବାବେଳେ ୨୦୨୨ରେ ତାହା ୧୨ଲକ୍ଷ ଟପିଯାଇଥିଲା। ତେବେ ଏଥିମଧ୍ୟରୁ ୬୦ହଜାର ଟିବି ପଜିଟିଭ୍ ଚିହ୍ନଟ ହୋଇଥିଲେ। ସ୍ୱାସ୍ଥ୍ୟ ବିଭାଗର ସୂଚନାନୁସାରେ, ୨୦୧୮ରେ ୨,୬୭,୩୧୧ ନମୁନା ପରୀକ୍ଷା ହୋଇଥିବାବେଳେ ୪୮,୪୯୦ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨,୬୨୬ ଜଣଙ୍କ ମୃତ୍ୟୁ ଘଟିଥିଲା। ରାଜ୍ୟ ସରକାରଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁ ନମୁନା ପରୀକ୍ଷା ବଢ଼ିବା ସହିତ ଉତ୍ତମ ସ୍ୱାସ୍ଥ୍ୟସେବା ସୁବିଧା ଯୋଗୁ ମୃତ୍ୟୁହାର ମଧ୍ୟ କମିଛି।

### ୬ ଜିଲାରେ ସର୍ବାଧିକ ରୋଗୀ ଚିହ୍ନଟ

୨୦୨୨ରେ ୧୨,୦୫,୨୦୪ ନମୁନା ପରୀକ୍ଷା ହୋଇଥିଲା। ସେଥିମଧ୍ୟରୁ ୬୦,୪୩୯ଜଣଙ୍କ ଠାରେ ପଜିଟିଭ୍ ଚିହ୍ନଟ ହୋଇଥିଲା ଏବଂ ୨,୬୮୮ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୮ରେ ମୃତ୍ୟୁହାର ୫.୪% ଥିବାବେଳେ ୨୦୨୨ରେ ତାହା ୪.୪% ହୋଇଯାଇଛି। ରାଜ୍ୟରେ ବାଲେଶ୍ୱର, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ଗଞ୍ଜାମ ଏବଂ କନ୍ଧମାଳରେ ଏହି ରୋଗୀ ଅଧିକ ଚିହ୍ନଟ ହେଉଛନ୍ତି। ତେବେ ରାଜ୍ୟକୁ ଯକ୍ଷ୍ମା ମୁକ୍ତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। କିପରି ଶୀଘ୍ର ଚିହ୍ନଟ ହୋଇପାରିବ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ସବୁ ବ୍ଲକରେ ମଲିକ୍ୟୁଲାର ଡାଇଗ୍ନୋଷ୍ଟିକ୍ ସୁବିଧା କରିବା ପାଇଁ ଯୋଜନା କରିଛି। ସେହିଭଳି ୫୬୫ ମଡେଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିବି ଡାଇଗ୍ନୋଷ୍ଟିକ ସେଣ୍ଟର ସ୍ଥାପନ କରିବା ଏବଂ ଟିବି ଆକ୍ଟିଭିଟି ଅଧିକ କରିବା ପାଇଁ ମଧ୍ୟ ବିଭାଗ ଏବେ କାର୍ଯ୍ୟ କରୁଛି। ୨୦୨୫ ସୁଦ୍ଧା ଓଡ଼ିଶାକୁ ସମ୍ପୂର୍ଣ୍ଣ ଯକ୍ଷ୍ମା ମୁକ୍ତ କରିବାକୁ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନେଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ଗୃହରେ ନୀତୀଶ କୁମାରଙ୍କ 'ଯୌନ ଶିକ୍ଷା' ଝଡ଼



■ସେମାନେ ଆଉ କେତେ ତଳକୁ ଖସିବେ: ମୋଦି
■ସମାଲୋଚିତ ହୋଇ କ୍ଷମା ମାଗିଲେ ମୁଖ୍ୟମନ୍ତ୍ରୀ

ଗଣତନ୍ତ୍ରରେ ଜଣେ ନେତା ଯଦି ଏପରି ଖୋଲାଖୋଲି ମନ୍ତବ୍ୟ ଦେଇପାରୁଛନ୍ତି, ତାଙ୍କ ଶାସନାଧୀନ ରାଜ୍ୟର ଅବସ୍ଥା ଅନୁମେୟ। ପ୍ରତ୍ୟେକ ମହିଳା ସମ୍ମାନର ହକ୍‌ଦାର। ନୀତୀଶ କୁମାର ନିଃସର୍ତ୍ତ କ୍ଷମା ମାଗନ୍ତୁ।
**-ରେଖା ଶର୍ମା, ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା**

ପାଟନା/ନୂଆଦିଲ୍ଲୀ,୮।୧୧

ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସ୍ତ୍ରୀମାନଙ୍କୁ ଶିକ୍ଷା ଦେବା ଲାଗି ଚତୁର ରଣନୀତି ଆପଣାଯିବା ଉପରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଙ୍ଗଳବାର ବିଧାନସଭାରେ ପୁଙ୍ଖାନୁପୁଙ୍ଖ ବ୍ୟାଖ୍ୟାକରି ବିବାଦରେ ଫସିଛନ୍ତି। ନୀତୀଶଙ୍କ ଏହି 'ଯୌନ ଶିକ୍ଷା' ସମ୍ପର୍କିତ ଆପତ୍ତିଜନକ ମନ୍ତବ୍ୟକୁ ବିଭିନ୍ନ ମହଲାରେ ନିନ୍ଦା କରାଯାଉଛି। ଏହା କେବଳ ରାଜ୍ୟ ନୁହେଁ, ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି। ନୀତୀଶ ମଙ୍ଗଳବାର ବିଧାନସଭାରେ ପ୍ରଜନନ ହାର ଉପରେ ଆଲୋଚନା କରି ହାତରେ କିଛି ଇଙ୍ଗିତ କରିଥିଲେ। ସେ କହିଥିଲେ, ଆମେ ଚାହୁଁଛୁ ଝିଅମାନେ ପଢ଼ନ୍ତୁ। ବିବାହ ପରେ ......। ବିହାରକୁ ସର୍ବାଧିକ ବର୍ଷ ଶାସନ କରିଥିବା ମୁଖ୍ୟମନ୍ତ୍ରୀ ନୀତୀଶ ଗୃହ ଭିତରେ ଦେଇଥିବା ଅଭଦ୍ର ଟିପ୍ପଣୀ ସୋସିଆଲ ମିଡିଆରେ ଘୂରିବୁଲୁଛି। ନୀତୀଶଙ୍କ ମନ୍ତବ୍ୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିନ୍ଦା କରିଛନ୍ତି। ମଧ୍ୟପ୍ରଦେଶର ଏକ ନିର୍ବାଚନୀ ସଭାରେ ମୋଦି କହିଛନ୍ତି, ଇଣ୍ଡି ଆଲାଏନ୍ସ (୨୮ ଦଳ ବିଶିଷ୍ଟ ବିରୋଧୀଙ୍କ ଇଣ୍ଡିଆ ବ୍ଲକ୍)ର ଜଣେ ପ୍ରମୁଖ ନେତା ବିଧାନସଭାରେ ଲଜ୍ଜାଜନକ ଭାବେ ଅଶାଳୀନ ଭାଷା ବ୍ୟବହାର କରିଛନ୍ତି। ସେମାନେ ଆଉ କେତେ ତଳକୁ ଖସିବେ? ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ବିଧାନସଭା ବାଚସ୍ପତି ଅଓଧ ବିହାରୀ ଚୌଧରୀଙ୍କୁ ନୀତୀଶଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ଚାରିଆଡୁ ସମାଲୋଚିତ ହେବା ଏବଂ ତାଙ୍କ ଇସ୍ତଫା ଦାବି ତେଜିବା ପରେ ନୀତୀଶ ବୁଧବାର ବିଧାନସଭାରେ ନିଜ ଭୁଲ୍ ସ୍ୱୀକାର କରି କ୍ଷମା ମାଗିଛନ୍ତି। ଇତିମଧ୍ୟରେ ନୀତୀଶଙ୍କ ବିରୋଧରେ ମାମଲା ରୁଜୁ ପାଇଁ ମୁଜାଫରପୁରସ୍ଥିତ ଏକ କୋର୍ଟରେ ପିଟିଶନ ଦାଖଲ ହୋଇଛି। କୋର୍ଟ ଆସନ୍ତା ୨୫ରେ ଏହାର ଶୁଣାଣି କରିବେ।

# ଡିସେମ୍ବର ଦ୍ୱିତୀୟ ସପ୍ତାହରୁ ଶୀତ ଅଧିବେଶନ



ନୂଆଦିଲ୍ଲୀ,୮।୧୧(ପି.ଟି.)

ପାର୍ଲାମେଣ୍ଟର ଶୀତ ଅଧିବେଶନ ଆସନ୍ତା ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଆରମ୍ଭ ହୋଇପାରେ ବୋଲି ବୁଧବାର ସୂତ୍ରରୁ ଜଣାପଡ଼ିଛି। ସଂସଦର ଶୀତ ଅଧିବେଶନ ସାଧାରଣତଃ ନଭେମ୍ବର ତୃତୀୟ ସପ୍ତାହରୁ ଆରମ୍ଭ ଓ ଡିସେମ୍ବର ୨୫ ପୂର୍ବରୁ ଶେଷ ହୋଇଥାଏ।

କିନ୍ତୁ ଏଥର ଡିସେମ୍ବର ୩ରେ ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ଆସିବା ପରେ ଅଧିବେଶନ ଆରମ୍ଭ ହୋଇ ଖ୍ରୀଷ୍ଟମାସ୍ ପୂର୍ବରୁ ଶେଷ ହୋଇପାରେ। ଉକ୍ତ ଅଧିବେଶନରେ କେନ୍ଦ୍ର ସରକାର ୩ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିବେ। ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି), ଆପରାଧିକ ଦଣ୍ଡ ସଂହିତା (ସିଆର୍‌ପିସି) ଏବଂ ସାକ୍ଷ୍ୟପ୍ରମାଣ ଆଇନକୁ ଉଚ୍ଛେଦ କରି ୩ ନୂଆ ଆଇନ ଆଣିବା ପାଇଁ ଏହି ୩ ବିଲ୍ ଆଗତ କରାଯିବ। ସେହିପରି ମୁଖ୍ୟ ନିର୍ବାଚନ କମିଶନର ଓ ନିର୍ବାଚନ କମିଶନରମାନଙ୍କ ନିଯୁକ୍ତି ସମ୍ପର୍କିତ ବିଧେୟକ ମଧ୍ୟ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିପାରେ। ମୌସୁମୀ ଅଧିବେଶନରେ ଆଗତ ହୋଇଥିବା ଏହି ବିଲ୍ ହଟ୍ଟଗୋଳ ଯୋଗୁ ପାରିତ ହୋଇପାରି ନ ଥିଲା।

# ମହୁଆଙ୍କ ବିରୋଧରେ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଲୋକପାଳ: ନିଶିକାନ୍ତ


ମହୁଆ ମୋଇତ୍ର


ନିଶିକାନ୍ତ ଦୁବେ

ନୂଆଦିଲ୍ଲୀ,୮।୧୧

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କ ବିରୋଧରେ ଭାଜପା ସଦସ୍ୟ ନିଶିକାନ୍ତ ଦୁବେ ଆଣିଥିବା 'ପ୍ରଶ୍ନ ପାଇଁ ଲାଞ୍ଚ' ଅଭିଯୋଗ ଉପରେ ଗୁରୁବାର ଲୋକ ସଭା ଏଥିକ୍ସ କମିଟି ବୈଠକ ବସିବ। ଏହି ବୈଠକରେ ଉକ୍ତ ପ୍ରସଙ୍ଗରେ ଏକ ଚିଠା ରିପୋର୍ଟ ଅଣାଯିବ। ଶିଳ୍ପପତି ଗୌତମ ଆଦାନୀଙ୍କୁ ଟାର୍ଗେଟ ସକାଶେ ଲୋକ ସଭାରେ ପ୍ରଶ୍ନ କରିବା ପାଇଁ ମହୁଆ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କ ଇଙ୍ଗିତରେ ବିପୁଳ ଟଙ୍କା ନେଇଥିବା ନିଶିକାନ୍ତ ଅଭିଯୋଗ ଆଣିଥିଲେ। ଏପରି କି ମହୁଆଙ୍କ ସଂସଦୀୟ ଲଗ୍‌ଇନ୍ ଆଇଡିକୁ ଦୁବାଇରେ ବ୍ୟବହାର କରାଯାଇଥିବା ଦର୍ଶାଇ ପାର୍ଲାମେଣ୍ଟରୁ ତାଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ବିର୍ଲାଙ୍କ ନିକଟରେ ନିଶିକାନ୍ତ ଦାବି କରିଥିଲେ।

ନିଶିକାନ୍ତଙ୍କ ଅଭିଯୋଗ ଉପରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଭାଜପା ଏମ୍‌ପି ବିଜୟ ସୋନ୍‌କରଙ୍କ ଅଧ୍ୟକ୍ଷତାରେ ଗଠିତ ଏଥିକ୍ସ କମିଟିକୁ ତଦନ୍ତ ଦାୟିତ୍ୱ ଦେଇଥିଲେ। କମିଟିର ୧୫ ସଦସ୍ୟଙ୍କ ମଧ୍ୟରେ ଭାଜପାର ୭, କଂଗ୍ରେସ ୩ ଏମ୍‌ପିଙ୍କ ସମେତ ବିଏସ୍‌ପି, ଶିବସେନା, ୱାଇଏସ୍‌ଆର୍‌ସିପି, ସିପିଆଇଏମ୍ ଏବଂ ଜେଡିୟୁର ଜଣେ ଲେଖାଏ ସଦସ୍ୟ ରହିଛନ୍ତି। ନଭେମ୍ବର ୨ରେ ଏଥିକ୍ସ କମିଟିରେ ହାଜର ହେବାବେଳେ ପ୍ୟାନେଲ ମୁଖ୍ୟ ସୋନ୍‌କର ତାଙ୍କୁ ବ୍ୟକ୍ତିଗତ ଓ ଅନୈତିକ ପ୍ରଶ୍ନ ପଚାରିଥିବା ଦର୍ଶାଇ ଅଧାରୁ ଉଠିଆସିଥିଲେ। କମିଟି ମହୁଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତିଙ୍କୁ ସୁପାରିସ କରିପାରେ ବୋଲି ସଙ୍କେତ ମିଳିଛି। ତେବେ ମହୁଆଙ୍କ ସହ କମିଟି ବୈଠକରୁ କକ୍ଷତ୍ୟାଗ କରିଥିବା ୫ ବିରୋଧୀ ଏମ୍‌ପି ଏଥିରେ ଅସହମତି ପ୍ରକାଶ କରିପାରନ୍ତି।

### ଆଜି କାର୍ଯ୍ୟାନୁଷ୍ଠାନ ସୁପାରିସ କରିପାରେ ଏଥିକ୍ସ କମିଟି

ଇତିମଧ୍ୟରେ ମହୁଆଙ୍କ ବିରୋଧରେ ଦୁର୍ନୀତିର ତଦନ୍ତ ପାଇଁ ଲୋକପାଳ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ନିର୍ଦ୍ଦେଶ ଦେଇଥିବା ନିଶିକାନ୍ତ ସାମାଜିକ ଗଣମାଧ୍ୟମ ମଞ୍ଚ ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ମହୁଆଙ୍କ ଦୁର୍ନୀତି ଯୋଗୁ ଜାତୀୟ ସୁରକ୍ଷା ସହ ସାଲିସ ହୋଇଛି। ମୋ ଅଭିଯୋଗ ଭିତ୍ତିରେ ଲୋକପାଳ ଏହାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ମହୁଆ କହିଛନ୍ତି, ସିବିଆଇ ପ୍ରଥମେ ଆଦାନୀଙ୍କ ବିରୋଧରେ ୧୩,୦୦୦ କୋଟି ଟଙ୍କାର କୋଇଲା ଦୁର୍ନୀତି ଅଭିଯୋଗ ସମ୍ପର୍କିତ ଏଫ୍‌ଆଇଆର୍ କରିବା ଦରକାର।

## ଫୁର୍‌ସତ୍

# ଆଇନ ସଚେତନତା ଜରୁରୀ




**ଦେଶ** ବିକାଶରେ ଆଇନ ବ୍ୟବସ୍ଥାର ସଫଳ କାର୍ଯ୍ୟକାରିତା ଗୁରୁତ୍ୱପୂର୍ଣ୍ଣ। ପ୍ରଚଳିତ ଆଇନ ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇପାରିଲେ ହିଁ ଜନସାଧାରଣ ଆବଶ୍ୟକ ଆଇନଗତ ସହାୟତା ସହଜରେ ପାଇପାରିବେ। ଆଉ ବିଚାର କାର୍ଯ୍ୟ ଶୀଘ୍ର ହେବା ଦ୍ୱାରା ବହୁ ଅର୍ଥ ଅପଚୟ ରୋକିହେବ। ଆମ ଦେଶରେ ଆଇନ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ନଭେମ୍ବର ୯ରେ 'ଜାତୀୟ ଆଇନ ସେବା ଦିବସ' ପାଳିତ ହୋଇଆସୁଛି। ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ଦେଶର ସମସ୍ତ ନାଗରିକଙ୍କ ମୌଳିକ ଅଧିକାରକୁ ସୁନିଶ୍ଚିତ କରୁଥିବା ସମ୍ବିଧାନର ଧାରା '୩୯-କ'କୁ କାର୍ଯ୍ୟକାରୀ କରିବା ପାଇଁ ଏକ ପ୍ରୟାସ । ସମ୍ବିଧାନର ଧାରା '୩୯-କ' ସମାଜର ଗରିବ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କୁ ମାଗଣା ଆଇନ ସହାୟତା ଯୋଗାଇ ସମାନ ସୁଯୋଗ ଆଧାରରେ ନ୍ୟାୟକୁ ପ୍ରୋତ୍ସାହିତ କରିବା ସହ ଜଡ଼ିତ। ଏହି ଅଧିନିୟମ ଦ୍ୱାରା ସମଗ୍ର ଦେଶରେ ଜାତୀୟ ଆଇନସେବା ପ୍ରାଧିକରଣ (ଏନ୍‌ଏଲ୍‌ଏସ୍‌ଏ)ସୃଷ୍ଟି ହୋଇଛି। ଏହି ଅଧିନିୟମ ୯ ନଭେମ୍ବର ୧୯୮୭ରୁ ଲାଗୁ ହୋଇଥିଲା। ଦେଶରେ ବିଚାର ନ ହୋଇ ପଡ଼ିରହିଥିବା ମାମଲାର ବିକଳ୍ପ ସମାଧାନ ପାଇଁ ଲୋକ ଅଦାଲତ, ମଧ୍ୟସ୍ଥତା ଏବଂ ମାଗଣା ଆଇନ ସହାୟତା ଶିବିର ପ୍ରଭୃତି ଆୟୋଜନ କରାଯାଉଛି। ୧୧ ଅକ୍ଟୋବର ୧୯୮୭ରେ ଆଇନସେବା ପ୍ରାଧିକରଣ ଅଧିନିୟମ ୧୯୮୭ ପ୍ରଣୟନ କରାଯାଇଥିଲା। ଏହା ୯ ନଭେମ୍ବର ୧୯୯୫ରେ ଲାଗୁ ହୋଇଥିଲା। ଭାରତର ଜାତୀୟ ଆଇନସେବା ପ୍ରାଧିକରଣ ଏହାର ନିୟମ ଅନୁଯାୟୀ ୫ ଡିସେମ୍ବର ୧୯୯୫ରେ ଗଠିତ ହୋଇଥିଲା। ଭାରତୀୟ ଅଦାଲତର ପେଣ୍ଡେନ୍ସି ଲୋଡ୍ (ବ୍ୟାକ୍ଲଗ)କୁ ହ୍ରାସ କରିବା ସହିତ ଅଭାବୀ ମକଦ୍ଦମାକାରୀଙ୍କ ପାଇଁ ନ୍ୟାୟ ପାଇବାକୁ ଏହା ଏକ ନିଆରା ପ୍ରୟାସ ଥିଲା। ତେବେ ଆଇନସେବା ପ୍ରାଧିକରଣ ଅଧିନିୟମ ଏବଂ ମକଦ୍ଦମାକାରୀଙ୍କ ଅଧିକାର ଅଧୀନରେ ଥିବା ବିଭିନ୍ନ ବ୍ୟବସ୍ଥା ବିଷୟରେ ଜନସାଧାରଣଙ୍କୁ ଏହି ଅବସରରେ ଅବଗତ କରାଯାଇଥାଏ। କେତେକ ପ୍ରାଧିକରଣ ପକ୍ଷରୁ ଲୋକ ଅଦାଲତ, ଆଇନ ସହାୟତା ଶିବିର ଏବଂ ଆଇନ ସହାୟତା କାର୍ଯ୍ୟକ୍ରମମାନ ମଧ୍ୟ ଆୟୋଜନ ହୋଇଥାଏ।

୨୦୨୧ ନଭେମ୍ବର ୮ରୁ ନଭେମ୍ବର ୧୪ ମଧ୍ୟରେ 'ଆଇନ ସେବା ସପ୍ତାହ' ପାଳନ କରାଯାଇଥିଲା। ଏହି ସମୟ ମଧ୍ୟରେ ୩୮ କୋଟିରୁ ଅଧିକ ଲୋକଙ୍କ ମତ ସଂଗ୍ରହ କରାଯାଇଥିଲା। ଏହାସହିତ ଜାତୀୟ ଆଇନସେବା ପ୍ରାଧିକରଣ ଏକ ଜାତୀୟ କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯେଉଁଠାରେ ଆଇନସେବା ମୋବାଇଲ ଆପ୍ଲିକେଶନର ଆଇଓଏସ୍ ସଂସ୍କରଣ ୧୦ଟି ଭାଷାରେ ଉପଲବ୍ଧ ଆଇନ ସହାୟତା ଆବେଦନ ଦାଖଲ କରିବା ପାଇଁ ଏକ ଅନ୍‌ଲାଇନ ପୋର୍ଟାଲ ଲଞ୍ଚ୍ କରାଯାଇଥିଲା। ଆଇନସେବା ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ଦୁର୍ବଳ ଶ୍ରେଣୀର ଲୋକ, ମହିଳା, ଭିନ୍ନକ୍ଷମ, ଅନୁସୂଚିତ ଜନଜାତି, ଶିଶୁ, ଅନୁସୂଚିତ ଜାତି, ମାନବ ଚାଲାଣର ଶିକାର ତଥା ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଥିବା ଲୋକଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା।

ଆଇନ ପ୍ରଣାଳୀ କାର୍ଯ୍ୟକୁ ସୁଦୃଢ଼ କରିବା ଏବଂ ସମାନ ଆଧାରରେ ଲୋକଙ୍କୁ ଉତ୍ସାହିତ କରିବା ପାଇଁ ଲୋକ ଅଦାଲତ ମଧ୍ୟ ସଂଗଠିତ ହୋଇଛି। ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ଆଇନଗତ ବାର୍ତ୍ତା ହେଉଛି ସେମାନଙ୍କର ଆଇନଗତ ଅଧିକାର ଭାବରେ ମାଗଣା ଆଇନ ସେବା ଯୋଗାଇବା।

# ଡନ୍ ୩ରେ ପ୍ରିୟଙ୍କା



ମୁମ୍ବାଇ

ବଲିଉଡ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ପୁଣିଥରେ ଜଙ୍ଗଲୀ ବିଲି ହେବେ। 'ଡନ୍' ଫ୍ରାଞ୍ଚାଇଜ୍‌ର ତୃତୀୟ ସଂସ୍କରଣ 'ଡନ୍୩'ରେ ପ୍ରିୟଙ୍କାଙ୍କ ଏଣ୍ଟ୍ରି ହୋଇଛି। ଫିଲ୍ମ 'ଡନ୍'ର ତୃତୀୟ ଭାଗର ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ସିନେମାରେ ଶାହରୁଖ୍ ଖାନ୍‌ଙ୍କ ବଦଳରେ ରଣବୀର ସିଂଙ୍କୁ ଦେଖିବାକୁ ମିଳିବ। ୨୦୦୬ ଓ ୨୦୧୧ରେ ରିଲିଜ୍ ହୋଇଥିବା ସଂସ୍କରଣରେ ପ୍ରିୟଙ୍କା ଜଙ୍ଗଲୀ ବିଲି (ରୋମା ଭଗତ)ଙ୍କ ଚରିତ୍ରରେ ନଜରକୁ ଆସିଥିଲେ। ପ୍ରିୟଙ୍କାଙ୍କ ପୂର୍ବରୁ କ୍ରୀତି ସାନନ୍ ଏବଂ କିଆରା ଆଡଭାନୀଙ୍କ ନାଁ ଏଥିପାଇଁ ଶୁଣାଯାଉଥିଲା। ତେବେ ନିର୍ଦ୍ଦେଶକ ଫରହାନ୍ ଅଖତର ଏହି ରୋଲ ପାଇଁ ପ୍ରିୟଙ୍କାଙ୍କୁ ସାଇନ କରାଇ ନେଇଥିବା ଜଣାପଡ଼ିଛି। ନୂଆ ଡନ୍ ଭାବେ ରଣବୀରଙ୍କ ସହିତ ଜଙ୍ଗଲୀ ବିଲି ହେବାକୁ ପ୍ରିୟଙ୍କା ଉତ୍ସାହିତ ଅଛନ୍ତି। ଦର୍ଶକ ମଧ୍ୟ ସେମାନଙ୍କ ଯୋଡ଼ିକୁ ଦେଖିବାକୁ ଆଗ୍ରହୀ ରହିଛନ୍ତି। ପୂର୍ବରୁ ଡନ୍ ଭୂମିକାରେ ଅମିତାଭ ବଚ୍ଚନ, ତାଙ୍କ ପରେ ଶାହରୁଖ୍ ଏବଂ ଏବେ ରଣବୀର ତାଙ୍କ ସ୍ଥାନ ନେଇଛନ୍ତି। ତେବେ ପ୍ରିୟଙ୍କା ୨୦୦୨ରେ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ଅନେକ ଚଳଚ୍ଚିତ୍ର କରି ବହୁ ପ୍ରଶଂସା ସାଉଣ୍ଟିଛନ୍ତି। ଏବେ ସେ ହଲିଉଡ୍ ଦୁନିଆରେ ଜଣେ ବଡ଼ କଳାକାର ଭାବେ ବେଶ୍ ପରିଚିତ।

# ୪୮ ବର୍ଷ ବୟସରେ ୨ ଥର ବିଶ୍ୱ ଭ୍ରମଣ



**ଓସ୍‌ଲୋ:** ବହୁ ବ୍ୟକ୍ତି ଭ୍ରମଣରେ ରୁଚି ରଖିଥାନ୍ତି। ତେବେ ଏପରି ଜଣେ ବ୍ୟକ୍ତି ଅଛନ୍ତି, ସେ ୪୮ ବର୍ଷ ବୟସରେ ୨ଥର ବିଶ୍ୱ ଭ୍ରମଣ କରିସାରିଛନ୍ତି। ଏଥିରେ ଯୁଦ୍ଧ ପ୍ରଭାବିତ ଦେଶଠାରୁ ଆରମ୍ଭ କରି ସବୁଠାରୁ ରହସ୍ୟମୟ ଦେଶ ଉତ୍ତର କୋରିଆ ମଧ୍ୟ ସାମିଲ ରହିଛି। ନର୍‌ୱେ ଓସ୍‌ଲୋ ବାସିନ୍ଦା ଗୁନାରଙ୍କ କହିବା କଥା, ସେ ପ୍ରଥମ ବ୍ୟକ୍ତି ଯିଏ ଏପରି କାରନାମା କରିଛନ୍ତି। ନିକଟରେ ସେ ସୋସିଆଲ ମିଡିଆରେ ଲୋକଙ୍କ ସହିତ ତାଙ୍କ ଭ୍ରମଣର ଅଭିଜ୍ଞତା ଶେୟାର କରିଛନ୍ତି। ଗୁନାର ଜଣେ ଟିଭି ଖବରଦାତା। ଏହି ରେକର୍ଡ କରିବାକୁ ୨୦୦୮ରୁ ୨୦୧୩ ପର୍ଯ୍ୟନ୍ତ ଚାକିରି ଦରମାରେ ସେ ବିଶ୍ୱର ବିଭିନ୍ନ ଦେଶ ଭ୍ରମଣ କରିଥିଲେ। ତାଙ୍କର ଏହି ଭ୍ରମଣ ସଉକ ପୂରଣ କରିବାକୁ ତାଙ୍କୁ ପାରିବାରିକ ଜୀବନ, ଗାଡ଼ି, ଆରାମଦାୟକ ଘର ଛାଡ଼ିବାକୁ ପଡ଼ିଥିଲା। ଗୁନାର ୨୦୧୮ ଭିତରେ ବିଶ୍ୱର ସମସ୍ତ ଦେଶ ବୁଲିସାରିଥିଲେ। ହେଲେ ସେ ଏଥିରେ ଖୁସି ନ ଥିଲେ। ଏହି କାରଣରୁ ସେ ପୁନଶ୍ଚ ବିଶ୍ୱ ବୁଲିବାକୁ ଯୋଜନା କଲେ ଏବଂ ତାଙ୍କ ଯାତ୍ରା ଆରମ୍ଭ କଲେ।

# ବସୁଧୈବ କୁଟୁମ୍ବକମ୍

## ବିଶ୍ୱ ସ୍ୱାଧୀନତା ଦିବସ



**ବି**ଶ୍ୱରେ ସମସ୍ତଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ବ୍ୟବସ୍ଥା ସୃଷ୍ଟି ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଦ୍ୱାରା ବସୁଧୈବ କୁଟୁମ୍ବକମ ଉଦ୍ଦେଶ୍ୟ ସଫଳ ହୋଇ ପାରିବ। ବିଶ୍ୱ ସ୍ୱାଧୀନତା ଦିବସ ହେଉଛି ବର୍ଲିନ ପ୍ରାଚୀରର ପତନ ଏବଂ କେନ୍ଦ୍ରୀୟ ତଥା ପୂର୍ବ ୟୁରୋପରେ କମ୍ୟୁନିଷ୍ଟ ଶାସନର ସମାପ୍ତିକୁ ସ୍ମରଣ କରିବା ପାଇଁ ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶଙ୍କ ସମୟରେ ୨୦୦୧ରେ ଆରମ୍ଭ ହୋଇଥିବା ଏକ କାର୍ଯ୍ୟକ୍ରମ। ଏହା ପ୍ରତିବର୍ଷ ନଭେମ୍ବର ୯ ରେ ପାଳନ କରାଯାଇ ଆସୁଛି। ଏହି ଅବସରରେ, ୟଙ୍ଗ ଆମେରିକାର ଫାଉଣ୍ଡେସନ ଏବଂ କଲେଜ ରିପବ୍ଲିକାନ୍ସ ଭଳି ରକ୍ଷଣଶୀଳ ଯୁବ ଗୋଷ୍ଠୀମାନଙ୍କୁ ଏହି ଦିନକୁ ସ୍ମରଣ କରିବାକୁ ଅନୁରୋଧ କରିଥାନ୍ତି। ଯାହା କମ୍ୟୁନିଷ୍ଟ ଉପରେ ବିଜୟ ଉତ୍ସବ ପାଳନ ପାଇଁ ଉଦ୍ଦିଷ୍ଟ। ଅନେକ ରାଜନୈତିକ ସମୀକ୍ଷକ ତଥା କାର୍ଯ୍ୟକର୍ତ୍ତା ବିଶ୍ୱ ସ୍ୱାଧୀନତା ଦିବସକୁ ଏକ ଉତ୍ସବ ଭାବରେ ପାଳନ କରନ୍ତି। ସେମାନେ ରାଷ୍ଟ୍ରପତି ରୋନାଲ୍ଡ ରେଗାନଙ୍କୁ ସୋଭିଏତ ୟୁନିଅନର ପତନ ଏବଂ ଶୀତଳ ଯୁଦ୍ଧର ସମାପ୍ତି ପାଇଁ ଦାୟୀ ବୋଲି ବିବେଚନା କରିଥାନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୯/୨୦୨୩ Bhubaneswar, Thursday, November 9/2023




**ଅଡିଶନ୍ କଥା ଭୁଲିପାରୁନାହାନ୍ତି ଅମୀଷା**
'ଗଦର-ଏକ ପ୍ରେମ କଥା' ଫିଲ୍ମରେ ନାୟିକା ଭୂମିକାଟିକୁ ପାଇବା ଅମୀଷା ପଟେଲଙ୍କ ପାଇଁ ସହଜ ନ ଥିଲା। ଏଥିପାଇଁ ତାଙ୍କୁ ୧୨ ଘଣ୍ଟାର ଅଡିଶନ୍ ଦେବାକୁ ପଡ଼ିଥିଲା।
୧୨

୧୪
**ଗିଲ୍ ନମ୍ବର ୱାନ୍**
ପାକିସ୍ତାନର ବାବର ଆଜମଙ୍କୁ ହଟାଇ ଆଇସିସି ବ୍ୟାଟିଂ ର୍ୟାଙ୍କିଂରେ ଏକ ନମ୍ବର ସ୍ଥାନ ଅଧିକାର କରିଛନ୍ତି ଭାରତର ଶୁବମନ ଗିଲ୍।



# ଏଏସ୍ଆଇ ସତ୍ୟପାଠ ଖାରଜ

## ଜଗମୋହନ ମରାମତିରେ ବିଳମ୍ବ

**ଶ୍ରୀମନ୍ଦିର ନାଟମଣ୍ଡପ ଏବଂ ଜଗମୋହନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର ତୁରନ୍ତ ମରାମତି ଆବଶ୍ୟକ, ନଚେତ୍ କେତେବେଳେ ବି କିଛି ଅଘଟଣ ଘଟିପାରେ ବୋଲି ଆମିକସ୍ କ୍ୟୁରି ଗତ ପ୍ରାୟ ୨ମାସ ତଳେ ରିପୋର୍ଟ ପ୍ରଦାନ କରିଥିଲେ। ଏହା ସତ୍ତ୍ୱେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ତ୍ୱରିତ ମରାମତି ନେଇ କୌଣସି ପଦକ୍ଷେପ ନ ନେବା ଘଟଣାରେ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିସହିତ ଏଏସ୍ଆଇ ବୁଧବାର ଦାଖଲ କରିଥିବା ସତ୍ୟପାଠକୁ ଅସମ୍ପୂର୍ଣ୍ଣ ଦର୍ଶାଇ ଖାରଜ କରିବା ସହ ସବିଶେଷ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୫ରେ ହେବ।**

**କଟକ, ୮।୧୧(କାର୍ତ୍ତିକ ସାହୁ)**

ପୁରୀ ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର କାମ କରୁଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଯୋଜନାରେ ମନ୍ଦିର ଚାରିପାର୍ଶ୍ୱର ଉନ୍ନତୀକରଣ ଚାଲିଛି। ଅପରପକ୍ଷରେ ଶ୍ରୀମନ୍ଦିର ଭିତରେ ନାଟମଣ୍ଡପ ଏବଂ ଜଗମୋହନ ଅବସ୍ଥା ବିପଦସଙ୍କୁଳ ରହିଥିଲେ ସୁଦ୍ଧା ଏହାର ମରାମତି ନେଇ ଏଏସ୍ଆଇ ତତ୍ପରତା ପ୍ରକାଶ ନ କରିବା ସମସ୍ତଙ୍କୁ ଚକିତ କରିଛି। ଏଭଳିସ୍ଥିତିରେ ନାଟମଣ୍ଡପ ଏବଂ ଜଗମୋହନ ମରାମତି ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଛି। ଶୁଣାଣିରେ ହାଇକୋର୍ଟ ଏଏସ୍ଆଇ ପକ୍ଷରୁ ଦାଖଲ ହୋଇଥିବା ଜଗମୋହନ ମରାମତି ସମ୍ପର୍କିତ ସତ୍ୟପାଠକୁ ଖାରଜ କରିଛନ୍ତି। ସତ୍ୟପାଠକୁ ଅସମ୍ପୂର୍ଣ୍ଣ କହିବା ସହ ମରାମତିରେ କାହିଁକି ବିଳମ୍ବ ଘଟୁଛି, ୨୦୧୭ରୁ ଏଯାବତ୍ କାର୍ଯ୍ୟର କ'ଣ ଅଗ୍ରଗତି ହୋଇଛି ସେ ସମ୍ପର୍କରେ ଏଏସ୍ଆଇକୁ ପ୍ରଶ୍ନ କରିଛନ୍ତି। କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଥିବାରୁ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏବଂ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହିତ ଆଗାମୀ ଶୁଣାଣି ପୂର୍ବରୁ ସାନି ସବିଶେଷ ତଥ୍ୟ ସହ ବିସ୍ତୃତ ସତ୍ୟପାଠ ଦାଖଲ କରିବା ପାଇଁ ଏଏସ୍ଆଇ ପୁରୀ ସର୍କଲ୍ ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଡ. ଦିବିଶାଦ ବ୍ରଜସୁନ୍ଦର ଗଡ଼ନାୟକଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ଏଏସ୍ଆଇ ଗଡ଼ନାୟକ ସତ୍ୟପାଠ ପ୍ରତ୍ୟାହାର କରି ନେଇଥିଲେ। ପ୍ରକାଶ ଯେ, ନାଟମଣ୍ଡପ ଏବଂ ଜଗମୋହନ ମରାମତିରେ ବିଳମ୍ବ ସମ୍ପର୍କରେ ବୁଧବାର ହାଇକୋର୍ଟରେ ଏଏସ୍ଆଇ ପକ୍ଷରୁ ସତ୍ୟପାଠ ଦାଖଲ ହୋଇଥିଲା। ଜଗମୋହନ ମରାମତି ସମୟରେ ବ୍ୟବହାର ହେବାକୁ ଥିବା ☞ପୃଷ୍ଠା-୨




# ଡିସେମ୍ବର ୧ରୁ ପୁଣି ବସ୍ ଧର୍ମଘଟ

**ନଭେମ୍ବର ୨୨ରେ ବିଧାନସଭା ଆଗରେ ବିକ୍ଷୋଭ କରିବେ ବସ୍ ମାଲିକ**

**ଭୁବନେଶ୍ୱର,୮।୧୧(ଅନିଲ ଦାସ)**

ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପୁଣି ଧର୍ମଘଟକୁ ଓହ୍ଲାଇବ। ଦାବି ପୂରଣ ହେଉ ନ ଥିବାରୁ ସଂଘ ପକ୍ଷରୁ ଆସନ୍ତା ଡିସେମ୍ବର ୧ରୁ ସାରା ରାଜ୍ୟରେ ବସ୍ ଧର୍ମଘଟ କରାଯିବ। କଳାହାଣ୍ଡି ଜିଲା ସଦର ମହକୁମା ଭବାନୀପାଟଣାରେ ବୁଧବାର ଅଲ୍ ଓଡ଼ିଶା ଘରୋଇ ବସ୍ ମାଲିକ ସଂଘର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଧର୍ମଘଟ ପୂର୍ବରୁ ନଭେମ୍ବର ୨୨ରୁ ବିଧାନସଭା ସମ୍ମୁଖରେ ବସ୍ ମାଲିକମାନେ ବିକ୍ଷୋଭ ପ୍ରଦର୍ଶନ କରିବେ। ଏହା ସତ୍ତ୍ୱେ ରାଜ୍ୟ ସରକାର ଯଦି ଦାବି ପ୍ରତି କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଡିସେମ୍ବର ୧ରୁ ସାରା ରାଜ୍ୟରେ ବସ୍ ଧର୍ମଘଟ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି, ନଭେମ୍ବର ୨୨ରୁ ୩୦ ଯାଏ ବିଧାନସଭା ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ହିଂସାରୁ କିଛି ମିଳିନି**



# ମେମୁ ଟ୍ରେନ୍ ଲାଇନଚ୍ୟୁତ

- **ଝାରସୁଗୁଡ଼ାରୁ ସମ୍ବଲପୁର ଅଭିମୁଖେ ଯାଉଥିଲା**
- **୩ ମଇଁଷିକୁ ଧକ୍କାଦେବା ପରେ ଅଘଟଣ**

**ସମ୍ବଲପୁର,୮।୧୧ (ପ୍ରମୋଦ ବହିଦାର)**

ଝାରସୁଗୁଡ଼ାରୁ ସମ୍ବଲପୁର ଅଭିମୁଖେ ଆସୁଥିବା ମେମୁ ଟ୍ରେନ୍ ବୁଧବାର ସନ୍ଧ୍ୟାରେ ସମ୍ବଲପୁର ଉପକଣ୍ଠ ସରଲାକାନୀ ନିକଟରେ ମଇଁଷିକୁ ଧକ୍କାଦେଇ ଲାଇନଚ୍ୟୁତ ହୋଇଛି। ଏଥିରେ କେହି ମୃତାହତ ହୋଇଥିବା ଖବର ମିଳିନାହିଁ। ସୂଚନା ଅନୁସାରେ ୦୮୧୬୯ ମେମୁ ଟ୍ରେନ୍ ଝାରୁସୁଗୁଡ଼ାରୁ ସମ୍ବଲପୁର ଅଭିମୁଖେ ବାହାରିଥିଲା। ସନ୍ଧ୍ୟା ପ୍ରାୟ ୬ଟା ୨୫ ମିନିଟ୍‌ରେ ସରଲାକାନୀଠାରେ ରେଳଲାଇନ ଉପରେ ୩ଟି ମଇଁଷି ଯାଉଥିବା ଦେଖି ଚାଳକ ହଠାତ୍ ବ୍ରେକ୍ ଦେବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଫଳରେ ଟ୍ରେନ୍‌ଟି ମଇଁଷିଙ୍କୁ ଧକ୍କାଦେଇ ୪ର୍ଥ ବଗି ଲାଇନଚ୍ୟୁତ ହୋଇଯାଇଥିଲା। ଏଥିରେ କେହି ମୃତାହତ ହୋଇଥିବା ଖବର ମିଳି ନ ଥିବାବେଳେ ଟ୍ରେନ୍ ଧକ୍କାରେ ଗୋଟିଏ ମଇଁଷିର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବର ପାଇ ସମ୍ବଲପୁରରୁ ରେଲୱେ ସୁରକ୍ଷା ବଳ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଏହାସହ ସମ୍ବଲପୁର, ରେଙ୍ଗାଲି ଓ ମାନେଶ୍ୱର ଅଗ୍ନିଶମ ବାହିନୀକୁ ମଧ୍ୟ ସଜାଗ ☞ପୃଷ୍ଠା-୨






**ଆଜିର ମନ୍ତବ୍ୟ**

ବିଧାନସଭା ନିର୍ବାଚନ ହେଉଥିବା ରାଜ୍ୟଗୁଡ଼ିକରେ ଭାଜପା ଓ କେନ୍ଦ୍ର ନିର୍ଦ୍ଦେଶରେ ପରିଚାଳିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଟାର୍ଗେଟ ଚଢ଼ାଉ ବନ୍ଦ ପାଇଁ ନିର୍ବାଚନ କମିଶନ ତୁରନ୍ତ ହସ୍ତକ୍ଷେପ କରନ୍ତୁ। **-ଅଭିଷେକ ମନୁ ସିଂଘଭୀ, କଂଗ୍ରେସ ନେତା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡଗ ଡଗ ଚାଲିକି,
ସରି ନୁହେଁ ଘୋଡା ପାଲିଙ୍କି।**

ଆଗକାଳରେ ସାଧାରଣତଃ ବାବୁଭାୟାମାନେ ପାଲିଙ୍କିରେ ଯା' ଆସ କରୁଥିଲେ। କିନ୍ତୁ ଯେଉଁମାନେ ସାଧାରଣ ଲୋକ, ଯିଏ ଭଲ ଚାଲିପାରୁଛନ୍ତି ତାଙ୍କର ପାଲିଙ୍କି କି ଦରକାର ? ପାଲିଙ୍କିରେ ଯିବାର ସାମର୍ଥ୍ୟ ନ ଥିବା ଏବଂ ନିଜ ଗୋଡ଼ ଉପରେ ଭରସା କରୁଥିବା ବ୍ୟକ୍ତି ଏହିପରି ମତ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢୋଲ ଖାଏ ମାଡ଼,
ହାଡ଼ି ଖାଏ କଉଡ଼ି।**

ହାଡ଼ି ଢୋଲ ବଜାଏ ଏବଂ ସେ ଏହାର ପାଉଣା ପାଏ। ଅଧିକ କଷ୍ଟ ସହିବା ଲୋକର ଫଳପ୍ରାପ୍ତିର ଦାବି ନ ଥାଏ, ଅଥଚ କଷ୍ଟ ଦେବା ଲୋକ ହିଁ ଏହି ଫଳ ଭୋଗକରେ। ପରୋକ୍ଷରେ ଜଣକର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଇସ୍ତଫା ଦେଲେ ଉପବାଚସ୍ପତି


ରଜନୀକାନ୍ତ ସିଂ ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ଇସ୍ତଫାପତ୍ର ପ୍ରଦାନ କରୁଛନ୍ତି।

**ଦଳୀୟ କାର୍ଯ୍ୟ କରିବାକୁ ଇସ୍ତଫା ଦେଲି: ରଜନୀକାନ୍ତ ସିଂ**

ଭୁବନେଶ୍ୱର,୮।୧୧(ଅନିଲ ଦାସ)

ବିଜେଡିର ବରିଷ୍ଠ ନେତା ରଜନୀକାନ୍ତ ସିଂ ଓଡ଼ିଶା ବିଧାନସଭାର ଉପବାଚସ୍ପତି ପଦରୁ ଇସ୍ତଫା ଦେଇଛନ୍ତି। ବୁଧବାର ପୂର୍ବାହ୍ନରେ ବିଧାନସଭା ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ତାଙ୍କ ପ୍ରକୋଷ୍ଠରେ ଭେଟି ସେ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନିଜ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ଉଦ୍ଦେଶ୍ୟରେ ସେ ଇସ୍ତଫା ଦେଇଥିବା କୁହାଯାଉଛି। ଇସ୍ତଫା ଦେବା ପରେ ରଜନୀକାନ୍ତ କହିଛନ୍ତି, ସାମ୍ବିଧାନିକ ପଦରେ ଥିବାରୁ ଦଳୀୟ କାର୍ଯ୍ୟ କରିବା ସମ୍ଭବ ହେଉ ନ ଥିଲା । ଦଳୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ସଙ୍ଗଠନକୁ ସୁଦୃଢ଼ କରିବାକୁ ଇସ୍ତଫା ଦେଇଛି। ସାମ୍ବିଧାନିକ ପଦରେ ଥିବାରୁ ସଙ୍ଗଠନ ଓ ଦଳୀୟ ଲୋକଙ୍କ ସହ ମିଶି ପାରୁ ନ ଥିଲି। ଏହା ହଠାତ୍ ନିଷ୍ପତ୍ତି ନୁହେଁ। ବହୁଦିନର ନିଷ୍ପତ୍ତି ଥିଲା ବୋଲି ସେ କହିଛନ୍ତି।

ଅନୁଗୋଳ ବିଧାନସଭା ଆସନରୁ କ୍ରମାଗତ ୪ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ରଜନୀକାନ୍ତ ୨୦୧୯ ଜୁନ୍‌ରେ ଉପବାଚସ୍ପତି ହୋଇଥିଲେ। ଦୀର୍ଘ ସମୟ ସେ ଉପବାଚସ୍ପତି ପଦରେ ରହି ସାମ୍ବିଧାନିକ ଦାୟିତ୍ୱ ତୁଲାଇଛନ୍ତି। ସାମ୍ବିଧାନିକ ପଦରେ ଥିବାରୁ ସେ ସାଙ୍ଗଠନିକ କାର୍ଯ୍ୟ ସୁଚାରୁରୂପେ ତୁଲାଇପାରୁ ନ ଥିଲେ। ଏହାର ପ୍ରଭାବ ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳୀୟ ପ୍ରଦର୍ଶନକୁ ପ୍ରଭାବିତ କରିଥିଲା। ରଜନୀକାନ୍ତ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ଅନ୍ୟ କୌଣସି ନେତାଙ୍କୁ ଉପବାଚସ୍ପତି କରାଯିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ସାଧାରଣ ନିର୍ବାଚନକୁ ଆଉ ଅଳ୍ପ କିଛି ମାସ ଥିବାରୁ ଉପବାଚସ୍ପତି ପଦବୀରେ ଅନ୍ୟ କୌଣସି ନେତାଙ୍କୁ ବସାଇବାକୁ ବିଜେଡି ଚାହୁଁ ନ ଥିବା କୁହାଯାଉଛି।

# ଜେଲରୁ ମୁକୁଳିଲେ ପ୍ରଯୋଜକ ଟୁଟୁ ନାୟକ

**ମହିଳା ଖବରଦାତାଙ୍କୁ ମାଡ଼ ଘଟଣା**

- ୫୦ ହଜାର ଟଙ୍କା, ଜଣେ ଜାମିନଦାର ବଦଳରେ ଜାମିନ ଦେଲେ କୋର୍ଟ

ଭୁବନେଶ୍ୱର,୮।୧୧
(ସୂର୍ଯ୍ୟକାନ୍ତ ବେହେରା)

କାର୍ଯ୍ୟରତ ମହିଳା ଖବରଦାତା ଦେବସ୍ମିତା ରାଉତଙ୍କୁ ମାଡ଼ ଓ ଅସଦାଚରଣ ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିବା ଚଳଚ୍ଚିତ୍ର ପ୍ରଯୋଜକ ଟୁଟୁନାୟକଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ବୁଧବାର ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ଏହାପରେ ଟୁଟୁ ସନ୍ଧ୍ୟାରେ ଝାରପଡ଼ା ସ୍ୱତନ୍ତ୍ର ଜେଲରୁ ବାହାରିଛନ୍ତି। ୫୦ ହଜାର ଟଙ୍କା ଓ ଜଣେ ଜାମିନଦାର ବିନିମୟରେ କୋର୍ଟ ଟୁଟୁଙ୍କୁ ଜାମିନ ପାଇଁ ଯୋଗ୍ୟ ବିବେଚିତ କରିଥିଲେ। ତେବେ ପୀଡ଼ିତା ଦେବସ୍ମିତା ଓ ତାଙ୍କ ପରିବାର ସଦସ୍ୟଙ୍କୁ ଟୁଟୁ ଧମକ ଦେଇପାରିବେ ନାହିଁ ଓ ସାକ୍ଷୀଙ୍କୁ ପ୍ରଭାବିତ କରିବେ ନାହିଁ। ଏହାସହ ପୋଲିସ ଯେଉଁ ମୁହୂର୍ତ୍ତରେ ଡାକିବେ ତଦନ୍ତରେ ସହଯୋଗ କରିବେ ଏବଂ ଏଭଳି ସମାନ ଧରଣର ଘଟଣା ନ ଘଟାଇବାକୁ କୋର୍ଟ ସର୍ତ୍ତ ରଖିଛନ୍ତି। ସୂଚନା ଅନୁଯାୟୀ, ନୂଆ ଓଡ଼ିଆ ସିନେମା 'ପ୍ରଥା'ର ପ୍ରିମିୟର ଶୋ' ଖବର ସଂଗ୍ରହ କରିବାକୁ ଦେବସ୍ମିତା ଗତ ୩ ତାରିଖ ଦିନ ପ୍ରାୟ ୧୨ଟା ୪୫ରେ ସ୍ୱାତୀ ସିନେମା ହଲ୍‌କୁ ଯାଇଥିଲେ। ହଲ୍ ଗେଟ ନିକଟରେ ସେ ଅନ୍ୟ ସହଯୋଗୀଙ୍କ ସହ ଠିଆ ହୋଇଥିବା ସମୟରେ ଟୁଟୁ ହଠାତ୍ ତାଙ୍କ ବାମପଟ ଗାଲକୁ ଏକ ଚାପୁଡ଼ା ମାରିବା ସହ ଅଶ୍ଳୀଳ ଭାଷା ପ୍ରୟୋଗ କରିଥିଲେ। ଏଭଳି ବ୍ୟବହାର



ସର୍ବସମ୍ମୁଖରେ ତାଙ୍କ ମର୍ଯ୍ୟାଦା ହାନି କରିବା ସହ ଗଭୀର ଆଘାତ ଦେଇଥିଲା। ଏନେଇ ଦେବସ୍ମିତା ଖାରବେଳନଗର ଥାନାରେ ଏତଲା ଦେବା ସହ ଟୁଟୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଥିଲେ। ପୋଲିସ ଆଇପିସି ଦଫା ୩୪୧, ୩୨୩, ୩୫୪ ଓ ୨୯୪ରେ ଏକ ମାମଲା (ନଂ.୫୫୩/୨୩) ରୁଜୁ କରିଥିଲା। ହେଲେ ଚାରି ଆଡୁ ବିରୋଧ ପରେ ପୋଲିସ ଶେଷରେ ୪ ନଭେମ୍ବରରେ ତାଙ୍କୁ ଗିରଫ କରିଥିଲା। ଏହାପରେ ଟୁଟୁଙ୍କ ଜାମିନ ଆବେଦନକୁ କୋର୍ଟ ୮ ତାରିଖକୁ ଘୁଞ୍ଚାଇଦେଇଥିଲେ।

# ପରୀକ୍ଷା ଚାପରୁ ମୁକ୍ତି ପାଇଁ ସ୍ୱତନ୍ତ୍ର ସେଲ୍

ଭୁବନେଶ୍ୱର, ୮।୧୧
(ଅସମାପିକା ସାହୁ)

ଦଶମ ପରୀକ୍ଷାରେ ଛାତ୍ରୀଛାତ୍ର କିଭଳି ଚାପମୁକ୍ତ ରହିବେ ସେ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବ୍ୟାପକ ପ୍ରସ୍ତୁତି କରିଛି। ଏଥିପାଇଁ ଏକ ସ୍ୱତନ୍ତ୍ର ସେଲ୍ ଓସେପାର ବିଦ୍ୟା ସମୀକ୍ଷା କେନ୍ଦ୍ରରେ କାର୍ଯ୍ୟ କରିବ। ବିଭିନ୍ନ ସଂଗଠନଗୁଡ଼ିକର ସହଭାଗିତାରେ ଏହାର ଆରମ୍ଭ ହେବ। ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ତରଫରୁ ଆସୁଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସେମାନଙ୍କୁ ଉପଯୁକ୍ତ ପରାମର୍ଶ ଦିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍. କହିଛନ୍ତି। ବୁଧବାର ଓସେପା ସମ୍ମିଳନୀ କକ୍ଷରେ ଆୟୋଜିତ ଏ ସଂକ୍ରାନ୍ତ ଏକ କର୍ମଶାଳାରେ ଅଧ୍ୟକ୍ଷତା କରି ସଚିବ କହିଲେ, ଶୈକ୍ଷିକ ଉନ୍ନତି ପାଇଁ ପରୀକ୍ଷା କେବଳ ଏକ ପ୍ରକ୍ରିୟା। ଏଥିପାଇଁ ଛାତ୍ରୀଛାତ୍ର ମାନସିକ ଭାବରେ ଚାପଗ୍ରସ୍ତ ହେବା ଉଚିତ ନୁହେଁ। ଏ ଦିଗରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ପିଲାଙ୍କ ଆତ୍ମବିଶ୍ୱାସକୁ ଦୃଢ଼ କରିବା ସହ ଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବା ଦରକାର। ତେଣୁ ଏ ଦିଗରେ କାର୍ଯ୍ୟ କରିବାକୁ ସଚିବ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହାଙ୍କ ସମେତ ମୋ ସ୍କୁଲ ଅଭିଯାନ, ୟୁନିସେଫ୍, ୟୁଏନ୍‌ଏଫ୍‌ପିଏର କର୍ମକର୍ତ୍ତା, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ଅଧିକାରୀ ଓ ବିଭାଗୀୟ ପଦାଧିକାରୀବୃନ୍ଦ କର୍ମଶାଳାରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମନରୁ ପରୀକ୍ଷା ପ୍ରତି ଥିବା ଚିନ୍ତା ଦୂର କରିବା ପାଇଁ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅଭିଭାବକମାନେ ପରୀକ୍ଷା ସମୟରେ ଛାତ୍ରୀଛାତ୍ରଙ୍କୁ ଅଧିକ ଚାପ ଦେବା ଉଚିତ ନୁହେଁ। ସେମାନଙ୍କ ସମସ୍ୟାକୁ ବୁଝି ସେମାନଙ୍କ ମନରେ ଥିବା ଚିନ୍ତାକୁ ଦୂର କରିବା ପାଇଁ ପ୍ରୟାସ କରିବା ଦରକାର। ସେହିଭଳି ବିଦ୍ୟାଳୟରେ ଶିକ୍ଷକମାନେ ନିର୍ଦ୍ଦିଷ୍ଟ ସମୟରେ ପାଠ୍ୟକ୍ରମ ସମାପ୍ତ କରି ସମସ୍ତ ଛାତ୍ରୀଛାତ୍ରଙ୍କ ପ୍ରତି ଦୃଷ୍ଟି ଦେବା ଦରକାର। ଛାତ୍ରୀଛାତ୍ର ମଧ୍ୟ ମନରେ କୌଣସି ଭୟ ନ ରଖି ନିଜ ସମସ୍ୟାକୁ ଅଭିଭାବକ କିମ୍ବା ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଖୋଲାଖୋଲି ଭାବେ ଆଲୋଚନା କରିବା ଉଚିତ। ଏହାଦ୍ୱାରା ସେମାନେ ଚାପମୁକ୍ତ ରହିପାରିବେ ବୋଲି ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଆଲୋଚନାକୁ ଭିତ୍ତିକରି ଏକ କାର୍ଯ୍ୟପନ୍ଥା ତିଆରି ହେବ। ଏହି ଅନୁସାରେ ଆସନ୍ତା ଫେବୃଆରୀରୁ ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସେଲ୍ ସକ୍ରିୟ ରହିବା ନେଇ ନିଷ୍ପତ୍ତି ନିଆଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଭିଜିଲାନ୍ସ ଜାଲରେ କୋଟିପତି ଅଧୀକ୍ଷଣ ଯନ୍ତ୍ରୀ

**ଭୁବନେଶ୍ୱର, ଭଦ୍ରକର ୬ ସ୍ଥାନରେ ଚଢ଼ାଉ**

- ବ୍ୟାଙ୍କ, ଜୀବନବୀମା ଜମା ୨.୦୬ କୋଟି
- ୪ ପ୍ଲଟ୍, ୨ କୋଠା ଠାବ ହେଲା, ଚଢ଼ାଉ ଜାରି

ଭୁବନେଶ୍ୱର, (ସତ୍ୟଜିତ୍ ରାଉତ)/ଭଦ୍ରକ, ୮।୧୧(ସନାତନ ରାଉତ)

ଭୁବନେଶ୍ୱର ଜନସ୍ୱାସ୍ଥ୍ୟ (ପିଏଚ୍) ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ (ଏସ୍‌ଇ) ବିଶ୍ୱବନ୍ଧୁ ପାଣିଗ୍ରାହୀ ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ପକ୍ଷରୁ ବିଶ୍ୱବନ୍ଧୁଙ୍କ ଘର ଭୁବନେଶ୍ୱର ଓ ଭଦ୍ରକର ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଛି। ଏହି ସ୍ଥାନ ମଧ୍ୟରେ ଭଦ୍ରକ ଜିଲା ଗୋରାମାଟି ପଞ୍ଚାୟତ ତୋରଣପଦା ଗ୍ରାମସ୍ଥିତ ପୈତୃକ ଘର, ଭୁବନେଶ୍ୱର ଭିଏସ୍‌ଏସ୍‌ନଗରସ୍ଥିତ ସମ୍ପର୍କୀୟଙ୍କ ଘର, ଭୁବନେଶ୍ୱର ଉନ୍ନତି ଭବନରେ ଥିବା ପିଏଚ୍ ଡିଭିଜନ୍ ମୁଖ୍ୟ ଯନ୍ତ୍ରୀଙ୍କ ଅଫିସସ୍ଥିତ ବିଶ୍ୱବନ୍ଧୁଙ୍କ ଚାମ୍ବର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସ ଟିମ୍ ବିଶ୍ୱବନ୍ଧୁଙ୍କ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି।

ଭିଜିଲାନ୍ସ ପକ୍ଷରୁ ସନ୍ଧ୍ୟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁଯାୟୀ, ବିଶ୍ୱବନ୍ଧୁଙ୍କ ଭୁବନେଶ୍ୱର ଭିଏସ୍‌ଏସ୍ ନଗରସ୍ଥିତ ପ୍ଲଟ୍ ନଂ. ୯୫୦୫ରେ ପ୍ରାୟ ୨୫ଶହ ବର୍ଗଫୁଟ୍‌ରେ ଥିବା ଦୁଇ ମହଲା କୋଠା (ଘର ନଂ.ଜି/ଏଲ୍-୭୩) ଓ ଭଦ୍ରକ ପୌରପାଳିକାର ୬ ନଂ. ୱାର୍ଡ଼ ମଠସାହିସ୍ଥିତ ପ୍ଲଟ ନଂ.୧୪୭୨/୪୫୨୩ ରେ ଥିବା ଏକ ମହଲା କୋଠା ଠାବ ହୋଇଛି। ସେହିଭଳି


ବିଶ୍ୱବନ୍ଧୁ ପାଣିଗ୍ରାହୀ

ଭୁବନେଶ୍ୱର ରୁଦ୍ରପୁରସ୍ଥିତ ଆସୋଟେକ୍ ପ୍ରାଇଡ୍ ଆପାର୍ଟମେଣ୍ଟରେ ସ୍ତ୍ରୀଙ୍କ ନାଁରେ ଏକ ୩ ବିଏଚ୍‌କେ ଫ୍ଲାଟ୍ କିଣିବାକୁ ବିଶ୍ୱବନ୍ଧୁ ଚୁକ୍ତି କରିବା ସହ ଏଥିପାଇଁ ସେ ଅଗ୍ରିମ ୩୯ ଲକ୍ଷ ଟଙ୍କା ଦେଇଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ସେହିଭଳି ଭୁବନେଶ୍ୱର ଓ ଭଦ୍ରକର ମୁଖ୍ୟ ଅଞ୍ଚଳରେ ବିଶ୍ୱବନ୍ଧୁଙ୍କ ୪ଟି ପ୍ଲଟ୍ ଠାବ ହୋଇଛି। ରେଜିଷ୍ଟର୍ଡ ସେଲ୍ ଡିଡ୍ (ଆର୍‌ଏସ୍‌ଡି) ଅନୁଯାୟୀ ଏସବୁ ପ୍ଲଟର ମୂଲ୍ୟ ୭୦ ଲକ୍ଷ ରହିଛି। ହେଲେ ଏସବୁ ପ୍ଲଟ୍‌ର ରେଜିଷ୍ଟ୍ରେଶନ୍ ସମୟରେ କମ୍ ଟଙ୍କା ଦର୍ଶାଯାଇଥିବା ଭିଜିଲାନ୍ସ ସନ୍ଦେହ କରୁଛି। ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ଏହାଠାରୁ ଢେର ଅଧିକ ହୋଇପାରେ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ଠାବ ହୋଇଥିବା କୋଠା ଏବଂ ପ୍ଲଟ୍‌ଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍‌ନିକାଲ୍ ଉଇଙ୍ଗ୍ ଅଧିକ ଯାଞ୍ଚ କରୁଛି। ସେହିଭଳି ବିଶ୍ୱବନ୍ଧୁଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୨.୦୬ କୋଟି ୨ ଲକ୍ଷ ୧୬ ହଜାର ୩୫୦ ଟଙ୍କା, ଲକରରୁ ଠାବ ହୋଇଥିବା ୨୬୯ ଗ୍ରାମ ସମେତ ପ୍ରାୟ ୪୨୧ ଗ୍ରାମର ସୁନା ଅଳଙ୍କାର, ପ୍ରାୟ ୧୩ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ, ୪ ବାଇକ୍ ଏବଂ ଅନ୍ୟାନ୍ୟ ଘରୋଇ ସାମଗ୍ରୀ ଆଦି ଠାବ ହୋଇଛି। ଚଢ଼ାଉ ଜାରି ରହିଥିବାବେଳେ ଭିଜିଲାନ୍ସ ପକ୍ଷରୁ ବିଶ୍ୱବନ୍ଧୁଙ୍କୁ ଏ ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ଏଏସ୍‌ଆଇ ସତ୍ୟପାଠ...

କ୍ୟାଣ୍ଟିଲିଭର ଡିଜାଇନ ପ୍ରସ୍ତୁତ କରିବା ପାଇଁ ମାଡ୍ରାସସ୍ଥିତ ଆଇଆଇଟି ସହିତ ଚୁକ୍ତି ହୋଇଛି। ଡିଜାଇନ୍ ପ୍ରସ୍ତୁତି ଚୂଡ଼ାନ୍ତ ହେବା ପରେ ଏଏସ୍‌ଆଇ ଟେକ୍ନିକାଲ କୋର କମିଟି ଏହାକୁ ଅନୁମୋଦନ କରିବେ ଏବଂ ତା'ପରେ ଯାଇ ମରାମତି କାର୍ଯ୍ୟ ଆରମ୍ଭ ହେବ। ଏଥିସହ ଆଇଆଇଟି ମାଡ୍ରାସ୍‌ଙ୍କ ନିଷ୍କ୍ରିୟତା ଯୋଗୁ ନାଟମଣ୍ଡପ ମରାମତି କାର୍ଯ୍ୟ ଅଗ୍ରଗତି କରିପାରୁନାହିଁ ବୋଲି ସତ୍ୟପାଠରେ ଉଲ୍ଲେଖ ରହିଥିଲା। ହେଲେ ଉଚ୍ଚ ଅଦାଲତ ଉକ୍ତ ସତ୍ୟପାଠରେ ସନ୍ତୋଷ ହୋଇନାହାନ୍ତି। ଏହାକୁ ଅସମ୍ପୂର୍ଣ୍ଣ ଦର୍ଶାଇ ଖାରଜ କରିଛନ୍ତି।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ନାଟମଣ୍ଡପ ତୁରନ୍ତ ମରାମତି ପାଇଁ ହାଇକୋର୍ଟରେ ମୂଳ ଆବେଦନକାରୀ ଅଭିଷେକ ଦାସଙ୍କ ପକ୍ଷରୁ ରୁଜୁ ହୋଇଥିବା ମାମଲାରେ ଶ୍ରୀମନ୍ଦିର ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଦର୍ଶାଯାଇଥିଲା। ଗତ ଅଗଷ୍ଟ ୧୪ତାରିଖରେ ଜଗମୋହନ ଓ ନାଟମଣ୍ଡପ ମରାମତି ସଂକ୍ରାନ୍ତ ଏକ ରିପୋର୍ଟ ଆମିକସ୍ କ୍ୟୁରି ଏନ୍. କେ. ମହାନ୍ତି ହାଇକୋର୍ଟରେ ଦାଖଲ କରିଥିଲେ। ଏଥିରେ ଜଗମୋହନ ଏବଂ ନାଟମଣ୍ଡପ ବିପଦସଙ୍କୁଳ ଅବସ୍ଥାରେ ରହିଛି ଏବଂ କେତେବେଳେ ବି କିଛି ଘଟିପାରେ। ଏପରି କି ଯଦି ନାଟମଣ୍ଡପ ମୁଖ୍ୟ ବିମ୍‌ରେ କିଛି ଅଘଟଣ ଘଟେ, ତେବେ ଏହା ଶ୍ରୀମନ୍ଦିର ଉପରେ ପ୍ରଭାବ ପକାଇପାରେ। ତେଣୁ ନାଟମଣ୍ଡପ କ୍ରାକ୍ ବିମ୍‌କୁ ପିଡବ୍ଲୁଡି ମୁଖ୍ୟଯନ୍ତ୍ରୀ ଓ ଏକ୍ସପର୍ଟଙ୍କ ସହ ପରାମର୍ଶ କରି ଅଗ୍ରିମ ଭିତ୍ତିରେ ଏଏସ୍‌ଆଇ ମରାମତି କରିବାକୁ ଆମିକସ୍ କ୍ୟୁରି ରିପୋର୍ଟରେ ଉଲ୍ଲେଖ କରିଥିଲେ।

## ଡିସେମ୍ବର ୧ରୁ ପୁଣି...

ରାଜ୍ୟ ସରକାର ନ ଶୁଣିଲେ ଡିସେମ୍ବର ୧ରୁ ସାରା ରାଜ୍ୟରେ ବସ୍ ଧର୍ମଘଟ କରାଯିବ। ବିବାଦ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ସହିତ ବହୁବାର ଆଲୋଚନା କରିଛୁ। ମାତ୍ର ସବୁଥିରେ ବିଫଳ ହୋଇଛୁ। ଏବେ ମଧ୍ୟ ସମୟ ଅଛି। ରାଜ୍ୟ ସରକାର ଚାହିଁଲେ ବସ୍ ଧର୍ମଘଟକୁ ଏଡ଼ାଇ ଦିଆଯାଇପାରିବ ବୋଲି ସେ କହିଛନ୍ତି। ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ୫ ଦଫା ଦାବି କରାଯାଇଛି। ଲକ୍ଷ୍ମୀ ଯୋଜନାରେ ବ୍ଲକରୁ ଜିଲା ସଦର ମହକୁମାକୁ ବସ୍ ଚଳାଚଳ ନ କରିବା, ସହରାଞ୍ଚଳରେ ସଦର ମହକୁମାକୁ ଚାଲୁଥିବା ଘରୋଇ ବସ୍‌ଗୁଡ଼ିକର କ୍ଷତି ଭରଣା କରିବା, ସମସ୍ତ ବର୍ଗର ବସ୍‌ଗୁଡ଼ିକ ପାଇଁ ସମାନ ଭଡ଼ା କରିବା, କ୍ଷତିଗ୍ରସ୍ତ ବସ୍‌ମାଲିକଙ୍କୁ ଏମ୍‌ଭି ଟିକସ ଛାଡ଼ କରିବା ଆଦି ୫ ଦଫା ଦାବି କରାଯାଇଛି।

ଭବାନୀପାଟଣାରେ ଅନୁଷ୍ଠିତ ରାଜ୍ୟ ବସ୍ ମାଲିକ ସଂଘର ସାଧାରଣ ପରିଷଦ ବୈଠକରେ ୩୦ ଜିଲାର ସମସ୍ତ ବସ୍ ମାଲିକମାନେ ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ସରକାର ଲକ୍ଷ୍ମୀ ଯୋଜନାରେ ଚଳାଉଥିବା ବସ୍ ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାର ବ୍ଲକ ସଦର ମହକୁମାରୁ ଜିଲା ମୁଖ୍ୟାଳୟକୁ ଲକ୍ଷ୍ମୀ ବସ୍ ଚଳାଉଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସଂଘ ପକ୍ଷରୁ ବିରୋଧ କରାଯାଇଛି । ରାଜ୍ୟ ସରକାର ପଞ୍ଚାୟତରୁ ବ୍ଲକ ସଦର ମହକୁମାକୁ ଲକ୍ଷ୍ମୀ ବସ୍ ଚଳାନ୍ତୁ। ମାତ୍ର ବ୍ଲକ ସଦର ମହକୁମାରୁ ଜିଲା ମୁଖ୍ୟାଳୟକୁ ନ ଚଳାଇବାକୁ ସଂଘ ଦାବି କରିଛି।

ସୂଚନାଯୋଗ୍ୟ ଯେ ଜିଲା ମୁଖ୍ୟାଳୟକୁ ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରି ଅକ୍ଟୋବର ୨୨ରେ ଘରୋଇ ବସ୍ ଚଳାଚଳ ବନ୍ଦ ଥିଲା। ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ସଂଘ ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ମେମୁ ଟ୍ରେନ୍ ...

ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅପରପକ୍ଷରେ ରେଲୱେ ଦୁର୍ଘଟଣା ରିଲିଫ ଟ୍ରେନ୍ ଚିକିତ୍ସା ସାମଗ୍ରୀ ସହ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଧାରଣାର ଉଭୟପଟୁ ଦୁଇଟି କ୍ରେନ୍ ଆସି ଲାଇନଚ୍ୟୁତ ବଗିକୁ ଉଠାଇଥିଲେ। ରାତି ପ୍ରାୟ ସାଢ଼େ ୮ଟା ସମୟରେ ରେଳ ଧାରଣା କ୍ଲିୟର ହୋଇ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ବିନିତ ସିଂ ଅନ୍ୟାନ୍ୟ ପଦାଧିକାରୀଙ୍କ ସହ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏ ସମ୍ପର୍କରେ ରେଳ ପ୍ରବନ୍ଧକ ସିଂ କହନ୍ତି, ଦୁର୍ଘଟଣାର ଠିକ୍ କାରଣ ତଦନ୍ତ ପରେ ଜଣାପଡ଼ିବ। ତେବେ ଏହି ଦୁର୍ଘଟଣା ଯୋଗୁ କେତେକ ଟ୍ରେନ୍‌ର ଚଳାଚଳ ସମୟରେ ବିଳମ୍ବ ହୋଇଛି। ସମ୍ବଲପୁର-ଝାରସୁଗୁଡ଼ା ୦୮୧୭୦୯ ମେମୁ ଟ୍ରେନ୍ କେବଳ ବାତିଲ ହୋଇଥିବା ବେଳେ ଅନ୍ୟ କୌଣସି ଟ୍ରେନ୍ ବାତିଲ ହୋଇ ନାହିଁ କି ଗତିପଥ ପରିବର୍ତ୍ତନ କରାଯାଇ ନାହିଁ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। କୃତ୍ତିକା ନକ୍ଷତ୍ର ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ହେତୁ ମାନସିକ ସ୍ତରରେ ଅସୁଖୀ ରହିବେ।

**ବୃଷ** ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି। ରୋହିଣୀ ନକ୍ଷତ୍ର ମୌଳିକ ଚିନ୍ତାଧାରାକୁ ଆଧାର କରି ଖୁବ୍ ଆଶାବାଦୀ ହେବେ। ସମସ୍ତ ପ୍ରକାର ସୁବିଧା ଥାଇ ମଧ୍ୟ ସୁଯୋଗ ହାତଛଡ଼ା ହୋଇପାରେ।

**ମିଥୁନ** ଆଜି ପୁନର୍ବସୁ ନକ୍ଷତ୍ର ବହୁତ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ପଡ଼ିବ। ଗୃହ ସମସ୍ୟାର ସମାଧାନ, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଧୈର୍ଯ୍ୟହରା ନ ହୋଇ ପ୍ରତ୍ୟେକ ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ସଫଳ ହେବେ। ଛୋଟକଥାକୁ ବଡ଼ ଆକାରରେ ଚିନ୍ତାକରି ଅସ୍ଥିର ରହିପାରନ୍ତି।

**କର୍କଟ** ମାନସିକ ସ୍ଥିରତା ଅବ୍ୟାହତ ରଖିଲେ ବହୁତ ଉପକାର ପାଇବେ। ପୁଷ୍ୟା ନକ୍ଷତ୍ର ବରାଦ ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ବିଦେଶରେ ରହୁଥିବା ବ୍ୟକ୍ତିମାନେ ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ବିବାଦୀୟ ଘଟଣା ଟିକିଏ ଜଟିଳଆଡ଼କୁ ଗତି କରିପାରେ।

**ସିଂହ** ଆଜି ଦିନଟିରେ ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ଋଣଭାରରେ ଅତିଷ୍ଠ ହୋଇ ପାରନ୍ତି ଏବଂ ଅନ୍ୟକୁ ସରଳ ବିଶ୍ୱାସ କରି ଠକିଯାଇ ପାରନ୍ତି। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ନୂଆ ଯୋଜନା ଉପରେ ଗୁରୁତ୍ୱ ଦେଲେ ସଫଳତା ମିଳିବ। ଆକସ୍ମିକ ଆବଶ୍ୟକତା ପରିପ୍ରେକ୍ଷୀରେ ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**କନ୍ୟା** ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ସକାଶେ ଆଜିର ପ୍ରତ୍ୟୁଷ ଯାତ୍ରା ନିଶ୍ଚିତ ଫଳପ୍ରଦ ହେବ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ସଫଳତା ପାଇବେ। ଆଶା କରୁଥିବା ଦିଗରୁ ହାତକୁ ଦି' ପଇସା ଆସିବ। ପରିବାରରେ ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**ତୁଳା** ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ବ୍ୟବସାୟିକ କ୍ଷେତ୍ରରୁ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇ ରହିବ। ସ୍ୱାତୀ ନକ୍ଷତ୍ର ବନ୍ଧୁଙ୍କ ନିମନ୍ତ୍ରଣକ୍ରମେ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ। ଗବେଷଣା, ଅନୁସନ୍ଧାନ, ଆନୁଷ୍ଠାନିକ ଆଲୋଚନା କ୍ଷେତ୍ରରେ କିଛିଟା ସମସ୍ୟା ଭିତରେ ଚଳିବାକୁ ବାଧହେବେ।

**ବିଛା** ଆଜିର ବିଚାରଧାରା ଅନୁଯାୟୀ ଅନୁରାଧା ନକ୍ଷତ୍ର ଅଯଥା ମାନସିକ ଅଶାନ୍ତିକୁ ବଢ଼ାଇବା ବ୍ୟତୀତ କିଛି ଲାଭ ହେବନି। ତଥାପି ବିଶ୍ୱସ୍ତ ସୂତ୍ରରୁ ଆଶା କରୁଥିବା ଖବର ପାଇ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ସ୍ନାୟବିକ ଦୁର୍ବଳତା ଦେଖାଦେବା କାରଣରୁ ଆଳସ୍ୟ ଅନୁଭବ କରିବେ। ସଭାସମିତିରେ ଆଲୋଚନା ଅସମାପ୍ତ ରହିପାରେ।

**ଧନୁ** ଆଜି ଆପଣ ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଜମିଜମା ସମସ୍ୟା କ୍ରମଶଃ ଜଟିଳ ହୋଇପାରେ। ନିଜସ୍ୱ ଚିନ୍ତାଧାରାକୁ ଆଧାରକରି ଖୁବ୍ ଆଶାବାଦୀ ହେବେ। ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ମକର** ଆଜି ଚେଷ୍ଟା କରୁଥିବା କାର୍ଯ୍ୟରେ ଅବଶ୍ୟ ସଫଳତା ପାଇବେ। ପାଖ ପଡ଼ୋଶୀଙ୍କ ଛଳନା ଓ ପ୍ରତାରଣାପୂର୍ଣ୍ଣ କଥାକୁ ଭାବିଚିନ୍ତି କରିବା ଭଲ ହେବ। ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। ବହୁ ଦିନର ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**କୁମ୍ଭ** ପୂର୍ବଭାଦ୍ରବ ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ମାନସିକ ଅସ୍ଥିରତାକୁ ବୃଦ୍ଧି କରିପାରେ। କର୍ମକ୍ଷେତ୍ରରେ ସ୍ୱାଧୀନ ଭାବେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। ନିର୍ମାଣ, ଶେୟାର ବଜାର, ଜମିଜମା କାରବାର ତଥା ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଯେକୌଣସି କାର୍ଯ୍ୟ ପରିବାରର ସହମତିରେ କରିବା ଭଲ ହେବ।

**ମୀନ** ଅନ୍ୟମାନଙ୍କ ଫୁସୁଲା ଫୁସୁଲି କଥାରେ ପଶନ୍ତୁ ନାହିଁ, କାରଣ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ରେବତୀ ନକ୍ଷତ୍ର ସକାଶେ ଆପୋଷ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ନୂତନ କର୍ମାରମ୍ଭ କ୍ଷେତ୍ରରେ ବନ୍ଧୁଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ।

ଆଜି କାର୍ତ୍ତିକ କୃଷ୍ଣ ଏକାଦଶୀ ଯୁକ୍ତ ଦ୍ୱାଦଶୀ ଗୁରୁବାର, ନଭେମ୍ବର ୯ ତାରିଖ, ରାଶି ନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/କନ୍ୟା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୫ମି. ଗତେ ଘ.୦୭।୨୪ମି. ମଧ୍ୟେ ଶୁଦ୍ଧ ଶୁଭବେଳା ॥ ଦିବା ଘ.୧୨।୫୪ମି. ଗତେ ଘ.୦୨।୧୭ମି. ମଧ୍ୟେ ରାହୁକାଳ ॥




# ବିଦ୍ୟୁତ୍ ଫାଶରେ ପଡ଼ି ଦନ୍ତାହାତୀ ମୃତ



ବିଦ୍ୟୁତ୍ ଫାଶରେ ପଡ଼ି ପ୍ରାଣ ହରାଇଥିବା ଦନ୍ତାହାତୀ।

**ସାତମାଇଲ,୮।୧୧(ସୁଶାନ୍ତ ପତି)**

ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳ ନୂଆବଗ ପଞ୍ଚାୟତ କନ୍ତକୁଳ ବ୍ୟାରେଜ ନିକଟରେ ବୁଧବାର ଏକ ଦନ୍ତା ହାତୀର ମୃତଦେହ ଠାବ କରାଯାଇଛି। ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଉକ୍ତ ଦନ୍ତା ହାତୀର ମୃତ୍ୟୁ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ମୃତ ହାତୀର ବୟସ ୨୨ରୁ ଅଧିକ ହେବ। ଖବରପାଇ ଜଏଣ୍ଟ ଟାସ୍କଫୋର୍ସ ଅଧିକାରୀ ଡ. ମନୋଜ ନାୟାର, ଅନୁଗୋଳ ଆର୍‌ସିସିଏଫ ସୁଧାଂଶୁ ଶେଖର ଖୋରା, ଡିଏଫଓ ସୁମିତ କୁମାର କର, ରେଞ୍ଜର ଲୋହିତ ରଥଙ୍କ ସମେତ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ସହ ଦାନ୍ତ ୨ଟିକୁ ଜବତ କରାଯିବା ପରେ ମୃତ ହାତୀକୁ ସେଠାରେ ଗାତ ଖୋଳି ପୋତି ଦିଆଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଡିଏଫଓ ସୁମିତ କୁମାର କର ପ୍ରକାଶ କରିଛନ୍ତି।

# ସଙ୍ଗରୋଧରେ ଚିକିତ୍ସିତ ହେବ ମଣିଷଖିଆ ବାଘ

**ସମ୍ବଲପୁର,୮।୧୧**
**(ପ୍ରମୋଦ ବହିଦାର)**

ନୂଆପଡ଼ାରେ ମଣିଷ ମାରି ଆତଙ୍କ ଖେଳାଇଥିବା କଲରାପତରିଆ ବାଘ ବନ ବିଭାଗ ଦ୍ୱାରା ଉଦ୍ଧାରହେବା ପରେ ଚିକିତ୍ସା ପାଇଁ ବୁଧବାର ସମ୍ବଲପୁରରେ ଆସି ପହଞ୍ଚିଛି। ସମ୍ବଲପୁର ବନ ମଣ୍ଡଳ ଅଧୀନ ବନ୍ୟପ୍ରାଣୀ ଉଦ୍ଧାର କେନ୍ଦ୍ରରେ ବାଘକୁ ସଙ୍ଗରୋଧରେ ରଖାଯାଇ ଚିକିତ୍ସା କରାଯାଉଛି। ଏ ସମ୍ପର୍କରେ ସୂଚନା ଦେଇ ହୀରାକୁଦ ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ଅଂଶୁପ୍ରଜ୍ଞା ଦାସ କହିଛନ୍ତି, ନୂଆପଡ଼ା ବନ ବିଭାଗ ଦ୍ୱାରା ଉକ୍ତ ବାଘଟିକୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସମ୍ବଲପୁରରୁ ଏକ ପ୍ରାଣୀ ଚିକିତ୍ସକ ଦଳ ନୂଆପଡ଼ା ଗସ୍ତକରି ବାଘଟିର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅଧିକ ଚିକିତ୍ସା ଆବଶ୍ୟକତା ଥିବାରୁ ବାଘଟିକୁ ବନ ବିଭାଗର ଏକ ଦଳ ନୂଆପଡ଼ା ଯାଇ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସମ୍ବଲପୁର ଆଣିଛନ୍ତି। ତେବେ ବାଘଟି ବର୍ତ୍ତମାନ ଚାପଗ୍ରସ୍ତ ଥିବାରୁ ତାକୁ ବନ୍ୟପ୍ରାଣୀ ଉଦ୍ଧାର କେନ୍ଦ୍ରରେ ସଙ୍ଗରୋଧରେ ରଖାଯାଇଛି। ଚିକିତ୍ସକଙ୍କ ବ୍ୟତୀତ କୌଣସି ବ୍ୟକ୍ତିଙ୍କୁ ବାଘ ପାଖକୁ ଯିବାକୁ ବାରଣ କରାଯାଇଛି। ଏପରି କି ଉଚ୍ଚ ଶବ୍ଦ, ମୋବାଇଲ, କ୍ୟାମେରା ଆଦିରୁ ଦୂରେଇ ରଖାଯାଇଛି। ବନ କର୍ମଚାରୀ ଓ ଚିକିତ୍ସକ ଦଳ ବାଘ ଉପରେ ୨୪ ଘଣ୍ଟା ଧରି ନଜର ରଖିଛନ୍ତି। ଆଗାମୀ ୭ଦିନ ପର୍ଯ୍ୟନ୍ତ ବାଘକୁ ସଙ୍ଗରୋଧରେ ରଖି ଚିକିତ୍ସା କରାଯିବ। ପରେ ସ୍ୱାସ୍ଥ୍ୟ ଅବସ୍ଥା ଦେଖି ତା'ର ଥଇଥାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ସଙ୍ଗରୋଧରେ ଚିକିତ୍ସିତ ହେଉଥିବା ବାଘ।

ସୂଚନାଯୋଗ୍ୟ, ନୂଆପଡ଼ା ଜିଲାରେ ବାଘଟି ଜଣେ ନାବାଳିକା ଓ ଜଣେ ମହିଳାଙ୍କ ସମେତ କେତେକ ଗାଈକୁ ମାରିଦେଇଥିବା ବେଳେ ଅନ୍ୟ ଜଣେ ଶିଶୁ ବାଘ ଆକ୍ରମଣରେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ସମଗ୍ର ଜିଲାରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ଗତ ୪ ତାରିଖରେ ଧରମବନ୍ଧା ବନ ମଣ୍ଡଳ ଅନ୍ତର୍ଗତ କଦୋପାଲି ଗ୍ରାମରେ ଶିଶୁକୁ ଆକ୍ରମଣ କରି କ୍ଷତାକ୍ତ କରିବା ପରେ ବାଘଟି ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଛାତରେ ଲୁଚି ରହିଥିଲା। ଏ ସମ୍ପର୍କରେ ଖବର ପାଇ ବନ କର୍ମଚାରୀ କୌଶଳକ୍ରମେ ରାତିରେ ତାକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ସେଠାରୁ ବାଘକୁ ନୂଆପଡ଼ା ବନ ବିଭାଗ କାର୍ଯ୍ୟାଳୟକୁ ଆଣି ରଖାଯାଇଥିଲା।

# ମନ୍ଦିର ପୂଜକଙ୍କୁ ହତ୍ୟା

**କୋରାପୁଟ,୮।୧୧(ଅମିତାଭ ବେହେରା)**

କୋରାପୁଟ ସହରର ବୁଢ଼ୀ ଠାକୁରାଣୀ ମନ୍ଦିର ପୂଜକ ରମେଶ ଚନ୍ଦ୍ର ତ୍ରିପାଠୀ(୭୪)ଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ହତ୍ୟା କରାଯାଇଛି। ହାତଗୋଡ଼ ବନ୍ଧା ଅବସ୍ଥାରେ ତାଙ୍କ ମୃତଦେହ ମନ୍ଦିର ପଛପଟେ ଥିବା ତାଙ୍କ ଘରୁ ବୁଧବାର ମଧ୍ୟାହ୍ନରେ ସଦର ଓ ଟାଉନ ଥାନା ପୋଲିସ ଜବତ କରିଛି। ଏହି ସମୟରେ ଡିଏସ୍‌ପି ସୁମିତ୍ରା ଜେନା, ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ ଉପସ୍ଥିତ ଥିଲେ। ଘଟଣାସ୍ଥଳରେ ଘରର ଆସବାବପତ୍ର ବିଛାଡି ହୋଇପଡିଥିବା ଦେଖିବାକୁ ମିଳିଥିଲା। ହତ୍ୟାକାଣ୍ଡ ବେଳେ ପୂଜକଙ୍କ ସହ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କର ଧସ୍ତାଧସ୍ତି ହୋଇଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ଅନେକ ଲୋକଙ୍କୁ ପଚରାଉଚରା କରୁଛି। ପୋଲିସ ୨୯୧/୨୩ରେ ମାମଲା ରୁଜୁକରି ତଦନ୍ତକୁ ଜୋର୍‌ଦାର କରିଥିବା ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ କହିଛନ୍ତି।

ଖବରରୁ ଜଣାପଡିଛି, କୋରାପୁଟ-ଜୟପୁର ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ଠକୁରାଣୀ ମନ୍ଦିରକୁ ରମେଶ ଚାକିରି କରିଥିବା ସମୟରେ ନିର୍ମାଣ ଆରମ୍ଭ କରିଥିଲେ। କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟରେ ସେ ଚାକିରି କରିଥିଲେ। ଗତ ୧୪ ବର୍ଷ ହେଲା ସେ ଅବସର ଗ୍ରହଣ କରିସାରିଥିଲେ। ଅବସର ଗ୍ରହଣ ପରେ ଅର୍ଦ୍ଧନିର୍ମିତ ହୋଇ ରହିଥିବା ମନ୍ଦିର କାର୍ଯ୍ୟ ଶେଷ କରିବାକୁ ସେ ଗୁରୁତ୍ୱ ଦେଇ କାମ ଆରମ୍ଭ କରିଥିଲେ। ମନ୍ଦିର ନିର୍ମାଣ ସରି ପ୍ରତିଷ୍ଠା ପରେ ସେ ଏହି ମନ୍ଦିରର ପୂଜକ ରୂପେ କାର୍ଯ୍ୟ କରୁଥିଲେ। ତାଙ୍କ ପ୍ରକୃତ ଘର କେଉଁଠି ଜଣାପଡ଼ି ନ ଥିଲେ ମଧ୍ୟ ସେ କୋରାପୁଟରେ ପ୍ରାୟ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ରହି ଆସୁଥିଲେ। ରମେଶଙ୍କ ସ୍ତ୍ରୀ, ୨ପୁଅ ଥିଲେ। ଇତି ମଧ୍ୟରେ ସେମାନଙ୍କ ମୃତ୍ୟୁ ହୋଇସାରିଛି।



For all institutional/bulk, GeM requirements, please mail at Kolkata@heromotocorp.com & vipul.katare@heromotocorp.com | All hero offers on scooters and motorcycles are available at CSD canteen also.
**Authorized Dealers: Bhubaneswar:** Rohan Hero - 9289922474, Bharat Hero - 7799766378, DD Hero - 7799766329, Arundhati Hero - 9289923183, **Cuttack:** JMG Hero - 9289922178, Sunny Hero - 9289922697, Essen Hero - 9289923078, **Angul:** Parbati Hero - 9289922902, **Balasore:** Neelam Hero - 9289922519, **Baripada:** Aditya Hero - 7799766370, **Bhadrak:** Sanjib Hero - 9289922608, **Chandikhol:** S.K. Hero - 9289922900, **Jajpur Road:** Soumik Hero - 9289922611, **Jaleswar:** Sai Hero - 9289922844, **Jatni:** Vishal Hero - 9289922984, **Keonjhar:** Supreme Hero - 9289922182, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Behrampur:** Lakshmi Motors, **Dharma Nagar** - 9289923187, Lakshmi Automotives, **Gajapati Nagar** - 9289922184, **Jeypore:** Supreme Hero - 9289922183, **Phulbani:** Narayani Hero - 9289922991, **Raygada:** Ajit Hero - 9289922819, **Bargarh:** Aakash Hero - 9289922181, **Bhawanipatna:** Arundhati Hero - 9289922837, **Bolangir:** Arundhati Hero - 9289923033, **Jharsuguda:** Vijaylaxmi Hero - 9289922595, **Rourkela:** Dua Hero - 9289922179, **Sambalpur:** Sri Shyam Hero - 9289922484, **Sonepur:** Jai Jawan Hero - 9289922800, **Sundergarh:** Robotech Hero - 9289923063, **Dhenkanal:** Som Hero - 9289922614, **Talcher:** Tarini Hero- 9289922736.

ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା– ସଂକୀର୍ଣ୍ଣତା ଓ ସ୍ଥୂଳଦର୍ଶିତା। ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ। ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚକର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ। –ଶ୍ରୀଅରବିନ୍ଦ

# ହିଂସାରୁ କିଛି ମିଳିନି



ମୁହାନନ୍ଦ ଆଲେଝି

ଅକ୍ଟୋବର ୭ରେ ଇସ୍ରାଏଲର ସୀମା ମଧ୍ୟରେ ହମାସ୍ ଏକ ବଡ଼ ଆକ୍ରମଣ କରିଥିଲା। ଏଥିରେ ବହୁ ଇସ୍ରାଏଲୀ ନିହତ ଓ ଆହତ ହେବା ପରେ ଇସ୍ରାଏଲ ହମାସ୍ ଉପରେ ଆକ୍ରମଣ ଜାରିରଖିଛି। ଏହି କ୍ରୂର ଆକ୍ରମଣ ମଧ୍ୟପ୍ରାଚ୍ୟରେ ହିଂସାକୁ ପୁନର୍ଜୀବିତ କରିପାରିଛି। ଏହାର ଶେଷ କେବେ ହେବ ତାହା କହିହେଉ ନାହିଁ। ଏଭଳି ହିଂସା ନୂଆ ନୁହେଁ, ପୂର୍ବରୁ ବାରମ୍ବାର ଦେଖାଯାଇଛି। ଏବେ ଏହାକୁ ରୋକିବା ଲାଗି କୌଣସି ଗମ୍ଭୀର ଉଦ୍ୟମ ହେଉ ନାହିଁ। ଫଳରେ ଇସ୍ରାଏଲ–ପାଲେଷ୍ଟାଇନ ବିବାଦର ସମାଧାନ ହେବାର ସମ୍ଭାବନା ନାହିଁ। ଯେଉଁମାନେ ଶାନ୍ତି ଚାହାନ୍ତି ସେମାନେ ଉଭୟ ଇସ୍ରାଏଲୀ ଏବଂ ଉଗ୍ରବାଦୀ ଇସ୍‌ଲାମିକ ମୌଳବାଦୀଙ୍କୁ ସତ କହିବାକୁ ପଡ଼ିବ। ଆମମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଶିକ୍ଷା ଦିଆଗଲା ଯେ ଜଣଙ୍କର ନିଜର ଅତୀତକୁ ଜାଣିବା ଏବଂ ତା' ଉପରେ ଯତ୍ନର ସହିତ ବିଚାର କରିବା ହେଉଛି ବାସ୍ତବ ଚରିତ୍ରର ପ୍ରତୀକ। କିନ୍ତୁ ଏବେ ଆମେ ଯେଉଁ ଦଳଗୁଡ଼ିକ ସହିତ କାମ କରୁଛୁ ତାହା ଅତୀତର ଅନୁଭୂତିର ମୂଲ୍ୟାୟନ କରିବାକୁ କିମ୍ବା ସେଗୁଡ଼ିକର ଭବିଷ୍ୟତ ପାଇଁ ଯୋଜନା କରିବାକୁ ଚାହୁଁନାହିଁ।

ଇସ୍ରାଏଲ ଉପରେ ହମାସ୍ ୨୦୦୮, ୨୦୧୪ ଏବଂ ୨୦୨୧ରେ ଆକ୍ରମଣ କରିଥିଲେ ମଧ୍ୟ ଅକ୍ଟୋବର ୭ରେ ଏକ ଅତ୍ୟାଧୁନିକ ତଥା ନିଆରା ଧରଣର ଆକ୍ରମଣ କରିଥିଲା। ଏହାର ତଥାକଥିତ ଲକ୍ଷ୍ୟ ହେଉଛି ପୂର୍ବ ଜେରୁଜେଲମର ଅଲ–ଆକ୍‌ସା ମସ୍‌ଜିଦ ଚାରିପାଖକୁ ଜୋରଜବରଦସ୍ତ ତଥା ଉତ୍ତେଜନାମୂଳକ ଦଖଲକୁ ଜବାବ ଦେବା ଏବଂ ପାଲେଷ୍ଟିନୀୟ ବନ୍ଦୀମାନଙ୍କୁ ମୁକ୍ତ କରିବା। କିନ୍ତୁ ଅତୀତରୁ ଏହିସବୁ ଆକ୍ରମଣ ଗାଜା ମାଟିରେ କୌଣସି ପରିବର୍ତ୍ତନ ଆଣିନାହିଁ; ବରଂ ଏହିସବୁ ଆକ୍ରମଣ ଉଭୟ ପକ୍ଷର ଅଧିକ ମୃତ୍ୟୁ ଘଟାଇ ଚାଲିଛନ୍ତି। ଇସ୍ରାଏଲ ତୁଳନାରେ ୫ଗୁଣ ଅଧିକ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଯୁଦ୍ଧରେ ଭିତ୍ତିଭୂମିର ବିନାଶ ହେବା ନିଶ୍ଚିତ। ଏହାସହ ଭବିଷ୍ୟତ ଲକ୍ଷ୍ୟରେ ଅବରୋଧକୁ କଡ଼ାକଡ଼ି କରିବା ଏବଂ ପାଲେଷ୍ଟିନୀୟଙ୍କ ଉପରେ କାର୍ଯ୍ୟାନୁଷ୍ଠାନ (ଯେପରିକି ଅତ୍ୟଧିକ ସଂଖ୍ୟାରେ ଅଲ୍–ଆକ୍‌ସରେ ଗିରଫ କରାଯାଉଛି) ଲାଗିରହିଛି। ସେହିପରି, ଅକ୍ଟୋବର ୭ ରେ ହମାସ ୧୪୦୦ ଇସ୍ରାଏଲୀଙ୍କୁ ହତ୍ୟା କରିବା ପରେ ତାହାର ସାମରିକ ଜବାବ ଦେବାକୁ ଇସ୍ରାଏଲ ବିଳମ୍ବ କରିନାହିଁ। ଗାଜା ଉପରେ ହୋଇଥିବା ପୂର୍ବ ଆକ୍ରମଣଗୁଡ଼ିକର ଲକ୍ଷ୍ୟ ଥିଲା ହମାସ୍‌କୁ ନିୟନ୍ତ୍ରଣ କରିବା। କିନ୍ତୁ ସେହି ମୂଳ ଲକ୍ଷ୍ୟ ହାସଲ କରାଯାଇପାରି ନାହିଁ। କାରଣ ଇସ୍ରାଏଲର ଆଭିମୁଖ୍ୟ ଭିନ୍ନ



ରହୁଛି। ଏହା ମୂଳ କାରଣକୁ ଛାଡ଼ି ପ୍ରକାଶ ପାଉଥିବା ସ୍ଥିତିର ମୁକାବିଲା କରିବାକୁ ବାହାରିପଡୁଛି। ଆରମ୍ଭରୁ ଇସ୍ରାଏଲ ଏହାର ସୁରକ୍ଷା ପ୍ରସଙ୍ଗକୁ ଆଳ କରି ଅନେକ ରକ୍ତାକ୍ତ ଯୁଦ୍ଧ କରିଆସିଛି, ଯାହା ପାଲେଷ୍ଟିନୀୟଙ୍କ ଜୀବନ, ଅଧିକାର ଏବଂ ଭବିଷ୍ୟତକୁ କ୍ଷତି କରିଛି। ସମ୍ପ୍ରତି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଦକ୍ଷିଣପନ୍ଥୀ ସରକାର ପ୍ରମୁଖ କ୍ୟାବିନେଟ ପଦବୀରେ ଧର୍ମୀୟ ଚରମପନ୍ଥୀଙ୍କୁ ସ୍ଥାନିତ କରିଥିଲେ, ଯେଉଁଠି ସେମାନେ ଅଲ୍–ଆକ୍‌ସା ଏବଂ ଅଧିକୃତ ୱେଷ୍ଟ ବ୍ୟାଙ୍କକୁ ନେଇ ପାଲେଷ୍ଟିନୀୟଙ୍କ ସହ ଅଧିକ ତିକ୍ତତା ସୃଷ୍ଟି କରିଥିଲେ।

ଇସ୍ରାଏଲୀମାନେ ବିଶ୍ୱାସ କରିଆସୁଛନ୍ତି ଯେ କଠିନ ପରିସ୍ଥିତିରେ ଜୀବନ ବିତାଇବାର କ୍ଷୀଣ ଆଶା ଥିବା ସତ୍ତ୍ୱେ ପାଲେଷ୍ଟିନୀୟମାନେ ସ୍ଥିତାବସ୍ଥାକୁ ଗ୍ରହଣ କରିବେ । ଏଭଳି କରି ଇସ୍ରାଏଲୀମାନେ ଲଗାତର ଭୁଲ୍ କରିଆସୁଛନ୍ତି। ଆଲଜେରିଆ, ମରକୋ, ଟ୍ୟୁନିସିଆ, ସିରିଆ ଏବଂ ଇଜିପ୍ଟରେ ବିବାଦ ଓ ବଳପୂର୍ବକ ଦଖଲର ଇତିହାସ ସ୍ପଷ୍ଟ କରେ ଯେ ଏହିପରି ମାନସିକତା ବିଫଳତା ଆଣିବା ନିଶ୍ଚିତ। ଅବଦମିତ ଲୋକମାନେ ଗଭୀର ଦୁଃଖ ଦେଇ ଗତି କରିପାରନ୍ତି ସତ, କିନ୍ତୁ ସ୍ୱାଧୀନତା ପାଇଁ ସେମାନଙ୍କର ଇଚ୍ଛା ସବୁବେଳେ ଜାଗ୍ରତ ରହିଥାଏ। ଏହା ନିଃସନ୍ଦେହ ଯେ, ସେମାନେ ଯେ କୌଣସି ସମୟରେ ସେମାନଙ୍କ ମଧ୍ୟରେ ଥିବା ଶୁପ୍ତ ଭାବନା କିମ୍ବା ନିଷ୍କ୍ରିୟତାର ଉଜାଗର କରିପାରିବେ। ଏବେ ଆରମ୍ଭ ହୋଇଥିବା ଯୁଦ୍ଧ ହମାସ୍ ଦ୍ୱାରା ନିହତମାନଙ୍କର ପ୍ରତିଶୋଧ ନେବା ଲାଗି ଉଦ୍ଦିଷ୍ଟ ବୋଲି ଜଣାପଡୁଛି। ଏହା ବ୍ୟତୀତ ଇସ୍ରାଏଲ ପ୍ରତିରକ୍ଷା ବାହିନୀର ପ୍ରତିରୋଧକାରୀ ଶକ୍ତି ପୁନଃସ୍ଥାପିତ କରିବା ଏବଂ ହମାସ୍‌କୁ ଗାଜାରୁ ହଟାଇବା ଇସ୍ରାଏଲର ଲକ୍ଷ୍ୟ ବୋଲି ମନେହୁଏ। କିନ୍ତୁ ଏହା ପରବର୍ତ୍ତୀ ଲକ୍ଷ୍ୟକୁ କିପରି ହାସଲ କରିବ କିମ୍ବା ପରବର୍ତ୍ତୀ ପରିସ୍ଥିତିକୁ କିପରି ମୁକାବିଲା କରିବ ତାହା ସ୍ପଷ୍ଟ ହେଉନାହିଁ ।

ପ୍ରତ୍ୟେକ ଥର ହମାସ୍ ଗାଜା ଏବଂ ଏହାର ଲୋକଙ୍କୁ ଇସ୍ରାଏଲ ସହିତ ରକ୍ତାକ୍ତ ଯୁଦ୍ଧ ବଳୟକୁ ଟାଣିନେଇଛି। ଏଭଳି ଯୁଦ୍ଧକୁ ନେଇ ଆରବ ଦେଶଗୁଡ଼ିକର ଭାବାବେଗ ଅବଶ୍ୟ ଉଚ୍ଚ ହୋଇଯାଏ। ଗାଜାର ଧ୍ୱଂସ ଚିତ୍ର କେବଳ ଆରବର ରାସ୍ତାରେ ନୁହେଁ, ବରଂ ଅନ୍ୟ ଶାନ୍ତ ଦେଶଗୁଡ଼ିକରେ ବି କ୍ରୋଧ ସୃଷ୍ଟି କରେ। ହମାସ୍ ପ୍ରତି ସମର୍ଥନ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଥିବାବେଳେ ପାଲେଷ୍ଟିନୀୟଙ୍କୁ ଆୟତ୍ତ କରିବାରେ ଆରବୀୟ ଆଭିଜାତ୍ୟ ବର୍ଗର କେତେଜଣ ଶିକ୍ଷିତ ଏବଂ ପ୍ରତିଷ୍ଠିତ ସଦସ୍ୟ ହମାସ୍‌କୁ ସମର୍ଥନ କରିବା ଆଶ୍ଚର୍ଯ୍ୟଜନକ ନୁହେଁ। ହମାସ୍‌କୁ ସମାଲୋଚନା କରିଥିବାରୁ ଏହିପରି ଜଣେ ବ୍ୟକ୍ତି ମୋତେ ମଧ୍ୟ ସମାଲୋଚନା କରି କହିଛନ୍ତି ଯେ ଏହା ଆତଙ୍କବାଦୀ ସଂଗଠନ ନୁହେଁ ବରଂ ଏକ ପ୍ରତିରୋଧ ଅଭିଯାନ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ନିହତ ଇସ୍ରାଏଲୀମାନେ ସାଧାରଣ ନାଗରିକ ନୁହନ୍ତି ବରଂ ଉପନିବେଶୀ ବସ୍ତିବାସିନ୍ଦା, ଯେଉଁମାନେ ଅନ୍ୟ ଦେଶରୁ ଆସି ସେଠାରେ ରହିଛନ୍ତି। ହିଂସା ଏବଂ ଘୃଣାର ତରଙ୍ଗ କିପରି ସମସ୍ତଙ୍କୁ ଗ୍ରାସ କରେ, ତାହା ଏଭଳି ପ୍ରତିକ୍ରିୟା ଦର୍ଶାଉଛି। ଏପରିକି ବୁଦ୍ଧିଜୀବୀମାନେ ଭାବାବେଗ ଏବଂ କ୍ରୋଧର ଶିକାର ହୋଇପାରନ୍ତି, ଯାହା ସୋସିଆଲ ମିଡିଆ ଏବଂ ପ୍ରଚାର ଦ୍ୱାରା ଅଧିକ ବୃଦ୍ଧି ପାଉଛି।

ଯଦି ଇସ୍ରାଏଲ ହମାସ୍‌କୁ ହଟାଇବାରେ ଅସମର୍ଥ ହୁଏ କିମ୍ବା ଏହାର ସାମରିକ ଶକ୍ତି ଏବଂ ରାଜନୈତିକ ଅଧିକାରକୁ ଅବଦମିତ କରିବାରେ ଅସମର୍ଥ ହୁଏ, ତେବେ ଏହା ଅଳ୍ପ କିଛି ହାସଲ କରିବ। ଗାଜାରେ ଏବେ ଅତ୍ୟଧିକ କ୍ଷତି ଘଟୁଛି। ଏହାକୁ ପୂରଣ କରିବା ଲାଗି ଅନେକ ଦଶନ୍ଧି ଲାଗିଯିବ। ସେହିଭଳି, ହମାସ୍ ଯାହା କରିବ ତାହା ହେଉଛି ସେମାନଙ୍କ ଆତ୍ମକୈନ୍ଦ୍ରିକ ଶକ୍ତିର ଏକ ପ୍ରଦର୍ଶନ, ଯାହାପାଇଁ ଗାଜାର ନିରୀହ ଲୋକମାନଙ୍କୁ ରକ୍ତ ଦେବାକୁ ପଡ଼ିବ, ଘର ଏବଂ ଭବିଷ୍ୟତ ହରାଇବାକୁ ହେବ। ଯୁଦ୍ଧ ଶେଷହେବାବେଳକୁ ସାଧାରଣ ନାଗରିକଙ୍କ ପ୍ରତି ହମାସ୍‌ର ଅବହେଳା ବହୁତ ବଢିଯିବ। ସେତେବେଳେ ପୁଣିଥରେ ଏହାର ସମର୍ଥକମାନେ ଭାଙ୍ଗିଯାଇଥିବା ଘରଗୁଡ଼ିକର ଧ୍ୱଂସାବଶେଷ ଏବଂ ନିରୀହ ଗାଜାବାସୀଙ୍କ ଶବ ଉପରେ ଠିଆ ହୋଇ ବିଜୟ ପାଳନ କରିବେ।

ଉଭୟ ଆରବ ଏବଂ ଇସ୍ରାଏଲୀମାନେ ସେମାନଙ୍କର ନୀତି ଏବଂ କାର୍ଯ୍ୟରୁ କ'ଣ ପାଇବାର ସମ୍ଭାବନା ରହିଛି ସେ ବିଷୟରେ ଭଲ ଭାବରେ ଚିନ୍ତାକରିବା ଆବଶ୍ୟକ। ଅତୀତର ଅଭିଜ୍ଞତାକୁ ସ୍ମରଣ କରିବା ହେଉଛି ପଥକୁ ଫେରିବା ପାଇଁ ଏକମାତ୍ର ଉପାୟ, ଯାହା ଯୁଦ୍ଧର ଲିପ୍ତ ଉଭୟ ଦେଶର ଭବିଷ୍ୟତ ପାଇଁ ଅନ୍ତତଃପକ୍ଷେ କିଛି ଆଶା ସଞ୍ଚାର କରିବ।

**ପୂର୍ବତନ ସଦସ୍ୟ, ଜୋର୍ଡାନ ସିନେଟ ତଥା ଅନ୍ତର୍ଜାତୀୟ ମାନବ ଅଧିକାର ବିଶେଷଜ୍ଞ**

# ଯେମିତି ବିଚାର, ସେମିତି ପରିଣାମ



ନଗେନ୍ଦ୍ର ନାଥ ପଟ୍ଟନାୟକ

ବିଶ୍ୱବ୍ରହ୍ମାଣ୍ଡ ଏକ ଚିରନ୍ତନ, ଶାଶ୍ୱତ ତଥା ଅପରିବର୍ତ୍ତନୀୟ ନିୟମ ଦ୍ୱାରା ପରିଚାଳିତ। ଏହାର ସ୍ୱରୂପ ଅନେକ, କିନ୍ତୁ ସବୁର ପରମ ଏବଂ ଚରମ ଲକ୍ଷ୍ୟ ଏକ ଓ ଅଭିନ୍ନ। ଆମେ କେତେକ ସ୍ୱରୂପ ସହ ପରିଚିତ, ମାତ୍ର ବାକି ସବୁ ସମ୍ପର୍କରେ ଆମେ ଏକବାରେ ଅଜ୍ଞ ଓ ଅନଭିଜ୍ଞ। ବିଜ୍ଞାନ ତମାମ ନିୟମ ଊର୍ଦ୍ଧ୍ୱରେ ତ ଆମେ ଜ୍ଞାନ ବିତରଣ କରିଚାଲୁ, କିନ୍ତୁ ବିଚାରସମୂହ ଦୁନିଆର ସେତିକି ଅଦ୍ଭୁତ ଆକର୍ଷଣ ଥିବା ନିୟମକୁ ନଜର ଅନ୍ଦାଜ କରିଥାଉ। ଫଳରେ ଆମର ଜୀବନ ଗଢ଼ି ହୋଇଯାଏ କିମ୍ବା ପଥହୁଡ଼ା ହୋଇ ବିଗିଡ଼ିଯାଏ। ଆମେ ଯେବେ ମନରେ କ'ଣ କିଛି ଭାବି ବିଚାରୁ ଏକ କମ୍ପନ, ସ୍ଫୁରଣ ଆମ ଭିତରେ ଉତ୍ପନ୍ନ ହୁଏ ଯାହାକି ସ୍ୱତଃପ୍ରବୃତ୍ତ ଓ ସ୍ୱାଭାବିକ। ଠିକ୍ ଯେପରି ଆଲୋକ, ଉତାପ ବିଦ୍ୟୁତ୍ ଅଥବା ଚୁମ୍ବକର କମ୍ପନ ଭଳି। ଆମ ଇନ୍ଦ୍ରିୟଗୁଡ଼ିକ ଏହାକୁ ଅନୁଭବ କରିପାରେନା। ତେବେ ଏହାର ଅର୍ଥ ଏଇଆ ନୁହେଁ ଯେ ଏମାନଙ୍କର ଅସ୍ତିତ୍ୱ ନାହିଁ। ଆଲୋକ ବା ଉତ୍ତାପର କମ୍ପନ ତ ବିଚାରଧାରା ସମ୍ମୁଖରେ ଦୁର୍ବଳ ଓ ଅଶକ୍ତ। କେବଳ ଆମ ଆଭ୍ୟନ୍ତରଣରେ ସେମାନଙ୍କ ବେଗ ବା ଗତି ଥାଏ। ଆମେ ଯେବେ ଏସବୁ ତରଙ୍ଗର ଉତ୍ପତ୍ତି ଓ କାର୍ଯ୍ୟଶୈଳୀର ନିୟମ ସମ୍ପର୍କରେ ଜାଣିପାରିବା ଏମାନଙ୍କୁ ବି ସେମିତି ବ୍ୟବହାର କରିପାରିବା ଆମର ଦୈନନ୍ଦିନ ଜୀବନଚର୍ଯ୍ୟାରେ, ଠିକ୍ ଯେପରି ଆମେ ଊର୍ଜା ବା ଶକ୍ତିର ଅବଶିଷ୍ଟ ସ୍ୱରୂପଗୁଡ଼ିକୁ କରିଥାଉ।

ପ୍ରତିଟି ତରଙ୍ଗକୁ ମାପିବା ସକାଶେ ଏହାର ଅନୁରୂପ ଉପକରଣର ଆବଶ୍ୟକତା ନିହାତି ଜରୁରୀ। ବିଚାର–ତରଙ୍ଗକୁ ବୁଝିବା ଲାଗି ମସ୍ତିଷ୍କ ହିଁ ଏକମାତ୍ର ଉପକରଣ। ପ୍ରତି ସମୟ ଆମକୁ ଭିନ୍ନ ଭିନ୍ନ ତୀବ୍ରତାବିଶିଷ୍ଟ ବିଚାରଧାରାର ଆଦାନପ୍ରଦାନ କରିଥାଏ ଏବଂ ସେମିତିକା ପରିଣାମ ମଧ୍ୟ ଆମକୁ ପ୍ରାପ୍ତ ହୁଏ। ବିଚାର–ତରଙ୍ଗ କେବଳ ଯେ ଆମକୁ ପ୍ରଭାବିତ କରେ ତାହା ନୁହେଁ, ସେମାନଙ୍କ ଭିତରେ ଏପରି ଏକ ଶକ୍ତି ପ୍ରଚ୍ଛନ୍ନଭାବେ ନିହିତ, ଯାହା ଅନ୍ୟ ବିଚାର ପ୍ରବାହ, ପରିସ୍ଥିତି, ମାନବଜାତି, ବସ୍ତୁ ଓ ସର୍ବୋପରି ଆମର ନିୟତି ଅର୍ଥାତ୍ ଆମର ଆଗାମୀ କାଲିର ଅଙ୍ଗୀକୃତ କରିଥାଏ। ଆମର ଭବିଷ୍ୟ ଆମର ବିଚାରପ୍ରବାହରୁ ସୃଷ୍ଟି ହୁଏ।

ବିଚାରସମୂହ ଇଲାକାରେ ସମରୂପୀ ବିଚାର ପରସ୍ପରକୁ ଆକର୍ଷିତ କରିଥାଏ। ଅର୍ଥାତ୍ ଯେମିତି ରୋପିବ ସେମିତି କାଟିବ। ସେମିତି ବିଚାର ରାଇଜରେ ମଧ୍ୟ। ତାତ୍ପର୍ଯ୍ୟ–ଯେତିକି କରିବ, ସେତିକି ଭରିବ। ଯଦି କେହି ଜଣେ ବ୍ୟକ୍ତି ପ୍ରେମାପ୍ଳୁତ ହୋଇଯାଏ ତେବେ ଆଖପାଖରେ କେବଳ ତାକୁ ପ୍ରେମ ପ୍ରୀତି ଜଳଜଳ ହୋଇ ଦୃଶ୍ୟମାନ ହୁଏ। ସେହିପରି ଘୃଣା, ଅସୂୟା ତଥା ବିଦ୍ୱେଷ ଭାବାପନ୍ନ ବ୍ୟକ୍ତି ଭାଗ୍ୟରେ କେବଳ ନିନ୍ଦା ଓ ଘୃଣା ମିଳିଥାଏ। ଯଦି କେହି ବ୍ୟକ୍ତି କଳିଝଗଡ଼ା ବାବଦରେ ବିଚାର କରେ ତେବେ ତା'ର କାହାରି ସହ କଳିତକରାଳ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଅତଏବ ବ୍ୟକ୍ତିର ତାହା ହିଁ ପ୍ରାପ୍ତି ଥାଏ ଯାହାକୁ ସେ କାମନା କରିଥାଏ। ବିଚାରପ୍ରବାହର ଆକର୍ଷଣ ଏଭଳି ଗୋଟେ ବିଷୟ, ଯାହାକୁ ନେଇ ଆମେ ଗମ୍ଭୀରତାର ସହ ଚିନ୍ତନ କରିବା ବିଧେୟ। ଯେତେବେଳେ ଆମେ ନିଜସ୍ୱ ବିଚାରଧାରା ଉପରେ ନିଘା ରଖୁନେ ଆମେ ଅନ୍ୟମାନଙ୍କ ମୁଣ୍ଡରେ ଦୋଷ ଲଦିବା କାହିଁକି ? ତେଣୁ ଏ କଥାକୁ ହୃଦୟଙ୍ଗମ କରିବାକୁ ପଡିବ ଯେ ମନୁଷ୍ୟ ଯେଉଁ ପରିସ୍ଥିତି ପାଇଁ ଅନ୍ୟମାନଙ୍କୁ ଦୋଷାରୋପ କରେ ବାସ୍ତବରେ ସେ ଖୋଦ୍ ଦାୟୀ ସେଥିପାଇଁ।

ବିଚାରଧାରାରେ ଏତେମାତ୍ରାରେ ଶକ୍ତି ଥାଏ ଯେ ଆମର ସାରା ଜୀବନକୁ ବଦଳେଇଦେବାର ସାମର୍ଥ୍ୟ ରଖେ। ଯେଉଁ ବ୍ୟକ୍ତି ବିଚାରଶକ୍ତିର ସମୁଚିତ ବିନିଯୋଗ କରିବା ଜାଣିଥାଏ ସେ ନିଜକୁ ଯେମିତି ଇଚ୍ଛା ସେମିତି ଗଢ଼ି ତୋଳିପାରିବ। କାହାର ଶରୀର କେବଳ ଯେ ତା' ମନକୁ ନିୟନ୍ତ୍ରଣରେ ରଖିପାରେନି ତାହା ନୁହେଁ, ଏହା ମଧ୍ୟ ନକାରାତ୍ମକ ବିଚାର ସ୍ଥାନରେ ସକାରାତ୍ମକ ବିଚାରରୁ ସ୍ଥିତି, ଭାଗ୍ୟ ଅଥବା ଆପଣା ପରିସ୍ଥିତିକୁ ବି ପରିବର୍ତ୍ତିତ କରିପାରିବ। ତେଣୁ ବିଚାରସମୂହର ନିୟମକୁ ପ୍ରାଞ୍ଜଳ ଭାବେ ହୃଦ୍‌ବୋଧ କରି ତାକୁ ନିଜର ପ୍ରାତ୍ୟହିକ ଜୀବନରେ ସ୍ଥାନ ଦେବା ବାଞ୍ଛନୀୟ। ଜୀବନରେ ସୁଖ–ଅସୁଖ, ବ୍ୟାଧି, ଗରିବୀ ଇତ୍ୟାଦି ଯାହାସବୁ ଆସେ ତାହା ଆମ ବିଚାରର ହିଁ ପରିଣାମ। ସୁତରାଂ ଯେମିତିକା ବିଚାର ଆମେ ମନ ମସ୍ତିଷ୍କରେ ଆସ୍ଥାନ ଜମେଇବାକୁ ଦେଉ ଆମ ସମ୍ମୁଖରେ ସେମିତି ପରିସ୍ଥିତି ସୃଷ୍ଟି ହୋଇଯାଏ।

**ପ୍ରାକ୍ତନ ଅତିରିକ୍ତ ସଚିବ, ଓଡ଼ିଶା ସରକାର**
**ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର**
**ମୋ–୯୪୩୮୩୩୨୧୩୮**

## ଏଇ ଭାରତରେ

କୁକୁର କିଭଳି ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବେ ସେଭଳି ଏକ ଭିନ୍ନ ଚିନ୍ତା କରିଛନ୍ତି ରାଜସ୍ଥାନ ଜୟପୁରର ଗଜରାଜ ସିଂ। ଗଜରାଜ କୁକୁରଙ୍କ ପାଇଁ ସ୍ୱତନ୍ତ୍ର ପୁଷ୍ଟିକର ଖାଦ୍ୟ ପ୍ୟାକେଟ କରି ତାହାକୁ ମାତ୍ର ୫ଟଙ୍କାରେ ଯୋଗାଇ ଦେଉଛନ୍ତି। ସେ ରୁଟି ସହିତ ଅଣ୍ଡା, ପନିର, ସୋୟା ଆଦି ମିଶାଇ ୪୦୦ ଗ୍ରାମର ଛୋଟ ପ୍ୟାକେଟ କରୁଛନ୍ତି। ଏହି ପ୍ୟାକେଟ ପ୍ରସ୍ତୁତ କରିବା ପାଇଁ ସେ 'କିଚେନ ଫର୍ ଡଗ୍' ନାମକ ଏକ ଷ୍ଟଲ୍ ଜୟପୁରରେ ଖୋଲିଛନ୍ତି। ଏହା ଦ୍ୱାରା ଏବେ ପ୍ରତିଦିନ ୩୦୦୦ କୁକୁରଙ୍କୁ ପୁଷ୍ଟିକର ଖାଦ୍ୟ ମିଳିପାରୁଛି। ଯେଉଁମାନେ ପ୍ରତିଦିନ ବୁଲା କୁକୁରଙ୍କୁ ଖାଇବାକୁ ଦେଉଛନ୍ତି ସେମାନେ ଏହି ଷ୍ଟଲ୍‌ରୁ ୫ଟଙ୍କାରେ ଖାଦ୍ୟ ପ୍ୟାକେଟ କିଣୁଛନ୍ତି। କିଛି ବର୍ଷ ପୂର୍ବେ ଗଜରାଜ ଏକ ଦୋକାନ ନିକଟରେ ଠିଆ ହୋଇଥିବା ସମୟରେ ଜଣେ ବ୍ୟକ୍ତି ବିସ୍କୁଟ ପ୍ୟାକେଟ କିଣି କୁକୁରକୁ ଖାଇବାକୁ ଦେବା ଦେଖିଲେ। ପରେ ସେହି ବିସ୍କୁଟ ମଇଦା ଓ ଚିନିରେ ହେଉଥିବାରୁ ତାହା କୁକୁରଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ସେହି ବ୍ୟକ୍ତିଙ୍କୁ କହିଥିଲେ। ବ୍ୟକ୍ତି ଜଣକ କମ୍ ଟଙ୍କାରେ କୁକୁରଙ୍କ ପାଇଁ ଖାଦ୍ୟ ମିଳୁନାହିଁ ବୋଲି କହିବାରୁ ଗଜରାଜ ଏଭଳି ପ୍ୟାକେଟ ପ୍ରସ୍ତୁତ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ସେହି ନିଷ୍ପତ୍ତି ଏବେ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବାରୁ ସେ ଖୁସି ବୋଲି କହନ୍ତି ଗଜରାଜ।

## ୨୫ ବର୍ଷ ତଳର ଧରିତ୍ରୀ

୯ ନଭେମ୍ବର ୧୯୯୮

- ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମର ବିଶିଷ୍ଟ ସାଧକ ବାବାଜୀ ମହାରାଜ ରାମକୃଷ୍ଣ ଦାସଙ୍କ ୯୧ ବର୍ଷ ବୟସରେ ଦେହାନ୍ତ।
- ଶ୍ରୀଲଙ୍କାର ଉତ୍ତର ଓ ପୂର୍ବାଞ୍ଚଳରେ ଏଲ୍‌ଟିଟିଇ ବିଦ୍ରୋହୀ ଏବଂ ସରକାରୀ ସୈନ୍ୟଙ୍କ ମଧ୍ୟରେ ସାନି ସଂଘର୍ଷ ଘଟି ୧୪ ଜଣ ଏଲ୍‌ଟିଟିଇ ଉଗ୍ରବାଦୀ ନିହତ।
- ବାଂଲାଦେଶର ପ୍ରତିଷ୍ଠାତା ରାଷ୍ଟ୍ରପତି ଶେଖ ମୁଜିବୁର ରହମନଙ୍କୁ ହତ୍ୟା କରିଥିବା ଅଭିଯୋଗରେ ୧୫ ଜଣ ପୂର୍ବତନ ସାମରିକ ଅଫିସରଙ୍କୁ ମୃତ୍ୟୁଦଣ୍ଡ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 6 | | | | 2 |
| | | | | 9 | | | | |
| 5 | | 9 | | 3 | | 8 | | 7 |
| 6 | | | | | | | 4 | 9 |
| | 7 | | | | | | | |
| | | | | | 3 | | 6 | |
| | | | 9 | 5 | | 2 | | |
| | 4 | | | | 7 | 9 | | |
| | 1 | | | | | | 8 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 5 | 8 | 9 | 2 | 7 | 4 | 6 |
| 7 | 8 | 9 | 4 | 6 | 5 | 1 | 2 | 3 |
| 4 | 6 | 2 | 7 | 3 | 1 | 9 | 8 | 5 |
| 9 | 5 | 7 | 1 | 8 | 3 | 4 | 6 | 2 |
| 8 | 2 | 1 | 6 | 4 | 7 | 5 | 3 | 9 |
| 6 | 4 | 3 | 2 | 5 | 9 | 8 | 1 | 7 |
| 5 | 1 | 4 | 9 | 2 | 6 | 3 | 7 | 8 |
| 3 | 7 | 6 | 5 | 1 | 8 | 2 | 9 | 4 |
| 2 | 9 | 8 | 3 | 7 | 4 | 6 | 5 | 1 |

ଗତକାଲିର ଉତ୍ତର

# ନିର୍ଣ୍ଣୟରେ ନୈତିକ ଦାୟିତ୍ୱ



ଡ. ସତ୍ୟ ନାରାୟଣ ମିଶ୍ର

ମଣିଷ ସମାଜରେ ଶୃଙ୍ଖଳିତ ଭାବେ ବଞ୍ଚିବାର କୌଶଳ ଯେତେବେଳେ ସ୍ୱୀକାର କରିଥାଏ, ସେତେବେଳେ ତାହାକୁ ପୂର୍ଣ୍ଣାଙ୍ଗ ରୂପରେଖ ଦେବା ପାଇଁ ଜୀବନର ଗତିପଥକୁ ନିର୍ଣ୍ଣୟର ନୈତିକ ଦାୟିତ୍ୱ ଉପରେ ନିହିତ କରିଥାଏ। ନିର୍ଣ୍ଣୟ କେତେବେଳେ ଓ କେଉଁ ପରିପ୍ରେକ୍ଷୀରେ ବ୍ୟକ୍ତି ଉଦ୍ଦିଷ୍ଟ କରିଥାଏ ତାହା ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ଜୀବନଶୈଳୀ ତଥା ବିଚାର ବ୍ୟବସ୍ଥାର ପରିପକ୍ୱତା ଉପରେ ନିର୍ଭର କରେ। ଜଣେ ବ୍ୟକ୍ତି ଯେତେବେଳେ କୌଣସି ନିର୍ଣ୍ଣୟ ପାରିବାରିକ, ସାମାଜିକ, ବ୍ୟକ୍ତିଗତ, ସାମୂହିକ, ଆନୁଷ୍ଠାନିକ, ସରକାରୀ ବା ବେସରକାରୀ କ୍ଷେତ୍ରରେ ନେଇଥାଏ, ସେତେବେଳେ ତା'ନିକଟରେ ଥିବା ନୀତି ଓ ନୈତିକ ମୂଲ୍ୟବୋଧର ଦାୟିତ୍ୱକୁ ଉପଯୋଗ କରିବା ଏକାନ୍ତ ବାଞ୍ଛନୀୟ । କାରଣ ନିର୍ଣ୍ଣୟର କାର୍ଯ୍ୟକାରିତା ଓ ପ୍ରୟୋଗ ଯେତେବେଳେ ହୋଇଯାଏ ସେଥିପାଇଁ ନିର୍ଣ୍ଣାୟକର୍ତ୍ତା ମଧ୍ୟ ଉତ୍ତରଦାୟୀ ରହିବା ଉଚିତ। କୌଣସି ପ୍ରସଙ୍ଗରେ ଯେତେବେଳେ ବ୍ୟକ୍ତି ନିର୍ଣ୍ଣୟ ନିଏ ସେତେବେଳେ ବ୍ୟକ୍ତି ଏହାକୁ ଏକ ନୈତିକ ଦାୟିତ୍ୱର ସୁପରିଚାଳନା ବୋଲି ହୃଦୟଙ୍ଗମ କରିବା ଉଚିତ।

ନୀତି ଓ ଦାୟିତ୍ୱ ସଦାବେଳେ ମଣିଷକୁ ଉଚିତ୍ ମାର୍ଗରେ ଧାବମାନ କରାଇଥାଏ। ପରିବାରରେ ଯେତେବେଳେ ବରିଷ୍ଠମାନେ କୌଣସି ବିଷୟ ଉପରେ ନିର୍ଣ୍ଣୟ ନେଇଥା'ନ୍ତି, ତାହା ଥାଏ ସୀମିତ ଉଦ୍ଦେଶ୍ୟ ସହ ଜଡ଼ିତ ଓ ସେଥିରେ ପରିବାରର ସଦସ୍ୟମାନଙ୍କର ସ୍ଥିତି ନିହିତ ଥାଏ। ତାହା ମଧ୍ୟ ନୈତିକତାର ବିଚାରଧାରା ମଧ୍ୟରେ ହେବା ଉଚିତ। ସେହିଭଳି ସାମାଜିକ କ୍ଷେତ୍ରରେ ବା ଆନୁଷ୍ଠାନିକ କ୍ଷେତ୍ର ବା ସରକାରୀ କ୍ଷେତ୍ରରେ ଯେଉଁ ନିର୍ଣ୍ଣୟ ନିଆଯାଏ, ତାହା କୌଣସି ଗୋଷ୍ଠୀ ବା ସୀମିତ ଉଦ୍ଦେଶ୍ୟରେ ହେବା ଉଚିତ ନୁହେଁ। ସୀମିତ ଉଦ୍ଦେଶ୍ୟର ନିର୍ଣ୍ଣୟ ମଣିଷର ନୈତିକ ସ୍ଖଳନ ହୋଇ ସମଗ୍ର ସାମାଜିକ ସ୍ଥିତିକୁ ଧୀରେ ଧୀରେ ଦୁର୍ବଳ କରିଥାଏ, କାରଣ ତାହା ଥାଏ ସାମୂହିକ ସ୍ୱାର୍ଥର ସଙ୍କୋଚନ। ନିର୍ଣ୍ଣୟ ନେବା ଏକ ଅତ୍ୟାବଶ୍ୟକ ଦକ୍ଷତା, ଯାହା ବ୍ୟକ୍ତିଗତ ଜୀବନରେ ଆବଶ୍ୟକ। ନିର୍ଣ୍ଣୟ ନେବାର କ୍ଷମତା ହେଉଛି ଏକ ଦକ୍ଷତା, ଯାହା ପ୍ରାୟତଃ ଅଭିଜ୍ଞତା ମାଧ୍ୟମରେ ଶିଖାଯାଏ ଓ ବିବେକର ସୁ–ପ୍ରୟୋଗ ଦାରା ନିର୍ଦ୍ଧାରିତ ହୋଇଥାଏ।

ଦାୟିତ୍ୱକୁ ଗ୍ରହଣ କରିବାରେ ଯେତିକି ସାମର୍ଥ୍ୟ ଆବଶ୍ୟକ ହୋଇଥାଏ, ତାହାଠୁ ଅଧିକ ସାମର୍ଥ୍ୟ ଆବଶ୍ୟକ ହୋଇଥାଏ ତାହାକୁ ନିଷ୍ଠାର ସହ ପାଳନ କରିବା। ବ୍ୟକ୍ତି ଜାଣିବାକୁ ଚାହିଁବା ଉଚିତ ଯେ ଏକ ନିର୍ଣ୍ଣୟର କାହିଁକି ଆବଶ୍ୟକ, ଏହାଦ୍ୱାରା ଅନ୍ୟର ଜୀବନରେ କ'ଣ ପରିବର୍ତ୍ତନ ହେବ ଓ ନିର୍ଣ୍ଣୟ ବିଷୟରେ ବ୍ୟକ୍ତି ପାଇଁ ବା ସମାଜ ଲାଗି କ'ଣ ଗୁରୁତ୍ୱପୂର୍ଣ୍ଣ ନିହିତ ରହିଥାଏ। ଅତଏବ୍ ତର୍ଜମା ଓ ଅନୁସନ୍ଧାନ ତଥା ଅନୁଶୀଳନ ହେଉଛି ନୈତିକ ଦାୟିତ୍ୱର ମାନଦଣ୍ଡ। ଉକ୍ତ କାରଣଗୁଡ଼ିକର ସମୀକ୍ଷା କରିବା ପରେ ବ୍ୟକ୍ତି କିଛି ବିକଳ୍ପ ସହିତ ନିର୍ଣ୍ଣୟ ନେବା ଉଚିତ, ଯେଉଁଥିରେ ବ୍ୟକ୍ତିର ଉଦ୍ଦେଶ୍ୟ ନିହିତ ରହିଥାଏ ଯେ ବ୍ୟକ୍ତି କେଉଁ ଉପାୟରେ ସମସ୍ୟାର ସମାଧାନ କରିବାକୁ ଚାହୁଁଛନ୍ତି ଓ ତାହାର ସକାରାତ୍ମକ ପ୍ରକ୍ରିୟା କେତେମାତ୍ରାରେ ବ୍ୟକ୍ତି ବା ସମାଜ ପାଇଁ ଉଦ୍ଦିଷ୍ଟ ହୋଇପାରିବ। ନିର୍ଣ୍ଣୟ ନେବାବେଳେ ବ୍ୟକ୍ତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଏକ ଉତ୍ତମ ନିର୍ଣ୍ଣୟ ଓ ଖରାପ ନିର୍ଣ୍ଣୟ ମଧ୍ୟରେ ପାର୍ଥକ୍ୟକୁ ଜାଣିବା ଓ ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତକୁ ଦୂରଦୃଷ୍ଟିରେ ପ୍ରକ୍ଷାଳନ କରିବା। ଏକ ଭଲ ନିର୍ଣ୍ଣୟ ଓ ଏକ ଖରାପ ନିର୍ଣ୍ଣୟ ମଧ୍ୟରେ ପ୍ରାଥମିକ ପାର୍ଥକ୍ୟ ହେଉଛି ଏହାର ପ୍ରଭାବ ବ୍ୟକ୍ତିର ଜୀବନରେ କେତେ ଓ କେଉଁ ମାତ୍ରାରେ ଉପଯୋଗ ହୋଇଥାଏ। ସେଦୃଷ୍ଟିରୁ ବିଚାରକଲେ ଏକ ଉତ୍ତମ ନିର୍ଣ୍ଣୟ ହେଉଛି ଯାହା ବ୍ୟକ୍ତିର ଜୀବନରେ ସକାରାତ୍ମକ ପ୍ରଭାବ



ପକାଇଥାଏ, ଯେତେବେଳେ ଏକ ଖରାପ ନିଷ୍ପତ୍ତି ବ୍ୟକ୍ତିର ଜୀବନ ଉପରେ ନକାରାତ୍ମକ ପ୍ରଭାବ ମଧ୍ୟ ପକାଇଥାଏ। ମାତ୍ର ଉତ୍ତମ ନୈତିକ ଦାୟିତ୍ୱବୋଧ ନିର୍ଣ୍ଣୟ ସାଧାରଣତଃ ଅଧିକ ସୁଯୋଗ ଆଣିଥାଏ ଓ ତାହା ସର୍ବଜନରେ ଆଦୃତ ମଧ୍ୟ ହୋଇଥାଏ। ତଥାପି, ଅନେକ କ୍ଷେତ୍ରରେ କେତେକ ପରିସ୍ଥିତିରେ ଯେତେବେଳେ ବ୍ୟକ୍ତି କୌଣସି ନ୍ୟୂନ ନିର୍ଣ୍ଣୟ ନିଅନ୍ତି, ଏହାର ପ୍ରତିକ୍ରିୟା ସଙ୍ଗେସଙ୍ଗେ ସମାଜର କୋଣ ଅନୁକୋଣରେ ବିଚ୍ଛୁରିତ ହୋଇଥାଏ, ସେତେବେଳେ ତାହା ସମାଲୋଚିତ ହୋଇ ନ୍ୟୂନତାର ଦୁଷ୍ଟୀକରଣକୁ ଧିକ୍କାର ଦେଇଥାଏ। ମାତ୍ର ଉପଯୁକ୍ତ ନୈତିକ ଦାୟିତ୍ୱର ନିର୍ଣ୍ଣୟ ଦୀର୍ଘସ୍ଥାୟୀ ହୋଇ ସମାଜର ହିତ ସାଧନ କରିବାରେ ସହାୟକ ହୋଇଥାଏ। ଉତ୍ତମ ନିର୍ଣ୍ଣୟ ବିବେକର ଲକ୍ଷ୍ୟ ହାସଲ କରେ ଓ ଖରାପ ନିର୍ଣ୍ଣୟ ଦୁଷ୍ଟୀକରଣ କରି ଏକ ଅବାଞ୍ଛିତ ଉପାୟରେ ବଳପୂର୍ବକ ପ୍ରୟୋଗ ହୋଇଥାଏ, ଯାହା ଥାଏ ଅପରିପକ୍ୱତାର ନିଦର୍ଶନ। ମଣିଷ ଜୀବନରେ ପରିଚାଳନାରେ ଥିବା ସମସ୍ତ ସମସ୍ୟା ମଧ୍ୟରୁ ନିର୍ଣ୍ଣୟ ନେବା ସମସ୍ୟା ହେଉଛି ସବୁଠାରୁ କଷ୍ଟସାଧ କାର୍ଯ୍ୟ, କାରଣ ସେଥିରେ ଥାଏ ଆତ୍ମିକ ବିଚାରଧାରା। ସାଧାରଣ ଜୀବନରେ ମଧ୍ୟ 'କରିବା ବା ନ କରିବା' ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ, ଯାହା ଜଣେ ବ୍ୟକ୍ତିର କାର୍ଯ୍ୟକୁ ତର୍ଜମା କରିଥାଏ। ଅନ୍ୟପକ୍ଷରେ ନିର୍ଣ୍ଣୟ ନେବାରେ ମଧ୍ୟ ସମୟର ସଦୁପଯୋଗ ହେବା ନିତାନ୍ତ ଆବଶ୍ୟକ, କାରଣ ଉପଯୁକ୍ତ ସମୟରେ ଉପଯୁକ୍ତ ନିର୍ଣ୍ଣୟ ନ ନେଲେ କାର୍ଯ୍ୟ ଫଳପ୍ରସୂ ହୋଇ ନ ଥାଏ ।

ଅତୀତର ପୁରାଣ, ଗ୍ରନ୍ଥ, ରାମାୟଣ, ମହାଭାରତରେ ଅନେକ ଦୃଷ୍ଟାନ୍ତ ଏ ମଣିଷ ସମାଜ ଜାଣିଛି ଓ ତଦନୁଯାୟୀ ନିର୍ଣ୍ଣୟ ନେବା ମଧ୍ୟ ଆବଶ୍ୟକ, ଯାହା ସମୟୋପଯୋଗୀ ହେବା ଉଚିତ। ସରକାରୀ, ବେସରକାରୀ କିମ୍ବା ସାର୍ବଜନୀନ ସଂଗଠନର ଅର୍ଥ ହେଉଛି ଚରମ ବିଶ୍ଳେଷଣରେ ଠିକ୍ ଓ ଦାୟିତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେବା। ଜଣେ ଭଲ ନେତା ହେଉଛନ୍ତି ସିଏ, ଯିଏ ନିଷ୍ପତ୍ତି ନେଇପାରିବେ। କିଏ କ'ଣ କରିବ ବା ନ କରିବ ସମସ୍ୟାର ସମାଧାନ କରିପାରିବେ ଓ ନିର୍ଣ୍ଣୟର ନିଷ୍ପତ୍ତି ନେବା ପାଇଁ ଯିଏ ସ୍ୱେଚ୍ଛାକୃତ ଭାବେ ଦାୟିତ୍ୱ ଗ୍ରହଣ କରିପାରିବ। ବାସ୍ତବରେ ଦାୟିତ୍ୱ ହେଉଛି ଏକ ଭାର, ଯାହା ବର୍ତ୍ତମାନର ସମାଜରେ ଅନେକଙ୍କ ମଧ୍ୟରୁ ଅଧିକାଂଶ ଭଲଭାବେ ବହନ କରନ୍ତି ନାହିଁ ଓ ଅଧିକାଂଶ ଗ୍ରହଣ କରିବାକୁ ଇଚ୍ଛୁକ ନୁହନ୍ତି। କିନ୍ତୁ ନେତୃତ୍ୱର ଅର୍ଥ ହେଉଛି ନିର୍ଣ୍ଣୟ ନିଆଯିବା ଓ ଦାୟିତ୍ୱ ଗ୍ରହଣ କରାଯିବା ଆବଶ୍ୟକ ତାହା ପୁଣି ନୈତିକ ବିଚାରଧାରା ଉପରେ ପର୍ଯ୍ୟବସିତ ହେବା ଆବଶ୍ୟକ। ଜଣେ ବ୍ୟକ୍ତି ଠିକ୍ ନିର୍ଣ୍ଣୟ ନେବାକୁ ହେଲେ, ସେ ତାଙ୍କ ବ୍ୟକ୍ତିତ୍ୱର କିଛି ବୈଶିଷ୍ଟ୍ୟ ଧାରଣ କରିବା ଆବଶ୍ୟକ। ଭାବନା ସହିତ ଚିନ୍ତା କରିବା ପାଇଁ ବ୍ୟକ୍ତିଙ୍କୁ ନୈତିକ ଅନୁଶାସନକୁ ପାଥେୟ କରିବା ଆବଶ୍ୟକ। ନୈତିକ ଦାୟିତ୍ୱ ଯାହା ନିଜକୁ ଏକ ଅନୁଶାସିତ ବ୍ୟବସ୍ଥା ଭାବରେ ପରିପ୍ରକାଶ କରେ, ଏକ ନୈତିକ ବିଚାରର ସ୍ୱଭାବ ଓ ଏକ ଆତ୍ମସଚେତନ ନୈତିକ ଆଭିମୁଖ୍ୟ ସହିତ ନୈତିକ ଶକ୍ତି ତଥା ନୈତିକ ଭାବନା ଉପରେ କାର୍ଯ୍ୟ କରିବା, ନିଷ୍ପତ୍ତି ନେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସମ୍ପ୍ରତି ସମାଜରେ ସାମୂହିକ ନିର୍ଣ୍ଣୟକୁ ନିଷ୍ପତ୍ତିରେ ପରିଣତ କରିବା ପାଇଁ ଅନେକ କ୍ଷେତ୍ରରେ ଏକ ଚାପ ଗୋଷ୍ଠୀ ସକ୍ରିୟ ହେଉଅଛି, ଯାହା ନୈତିକ ନିର୍ଣ୍ଣୟ ନେବାରେ ବାଧକ ହୋଇଥାଏ ଓ ଦାୟିତ୍ୱର ସୁପ୍ରୟୋଗ ହୋଇପାରି ନ ଥାଏ। ନିର୍ଣ୍ଣୟର ନୈତିକ ଦାୟିତ୍ୱକୁ ଉପଯୁକ୍ତ ଭାବେ ପ୍ରୟୋଗ କଲେ ସମାଜରେ ଅସମାନତା ଓ ଦୁଷ୍ଟୀକରଣ ବ୍ୟବସ୍ଥାର ବିଲୋପ ହୋଇପାରନ୍ତା ଓ ବିଶ୍ୱାସରୁ ଆତ୍ମବିଶ୍ୱାସର ସୃଷ୍ଟିହୋଇ ସମାଜ, ଦେଶ ଓ ଜାତିର ସମୃଦ୍ଧି ହୋଇପାରନ୍ତା।

**ଅଭିଲେଖାଧିକାରୀ, ଜାତୀୟ ଅଭିଲେଖାଗାର, ଭାରତ ସରକାର**
**ମୋ: ୯୯୩୭୩୪୫୯୦୦**

## ପାଠକ ଶ୍ରେଷ୍ଠ ବିଚାରକ

### ସାଇବର କ୍ରାଇମ୍

ମହାଶୟ,

ସାଇବର ଅପରାଧ ଏବେ ରାଜ୍ୟରେ ଚହଳ ସୃଷ୍ଟି କରିଛି। ବିଶେଷ କରି ମଧ୍ୟବିତ୍ତ ବର୍ଗର ଲୋକମାନେ ଏହାର ଶିକାର ହେଉଛନ୍ତି। ଟେକ୍ନୋଲୋଜିର ସାହାରା ନେଇ ଅପରାଧୀମାନେ ନିଜର କଳାସାମ୍ରାଜ୍ୟ ବଢ଼ାଇବାରେ ଲାଗିଛନ୍ତି। ସାଇବର ଅପରାଧ ବିଶେଷଭାବରେ କିଛି ନିର୍ଦ୍ଦିଷ୍ଟ ଅପରାଧୀମାନେ ଅନ୍ୟ ସ୍ଥାନରୁ ଚଳାଉଛନ୍ତି। ବିଭିନ୍ନ ବାହାନା ଯେମିତି ଲଟେରି ଜିତିବା, କ୍ରେଡିଟ୍ ଓ ଡେବିଟ୍ କାର୍ଡ ବ୍ଲକ ହୋଇଯାଇଛି। ଓଟିପି ଶେୟାର କରନ୍ତୁ, ଆକାଉଣ୍ଟ ହ୍ୟାକ୍ କିମ୍ବା ବ୍ଲକ୍ ହୋଇଯିବା କହି ଲୋକଙ୍କୁ ଠକିବାକୁ ଚେଷ୍ଟା କରୁଛନ୍ତି। ସାମାନ୍ୟତମ ଭୁଲ୍ କିମ୍ବା ଅସାବଧାନତା ଜୀବନଯାକର ଝାଳବୁହା ଧନକୁ ନେଇଯିବାର ସାମର୍ଥ୍ୟ ରଖୁଛନ୍ତି। ସର୍ବଦା ସାବଧାନତା ଅବଲମ୍ବନ କରିବା ଏକମାତ୍ର ବାଟ।

**–ସତ୍ୟସିଂହ ଶତପଥୀ, ସିଏସ୍‌ପୁର ଏଚ୍‌ବି କଲୋନି, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜନନୀଙ୍କୁ ନ ଦେଖି କାନ୍ଦେ ନନ୍ଦନ
ନ ମାନଇ ଦୁହିତା ପିତା ବଚନ!
ସ୍ୱାମୀ କଥା ନ ଶୁଣେ କୁଳ ରମଣୀ
ସମାଜର ନିୟମ କେହି ନ ଗଣି!
–(ବଂଶୀ ଧ୍ୱନି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଆମ ଓଡ଼ିଶା ନବୀନ ଓଡ଼ିଶା

# ସୁନ୍ଦରଗଡ଼, ଢେଙ୍କାନାଳ, ବୌଦ୍ଧ ସାମିଲ

- ଗାଁରେ ଆଧୁନିକ ଓଡ଼ିଶାର ଭିତ୍ତି ରଖିବ: ମୁଖ୍ୟମନ୍ତ୍ରୀ
- ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ସାକାର କରି ମା'ମାନେ ନବୀନ ଓଡ଼ିଶାର ମଙ୍ଗ ଧରିଛନ୍ତି: ପାଣ୍ଡିଆନ

ଭୁବନେଶ୍ୱର,୮।୧୧(ଅନିଲ ଦାସ)



ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଦ୍ୱାଦଶ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ଼, ଢେଙ୍କାନାଳ ଓ ବୌଦ୍ଧ ଜିଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ସୁନ୍ଦରଗଡ଼ ଜିଲାର ସୁନ୍ଦରଗଡ଼, ତଳସରା, ବୀରମିତ୍ରପୁର, ରଘୁନାଥପାଲି, ରାଜଗାଙ୍ଗପୁର ଓ ବଣାଇ ନିର୍ବାଚନମଣ୍ଡଳୀକୁ ୧୩୯.୫୦କୋଟି ଟଙ୍କା ମିଳିଥିବାବେଳେ ଢେଙ୍କାନାଳ ଜିଲାର ଢେଙ୍କାନାଳ, କାମାକ୍ଷାନଗର, ପରଜଙ୍ଗ, ହିନ୍ଦୋଳ ନିର୍ବାଚନମଣ୍ଡଳୀ ପାଇଁ ୧୦୬ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି ବୌଦ୍ଧ ଜିଲାର କଣ୍ଟାମାଳ, ବୌଦ୍ଧ ନିର୍ବାଚନମଣ୍ଡଳୀକୁ ୩୪.୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତିର ପ୍ରସାର, ପ୍ରତି ପୂଜାସ୍ଥଳୀର ବିକାଶ ସହ ଡିଜିଟାଲ ଭିତ୍ତିଭୂମିର ମଧ୍ୟ ବିକାଶ କରାଯିବ। ଏକ ଆକାଂକ୍ଷୀ ଓଡ଼ିଶା ଗଠନ ପାଇଁ ଏହା ମୂଳଭିତ୍ତି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଗାଁ ଗାଁରେ ଆଧୁନିକ ଓଡ଼ିଶାର ଭିତ୍ତି ସ୍ଥାପନ ହେବ। ସବୁ ଗାଁର ବିକାଶ ଆମର ଲକ୍ଷ୍ୟ। ଗାଁରେ ସମସ୍ତଙ୍କୁ ବିକାଶର ଗ୍ୟାରେଣ୍ଟି ମିଳିବ। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ଓଡ଼ିଶା ହେଉଛି ଜଗନ୍ନାଥଙ୍କ ଭୂମି। ଜାତି, ଧର୍ମ, ସମ୍ପ୍ରଦାୟ ନିର୍ବିଶେଷରେ ଏହା ସମସ୍ତଙ୍କୁ ନିଜର କରିପାରିଛି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ। ପ୍ରତି ପୂଜାସ୍ଥଳୀର ବିକାଶ କରାଯିବ। ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରତି ଗାଁରେ ଇଣ୍ଟରନେଟ୍ ସଂଯୋଗ ମିଳିବ। ବିଜ୍ଞାନ ପାର୍କ ସହ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ ହେବ। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଫଳ ରୂପାୟନରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଛନ୍ତି। ସେ କହିଛନ୍ତି, ଏବେ ଓଡ଼ିଶାରେ ଗାଁ ଲୋକମାନେ ବିକାଶର ପ୍ରକୃତ ଭାଗୀଦାରି ହୋଇଛନ୍ତି। ଆମେ ସମସ୍ତେ ମିଶି ଗାଁର ବିକାଶ କରିବୁ, ଭଲ କାମ କରିବୁ, ଶୀଘ୍ର କରିବୁ ଓ ସ୍ୱଚ୍ଛତାର ସହ କରିବୁ। ମା'ମାନଙ୍କୁ ସଶକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଆଜି ସଫଳ ହୋଇଛି। ମା'ମାନେ ହିଁ ନବୀନ ଓଡ଼ିଶାର ମଙ୍ଗ ଧରିଛନ୍ତି ବୋଲି ପାଣ୍ଡିଆନ କହିଛନ୍ତି। ସୁନ୍ଦରଗଡ଼ ଜିଲା କାର୍ଯ୍ୟକ୍ରମରେ ପାଣ୍ଡିଆନ କହିଛନ୍ତି, ସୁନ୍ଦରଗଡ଼ ଲୋକଙ୍କ ହକି ପ୍ରତି ପ୍ରବଳ ଉତ୍ସାହକୁ ମୁଖ୍ୟମନ୍ତ୍ରୀ ଭଲ ଭାବରେ ଅନୁଭବ କରିଛନ୍ତି। ସେମାନଙ୍କ ମନୋଭାବକୁ ସମ୍ମାନ ଜଣାଇ ସେ ସୁନ୍ଦରଗଡ଼ରେ ବିଶ୍ୱକପ୍ ହକିର ଆୟୋଜନ କରିଥିଲେ ଏବଂ ଏଥିପାଇଁ ଏକ ସୁନ୍ଦର ଅନ୍ତର୍ଜାତୀୟ ମାନର ହକି ଷ୍ଟାଡିୟମ ନିର୍ମାଣ କରିଛନ୍ତି। ହକିର ବିକାଶ ପାଇଁ ସୁନ୍ଦରଗଡ଼ର ପ୍ରତି ବ୍ଲକକୁ ଆଷ୍ଟ୍ରୋଟର୍ଫ ମଧ୍ୟ ଦେଇଛନ୍ତି ବୋଲି ସେ କହିଛନ୍ତି। ସୁନ୍ଦରଗଡ଼ ଜିଲାର ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀରେ ୧୭ ପ୍ରକଳ୍ପ ପାଇଁ ୨୭୯.୪୨ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ତଳସରା ନିର୍ବାଚନମଣ୍ଡଳୀରେ ୧୬ ପ୍ରକଳ୍ପ ପାଇଁ ୧୬୦.୫୩ କୋଟି, ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ୮ ପ୍ରକଳ୍ପ ପାଇଁ ୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ରଘୁନାଥପାଲି ନିର୍ବାଚନମଣ୍ଡଳୀରେ ଗୋଟିଏ ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା, ବଣାଇ ନିର୍ବାଚନମଣ୍ଡଳୀରେ ୧୧ ପ୍ରକଳ୍ପ ପାଇଁ ୬.୩୧ କୋଟି, ରାଉରକେଲା ନିର୍ବାଚନମଣ୍ଡଳୀରେ ୧୨ ପ୍ରକଳ୍ପ ପାଇଁ ୧୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି ସୁନ୍ଦରଗଡ଼ ଜିଲାର ୬ ନିର୍ବାଚନମଣ୍ଡଳୀରେ ସମୁଦାୟ ୬୫ ପ୍ରକଳ୍ପ ପାଇଁ ୪୬୩.୭୬ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ କହିଛନ୍ତି।

ଢେଙ୍କାନାଳ ଜିଲାର ଢେଙ୍କାନାଳ ନିର୍ବାଚନମଣ୍ଡଳୀରେ ୯ ପ୍ରକଳ୍ପ ପାଇଁ ୧୨୭.୭୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି କାମାକ୍ଷାନଗର ନିର୍ବାଚନମଣ୍ଡଳୀରେ ୧୫ ପ୍ରକଳ୍ପ ପାଇଁ ୧୧.୨୯ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ପରଜଙ୍ଗ ନିର୍ବାଚନମଣ୍ଡଳୀରେ ୬ ପ୍ରକଳ୍ପ ପାଇଁ ୩.୫୧ କୋଟି, ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ୭ ପ୍ରକଳ୍ପ ପାଇଁ ୧୬.୯୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ଢେଙ୍କାନାଳ ଜିଲାର ୪ ନିର୍ବାଚନମଣ୍ଡଳୀରେ ସମୁଦାୟ ୩୭ ପ୍ରକଳ୍ପ ପାଇଁ ୧୫୯.୪୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ବୌଦ୍ଧ ଜିଲାର କଣ୍ଟାମାଳ ନିର୍ବାଚନମଣ୍ଡଳୀରେ ୬ ପ୍ରକଳ୍ପ ପାଇଁ ୧୧୨୮ କୋଟି ଟଙ୍କା ମଞ୍ଜୁର କରାଯାଇଥିବାବେଳେ ବୌଦ୍ଧ ନିର୍ବାଚନମଣ୍ଡଳୀରେ ୧୧ ପ୍ରକଳ୍ପ ପାଇଁ ୧୨.୮୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି ବୌଦ୍ଧ ଜିଲାର ୨ ନିର୍ବାଚନମଣ୍ଡଳୀରେ ସମୁଦାୟ ୧୭ ପ୍ରକଳ୍ପ ପାଇଁ ୧୧୪୧.୮୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ୩ ଜିଲାରେ ସମୁଦାୟ ୧୧୯ ପ୍ରକଳ୍ପ ପାଇଁ ୧୭୬୫.୦୩ କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ପ୍ରଫୁଲ୍ଲ ମଲ୍ଲିକ, ପ୍ରୀତିରଞ୍ଜନ ଘଡ଼େଇ, ପ୍ରଦୀପ ଅମାତ, ବିଧାୟକ ସୁବ୍ରତ ତରାଇ, ସୁଧୀର ସାମଲ, ନୃସିଂହ ସାହୁ, ଏମ୍‌ପି ମହେଶ ସାହୁ, ମହୀଧର ରଣାଙ୍କ ସମେତ ଜିଲା ପରିଷଦ ସଭାପତି, ନିର୍ବାଚିତ ପ୍ରତିନିଧିମାନେ ଆଭାସି ମାଧ୍ୟମରେ ଆଲୋଚନାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ୩ ଜିଲାର ଜିଲାପାଳ ଧନ୍ୟବାଦ ଦେଇଥିଲେ।

# ବାଘ ଛାଲ କାରବାର ବେଳେ ମାଡ଼ି ବସିଲା ଏସ୍‌ଟିଏଫ୍, ୨ ଗିରଫ



ଜବତ ବାଘ ଛାଲ।

ରାୟଗଡ଼ା, ୮।୧୧
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନସ୍ଥ ତାମ୍ପରାବୁଡୁଣି ଛକରେ ବାଘ ଛାଲ କାରବାର ଚାଲିଥିବାବେଳେ ମାଡ଼ି ବସିଲା କ୍ରାଇମବ୍ରାଚ ସ୍ପେସାଲ ଟାସ୍କଫୋର୍ସ। ମଙ୍ଗଳବାର ରାତିରେ ଏସ୍‌ଟିଏଫ୍ ୨ ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨ଟି କଲରାପତରିଆ ବାଘ ଛାଲ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଚନ୍ଦ୍ରପୁର ଥାନା ବିଜାପୁର ଗ୍ରାମର ବିକ୍ରମ ମାଝି ଓ ରାଜା ମାଝି। ଏ ନେଇ ଏସଟିଏଫ୍ ୨୭/୨୩ରେ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ରାୟଗଡ଼ା କୋର୍ଟକୁ ଚାଲାଣ କରିଛି। ଜବତ ବାଘ ଛାଲକୁ ବାୟୋଲୋଜିକାଲ ଟେଷ୍ଟ ପାଇଁ ଡେରାଡୁନ୍ ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟକୁ ପଠାଯିବ ବୋଲି ଜଣାପଡ଼ିଛି। ଜବତ ବାଘ ଛାଲ କେବେ ଓ କେଉଁଠାରୁ ଆସିଛି ତାହାର କୌଣସି ସତ୍ୟତା ଜଣାପଡ଼ିନାହିଁ। ଗିରଫ ୨ ଅଭିଯୁକ୍ତଙ୍କ ଘର ରାୟଗଡ଼ା, ଗଜପତି ଓ କନ୍ଧମାଳ ଜଙ୍ଗଲ ସୀମାରେ ଅବସ୍ଥିତ ଚନ୍ଦ୍ରପୁର ବ୍ଲକର ବିଜାପୁର ହୋଇଥିବାରୁ ଅଭିଯୁକ୍ତମାନେ କଲରାପତରିଆ ବାଘ ଶିକାର କରିବା ପରେ ଛାଲ ବାହାର କରି ବିକ୍ରି ପାଇଁ ଆଣିଥିବା ଏସ୍‌ଟିଏଫ ସନ୍ଦେହ କରୁଛି।

ବନ ବିଭାଗ ପକ୍ଷରୁ ୨୦୧୬ରେ ହୋଇଥିବା ବ୍ୟାଘ୍ରଗଣନା ଅନୁସାରେ ଜିଲାର ବିଭିନ୍ନ ଜଙ୍ଗଲରେ ୬ଟି କଲରାପତରିଆ ବାଘ ଥିଲେ। ମୁନିଗୁଡ଼ା ରେଞ୍ଜ ଅନ୍ତର୍ଗତ ଚନ୍ଦ୍ରପୁର ଜଙ୍ଗଲରେ ୨ଟି କଲରାପତରିଆ ବାଘ ରହିଥଲେ। ଚଳିତ ବର୍ଷ ଅକ୍ଟୋବରରେ ଶେଷ ହୋଇଥିବା ବ୍ୟାଘ୍ର ଗଣନାରେ ବନ ବିଭାଗ ଗୋଟିଏ ବି ହେଲେ ବାଘର ପତ୍ତା ପାଇ ନ ଥିଲା। ରାୟଗଡ଼ା ଜିଲାରେ ଥିବା ଜଙ୍ଗଲ ବାଘ ଶୂନ୍ୟ ହେବା ବନ ବିଭାଗର କାର୍ଯ୍ୟକଳାପ ଉପରେ ସନ୍ଦେହ ସୃଷ୍ଟି କରୁଛି। ତେଣୁ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ରହିଥିବା ସାଧାରଣରେ ମତ ପ୍ରକାଶ ପାଇଛି।

# ମହିଳାଙ୍କୁ ଗଳାକାଟି ହତ୍ୟା

ବୈପାରିଗୁଡା,୮।୧୧ (କଳ୍ପତରୁ ମହାନ୍ତି)

ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ଗୁପ୍ତେଶ୍ୱର ନିକଟସ୍ଥ ଶୁକୁନାଳ ନିକଟରୁ ବୁଧବାର ଜବତ ହୋଇଛି। ତାଙ୍କ ଗଳା କଟାଯାଇଥିବା ଦେଖିବାକୁ ମିଳିଛି। ଫଳରେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରି ବୈପାରିଗୁଡା ପୋଲିସ ତଦନ୍ତକୁ ଜୋରଦାର କରିଛି। ସୂଚନାଯୋଗ୍ୟ, ମଙ୍ଗଳବାର ସକାଳେ ଏହି ମହିଳା ଜଣକ କ୍ଷତାକ୍ତ ଅବସ୍ଥାରେ ବୈପାରିଗୁଡା ଛକରେ ବୁଲୁଥିବା ଦେଖିବାକୁ ମିଳିଥିଲା। ମହିଳାଙ୍କ ଗୋଟିଏ ହାତରେ ଛୁରାମାଡ ହୋଇଥିବା ବେଳେ ମୁହଁରେ ଆଘାତ ଚିହ୍ନ ଥିଲା। ସେ ତାଙ୍କ ଘର ମାଲକାନାଗିରି ଜିଲା କହୁଥିବା ବେଳେ ଉକ୍ତ ଅଞ୍ଚଳରେ ତାଙ୍କର କେହି ପରିଚିତ ବ୍ୟକ୍ତି ଥିବା କହୁଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣକ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିବାରେ ସେ ପ୍ରତିବନ୍ଧକ ଥିବାରୁ ତାଙ୍କୁ ଯୋଜନାବଦ୍ଧ ଭାବେ ଏଠାକୁ ଡାକି ଆକ୍ରମଣ କରାଯାଇଥିବା ସମ୍ପୃକ୍ତା ମହିଳା ଜଣକ ମଙ୍ଗଳବାର କହୁଥିବା ଶୁଣିବାକୁ ମିଳିଥିଲା। ତେବେ ବୁଧବାର ତାଙ୍କ ମୃତଦେହ ଶୁକୁନାଳ ନିକଟରୁ ମିଳିଥିଲା।

# ପଞ୍ଚାୟତିରାଜ ସଚିବଙ୍କୁ ଜବାବ ତଲବ

କଟକ,୮।୧୧ (କାର୍ତ୍ତିକ ସାହୁ)

**ମହିଳା ସରପଞ୍ଚଙ୍କ ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ମାମଲା**

- ସରପଞ୍ଚ ସାଜିଛନ୍ତି ସରପଞ୍ଚଙ୍କ ସ୍ୱାମୀ
- ଡିସେମ୍ବର ୫ରେ ପରବର୍ତ୍ତୀ ଶୁଣାଣି



ପଞ୍ଚାୟତିରାଜ ବ୍ୟବସ୍ଥାରେ ସରକାର ପଞ୍ଚାୟତ ସ୍ତରରେ କ୍ଷମତାର ବିକେନ୍ଦ୍ରୀକରଣ ସହ ଶାସନକୁ ଲୋକଙ୍କ ନିକଟତର କରିଛନ୍ତି। ଗ୍ରାମର ଲୋକମାନେ ପଞ୍ଚାୟତର ମୁଖ୍ୟ ସରପଞ୍ଚଙ୍କ ମାଧ୍ୟମରେ ସେମାନଙ୍କ ସମସ୍ୟା ସମାଧାନ କରାଇବାର ଲକ୍ଷ୍ୟ ରଖାଯାଇଛି। ମହିଳା ସଶକ୍ତୀକରଣ ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କୁ ଏକତୃତୀୟାଂଶ ସିଟ୍ ପ୍ରଦାନ ନିମନ୍ତେ କେନ୍ଦ୍ର ସରକାର ନିୟମ କରିଥିବାବେଳେ ଓଡ଼ିଶାରେ ୫୦% ସିଟ୍ ମହିଳାଙ୍କ ପାଇଁ ରଖାଯାଇଛି। ହେଲେ ନିର୍ବାଚିତ ମହିଳା ସରପଞ୍ଚମାନଙ୍କ ସ୍ୱାମୀ ସରପଞ୍ଚପତି ଭାବେ ପ୍ରକୃତ କ୍ଷମତା ଉପଯୋଗ କରୁଛନ୍ତି। ଏହାଦ୍ୱାରା ସେହି ମହିଳା ସରପଞ୍ଚଙ୍କ ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ହେବା ସହ ସରକାରଙ୍କ ମହିଳା ସଶକ୍ତୀକରଣକୁ ଶକ୍ତ ଧକ୍କା ଲାଗୁଛି। କଳାହାଣ୍ଡି ଜିଲା ଚାପ୍ରିଆ ପଞ୍ଚାୟତର ମହିଳା ସରପଞ୍ଚଙ୍କ ସ୍ୱାମୀ ଏଭଳି ସରପଞ୍ଚପତି ଭାବେ ସମସ୍ତ କାର୍ଯ୍ୟ ତୁଲାଇବାକୁ ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ବିଚାରପତି ଏସ୍. କେ. ପାଣିଗ୍ରାହୀ ବୁଧବାର ମାମଲାର ଶୁଣାଣି କରି ପଞ୍ଚାୟତିରାଜ ବିଭାଗର ସଚିବଙ୍କୁ ଜବାବ ତଲବ କରିଛନ୍ତି। ସରପଞ୍ଚଙ୍କ ବଦଳରେ କାମ କରୁଥିବା ପ୍ରକ୍ସି ସରପଞ୍ଚଙ୍କ ବିରୋଧରେ ବିଭାଗ ପକ୍ଷରୁ କ'ଣ ସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ସେନେଇ ସତ୍ୟପାଠ ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମହିଳା ସରପଞ୍ଚଙ୍କ ଦକ୍ଷତାବୃଦ୍ଧି ତାଲିମ ପାଇଁ କି ପଦକ୍ଷେପ ନିଆଯାଇଛି ସେନେଇ ଜଣାଇବାକୁ ନିର୍ଦ୍ଦେଶ ରହିଛି। ଏପରି କି ଜିଲାସ୍ତରରେ ଏଭଳି ପ୍ରକ୍ସି ସରପଞ୍ଚଙ୍କ ବିରୋଧରେ ଅଭିଯୋଗ ଦାଖଲ ପାଇଁ କି କୌଶଳ ଉପଯୋଗ କରାଯାଇଛି ସେନେଇ ମଧ୍ୟ ସତ୍ୟପାଠ ଦାଖଲ କରିବାକୁ ପଞ୍ଚାୟତିରାଜ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଡିସେମ୍ବର ୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆବେଦନକାରୀ ମନୋଜ କୁମାର ମଙ୍ଗରାଜଙ୍କ ପକ୍ଷରୁ ଆଗତ ଏହି ମାମଲାରେ କଳାହାଣ୍ଡି ଜିଲାପାଳ, ପଞ୍ଚାୟତିରାଜ ବିଭାଗ ସଚିବ ଓ ଅନ୍ୟମାନେ ପକ୍ଷଭୁକ୍ତ ଅଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଜେ. ପଣ୍ଡା ମାମଲା ପରିଚାଳନା କରୁଛନ୍ତି।

ଜାଲ୍ ସାର୍ଟିଫିକେଟ ମାମଲା

# କାର୍ଯ୍ୟାନୁଷ୍ଠାନରେ ବିଳମ୍ବ

## ଚାକିରିରୁ ବହିଷ୍କୃତର ୬ମାସ ପରେ ପ୍ରଧାନଶିକ୍ଷକ ଗିରଫ

ବଲାଙ୍ଗୀର, ୮।୧୧
(ବୀରେନ୍ଦ୍ର କୁମାର ଝାଙ୍କର)

- ବିଏଡ୍ ସାର୍ଟିଫିକେଟ, ମାର୍କଶିଟ୍ ଜାଲିଆତି କରି ଧରାପଡିଥିଲେ
- ଭିଆର୍‌ଏସ୍ ଆବେଦନ କରି ଖସିବା ବାଟ କରିଥିଲେ
- ଏବିଇଓ, ୩ଶିକ୍ଷକ ଫେରାର
- ନକଲି ଶିକ୍ଷକଙ୍କୁ ଚିହ୍ନଟରେ ବିଳମ୍ବ, ଅଭିଭାବକ ଚିନ୍ତିତ



ଗିରଫ ବହିଷ୍କୃତ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ପଧାନ।

ନକଲି ଶିକ୍ଷକଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବହୁ ବିଳମ୍ବ ଘଟୁଛି। ଜାଲ୍ ସାର୍ଟିଫିକେଟ ଦେଇ ବହୁ ବ୍ୟକ୍ତି ଦୀର୍ଘ ବର୍ଷ ଧରି ଶିକ୍ଷକତା କରୁଥିଲେ ମଧ୍ୟ ସେମାନେ ଧରାପଡି ପାରୁନାହାନ୍ତି। ଏଭଳିକି ଶିକ୍ଷା ବିଭାଗ ଏବଂ ପୋଲିସର ଆନ୍ତରିକତା ଅଭାବରୁ ବହୁ ନକଲି ଶିକ୍ଷକ ବିଳମ୍ବରେ ଗିରଫ ହେଉଛନ୍ତି ଏବଂ ଅନେକେ ଫେରାର ହେବାରେ ସଫଳ ହେଉଛନ୍ତି। ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ୍ ଡଙ୍ଗାପଦର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ପଧାନ ଚାକିରିରୁ ବହିଷ୍କୃତ ହେବାର ପ୍ରାୟ ୬ ମାସ ପରେ ଗିରଫ ହୋଇଛନ୍ତି। ପଧାନ ବିଏଡ୍ ସାର୍ଟିଫିକେଟ ଜାଲିଆତି କରିଥିବା ନେଇ ୨୦୨୨ ମସିହାରୁ ଜଣାପଡିଥିଲା। ଗୁଡଭେଲା ବ୍ଲକ ଶିକ୍ଷା ଅଧିକାରୀ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଲେଖିଥିଲେ। ଯାଞ୍ଚ ରିପୋର୍ଟ ଆସିବା ପରେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିଏଡ୍ ସାର୍ଟିଫିକେଟ ଏବଂ ମାର୍କଶିଟ୍‌ରେ ଅନିୟମିତତା ହୋଇଥିବା ଜଣାପଡିଥିଲା। ବିଏଡ୍ ପରୀକ୍ଷାରେ ସେ ଫେଲ୍ ହୋଇଥିଲେ ମଧ୍ୟ ସାର୍ଟିଫିକେଟ ଜାଲିଆତି କରି ସେ ପାସ୍ କରିଥିବା ଦର୍ଶାଇଥିଲେ। ଏଭଳିକି ପଦୋନ୍ନତି ପାଇଁ ଏହି ଜାଲ ସାର୍ଟିଫିକେଟ ଦାଖଲ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଏହି ତଥ୍ୟ ଜଣାପଡିବା ପରେ ଗୁଡଭେଲା ବିଇଓ ପ୍ରଧାନ ଶିକ୍ଷକ ପଧାନଙ୍କ ନାଁରେ ମାମଲା ଅଭିଯୋଗ କରିଥିଲେ। ଗତ ଫେବୃୟାରୀ ମାସରେ ଗୁଡଭେଲା ଥାନାରେ ମାମଲା (୨୪/୨୦୨୩) ରୁଜୁ ହୋଇଥିଲେ ମଧ୍ୟ ପୋଲିସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ପ୍ରଧାନଶିକ୍ଷକ ପଧାନ ହାଇକୋର୍ଟର ଦ୍ୱାରସ୍ଥ ହୋଇ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ତାଙ୍କୁ ଜାମିନ୍ ଶୁଣାଣି ନ ହେବା ପର୍ଯ୍ୟନ୍ତ ଗିରଫ ନ କରିବାକୁ ନିର୍ଦ୍ଦେଶ ଦେବାରୁ ପୋଲିସ ତାଙ୍କୁ ଗିରଫ କରି ନ ଥିଲା। ୨୦୨୩ ଏପ୍ରିଲରେ ପ୍ରଧାନଶିକ୍ଷକ ପଧାନ ଚାକିରିରୁ ଅବସର ଗ୍ରହଣ କରିବାକୁ ଥିବାରୁ ଗୁଡଭେଲା ବିଇଓ ସେହି ମାସରେ ତାଙ୍କୁ ଚାକିରିରୁ ବହିଷ୍କୃତ କରିଥିଲେ। ଇତିମଧ୍ୟରେ ହାଇକୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ପୋଲିସ ଗତ ଗୁରୁବାର ବହିଷ୍କୃତ ପ୍ରଧାନଶିକ୍ଷକ ପଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଏସ୍‌ଡିପିଓ ତୋଫାନ୍ ବାଗ ସୂଚନା ଦେଇଛନ୍ତି।

ଚଳିତବର୍ଷ ମାର୍ଚ୍ଚରୁ ବଲାଙ୍ଗୀର ଜିଲାରେ କେବଳ ୪୦ରୁ ଉର୍ଦ୍ଧ୍ୱ ଲୋକଙ୍କ ନାଁରେ ଜାଲ୍ ସାର୍ଟିଫିକେଟରେ ସରକାରୀ ଚାକିରି ହଡ଼ପ ଅଭିଯୋଗ ହୋଇଛି। ସେଥିରୁ ୨୨ ଜଣଙ୍କୁ ପୋଲିସ ଗିରଫ କରିଥିବାବେଳେ ଜଣେ ଏବିଇଓ ଓ ୩ ଜଣ ଶିକ୍ଷକ ଫେରାର ହେବାରେ ସକ୍ଷମ ହୋଇଥିବା ଜଣାପଡିଛି। ଗତ ମାର୍ଚ୍ଚରେ ବଲାଙ୍ଗୀର ଜିଲାରେ ବହୁଚର୍ଚ୍ଚିତ ଡାକବିଭାଗରେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି ହଡପ ଉଦ୍ୟମ ଧରାପଡିଥିଲା। ଏହି ମାମଲାରେ ପୋଲିସ ୧୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣା ପରେ ସମଗ୍ର ଦେଶରେ କିଭଳି ଜାଲ ସାର୍ଟିଫିକେଟର ଚେର ବିଛେଇ ହୋଇଛି ତାହା ଜଣାପଡିଥିଲା। ଘଟଣାର ଗୁରୁତ୍ୱ ଉପଲବ୍ଧ କରି ସରକାର ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। ମାତ୍ର କ୍ରାଇମବ୍ରାଞ୍ଚ ବିଶେଷ ଅଗ୍ରଗତି କରିପାରି ନ ଥିଲା। ଫଳରେ ଏହି ଜାଲ ସାର୍ଟିଫିକେଟ ମାମଲା ଶିଥିଳ ପଡିଯାଇଥିଲା। ତେବେ ଜାଲ୍ ସାର୍ଟିଫିକେଟ ମାମଲାକୁ ଆଖିଆଗରେ ରଖି ଜିଲାପାଳଙ୍କ ନିର୍ଦ୍ଦେଶରେ ବଲାଙ୍ଗୀର ଶିକ୍ଷା ବିଭାଗ ଅଧୀନରେ ଚାକିରୀ କରୁଥିବା ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ଅଭିଯାନ ଆରମ୍ଭ ହୋଇଥିଲା। ଏହି ଯାଞ୍ଚ ବେଳେ ୪ଜଣ ଶିକ୍ଷକ ସାର୍ଟିଫିକେଟ ଜାଲିଆତି କରି ଚାକିରି ହାତେଇଥିବା ସ୍ପଷ୍ଟ ହୋଇଥିଲା। ଏହା ଜଣାପଡିବା ପରେ ଜିଲା ଶିକ୍ଷା ଅଧିକାରୀଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରିଥିଲା। ରଣ୍ଡା ହାଇସ୍କୁଲ ହିନ୍ଦୀ ଶିକ୍ଷୟିତ୍ରୀ ମିନ୍ମୟୀ ପଣ୍ଡାଙ୍କୁ ପୋଲିସ ଗିରଫ କରିଥିଲା। ତେବେ ଶିକ୍ଷା ବିଭାଗ ଏବଂ ପୋଲିସ ଅବହେଳା ଯୋଗୁ ଅନ୍ୟ ୩ଶିକ୍ଷକେ ଏବଂ ସଦର ଏବିଇଓ ଶ୍ୟାମବନ୍ଧୁ ମେଣ୍ଡୁଲି ଫେରାର ହେବାରେ ସକ୍ଷମ ହୋଇଛନ୍ତି। ତାଙ୍କୁ ଖସିଯିବାକୁ ସମୟ ଦିଆଯାଇଥିବା ମଧ୍ୟ ଅଭିଯୋଗ ହୋଇଛି।

# ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

ମାଣିଆବନ୍ଧ/ବଡ଼ମ୍ବା, ୮।୧୧
(ଅଖିଳ କୁମାର ସାହୁ/ମାୟାଧର ମଲ୍ଲିକ)



ସଞ୍ଜୟ ପ୍ରଧାନ

କଟକ ଜିଲା ବଡ଼ମ୍ବା ବ୍ଲକ କୁଆଁରପାଳ ପଞ୍ଚାୟତରେ ପୁଣି ହାତୀ ଆକ୍ରମଣରେ ବୁଧବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ କୁଆଁରପାଳ ଗାଁର କାର୍ତ୍ତିକ ପ୍ରଧାନଙ୍କ ପୁଅ ସଞ୍ଜୟ (୩୬) ବୋଲି ଜଣାପଡିଛି। ଫସଲ ସୁରକ୍ଷା ପାଇଁ ହାତୀ ଘଉଡ଼ାଇବା ପାଇଁ ବିଳମ୍ବିତ ରାତ୍ରିରେ ପୋଖରୀ ପାଖ ଆମ୍ବତୋଟା ନିକଟରେ ସଞ୍ଜୟ ଥିବାବେଳେ ହାତୀ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ମାଣିଆବନ୍ଧ ଥାନା ଅଧିକାରୀ ବସନ୍ତ କୁମାର ଶତପଥୀ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୩୧/୨୩) ରୁଜୁ ହୋଇଛି। ବଡ଼ମ୍ବା ବନାଞ୍ଚଳ ଅଧିକାରୀ ସୀତାରାମ ଶବର, ମାଣିଆବନ୍ଧ ଓ ବଡ଼ମ୍ବା ବନପାଳ ଦିବ୍ୟସିଂହ ପରିଡ଼ା, କୃଷ୍ଣଚନ୍ଦ୍ର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ, ଏମ୍‌ପିଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ସାମାଜିକ କର୍ମୀ ସୁଶାନ୍ତ ଜେନା, ସରପଞ୍ଚ ମନୋଜ ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ପଣ୍ଡା ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨ ଦିନ ଭିତରେ ହାତୀ ଆକ୍ରମଣରେ ୨ ଜଣଙ୍କ ଜୀବନ ଚାଲିଯିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ମଙ୍ଗଳବାରଠାରୁ ହାତୀଟି ଗ୍ରାମ ପାଖରେ ବୁଲୁଥିବା ବେଳେ ବନ ବିଭାଗ ଓ ପୋଲିସ କର୍ମଚାରୀ ମିଳିତ ଭାବେ ହାତୀଟିକୁ ଘଉଡ଼ାଇ ଦେଇଥିଲେ ମଧ୍ୟ ସେ ପୁଣି ଗ୍ରାମମୁହାଁ ହୋଇଥିବା ଗ୍ରାମବାସୀ କହିଛନ୍ତି।



ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜା ଭସାଣ ଉତ୍ସବରେ କଳାହାଣ୍ଡିର ଲୋକନୃତ୍ୟ।

## ସଂକ୍ଷେପରେ

### ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଜବତ

ଚଣ୍ଡିଖୋଲ,୮।୧୧(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ଥାନା ଅନ୍ତର୍ଗତ ଭୂଷଣ୍ଡପୁର ପଞ୍ଚାୟତ ମହାଖଳା ଗ୍ରାମରୁ ବୁଧବାର ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ କ୍ଷତାକ୍ତ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ଭୁଷଣ୍ଡପୁର ପଞ୍ଚାୟତ ଅନ୍ତର୍ଗତ ଖଟୁଆ ପଡ଼ା ଗ୍ରାମର ଧୋବୀ ଦେହୁରୀଙ୍କ ପୁତ୍ର ଖଗେଶ୍ୱର ଦେହୁରୀ(୨୨)। ମହାଖଳ ଗ୍ରାମର ଜିଆରଏସ୍ ବିଚିତ୍ର ମହାପାତ୍ରଙ୍କ ଦୁଇ ମହଲା ଘର ସମ୍ମୁଖରେ ଥିବା ବୃନ୍ଦାବତୀ ଚଉଁରା ମୂଳରେ ଭୋର ସମୟରେ ଖଗେଶ୍ୱରଙ୍କ କ୍ଷତାକ୍ତ ମୃତଦେହ ପଡ଼ିଥିଲା। ଏହାଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପୋଲିସ ତାଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର କରିଛି। ଖଗେଶ୍ୱରଙ୍କର କିପରି ମୃତ୍ୟୁ ହେଲା ଜଣା ପଡ଼ିନାହିଁ। କୋଠା ଘର ଛାତରୁ ପଡ଼ି ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ପୂର୍ବରୁ ଛୋଟଛୋଟ ଚୋରି ମାମଲାରେ ଖଗେଶ୍ୱରଙ୍କ ସମ୍ପୃକ୍ତି ଥିଲା। ତେଣୁ ଚୋରି କରିବାକୁ ଯାଇଥିବା ସମୟରେ କେହି ଉଠି ଯିବା ଦେଖି ସେ ଛାତରୁ ଡେଇଁ ପଡି ଥାଇପାରନ୍ତି ବୋଲି ଗ୍ରାମବାସୀ ଓ ପୋଲିସ ସନ୍ଦେହ କରୁଛନ୍ତି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଟ୍ରକ-କାର ଧକ୍କା, ଯୁବକ ଗୁରୁତର

ଧର୍ମଶାଳା,୮।୧୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ୧୬ନଂ ଜାତୀୟ ରାଜପଥର ନେଉଳପୁର ଛକରେ ବୁଧବାର ଭୋର ସମୟରେ ଏକ ଗୋରୁ ବୋଝେଇ ଟ୍ରକ୍ ସହିତ କାର୍ ଧକ୍କା ହୋଇଛି। ଫଳରେ କାରରେ ଥିବା ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେ ହେଲେ କଟକ ଅଞ୍ଚଳର ରାକେଶ କୁମାର ଓଝା। ଟ୍ରକ୍ ନମ୍ବର ଓଆର୍-୦୯-ଇ-୧୩୦୩ରେ ୧୩ ଗୋରୁ ବୋଝେଇ ହୋଇ ଭଦ୍ରକ ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଓଡି-୦୫-ବିଏନ-୧୨୭୩ କାର୍ ଟ୍ରକ୍ ସହ ଧକ୍କା ହୋଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ କାରକୁ ଜବତ କରିଛି। ଏଥିସହିତ ଟ୍ରକରେ ଥିବା ଗୋରୁଗୁଡ଼ିକୁ ମାଲିକମାନଙ୍କୁ ହସ୍ତାନ୍ତର କରିଛି। ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବୈରୀ ଥାନା ଅଧିକାରୀଙ୍କ ବଦଳି

ଛତିଆ,୮।୧୧(ସୌମ୍ୟରଞ୍ଜନ ସାହୁ):

ଯାଜପୁର ଜିଲା ବୈରୀ ଥାନା ଅଧିକାରୀ ପ୍ରଦୀପ କୁମାର କାନୁନଗୋଙ୍କ ମଙ୍ଗଳବାର ହଠାତ୍ ଜିଲା ମୁଖ୍ୟାଳୟକୁ ବଦଳି ହୋଇଛି। ତାଙ୍କସ୍ଥାନରେ ବ୍ରହ୍ମବରଦା ଥାନା ଅଧିକାରୀ ଶରତ କୁମାର ନାୟକ ବୁଧବାର ଯୋଗ ଦେଇଛନ୍ତି। କାନୁନ୍‌ଗୋ ପୂର୍ବରୁ ବୈରୀ ସହ ବଡ଼ଚଣା ଥାନା ଅଧିକାରୀ ଭାବେ ନିଜର କାର୍ଯ୍ୟ ସମ୍ପାଦନ କରି ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଥିଲେ। ହେଲେ ତାଙ୍କର ଏଭଳି ବଦଳି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

**ବାଣ ଭିଡ଼ିବାବେଳେ ବିସ୍ଫୋରଣ ଘଟଣା**

- ତଦନ୍ତକାରୀ ଅଧିକାରୀଙ୍କୁ ଚିକିତ୍ସା ସହାୟତା ମାଗିଲେ ଆନନ୍ଦଙ୍କ ସ୍ତ୍ରୀ

ରସୁଲପୁର,୮।୧୧(ରଞ୍ଜିତ ରାଉତ):

କୁଆଖିଆ ଥାନା ରସୁଲପୁର ପଞ୍ଚାୟତ ଖୋସାଲପୁର ଗ୍ରାମର ଦଳିତ ସାହିରେ ବାଣ ଭିଡ଼ିବାବେଳେ ବିସ୍ଫୋରଣ ଘଟଣାର ବୁଧବାର ତଦନ୍ତ ଆରମ୍ଭ ହୋଇଛି। ସାଇଣ୍ଟିଫିକ୍ ଟିମ୍ ଏହି ତଦନ୍ତ ଆରମ୍ଭ କରିଛି। ପୋଲିସକୁ ନେଇ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ଓ ସଇଣ୍ଟିଫିକ୍ ଟିମ୍‌ର ତଦନ୍ତକାରୀ ଅଧିକାରୀ ବିସ୍ଫୋରଣରେ ଗୁରୁତର ହୋଇଥିବା ଆନନ୍ଦ ମଲିକ(୪୨)ଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ଏହି ସମୟରେ ସ୍ୱାମୀଙ୍କ ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇବାକୁ ଅନନ୍ଦଙ୍କ ସ୍ତ୍ରୀ ଅଧିକାରୀମାନଙ୍କୁ ନିବେଦନ କରିଥିଲେ।

ତଦନ୍ତକାରୀ ଅଧିକାରୀ ଏ. ବିଜୟ କୁମାର ଓ ତାଙ୍କର ୨ ସହଯୋଗୀ ବୋମାଫୁଟା ଘଟଣାରେ ଆହତବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ଏକାଧିକ ପ୍ରଶ୍ନ ପଚାରିଛନ୍ତି। ପଚରାଉଚରା ବେଳେ ସେମାନଙ୍କୁ କିଛି ସୁରାକ ମିଳି ନ ଥିବା ଜଣାଯାଇଛି। ହେଲେ କେଉଁ ପରିସ୍ଥିତିରେ ବାଣ ଭିଡ଼ା ଯାଉଥିଲା। ଦୀପାବଳିକୁ ଦୃଷ୍ଟିରେ ରଖି ବ୍ୟବସାୟ ପାଇଁ ବାଣ ଭିଡା ଯାଉଥିଲା ନାଁ ଏହା ପଛରେ ଆଉ କେଉଁ କାରଣ ରହିଛି ସେ ସମ୍ପର୍କରେ ପୋଲିସ ତନାଘନା ଚଳାଇଛି। ପ୍ରାଥମିକ ତଦନ୍ତରେ ପୋଲିସ ବେଆଇନ ବାଣ ପ୍ରସ୍ତୁତ କରୁଥିବା ଦର୍ଶାଇ ମାମଲା ରୁଜୁ କରିଛି ବୋଲି ତଦନ୍ତ ଅଧିକାରୀ ଭାଗବତ ମହାଳି ସୂଚନା ଦେଇଛନ୍ତି। ଯାଜପୁର ସାଇଣ୍ଟିଫକ୍ ଟିମର ୩ଜଣିଆ ଦଳ ଆସି ହାତବୋମା ଫାଟିଥିବା ଘରୁ ସୁରାକ ସଂଗ୍ରହ କରିଛନ୍ତି। ଘରର କାନ୍ଥରରେ ଲାଗିଥିବା ରକ୍ତ ଛିଟାର ନମୁନା, ବାଣ ଫୁଟିବା ଯୋଗୁ କାନ୍ଥରେ ପଡ଼ିଥିବା କଳାଦାଗକୁ ଫଟୋ ଉଠାଇବା ସହ ଘରର ବିଭିନ୍ନ ସ୍ଥାନକୁ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି। ଘଟଣାରେ ପୋଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମଙ୍ଗଳବାର ହାତବୋମା ଭିଡୁଥିବାବେଳେ ତାହା ବିସ୍ଫୋରଣ ହେବାରୁ ଆନନ୍ଦ ଗୁରୁତର ହୋଇଥିଲେ। ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ବିସ୍ଫୋରଣରେ ଆନନ୍ଦଙ୍କ ଡାହାଣ ହାତର ୨ ଆଙ୍ଗୁଠି ଛିଣ୍ଡି ଯାଇଥିବାବେଳେ ଦେହର ଅଧିକାଂଶ ଅଂଶ ଜଳିଯାଇଛି। ସେ ଜଣେ ଟ୍ରଲି ଚାଳକ। ତେଣୁ ଚିକିତ୍ସା ପାଇଁ ପରିବାର ଲୋକଙ୍କ ପାଖରେ ଆର୍ଥିକ ସମ୍ବଳନାହିଁ ବୋଲି ଆନନ୍ଦଙ୍କ ସ୍ତ୍ରୀ କହିଛନ୍ତି। ତେଣୁ ଅଧିକାରୀମାନେ ତଦନ୍ତ କରୁଥିବା ବେଳେ ସେ ସ୍ୱାମୀଙ୍କ ଚିକିତ୍ସା ପାଇଁ ସହାୟତା ମାଗିଥିଲେ। ସେ ଅଧିକାରୀମାନଙ୍କୁ କହିଥିଲେ, ଛେଳି ଚରାଇବାକୁ ବକପହାରକୁ ଯାଇଥିଲେ। ଏହି ସମୟରେ ବିସ୍ଫୋରଣ ହୋଇଥିଲା। ସେ ଆସିବା ବେଳକୁ ଗାଁ ଲୋକେ ଆମ୍ବୁଲାନ୍ସ ସହାୟତାରେ ତାଙ୍କ ସ୍ୱାମୀଙ୍କୁ ଡାକ୍ତରଖାନା ନେଇ ଯାଇଥିଲେ। ଘଟଣା ପରେ ପରିବାର ଦୈନନ୍ଦିନ ଚଳାଚଳରେ ବାଧା ଦେଖାଦେଇଛି। ତେଣୁ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ପକ୍ଷରୁ ଦାବି ହେଉଛି।



ଅଧିକାରୀମାନେ ବାଣ ବିସ୍ଫୋରଣ ଘଟଣାର ତଦନ୍ତ କରୁଛନ୍ତି।

# ହାଇୱା, ୨ କମ୍ପ୍ରେସର ଜବତ

**୮୦ ହଜାର ଜରିମାନା ଆଦାୟ**

ଧର୍ମଶାଳା,୮।୧୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ତହସିଲ ପକ୍ଷରୁ ବୁଧବାର ଭୋର ସମୟରେ ଚଢ଼ାଉ କରାଯାଇ ବେଆଇନ କଳାପଥର ପରିବହନ କରୁଥିବା ଏକ ହାଇୱା ଓ କଳାପଥର ଖନନ କରୁଥିବା ୨ ଦୁଇଟି କମ୍ପ୍ରେସରକୁ ଜବତ କରାଯାଇଛି। ଏଥିସହିତ ହାଇୱା ମାଲିକଙ୍କଠାରୁ ୮୦ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି।

ସକାଳେ ବାଜବାଟି ଖାଦାନରୁ ବେଆଇନ୍ ଭାବେ କଳାପଥର ପରିବହନ କରୁଥିବା ହାଇୱାକୁ ଧର୍ମଶାଳା-କବାଟବନ୍ଧ ରାସ୍ତାର ନାକପୋଲଠାରେ ଅଟକାଇ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଡ୍ରାଇଭର କଳାପଥର ପରିବହନ ନିମନ୍ତେ ଉଦ୍ଦିଷ୍ଟ କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ଗାଡ଼ିକୁ ଜବତକରି ନାକପୋଲ ଆରଆଇ କାର୍ଯ୍ୟାଳୟରେ ଅଟକ ରଖାଯାଇଥିଲା। ପରେ ହାଇୱା ମାଲିକଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ସେହିପରି ଏହି ତହସିଲ ଅନ୍ତର୍ଗତ ଡଙ୍କାରୀ କଳାପଥର ଖାଦାନରେ ବେଆଇନ ଖନନ ହେଉଥିବା ଖବର ପାଇ ତହସିଲ୍ ଟିମ ଚଢ଼ାଉ କରି ୨ କମ୍ପ୍ରେସର ଜବତ କରିଥିଲା। ଜବତ କମ୍ପ୍ରେସରକୁ ଚଢ଼ାଇଧରା ପୋଲିସ ଚେକ ପୋଷ୍ଟରେ ଅଟକ ରଖାଯାଇଛି। ଚଢ଼ାଉରେ ତହସିଲଦାର ଶୁଭଙ୍କର ମହାନ୍ତି, ଅତିରିକ୍ତ ତହସିଲଦାର ତପନ କୁମାର ମଲିକ, ଉବେସ ମାଝି, ଆର୍‌ଆଇ ମାନସ କୁମାର ବେଜ, ଚନ୍ଦନ କୁମାର ସାହୁ ଓ ଅତିରିକ୍ତ ଆର୍‌ଆଇ ଜଗବନ୍ଧୁ ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ଭାରତ ସ୍କାଉଟ୍ସ ଗାଇଡ୍ସର ପ୍ରତିଷ୍ଠା ଦିବସ


ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥିମାନେ।

ଯାଜପୁରଟାଉନ,୮।୧୧
(ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଜିଲା ଭବନରେ ଭାରତ ସ୍କାଉଟ୍ସ ଗାଇଡ୍ସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସାଇକେଲ ଯାତ୍ରାକୁ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଶଶୀଧର ସିଂ ଉଦ୍‌ଘାଟନ କରିଥିଲେ। ଏକ ସ୍ୱତନ୍ତ୍ର ସଭାରେ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ କର୍ମକୁ ସେବା ମନୋଭାଗ ନେଇ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ସଂଗଠନର ବରିଷ୍ଠ ତାଲିମଦାତା ମାଧବିକା ମହାପାତ୍ର, ଜିଲା ସମ୍ପାଦକ ଶମ୍ଭୁନାଥ ଦାଶ, ଜିଲା ପରିଚାଳନା କମିଶନର ଜହିରୁଦ୍ଦିନ୍ ଖାଁ ପ୍ରମୁଖ ଭାରତରେ ସ୍କାଉଟ୍ସ ଗାଇଡ୍ସ ପ୍ରତିଷ୍ଠା ଓ କୋଣ ଅନୁକୋଣରୁ ବିସ୍ତାର ସମ୍ବନ୍ଧରେ ଆଲୋକପାତ କରିଥିଲେ। ଜୟଶ୍ରୀ ସାମଲ, ସ୍ୱପ୍ନାରାଣୀ ପତି, ପୂର୍ଣ୍ଣାନନ୍ଦ ବାଇ, ତାରାକାନ୍ତ ଗୁରୁଜୀ ଓ ଜିଲା ସଂଯୋଜକ ଅବିନାଶ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମହିଳା ସଂରକ୍ଷଣ ବିଲ୍ ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।

ବଡ଼ଚଣା,୮।୧୧(ଦିଲୀପ ମହାନ୍ତି):

ଦେଶ ବିକାଶରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମହିଳାମାନେ ପ୍ରତ୍ୟକ୍ଷ ରାଜନୀତିରେ ଯୋଗଦେଇ ଦେଶର ଶାସନ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛନ୍ତି। ତେଣୁ ଉପଯୁକ୍ତ ସଂରକ୍ଷଣ ବ୍ୟବସ୍ଥା ହେଲେ ମହିଳାମାନେ ନିଜର ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିପାରିବେ ବୋଲି ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ଆୟୋଜିତ ରାଜନୀତି ବିଜ୍ଞାନ ବିଭାଗର ଏକ ଆଲୋଚନାଚକ୍ରରେ ଏହି ମତପ୍ରକାଶ ପାଇଛି। ମହାବିଦ୍ୟାଳୟ ରାଜନୀତି ବିଜ୍ଞାନର ମୁଖ୍ୟ ବ୍ରଜକିଶୋର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ସଂସଦ ଓ ବିଧାନସଭାରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍ ଶୀର୍ଷକ ଏହି ଆଲୋଚନାଚକ୍ରକୁ କଲେଜ ଅଧକ୍ଷ ପବିତ୍ରମୋହନ ମାହାଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ମହିଳାମାନଙ୍କର ଲୋକ ସଭା, ରାଜ୍ୟ ସଭା ଓ ବିଧାନସଭାରେ ପୁରୁଷମାନଙ୍କ ଭଳି ସମାନ ପ୍ରତିନିଧିତ୍ୱ ସମ୍ପର୍କରେ ମତ ପ୍ରଦାନ କରିଥିଲେ। ପ୍ରତ୍ୟକ୍ଷ ରାଜନୀତିରେ ମହିଳାମାନଙ୍କ ଅଂଶଗ୍ରହଣ ଦେଶକୁ ଆଗେଇ ନେବାରେ ସହାୟକ ହେବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଧର୍ମଶାଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ହରପ୍ରସନ୍ନ ବିଶ୍ୱାଳ ବିଷୟବସ୍ତୁ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଛାତ୍ରୀଛାତ୍ରୀ କଲେଜରେ ଅଧ୍ୟୟନ ସମୟରେ ରାଜନୀତି କ୍ଷେତ୍ରରେ ଆଗକୁ ଆଗେଇବାକୁ ହେଲେ ଏହି ସମୟ ହିଁ ପ୍ରକୃଷ୍ଟ ବୋଲି କହିଥିଲେ। ଏଥିସହ ଛାତ୍ରୀଛାତ୍ର ପ୍ରତ୍ୟକ୍ଷ ଓ ପରୋକ୍ଷ ରାଜନୀତିରେ ଅଂଶ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ବିଭାଗୀୟ ଅଧ୍ୟାପକ ଦୀପକ କୁମାର ଦାସ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀ ଇତିଶ୍ରୀ ସାମଲ ଓ ଅଞ୍ଜନା ବଳ ସେମାନଙ୍କର ବିଷୟଭିତ୍ତିକ ସନ୍ଦର୍ଭ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ତରଫରୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ଅଧ୍ୟାପିକା ମଞ୍ଜୁଶ୍ରୀ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

### ୩୦ ଟଙ୍କାରେ ପିଆଜ ବିକିଲା କଂଗ୍ରେସ

ପ୍ରୀତିପୁର,୮।୧୧(ସୁଶାନ୍ତ ବେହୁରିଆ):

ପିଆଜ ଦର ଅଣାୟତ ହୋଇଥିବାବେଳେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ କମିଟି ସଭାପତି ସୁଲୋଚନା ଦାସଙ୍କ ଅଧକ୍ଷତାରେ ସିଂହପୁର ବଜାରରେ ଖାଉଟିଙ୍କୁ ୩୦ ଟଙ୍କାରେ ୧ କିଲୋ ପିଆଜ ଯୋଗାଇ ଦିଆଯାଇଛି। ଏହି ଅଭିନବ କାର୍ଯ୍ୟକ୍ରମ ଜରିଆରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରାଯାଇଛି। କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ପଦ୍ମାକର ଗୁରୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦିକା ସୁଶ୍ରୀ ବନିତା ଦାସ ମୁଖ୍ୟବକ୍ତା, ପୂର୍ବତନ ସରପଞ୍ଚ କୁଞ୍ଜ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜ୍ଞାନେନ୍ଦ୍ର ବେଉରିଆ, ସରୋଜ କୁମାର ନାୟକ, ବିଜନ କୁମାର ଦାସ, ନାରାୟଣ ମଲ୍ଲିକ, ପ୍ରକାଶ କୁମାର ଦାସ, ମମତା ମଲ୍ଲିକ, ବୁବୁ ଦାସ, ପ୍ରସନ୍ନ କୁମାର ନାୟକ, ସବିତା ମଲ୍ଲିକ, ଘନଶ୍ୟାମ ଜେନା, ଅନନ୍ତ ବେହେରା ପ୍ରମୁଖ କଂଗ୍ରେସ ଓ ଯୁବ କଂଗ୍ରେସ ନେତୃମଣ୍ଡଳୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଖାଉଟି ୩୦ ଟଙ୍କାରେ ପିଆଜ କିଣିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ।



### ବେଆଇନ କାଠ ଜବତ, ଜଣେ ଗିରଫ

ବରୀ,୮।୧୧(ମହେନ୍ଦ୍ର ସ୍ୱାଇଁ):

ବନ ବିଭାଗ ତରଫରୁ ବୁଧବାର ବରୀ ବ୍ଲକ ଅଧୀନ ସ୍ୱାଇଁଖଣ୍ଡ ପଞ୍ଚାୟତରେ ଅଚାନକ ଚଢ଼ାଉ କରାଯାଇ ବେଆଇନ ଭାବେ ଗଚ୍ଛିତ ଥିବା ପ୍ରାୟ ୭୦ ସିଫ୍ଟ ଶାଗୁଆନ, ପଣସ କାଠ ଜବତ କରାଯାଇଛି। ଏଥିସହିତ ବେଆଇନ କାଠ ବ୍ୟବସାୟ କରୁଥିବା ପୀତାମ୍ବର ମଲ୍ଲିକଙ୍କୁ ଗିରଫ କରାଯାଇଛି। ରେଞ୍ଜର ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ ପହଞ୍ଚି କାଠଗୁଡ଼ିକୁ ଜବତ କରିଥିଲେ।

ଦୀର୍ଘଦିନ ଧରି ବରୀ ଅଞ୍ଚଳରେ ଚୋରା କାଠ ବ୍ୟବସାୟ ଚାଲି ଆସୁଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ବି ବନ ବିଭାଗ ତରଫରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆ ନ ଯାଉନ ଥିଲା। ଫଳରେ ଚୋରା କାଠ ବ୍ୟବସାୟୀ ମାଲେମାଲ ହେଉଥିଲେ। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବନ ବିଭାଗ ତତ୍ପର ହୋଇ ଏପରି ପଦକ୍ଷେପ ନେଇଥିବା କୁହାଯାଉଛି।

# ହନୁମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ବଡ଼ଚଣା,୮।୧୧(ଦିଲୀପ ମହାନ୍ତି):

ଯାଜପୁର ଜିଲା ଚଣ୍ଡିଖୋଲସ୍ଥିତ ପର୍ଯ୍ୟଟନ କ୍ଷେତ୍ର ମା' ଚଣ୍ଡିଙ୍କ ମନ୍ଦିରରେ ସଙ୍କଟମୋଚନ ହନୁମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି।

ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ ସେଠାରେ ପୂଜାପାଠ କରାଯାଇଥିଲା। ବ୍ରାହ୍ମଣ ସନ୍ତୋଷ କୁମାର ପାଢ଼ୀ ଓ ଅନ୍ୟମାନେ ଯଜ୍ଞକୁଣ୍ଡରେ ଆହୁତି ପ୍ରଦାନ କରିଥିଲେ। ହନୁମାନ ଚାଳିସା ପାଠ କରି ଶ୍ରଦ୍ଧାଳୁଙ୍କଠାରୁ ପୁଷ୍ପନେଇ ସଙ୍କଟମୋଚନଙ୍କ ପାଦଦେଶରେ ସମର୍ପିତ କରିଥିଲେ। ଏକ ସଙ୍କୀର୍ତ୍ତନମଣ୍ଡଳୀ ସଂକୀର୍ତ୍ତନ କରିଥିଲେ। ଉତ୍ସବରେ ଚଣ୍ଡିମନ୍ଦିର ଟ୍ରଷ୍ଟ ବୋର୍ଡର ସଭ୍ୟ ବ୍ରଜକିଶୋର ଜେନା, ଶେଷଦେବ ନାୟକ, ଅକ୍ଷୟ କୁମାର ସ୍ୱାଇଁ, ଅନନ୍ତ ବେହେରା, ଶିବରାମ ସାହୁ ଓ ବିନାୟକ ସାହୁଙ୍କ ସମେତ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ମା' ଚଣ୍ଡୀ ଓ ହନୁମାନଙ୍କ ପୂଜା କରିଥିଲେ। ଦୀର୍ଘବର୍ଷ ପୂର୍ବରୁ ବାବା ଭୈରବାନନ୍ଦ ବ୍ରହ୍ମଚାରୀ ଜଙ୍ଗଲ ମଧ୍ୟରେ ମା'ଚଣ୍ଡୀଙ୍କ ମନ୍ଦିର କରି ପୂଜାର୍ଚ୍ଚନା କରୁଥିଲେ। ସେବେଠାରୁ ଏଠାକୁ ଲୋକେ ଆସୁଛନ୍ତି।

# ହସ୍ତଶିଳ୍ପ ସଚେତନତା କର୍ମଶାଳା

ସିଂହପୁର,୮।୧୧
(ଅନଙ୍ଗ ଉଦୟ ବେଉରିଆ):

ଗ୍ରାମାଞ୍ଚଳରେ ମହିଳାମାନେ ଆତ୍ମନିର୍ଭରଶୀଳ ହେଲେ ପରିବାରର ଆର୍ଥୀକ ସ୍ଥିତିରେ ସୁଧାର ଆସିବ। ସେମାନେ ସମାଜରେ ନିଜକୁ ସ୍ୱତନ୍ତ୍ର କରି ଗଢ଼ିପାରିବେ। ତେଣୁ ମହିଳାମାନଙ୍କୁ ରୋଜଗାର କ୍ଷମ କରାଇବାକୁ ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଯେଉଁସବୁ ସୁବିଧା ସୁଯୋଗ ରହିଛି ସେଗୁଡ଼ିକୁ ଗ୍ରାମାଞ୍ଚଳ ମହିଳାଙ୍କ ନିକଟରେ ପହଞ୍ଚାଇ ସେମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ପଞ୍ଚାୟତ ବରୁଣେଶ୍ୱର କଲ୍ୟାଣ ମଣ୍ଡପଠାରେ ଜିଲା ହସ୍ତ ଶିଳ୍ପ କାର୍ଯ୍ୟାଳୟ ପକ୍ଷରୁ ବିଞ୍ଝାରପୁର ଓ ଦଶରଥପୁର ବ୍ଲକର ହସ୍ତଶିଳ୍ପ କାରିଗରମାନଙ୍କୁ ନେଇ ଏକ ଦିବସୀୟ ହସ୍ତଶିଳ୍ପ ସଚେତନତା କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଚସ୍ପତି ପ୍ରମିଳା ମଲ୍ଲିକ ଏହି ମତବ୍ୟକ୍ତ କରିଛନ୍ତି। ହସ୍ତଶିଳ୍ପ ବିଭାଗର ଯାଜପୁର ଜିଲା ସହକାରୀ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ଅନ୍ୟତମ ଅତିଥିଭାବେ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ଦାସ, ଉପାଧ୍ୟକ୍ଷ ସେକ୍ ଏରସାଦ, ଜିଲା ପରିଷଦସଭ୍ୟ ନନ୍ଦକିଶୋର ସାମଲ, ଅହଲ୍ୟା ସ୍ୱାଇଁ, ସୁନୀତା ନାୟକ, ନିନାରାଣୀ ସାମଲ, ଅରେଇ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ, ଘଡ଼ିଆଳି ସରପଞ୍ଚ କାର୍ତ୍ତିକ ଧଳ, ପୂର୍ବତନ ଜିଲା ପରିଷଦ ସଭାପତି ଇଂ. ସୁଶାନ୍ତ ମିଶ୍ର, ଦଶରଥପୁର ବ୍ଲକ ଉପାଧକ୍ଷା, ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଉନ୍ନୟନ ପରିଷଦ ସଦସ୍ୟ ପ୍ରିୟରଞ୍ଜନ କର, ଲକ୍ଷ୍ମୀଧର ଚାନ୍ଦ, ଜାତୀୟ ହସ୍ତଶିଳ୍ପ ପୁରଷ୍କାର ବିଜେତା ମହେଶ୍ୱର ଓଝା ଓ ସୁଶାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି କର୍ମଶାଳା ରାଜ୍ୟ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଏବଂ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ସହକାରୀ ନିର୍ଦ୍ଦେଶକଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ମୋଟ୍ ୩୦୦ରୁ ଊର୍ଦ୍ଧ୍ୱ କାରିଗର, ସ୍ୱୟଂସହାୟକ ଗୋଷ୍ଠୀ ମହିଳା ଓ ଯୁବତୀଯୁବକ ଯୋଗଦେଇ ହସ୍ତଶିଳ୍ପ କାରିଗରଙ୍କ ସମୂହ କଲ୍ୟାଣ ପାଇଁ ଥିବା ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଅବଗତ ହୋଇଥିଲେ।

# ପରିବା ଫସଲ ସ୍ଥିତି ପରଖିଲେ କୃଷି ବୈଜ୍ଞାନିକ

- ଚାଷୀଙ୍କୁ ଦେଲେ ପ୍ରଶିକ୍ଷଣ
- ରୋଗ ନିରାକରଣର ଉପାୟ ବତାଇଲେ

ରସୁଲପୁର,୮।୧୧(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷରେ ବୁଧବାର ଏକ କୃଷକ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡାଲି ଜାତୀୟ, ପନିପରିବା ଫସଲ ଚାଷ ପଦ୍ଧତି ଓ ସମନ୍ୱିତ ରୋଗ, ପୋକ ପରିଚାଳନା ସମ୍ପର୍କିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗରୁ ସମ୍ବଳ ଅଧିକାରୀମାନେ ଯୋଗଦେଇ ଚାଷୀଙ୍କୁ ତାଲିମ ପ୍ରଦାନ କରିବା ସହ କୃଷକଙ୍କ ପରିବା ଚାଷରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବା ପାଇଁ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ସମୟରେ ସେମାନେ ପରିବାଚାଷରେ ସମନ୍ୱିତ ରୋଗପୋକ ନିୟନ୍ତ୍ରଣ ଓ କ୍ଷେତର ରକ୍ଷଣାବେକ୍ଷଣ ଉପରେ ଚାଷୀଙ୍କୁ ପରାମର୍ଶ ଦେଇଛନ୍ତି। ନାନା ପ୍ରକାର ରୋଗପୋକକୁ ନିୟନ୍ତ୍ରଣ ପାଇଁ କେଉଁ ସବୁ କୀଟନାଶକ ପ୍ରୟୋଗ କରିବେ ସେ ସମ୍ପର୍କରେ ଲିଖିତ ଭାବେ ଜଣାଇଛନ୍ତି। କ୍ଷେତରେ ରୋଗପୋକ ଦ୍ୱାରା ଘଟୁଥିବା କ୍ଷୟକ୍ଷତିକୁ ପରିଚାଳନା ପାଇଁ ଚାଷୀ କୃଷି ବିଶେଷଜ୍ଞଙ୍କ ସହ ପରାମର୍ଶ କରି ପଦକ୍ଷେପ ଗ୍ରହଣ କଲେ ଲାଭବାନ ହୋଇପାରିବେ ବୋଲି କହିଛନ୍ତି। ଅଧିକାଂଶ କ୍ଷେତ୍ରରେ ଚାଷୀ ରୋଗପୋକ ନିୟନ୍ତ୍ରଣ ପାଇଁ ଦୋକାନୀମାନଙ୍କ ପରାମର୍ଶରେ କୀଟନାଶକ କ୍ରୟକରି ପରିବା ଗଛରେ ସିଞ୍ଚନ କରୁଥିବାରୁ ରୋଗପୋକ ନିୟନ୍ତ୍ରଣରେ ବିଫଳ ହେଉଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି।



କୃଷି ବୈଜ୍ଞାନିକ ଓ ଅନ୍ୟ ଅଧିକାରୀ ପରିବା କ୍ଷେତ ପରିଦର୍ଶନ କରୁଛନ୍ତି।

ସରପଞ୍ଚ ସ୍ମୃତିରେଖା ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ସମ୍ବଳ ଅଧିକାରୀ ଭାବେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ବିଜୟ କୁମାର ରାଉତରାୟ, ରସୁଲପୁର ବ୍ଲକ ସହକାରୀ କୃଷି ଅଧିକାରୀ ଅରଜିତ ଉପାଧ୍ୟାୟ ଓ ଉଦ୍ୟାନସାଥୀ ସଞ୍ଜୟ କୁମାର ପରିଡା ପ୍ରମୁଖ ଯୋଗଦେଇ ଚାଷୀଙ୍କୁ ଅଣଧାନଚାଷ ଯଥା-ମୁଗ, ବିରି, ହରଡ଼, ମସୁର ଭଳି ଡାଲିଜାତୀୟ ଫସଲ, ବିଭିନ୍ନ କିସମର ପନିପରିବା ଚାଷକୁ ଅଧିକ ପ୍ରାଧାନ୍ୟ ଦେବା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏସବୁ ଚାଷକଲେ କ'ଣ ସବୁ ଲାଭ ମିଳିବ, ସରକାରୀ ସହାୟତା ଓ ପ୍ରୋତ୍ସାହନ ରାଶି ଆଦି ପ୍ରଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଚାଷୀ ନିୟମିତ ମାଟି ପରୀକ୍ଷା କରିବା ସହ କେଉଁ ଫସଲ ପରେ କେଉଁ ଫସଲ କଲେ ଭଲ ଅମଳ ହୋଇପାରିବ, କ୍ଷେତକୁ ଖରାଟିଆ ଚାଷ କରିବା ସହ ରାସାୟନିକ ସାର ଅପେକ୍ଷା ଅଧିକ ଜୈବିକ ସାର ବ୍ୟବହାର ଏବଂ କୀଟନାଶକ ସିଞ୍ଚନ ବେଳେ ତା'ର ମାତ୍ରା, ବ୍ୟବହାର ଉପାୟ ଓ ଜଳସେଚନ ଆଦି ପରିଚାଳନାର ବିଭିନ୍ନ ପ୍ରଣାଳୀ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଗଂଗୋତ୍ରୀ ସାମାଜିକ ସଂଗଠନର ପରାମର୍ଶଦାତା ଅନୁସୂୟା ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସଂଗଠନର ସଂଯୋଜକ ସୂର୍ଯ୍ୟକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

**୪୪ତମ ଶ୍ରୀରଘୁନାଥଜୀଉ ପୂଜା, ରାବଣ ପୋଡ଼ି ଉତ୍ସବ**

ବାଲିକୁଦା,(ତାପସ ସ୍ୱାଇଁ): ବାଲିକୁଦା ବ୍ଲକ ଅନ୍ତର୍ଗତ ମୁଲୁଗାଁ ପଞ୍ଚାୟତ ସିଙ୍ଗିରି ଶ୍ରୀଗଣେଶ ଜୀଉ ମଠ ପ୍ରାଙ୍ଗଣରେ ପୁରାଣ ପ୍ରଚାର ସିଙ୍ଗିରି ଆନୁକୂଲ୍ୟରେ ୪୪ତମ ବାର୍ଷିକ ଉତ୍ସବ ରଘୁନାଥ ଜୀଉ ପୂଜା ଓ ରାବଣ ପୋଡ଼ି ଅନୁଷ୍ଠିତ ହୋଇଯାଇଛି। ଏହି ଧର୍ମୀୟ କାର୍ଯ୍ୟକ୍ରମକୁ ଜଗତ୍‌ସିଂହପୁର ଜିଲା ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ମହେଶ ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରବଚକ ଭାବେ ପଣ୍ଡିତ ହୃଷୀକେଶ ସାହୁ, ଗୀତାବିତ ପଣ୍ଡିତ ପ୍ରଶାନ୍ତ କୁମାର ଶତପଥୀ ପ୍ରବଚନ ଦେଇଥିଲେ। ସିଙ୍ଗିରି ଗ୍ରାମବାସୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

## ସଂକ୍ଷେପରେ

### ଜାତୀୟ ଟବାକୋ ସଚେତନତା ଶିବିର

ରାଜନଗର,୮।୧୧ (ଭାସ୍କର ରାଉତରାୟ)

ସ୍ଥାନୀୟ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ଟବାକୋ ନିୟନ୍ତ୍ରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମଗ୍ର ଭାରତ ବର୍ଷରେ ଟବାକୋର ଭୟାବହତା ମଣିଷ ଜୀବନକୁ ଅଣନିଃଶ୍ୱାସୀ କରିବା ସହିତ ମୃତ୍ୟୁମୁଖକୁ ଟାଣିବାରେ ଲାଗିଛି। ଟବାକୋ ସେବନ କରିବା ଦ୍ୱାରା ସୁସ୍ଥ ମଣିଷ ତାର ଜୀବନ ଚର୍ଯ୍ୟାଠାରୁ ଦୂରେଇ ଯାଇ ଜୀବନ ମରଣ ଦୋଛକିରେ ଛିଡା ହୋଇଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରାଧ୍ୟାପିକା ତଥା ୟୁଥ୍ ରେଡ଼କ୍ରସର ଉପଦେଷ୍ଟା ରାଜଶ୍ରୀ ସାମନ୍ତ, ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଫିସର ପ୍ରାଧ୍ୟାପିକା ଅନସୂୟା ବେହେରା, ଇତିହାସ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଟବାକୋ ନିୟନ୍ତ୍ରଣ କ୍ଷେତ୍ରରେ ଛାତ୍ର ଓ ଯୁବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ଟବାକୋ ଉପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ପୋଷ୍ଟର ପେଟିଂ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ସଫଳ ଚାଷୀ ମୁକେଶ ସମ୍ମାନିତ

ଡେରାବିଶ, ୮।୧୧ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ମୁକେଶ କୁମାର ଧଳ ଭୁବନେଶ୍ୱର ଆଇଗିଣିଆସ୍ଥିତ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର ଦ୍ୱାରା ସମ୍ମାନିତ ହୋଇଛନ୍ତି। କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର ନିଜର ପ୍ରତିଷ୍ଠା ଦିବସରେ ପ୍ରତିବର୍ଷ କେତେଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରିଥାଏ। ସେହି କ୍ରମରେ




ଚଳିତ ବର୍ଷ ଏହାର ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥିଭାବେ ଏମ୍‌ସ୍‌ର ପୂର୍ବତନ ନିର୍ଦ୍ଦେଶକ ତଥା ଶିକ୍ଷା ଓ ଅନୁସନ୍ଧାନର ପୂର୍ବତନ କୁଳପତି ପ୍ରଫେସର ଡକ୍ଟର ଅଶୋକ କୁମାର ମହାପାତ୍ର ଯୋଗଦେଇଥିଲେ। ସେଠାରେ ଧଳଙ୍କୁ ଜଣେ ସଫଳ ଚାଷୀ ଭାବେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଧଳ ତାଙ୍କ ପ୍ରତିକ୍ରିୟାରେ ତାଙ୍କର ପଥ ପ୍ରଦର୍ଶକ ଡ.ପି.ଶ୍ରୀନିବାସଙ୍କୁ କୃତଜ୍ଞତା ଜଣାଇଥିଲେ। ତାଙ୍କର ଚାଷ ଓ ଆୟର ମାର୍ଗ ବଢ଼ାଇବାରେ ଡ. ଶ୍ରୀନିବାସଙ୍କ ଅବଦାନ ରହିଥିବା କହିଥିଲେ। ଏହା ପୂର୍ବରୁ ଧଳ ଚାଷ କ୍ଷେତ୍ରରେ ତାଙ୍କର ସଫଳତା ପାଇଁ ଜଣେ ସଫଳ ଚାଷୀ ଭାବେ ବହୁବାର ପୁରସ୍କୃତ ହୋଇଛନ୍ତି। ସେ ନିଜ ଜମିରେ ଅର୍କ କିସମର ପ୍ରାୟ ୧୦ଟି ଫଳ ଓ ପନିପରିବା ଚାଷ କରିବା ସହ ବିହନ ଉତ୍ପାଦନ କରିବାରେ ମଧ୍ୟ ସଫଳ ହୋଇଛନ୍ତି।

# ରାସ୍ତା ନବୀକରଣ, ସମ୍ପ୍ରସାରଣରେ ଅନିୟମିତତା

- ଅବଧି ଶେଷ ସତ୍ତ୍ୱେ କାମ ସରିନାହିଁ
- ନିମ୍ନମାନର କାମ ହୋଇଥିବା ଅଭିଯୋଗ

କୁଜଙ୍ଗ,୮।୧୧(ମନୋଜ ପ୍ରଧାନ)

୫୫ ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା କୁଜଙ୍ଗ-ଚଟୁଆ ରାସ୍ତାର ନବୀକରଣ ଓ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାଲିଥିବା ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। କାମର ଅବଧି ସରିଥିବା ବେଳେ ଶେଷ ହୋଇ ପାରିନାହିଁ।

କୁଜଙ୍ଗ-ଚଟୁଆ ୬ କି.ମି. ରାସ୍ତାକୁ ବ୍ଲକର ଜୀବନରେଖା କୁହାଯାଏ। ଉକ୍ତ ରାସ୍ତାଟି ୫୫ନଂ. ଜାତୀୟ ରଜପଥକୁ ସଂଯୋଗ କରିବା ସହ ପୂର୍ବପଟ ଢିଙ୍କିଆ ଚାରିଦେଶ ସମେତ ପାରାଦୀପ ତୈଳ ବିଶୋଧନାଗାର ଓ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳକୁ ସଂଯୋଗ କରୁଛି। ଦକ୍ଷିଣ ପାର୍ଶ୍ୱରେ ଏରସମା ବ୍ଲକ ସଦର ମହକୁମା ଥିବାବେଳେ ବାଲିକୁଦା ଓ ନାଉଗାଁ ବ୍ଲକକୁ ଯାତାୟାତ ପାଇଁ ସଂଯୋଗ କରୁଛି। ଏହି ରାସ୍ତାରେ ପାରାଦୀପ ସମେତ ବିଭିନ୍ନ ଶିଳ୍ପାଞ୍ଚଳକୁ ବାଲିକୁଦା, ନାଉଗାଁ, ପୁରୀ ଜିଲାର ଅସ୍ତରଙ୍ଗ ଓ କାକଟପୁରର ବହୁ ଲୋକ ଯାତୟାତ କରନ୍ତି। ଦୀର୍ଘ ୫ବର୍ଷ ହେବ ଏହା ଯାତାୟାତ ଅନୁପଯୋଗୀ ହୋଇଯାଇଛି। ଜନସାଧାରଣଙ୍କ ବାରମ୍ବାର ଦାବି ପରେ ୨୦୨୨ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରାସ୍ତାର ନବୀକରଣ ଓ ସମ୍ପ୍ରସାରଣ ନିମନ୍ତେ ୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଟେଣ୍ଡର ମାଧ୍ୟମରେ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ମିଳିଥିଲା। ୨୦୨୨ ଡିସେମ୍ବର ୨ରୁ ଏହି କାର୍ଯ୍ୟ ଆରମ୍ଭ ହୋଇ୨୦୨୩ ନଭେମ୍ବର ୧ ସୁଦ୍ଧା ଶେଷ କରିବାକୁ କାର୍ଯ୍ୟାଦେଶରେ ଉଲ୍ଲେଖ ଥିଲା। ମାତ୍ର କାର୍ଯ୍ୟଶେଷ ହେବାର ତାରିଖ ଏକ ସପ୍ତାହ ବିତିଯାଇଥିଲେ ବି ଅଦ୍ୟାବଧି ୧୦ ଭାଗ କାର୍ଯ୍ୟ ହୋଇନାହିଁ। ଅପରପକ୍ଷେ ସମ୍ପୃକ୍ତ ଠିକାଦାର ବର୍ଷାଋତୁ ପୂର୍ବରୁ ସମ୍ପ୍ରସାରଣ ନିମନ୍ତେ ରାସ୍ତାର ୨ ପାର୍ଶ୍ୱ ଖୋଳି କ୍ୱାରିଡଷ୍ଟ ପୂରାଇ ଛାଡ଼ି ଦେଇଥିଲେ। ପରେ ଚଟୁଆର ପଞ୍ଜାବି ଛକରୁ ମାତ୍ର ୧୦୦ ମିଟର କଂକ୍ରିଟ କରିଥିଲେ। ଏହି କାର୍ଯ୍ୟ ନିମ୍ନମାନର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଚଟୁଆରୁ ବାଲିଆ ପର୍ଯ୍ୟନ୍ତ ୩ କି.ମି. ବ୍ୟାପି ରାସ୍ତାକୁ ପିଚୁ ତାଡି ପକାଇଥିବାବେଳେ ପୁରୁଣା ମେଟାଲକୁ ଓଲଟାଇ ମୁକୁଳା ପକାଇ ଦେଇଛନ୍ତି। ଫଳରେ ଯାତାୟାତ ଦୁର୍ବିସହ ହୋଇପଡ଼ିଛି। କିଛି ସ୍ଥାନରେ ୪୦ ଇଞ୍ଚିଆ ମେଟାଲ ଓ କ୍ୱାରିଡଷ୍ଟ ମିଶାଇ ପକାଯାଇଛି। ଠିକ୍ ଭାବେ ୱାଟର ରୋଲିଂ କରାଯାଇ ନ ଥିବାରୁ ଯିବା ଆସିବାରେ ବାଧଶ ଉପୁଜୁଛି। ପାଣି ଛିଞ୍ଚା ଯାଉ ନ ଥିବାରୁ ଉଷ୍ଟ ଧୂଳିରେ ଘରଦ୍ୱାରା ଭର୍ତ୍ତି ହୋଇଯାଇଛି। ମେଟାଲ ଉପରେ ପଥଚାରୀ, ଚାରି ଚକିଆ, ଦୁଇ ଚକିଆ ଯାନ ଯାତାୟାତ କରିବା ସମ୍ଭବ ହେଉନାହିଁ। ଉଠାଯାଇଥିବା ପିଚୁ ସ୍ତରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଓ ରାସ୍ତା କଡ ବର୍ମରେ ମାଟି ପକାଇବାର ନିୟମ ଅଛି। ହେଲେ ସମ୍ପୃକ୍ତ ଠିକାଦାର ମାଟି ବଦଳରେ ରାସ୍ତାରୁ ଉଠାଯାଇଥିବା ପିଚୁ ସ୍ତରକୁ ପକାଇଛନ୍ତି। ଗୋଟିଏ ପଟେ କାର୍ଯ୍ୟର ମନ୍ଥରତା ଅନ୍ୟପକ୍ଷେ ନିମ୍ନମାନର କାର୍ଯ୍ୟ ଜନସାଧାରଣଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି। ଏ ନେଇ କୁଜଙ୍ଗ ଓକିଲ ସଂଘ ଉପସଭାପତି ନୃସିଂହ ଚରଣ ପ୍ରଧାନ ଓ ଯୁଗ୍ମ ସମ୍ପାଦକ କୈଳସ ଚନ୍ଦ୍ର ମହାପାତ୍ର ଭିଜିଲାନ୍ସ ତଦନ୍ତ ସହ ତ୍ୱରିତ ବେଗରେ କାମ ଶେଷ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କୁଜଙ୍ଗର ଏସ୍‌ଡିଓ ବୁଦ୍ଧନାଥ ସିଂହଙ୍କୁ ପଚାରିବାରେ ସମ୍ପୃକ୍ତ ଠିକାଦାରଙ୍କୁ ବିଳମ୍ବ ପାଇଁ ବାରମ୍ବାର କାରଣ ଦର୍ଶାଅ ଚିଠି କରାଯାଉଛି। କାମର ମାନ ଉପରେ ତଦାରଖ କରାଯିବ ବୋଲି ସେ କହିଛନ୍ତି।



# ପିପିଏଲ୍‌କୁ ଫାୟାର ସେଫ୍ଟି ଆୱାର୍ଡ



କମ୍ପାନୀର ସେଫ୍ଟି ଅଧିକାରୀ ନିହାରକାନ୍ତି ରାଉତ ଆୱାର୍ଡ ଗ୍ରହଣ କରୁଛନ୍ତି।

ପାରାଦୀପ,୮।୧୧(ଶରତ ରାଉତ)

ପାରାଦୀପ ଫସଫେଟସ୍ ଲିମିଟେଡ୍ (ପିପିଏଲ)କୁ ପୁଣି ୨୦୨୩ ବର୍ଷ ପାଇଁ ସମ୍ମାନଜନକ ଗ୍ରୋ କେୟାର ଇଣ୍ଡିଆ ପକ୍ଷରୁ ଫାୟାର ସେଫ୍ଟି ଆୱାର୍ଡ ମିଳିଛି। ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀର ସେଫ୍ଟି ଅଧିକାରୀ ନିହାରକାନ୍ତି ରାଉତ ଆୱାର୍ଡ ଗ୍ରହଣ କରିଥିଲେ। ୟୁପିର ପରିବହନ ମନ୍ତ୍ରୀ ଦିବ୍ୟଶଙ୍କର ସିଂହ, ପ୍ରଦେଶ ଡିଜି ଫାୟାର ଅଭିଲାଷ ଚନ୍ଦ୍ରା, ଗ୍ରୋ କେୟାର ଅଧକ୍ଷ ରାକେଶ ଦ୍ୱିବେଦୀ ଉପସ୍ଥିତ ଥିଲେ।

# କଳିଙ୍ଗ ବାଲିଯାତ୍ରା ପାଇଁ ଭୂମି ପୂଜନ



ଭୂମି ପୂଜା ଉତ୍ସବରେ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା କର୍ତ୍ତା କାର୍ଯ୍ୟ ତୁଲାଉଛନ୍ତି।

ପାରାଦୀପ,୮।୧୧(ଶରତ ରାଉତ)

ପାରାଦୀପ ବତିଘର ପାଖ ବେଳାଭୂମିରେ ବୁଧବାର କଳିଙ୍ଗ ବାଲିଯାତ୍ରା ମହୋତ୍ସବ ପାଇଁ ଭୂମି ପୂଜନ ବୁଧବାର ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା କର୍ତ୍ତା ଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଶାହା ଓ ଅନ୍ୟ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ୨୭ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ବାଲିଯାତ୍ରା ମହୋତ୍ସବ ହେବ।

# ବ୍ଲକ ସମ୍ମୁଖରେ ସରପଞ୍ଚ, ସମିତିସଭ୍ୟଙ୍କ ଧାରଣା



ଜଗତ୍‌ସିଂହପୁର ବ୍ଲକ ସମ୍ମୁଖରେ ଧାରଣା ଦେଇଥିବା ସରପଞ୍ଚ, ସମିତିସଭ୍ୟ ଓ ଅନ୍ୟମାନେ।

ଜଗତସିଂହପୁର, ୮।୧୧ (ପ୍ରମୋଦ କୁମାର ନାୟକ)

ରାଜ୍ୟ ସରକାରଙ୍କ ଦ୍ୱାରା ଆମ ଓଡ଼ିଶା ଓ ନବୀନ ଓଡ଼ିଶାରେ ପଞ୍ଚାୟତଗୁଡ଼ିକର ଉନ୍ନତି ପାଇଁ ପଦକ୍ଷେପ ନିଆଯାଉଛି। କିନ୍ତୁ ପଞ୍ଚାୟତଗୁଡ଼ିକରେ ହେଉଥିବା ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଜନ ପ୍ରତିନିଧିମାନଙ୍କ ଭୂମିକା ଥିବା ବେଳେ ତାହା କରାଯାଉନାହିଁ। ବରଂ ଜନ ପ୍ରତିନିଧିମାନେ ଯେଉଁସବୁ ପ୍ରକଳ୍ପ କରାଯିବାର ଆବଶ୍ୟକତା ଥିବା ଯୁକ୍ତି ବାଢୁଛନ୍ତି ସେସବୁକୁ ଗୁରୁତ୍ୱ ଦିଆଯାଉନାହିଁ। ଏହା ରାଜନୈତିକ ଅଭିସନ୍ଧିମୂଳକ ଭଳି ଅନୁଭବ ହେଉଛି। ତେଣୁ ଏହାକୁ ବିରୋଧ କରି ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ କେତେଗୋଟି ପଞ୍ଚାୟତର ସରପଞ୍ଚ ଏବଂ ସମିତିସଭ୍ୟ ବ୍ଲକ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଧାରଣାସ୍ଥଳରେ ଲିପକ କୁମାର ସାହୁ, ବିରଞ୍ଚି ନାରାୟଣ ମହାନ୍ତି, ଅଞ୍ଜନ କୁମାର ସାମଲ, ସିଦ୍ଧାର୍ଥଶଙ୍କର ରାୟ, ନିମାଇଁଚରଣ ନାୟକ, ମମତା ତାରେଣିଆ, ହିମାଂଶୁ ପରିଜା ଓ ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରଶିକ୍ଷଣ ଶିବିର

କୁଜଙ୍ଗ ୮।୧୧ (ମନୋଜ ପ୍ରଧାନ)

ପାରାଦୀପ ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡିର ୩ ଦିନିଆ ପ୍ରଶିକ୍ଷଣ ଶିବିର କୋଠିଆସାହିସ୍ଥିତ ମୁକ୍ତେଶ୍ୱର ମଣ୍ଡପଠାରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବିଜେଡିର ଜିଲା ପର୍ଯ୍ୟବେକ୍ଷକ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଏହାକୁ ଉଦ୍‌ଘାଟନ କରି ପଞ୍ଚାୟତଗୁଡ଼ିକର ଛାମୁଆ କର୍ମୀ, କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିମାନଙ୍କୁ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ବିରୋଧୀମାନଙ୍କ ଆରୋପକୁ କିପରି ଖଣ୍ଡନ କରାଯିବ ସେ ସମ୍ପର୍କରେ ରଣ କୌଶଳ ବତେଇବା ଓ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ସମ୍ପର୍କରେ କର୍ମୀମାନଙ୍କୁ ବୁଝାଇ ଥିଲେ। ପ୍ରଥମ ଦିନରେ ୨ଟି ଅଧିବେଶନରେ ୧୮ଟି ପଞ୍ଚାୟତର କର୍ମୀ, କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଥମ ଅଧିବେଶନରେ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସାମନ୍ତରାପୁର, କୋଲର, ପୋରଗଦେଇ, ଆମ୍ବେରି, ପିପ୍ପଳମାଧବ, ଜଡତୀରା,ବୋଧେଇ ଓ ମଣିଜଙ୍ଗା ପଞ୍ଚାୟତର କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଦ୍ୱିତୀୟ ଅଧିବେଶନରେ କୁଜଙ୍ଗ ବ୍ଲକର ୨ନଂ. ଜୋନର ସାଇଲୋ, ତାଳପଡା, ଗରେଇ, ପୋତାନଇ, ପଣ୍ଡୁଆ, ବଣିତୋ,ଗୋରଡ ଏବଂ ୧ ନଂ. ଜୋନର କାଠକୋଟ, ହଂସୁରା ଓ ବଡ଼ବାଲିକଣି ପଞ୍ଚାୟତର କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଗୁରୁବାର ୧ନଂ. ଜୋନର ଅନ୍ୟ ୬ଟି ପଞ୍ଚାୟତ ଓ ୩ନଂ. ୪ ନଂ. ଜୋନର କର୍ମୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଶୁକ୍ରବାର ଶେଷଦିନ ଥିବା ବେଳେ ପାରାଦୀପ ପୌରଞ୍ଚଳର ୧୯ଟି ୱାର୍ଡର କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି କୁଜଙ୍ଗ ବ୍ଲକ ଯୁବ ବିଜେଡି ସଭାପତି ଅରୁ ପ୍ରସାଦ ମହାନ୍ତି କହିଛନ୍ତି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପି ବିଧାୟକ ସମ୍ବିତ ରାଉତରାୟ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, କୁଜଙ୍ଗ ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡା, ପଞ୍ଚାୟତ ସମିତି ଅଧକ୍ଷା ନିନାରାଣୀ ସାହୁ, ଉପାଧକ୍ଷ ଜ୍ଞାନଜିତ ସ୍ୱାଇଁ, ଯୁବନେତା ରଘୁନାଥ ସାହୁ, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ମାନଭଞ୍ଜନ ମଲ୍ଲ, ପାରାଦୀପ ନଗର ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ର, ଜିଲା ବିଜେଡି ସାଧାରଣ ସମ୍ପାଦକ ଅରୁଣ କୁମାର ବେହେରା, ବିଧାୟକଙ୍କ ପ୍ରତିନିଧି ନିରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଶିକ୍ଷଣ ଶିବିରରେ ବିଧାୟକ ଅରୁଣ ସାହୁ ଓ ଅନ୍ୟମାନେ।

### ମତ୍ସ୍ୟ ସମବାୟ ସମିତି ଗଠିତ

ଏରସମା,୮।୧୧ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଗଡହରିଶପୁର ପଞ୍ଚାୟତସ୍ଥିତ ସହଡ଼ାବେଦୀ ବାତ୍ୟା ଆଶ୍ରୟସ୍ଥଳ ପରିସରରେ ବୁଧବାର ମା' ମନସା ପ୍ରାଥମିକ ସାମୁଦ୍ରିକ ମତ୍ସ୍ୟ ସମବାୟ ସମିତି ଗଠନ କରାଯାଇଛି। ଏଥିରେ ଜିଲା ସମବାୟ ନିରୀକ୍ଷକ ଦୀପାଞ୍ଜଳି ସାହୁ, ସମବାୟ ସମିତି ଉପନିର୍ଦ୍ଦେଶକ ଅଭୟ ମହାନ୍ତିଉପସ୍ଥିତ ହୋଇ ମତ୍ସ୍ୟ ସମବାୟ ସମିତି ଗଠନର ଉପକାରିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନିରୀକ୍ଷକ ସାହୁ କହିଲେ, ଉପକୂଳ ଅଞ୍ଚଳରେ ମତ୍ସ୍ୟ ଚାଷୀ ଓ ମତ୍ସ୍ୟଜୀବୀମାନେ ଏକତ୍ରିତ ହୋଇ ସମିତି ଗଠନ କଲେ ଅର୍ଥନୈତିକ ଦିଗ ବୃଦ୍ଧି ଘଟିବ। ଡଙ୍ଗା ଓ ଜାଲ କ୍ରୟ ପାଇଁ ସରକାରଙ୍କ ପକ୍ଷରୁ ଋଣ ଦିଆଯାଇ ପାରିବ। ଫଳରେ ମାଛ ଚାଷରେ ଉନ୍ନତି ଘଟିବ। ମତ୍ସ୍ୟ ସମବାୟ ସମିତିର ଆବଶ୍ୟକତା ବୁଝିବା ପରେ ଚାଷୀମାନେ ସମିତି ଗଠନ କରିଥିଲେ। ଏଥିରେ ନାରାୟଣ ବେହେରା ସଭାପତି, ପ୍ରଦୀପ ସାମଲ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ପ୍ରକାଶ କାଣ୍ଡି, ଚନ୍ଦନ ପରିଡ଼ା, ଚନ୍ଦନ ବାରିକ, ଲକ୍ଷ୍ମଣ ମହାନ୍ତି, ଚନ୍ଦନଲାଲ ବେହେରା, ରାକେଶ ବେହେରା, ଯଶୋବନ୍ତ ସାମଲ ପ୍ରମୁଖ ଶତାଧିକ ମାଛ ଚାଷୀ ଉପସ୍ଥିତ ହୋଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ସ୍ମୃତି ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଇଫ୍‌କୋ ପରିସରରେ ଆୟୁର୍ବେଦ କନକ୍ଲେଭ



ଆୟୁର୍ବେଦ କନକ୍ଲେଭରେ ଯୋଗ ଦେଇଥିବା ଅତିଥି।

ପାରାଦୀପ,୮।୧୧(ଶରତ ରାଉତ)

ଇଫ୍‌କୋ କାରଖାନା ପରିସରରେ ଥିବା ସଂସ୍କୃତି ଭବନରେ ବୁଧବାର ଆୟୁର୍ବେଦ କନକ୍ଲେଭ ଅନୁଷ୍ଠିତ ହୋଇଯାଇଛି। ଏହାକୁ କମ୍ପାନୀ ମୁଖ୍ୟ ତଥା ନିର୍ଦ୍ଦେଶକ କେ. ଜେ. ପଟେଲ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲେଡିଜ୍ କ୍ଲବ ସଭାନେତ୍ରୀ ମମତା ପଟେଲ, ଯୁଗ୍ମ ସାଧାରଣ ପ୍ରବନ୍ଧକ କେ. ମୋହନ ରାଓ, ଆୟୁର୍ବେଦ ଡାକ୍ତର ଦେବଦତ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଦିସା ଆୟୁର୍ବେଦ ଏଥିରେ ସହଯୋଗୀ ଭାବେ ଅଂଶଗ୍ରହଣ କରିଥିଲା। ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ଆୟୁର୍ବେଦ ଚିକିତ୍ସା ଅତ୍ୟନ୍ତ ସରଳ ଉପାୟ। ଆମ ବାଡ଼ି ବଗିଚାରେ ଥିବା ଗଛ ଲତା ହେଉ କି ରୋଷେଇ ଘରେ ଥିବା ମସଲାରେ ଔଷଧୀୟ ଗୁଣ ରହିଛି। ତାକୁ କେବଳ ଚିହ୍ନଟ କରି ସେବନ କଲେ ଅନେକ ଦୁରାରୋଗରୁ ଉପସମ ହେବ ବୋଲି ମୁଖ୍ୟ ଅତିଥି ପଟେଲ କହିଥିଲେ।

### ସ୍ୱାସ୍ଥ୍ୟ ସେବା ଶିବିର

ରାଜକନିକା,୮।୧୧(ସଞ୍ଜୟ କୁମାର ଦାଶ)

ବିଦ୍ୟୁତ୍ ଆବଣ୍ଟନ କମ୍ପାନୀ ଟିପିସିଓଡିଏଲ ରାଜକନିକା ପକ୍ଷରୁ ବୁଧବାର ସିକୋ ଓ କୋରନ୍ଦ ପଞ୍ଚାୟତରେ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୮୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଉପରୋକ୍ତ ୨ ପଞ୍ଚାୟତର ସରପଞ୍ଚ ଓ ରାଜକନିକା ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ କୋରନ୍ଦ ପଞ୍ଚାୟତ ସରପଞ୍ଚ ଗୀତାଞ୍ଜଳି ସେଠୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହାକୁ ରାଜକନିକା ସେକ୍ସନ ଟେକ୍ନିକାଲ କନିଷ୍ଠ ଯନ୍ତ୍ରୀ ଦୀପଙ୍କର ଦେବତା, କମର୍ସିଆଲ କନିଷ୍ଠ ଯନ୍ତ୍ରୀ ରଶ୍ମୀକାନ୍ତ ପାଇକରାୟ, କର୍ମଚାରୀ ଅଖିଳ ପୃଷ୍ଟି, ବିଶ୍ୱମୋହନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ପୌରାଧ୍ୟକ୍ଷ ବସନ୍ତଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୁଭେଚ୍ଛା



ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଯାଉଛି।

ପାରାଦୀପ,୮।୧୧(ଶରତ ରାଉତ)

ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କୁ ରାଜ୍ୟର ପୌରପରିଷଦ ଓ ବିଜ୍ଞପିତ ଅଞ୍ଚଳ ମହାସଂଘ ସଭାପତି ଭାବେ ଚୟନ କରାଯାଇଛି। ତାଙ୍କୁ ବୁଧବାର ଏକାଧିକ ସଙ୍ଗଠନ, ରାଜନୈତିକ ଦଳ, ସରକାରୀ ଅଧିକାରୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଆମ ପାରାଦୀପ ଆମ ପ୍ରଗତି ସଙ୍ଗଠନର ୭ ଜଣ କାଉନସିଲର, ଉପାଧକ୍ଷା ଛବିଲତା ରାଉତ, କଂଗ୍ରେସ ନେତା ଅନୁପ ସାହାଣୀ ପ୍ରମୁଖ ପୁଷ୍ପ ଗୁଚ୍ଛ ଦେଇଥିଲେ। ସୂଚନାଯୋଗ୍ୟ, ପୌରପରିଷଦର ୧୯ ୱାର୍ଡ ମଧ୍ୟରୁ ସ୍ୱାଧୀନ କାଉନସିଲର ୮ ଓ କଂଗ୍ରେସର ଜଣେ ଆମ ପାରାଦୀପ ଆମ ପ୍ରଗତି ସହିତ ଅଛନ୍ତି। ଉକ୍ତ ସଙ୍ଗଠନ ମୁଖିଆ ଅରିନ୍ଦମ ସର୍ଖେଲ (ବାପି)।

# ବିଜେଡିର ସକ୍ରିୟ ସଭ୍ୟ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ବିଜେଡି କର୍ମୀ।

ରାଜନଗର,୮।୧୧(ଭାସ୍କର ରାଉତରାୟ)

ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସଂସାରଫଳ ପଞ୍ଚାୟତ ବଡପାଳଠାରେ ବିଜୁ ଜନତା ଦଳ ସକ୍ରିୟ ସଭ୍ୟ ପ୍ରଶିକ୍ଷଣ ଶିବିର ବୁଧବାରଠାରୁ ଆରମ୍ଭ ହୋଇଛି। ୩ ଦିନ ଧରି ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରର ପ୍ରଥମ ଦିନରେ ରାଜନଗର ବ୍ଲକର ୩୨ନଂ.ଜୋନର ସମସ୍ତ ୧୧ଟି ପଞ୍ଚାୟତର ସକ୍ରିୟ ସଦସ୍ୟ ସଦସ୍ୟାମାନେ ଅଂଶଗ୍ରହଣ କରିଥିବା ବେଳେ ୨ୟ ଅଧିବେଶନରେ ପଟ୍ଟାମୁଣ୍ଡାଇ ବ୍ଲକ ୧୮ନଂ.ଜୋନର ସମସ୍ତ ୭ଟି ପଞ୍ଚାୟତ ସହିତ ବାଛରା ଓ ଗଙ୍ଗାରାମପୁର ପଞ୍ଚାୟତର ସମସ୍ତ ସକ୍ରିୟ ସଦସ୍ୟ ସଦସ୍ୟା ଏହି ଶିବିରରେ ଯୋଗଦେଇଥିଲେ। ପ୍ରଶିକ୍ଷକ ଦେବାଶିଷ ସ୍ୱାଇଁ ଓ ବିଶ୍ୱ ପ୍ରତାପ ସାହୁ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ୩୨ନଂ. ଜିଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ୩୦ନଂ. ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ନିର୍ବାଚନମଣ୍ଡଳୀ ସୋସିଆଲ ମିଡିଆ କୋଅର୍ଡିନେଟର ବିଜୟ ନାୟକ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ, ସମ୍ପାଦକ ନରହରି ଜେନା, ସରପଞ୍ଚ ସାଗର ପରିଡ଼ା ପ୍ରମୁଖ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିଲେ।

**ରାଜ୍ୟସ୍ତରୀୟ ରାଜକନିକା କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

# ସେମିରେ ୟଙ୍ଗ ଉତ୍କଳ କ୍ଲବ୍

ରାଜକନିକା,୮।୧୧(ସଞ୍ଜୟ କୁମାର ଦାଶ)

ରାଜକନିକା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୪୨ତମ ରାଜକନିକା କପ୍ ରାଜ୍ୟସ୍ତରୀୟ ଆମନ୍ତ୍ରଣୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ବୁଧବାର ୪ର୍ଥ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆର୍.ଏନ୍. ହାଇସ୍କୁଲ ମିନି ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ହାଓଡା ନବୀନ ସଂଘ ସହିତ କଟକ ୟଙ୍ଗ ଉତ୍କଳ କ୍ଲବର ମୁକାବିଲା ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କଟକ ୩-୦ ଗୋଲରେ ନବୀନ ସଂଘକୁ ପରାସ୍ତ କରି ତୃତୀୟ ଟିମ ଭାବେ ସେମି ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ୟଙ୍ଗ ଉତ୍କଳ କ୍ଲବର ସନାତନ ଲୋହାରଙ୍କୁ ଆଜିର ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳାଳୀ ଭାବେ ଘୋଷଣା କରାଯାଇଥିଲା। ଉପସ୍ଥିତ ଅତିଥିମାନେ ଯୁଧିଷ୍ଠିର ମଥାନ ସ୍ମାରକୀ ଅର୍ଥରାଶି ସହ ଟ୍ରଫି ଲୋହାରଙ୍କୁ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଓଡିଶା ଦନ୍ତପରିଷଦ ସଭାପତି ଡା. ଆଶିଷ କୁମାର ବାରିକ, ସମ୍ମାନିତ ଅତିଥି ଶାରିରୀକ ଶିକ୍ଷା ସରକାରୀ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷ ଡ.ଦେବେନ୍ଦ୍ର କୁମାର ବେହେରା, ଡେରାବିଶ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଅକ୍ଷୟ କୁମାର ବେହେରା, ଅକ୍ସଫୋର୍ଡ ଇଂଲିଶ ମିଡିୟମ ସ୍କୁଲର ଅଧକ୍ଷା ମିସ୍ ଡଲି, କେନ୍ଦ୍ରାପଡ଼ା ଜିଲା କ୍ରୀଡା ସଂସଦ ସମ୍ପାଦକ ସୟଦ ଆକମଲ ଅଲ୍ଲୀ, ସାମାଜିକ କର୍ମୀ କାନନ କୁମାର ଦାସ ଓ ସମ୍ପୂର୍ଣ୍ଣ ବାରିକ ପ୍ରମୁଖ ଯୋଗଦେଇଥିଲେ। ଆସୋସିଏଶନର ଉପସଭାପତି କପିଳେନ୍ଦ୍ର ମଲିକ, ପ୍ରାଧାପକ ବୈକୁଣ୍ଠ ନାଥ ପରିଡ଼ା, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରାଜୁ ମହାନ୍ତି, ସୁଦିପ୍ତ ଦାସ ଓ ଶଶିକାନ୍ତ ଦସିଆ ସହଯୋଗ କରିଥିଲେ। ଗୁରୁବାର କୋରାପୁଟ ଜିଲା ଫୁଟବଲ ଆସୋସିଏଶନ ସହିତ ଧାନବାଦ ଜିଲା ଫୁଟବଲ ଆସୋସିଏଶନର ମୁକାବିଲା ହେବ ବୋଲି ସାଧାରଣ ସମ୍ପାଦକ ନାୟକ ସୂଚନା ଦେଇଛନ୍ତି।



ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।

## ସଂକ୍ଷେପରେ

### ଭାଜପା ଘୁମୁସର ଜିଲ୍ଲା ସଭାପତି ହେଲେ ଗୋକୁଳାନନ୍ଦ

ପୋଲସରା,୮।୧୧(ସୁବ୍ରତ ବେହେରା)
ପୋଲସରା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ପୁନର୍ବାର ଘୁମୁସର ଜିଲ୍ଲା ସଭାପତି ଭାବେ ରାଜ୍ୟ ଭାଜପା ଘୋଷଣା କରିଛି। ବୁଧବାର ସନ୍ଧ୍ୟାରେ ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଦୀପକ କୁମାର ପ୍ରଧାନ, ଜିଲ୍ଲା ଉପ ସଭାପତି ପ୍ରଭାକର ପଣ୍ଡାଙ୍କ ସମେତ ୮ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ ସଂଯୋଜକ ସରୋଜ କୁମାର ଭଞ୍ଜ ଓ ମିଟୁ ନାହକ ଏବଂ ଜିଲ୍ଲାର ସମସ୍ତ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ଶୁଭେଚ୍ଛା ଜଣାଇଛନ୍ତି।

### ହନୁମାନ ମନ୍ଦିର କମିଟି ପକ୍ଷରୁ ସମ୍ବର୍ଦ୍ଧନା ସଭା

ଛତ୍ରପୁର,୭।୧୧ (ଦିଲୀପ ସାମଲ):
ସ୍ଥାନୀୟ ମହାବୀରନଗରଠାରେ ଥିବା ସଙ୍କଟମୋଚନ ମହାବୀର ହନୁମାନ ମନ୍ଦିର ପ୍ରାଙ୍ଗଣରେ ପବିତ୍ର କାର୍ତ୍ତିକ ମାସ ଅବସରରେ ସୁନ୍ଦରକାଣ୍ଡ ପାରାୟଣ ଚାଲିଥିବା ବେଳେ ମଙ୍ଗଳବାର ଛତ୍ରପୁର ବିଧାୟକ, ଏନଏସି ଉପାଧ୍ୟକ୍ଷଙ୍କ ସମେତ ବହୁ ଜନପ୍ରତିନିଧିମାନେ ପରିଦର୍ଶନ କରିଥିଲେ। ଏହି ଅବସରରେ ମନ୍ଦିର କମିଟିର ମୁଖ୍ୟ ସି. ଏଚ. ଦୟାନନ୍ଦ ରେଡ୍ଡୀଙ୍କ ନେତୃତ୍ୱରେ ଏକ ସମ୍ବର୍ଦ୍ଧନା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ସୁବାସ ଚନ୍ଦ୍ର ବେହେରା, ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, କାଉନସିଲର ଡ଼ି. ଇନ୍ଦୁ, ବି. ନିଶ୍ଚଳା, ଏମ. ୱାଣୀ ସେନାପତି, ପ୍ରୀତିଛନ୍ଦା ସାମଲ, ଦେବାଶିଷ ମିଶ୍ର ଓ କେ. ରମେଶ, ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ, ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ପୂର୍ବତନ କାଉନସିଲର କିଶୋର ଚନ୍ଦ୍ର ସେନାପତି, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଭାପତି ସନ୍ମୁଖ ପଟ୍ଟନାୟକ, ଯୁବ ବିଜେଡି ବ୍ଲକ ସଭାପତି କାଳିଆ ନାହାକ, ଉପସଭାପତି କାହ୍ନୁ ଚରଣ ବେହେରା, ପୂର୍ବତନ ଛତ୍ରପୁର ଏନଏସି ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରା, ଯୁବନେତା ଟିଙ୍କିନା ଗୌଡ଼ ଓ ମିଟୁ ବେହେରାଙ୍କୁ ଉପଢୌକନ ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ମନ୍ଦିର ଉନ୍ନତି ପାଇଁ ବିଧାୟକଙ୍କ ହାତପାଣ୍ଠିରୁ ୨ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ବିଧାୟକ ଶ୍ରୀ ବେହେରା କହିଥିଲେ।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ପୁରୁଷୋତ୍ତମପୁର,୮।୧୧(ସିମାଞ୍ଚଳ ମିଶ୍ର)
ପୁରୁଷୋତ୍ତମପୁର ସହରରେ ଥିବା ଗୋପାଳ ବନ୍ଧରେ ବୁଡି ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁମାରି ଗ୍ରାମର ବାବୁଲା କୁମାର ପଣ୍ଡା (୪୫)। ବାବୁଲା ମଙ୍ଗଳବାରଠାରୁ ଘରୁ ଯାଇ ଆଉ ଫେରି ନ ଥିବା ବେଳେ ପରିବାର ଲୋକେ ଖୋଜାଖୋଜି କରିବାରେ ଲାଗିଥିଲେ। ବୁଧବାର ସକାଳେ ସ୍ଥାନୀୟ ଲୋକମାନେ ଗୋପାଳ ବନ୍ଧକୁ ଗାଧୋଇବାକୁ ଯାଇଥିବା ବେଳେ ବାବୁଲାଙ୍କ ମୃତଦେହ ଭାସୁଥିବା ଦେଖି ତାଙ୍କ ପରିବାରକୁ ଜଣାଇଥିଲେ। ପରିବାରଲୋକେ ବାବୁଲାଙ୍କୁ ପାଣିରୁ ବାହାର କରି ପୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁରୁଷୋତ୍ତମପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ନଂ. ୩୦/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଶ୍ରମ ଦିବସ ସୃଷ୍ଟି କରିବାରେ ଗଞ୍ଜାମ ଶୀର୍ଷରେ

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କର୍ମଶାଳା

ଛତ୍ରପୁର,୮।୧୧(ଦିଲୀପ ସାମଲ):
'ଆମ ଓଡିଶା ନବୀନ ଓଡିଶା' ଯୋଜନା ସହିତ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଗଞ୍ଜାମ ଜିଲ୍ଲାରେ ସଫଳ ରୂପାୟନ ନିମନ୍ତେ ସ୍ଥାନୀୟ ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ବିଡିଓମାନଙ୍କୁ ନେଇ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସେହିପରି ମନରେଗା ଯୋଜନାର ସଫଳ କାର୍ଯ୍ୟକାରିତା କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା ସବୁବେଳେ ରେକର୍ଡ ସୃଷ୍ଟି କରିଛି। ବିଗତ ବର୍ଷ ଗୁଡିକରେ ଏହି ସଫଳତା ପାଇଁ ଗଞ୍ଜାମ ଜିଲ୍ଲା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଆସିଛି। ୨୦୨୩-୨୪ ଆର୍ଥିକ ବର୍ଷ ଶେଷ ହେବାକୁ ୫ ମାସ ବାକି ରହିଥିବା ବେଳେ ଏହି ବର୍ଷ ମଧ ଗଞ୍ଜାମ ଜିଲ୍ଲା ମନରେଗା ଯୋଜନା କାର୍ଯ୍ୟକାରିତା କ୍ଷେତ୍ରରେ ବେଶ ସଫଳତା ହାସଲ କରିବ ବୋଲି ଲକ୍ଷ୍ୟ ରଖାଯାଇଛି। ପରିବାରକୁ ଶହେ ଦିନିଆ କାମ ଯୋଗାଇବାରେ ଏହି ଆର୍ଥିକ ବର୍ଷର ଆଜି ସୁଦ୍ଧା ଗଞ୍ଜାମ ଜିଲ୍ଲା ସମଗ୍ର ଭାରତବର୍ଷରେ ଦ୍ୱିତୀୟ ସ୍ଥାନରେ ରହିଛି। ଏଣୁ ମାଇକ୍ରୋ ପ୍ଲାନ ଅନୁସାରେ ଦୈନିକ କାର୍ଯ୍ୟର ସମୀକ୍ଷା କରି ଏହି ଯୋଜନାରେ କାର୍ଯ୍ୟ କଲେ ଗଞ୍ଜାମ ଜିଲ୍ଲା ସଫଳତାର ଶୀର୍ଷକୁ ଛୁଇଁପାରିବ ବୋଲି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭୀ.କୀର୍ତ୍ତିଭାସନ କହିଛନ୍ତି। 'ଆମ ଓଡିଶା ନବୀନ ଓଡିଶା' ଯୋଜନା ସମେତ ବିଭିନ୍ନ ବିକାଶମୂଳକ ଯୋଜନାଗୁଡିକ କିପରି ଜିଲ୍ଲାରେ ସଫଳ ରୂପାୟନ ହୋଇପାରିବ ଅନୁଷ୍ଠିତ କର୍ମଶାଳାରେ ଅଧ୍ୟକ୍ଷତା କରି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ କହିଛନ୍ତି, ପଞ୍ଚାୟତରାଜ ବ୍ୟବସ୍ଥାରେ ଯେତେଗୁଡିକ ଯୋଜନା ରହିଛି ସେ ସବୁ ଯୋଜନାର ଉତ୍ତମ ଖସଡା ଅନୁସାରେ କାର୍ଯ୍ୟ କରାଗଲେ ତାହା ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବ ଏବଂ ଯୋଜନା ଗୁଡିକ ସାଫଲ୍ୟ ହୋଇପାରିବ। ପ୍ରତିଟି ଯୋଜନାର ଦୈନିକ କିମ୍ବା ସାପ୍ତାହିକ କାର୍ଯ୍ୟର ଅଗ୍ରଗତିକୁ ନେଇ ସମୀକ୍ଷା କରି କାର୍ଯ୍ୟ କରିବାକୁ ହେବ। ଯୋଜନାର ବିଭିନ୍ନ ଗାଇଡଲାଇନକୁ ଅନୁଧ୍ୟାନ କରି କେଉଁ ସ୍କିମରେ କେଉଁ କାମ କରାଯିବ ସେ ବାବଦରେ କେତେ ଅନୁଦାନ ମଞ୍ଜୁର ହୋଇଛି ଏହାର ଟିକିନିଖି ସମୀକ୍ଷା କରାଗଲେ ଯୋଜନା ମାଧ୍ୟମରେ ପ୍ରକଳ୍ପଗୁଡିକର କାର୍ଯ୍ୟ ତ୍ୱରାନ୍ୱିତ ହେବ। ଆମ ଓଡିଶା ନବୀନ ଓଡିଶା ଯୋଜନାରେ ଗଞ୍ଜାମ ଜିଲ୍ଲା ପାଇଁ ୫ ହଜାର ୭୦୬ ପ୍ରକଳ୍ପ ପାଇଁ ୨୫୧ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେହିପରି ବ୍ଲକ ଗୁଡିକର ଜିପିଡିପି, ସିଏଫସି, ଏସଏଫସି, ୫-ଟି ସ୍କୁଲ ରୂପାନ୍ତରଣ ଏବଂ ଏହାସହିତ ଅନ୍ୟାନ୍ୟ ଉନ୍ନୟନମୂଳକ ଯୋଜନା ଗୁଡିକର ଅନୁଦାନ ଗୁଡିକୁ କିପରି ସଠିକ ଭାବେ ଖର୍ଚ୍ଚ କରାଯାଇପାରିବ ତାହାକୁ ନେଇ କର୍ମଶାଳା ମାଧ୍ୟମରେ ବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ମନରେଗାର ଆସିଷ୍ଟାଣ୍ଟ ପ୍ରୋଗ୍ରାମ ମ୍ୟାନେଜରଙ୍କ ସମେତ ବିଭିନ୍ନ ଷ୍ଟେକ ହୋଲଡର ଅଧିକାରୀମାନଙ୍କୁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ କିର୍ତ୍ତିଭାସନ ପରାମର୍ଶ ଦେଇଛନ୍ତି। ଏହି କର୍ମଶାଳାରେ ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ନିର୍ବାହୀ ଯନ୍ତ୍ରୀ ଇଂ ମନୋଜ କୁମାର ବେହେରା, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ସୂଚନାନୁସାରେ, ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଗଞ୍ଜାମ ଜିଲ୍ଲାକୁ ୨ କୋଟି ୬୧ ଲକ୍ଷ ୩୬ ହଜାର ୯୪୮ ଶ୍ରମଦିବସ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରହିଛି। ହେଲେ ୨୦୨୩ ଏପ୍ରିଲରୁ ଆଜି ସୁଦ୍ଧା ଗଞ୍ଜାମ ଜିଲ୍ଲା ମନରେଗା ଯୋନଜାରେ ୧ କୋଟି ୫୦ ଲକ୍ଷ ୬୪ ହଜାର ୮୨୬ ଶ୍ରମଦିବସ ସୃଷ୍ଟି କରିପାରିଛି। ଯାହା ଓଡିଶା ରାଜ୍ୟରେ ଶ୍ରମଦିବସ ସୃଷ୍ଟି କରିବାରେ ଗଞ୍ଜାମ ଜିଲ୍ଲା ଶୀର୍ଷରେ ରହିଛି। ଏହାସହ ୨୨ ହଜାର ୧୫୬ ଜଣ ପରିବାରକୁ ଶହେ ଦିନିଆ କାମ ଯୋଗାଇ ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଯୋଜନାରେ ୯୦ ହଜାର ୯୨୬ ଟି ପ୍ରକଳ୍ପ କାମ କରିବାକୁ ହାତକୁ ନିଆଯାଇଥିଲା। ସେହିପରି ଏହି ଯୋଜନାରେ ଏବେ ସୁଦ୍ଧା ମଜୁରି ଏବଂ ବିଭିନ୍ନ ପ୍ରକଳ୍ପ ନିର୍ମାଣ ସାମଗ୍ରୀ ବାବଦରେ ମୋଟ ୪୦୩ କୋଟି ୩୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି।

### ଉପନିର୍ବାଚନ ପାଇଁ ଆଜିଠାରୁ ନାମାଙ୍କନ ଦାଖଲ

ଚିକିଟି,୮।୧୧(ପ୍ରକାଶ ଚନ୍ଦ୍ର ସାହୁ)
ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ଉପନଗରପାଳ ତଥା ୩ ନମ୍ବର ୱାର୍ଡ କାଉନସିଲର ଦୁର୍ଗାପ୍ରସାଦ ଦେବଙ୍କ ମାର୍ଚ୍ଚ ୩୧ରେ ମୃତ୍ୟୁ ଘଟିଥିଲା। ସେହିଦିନଠାରୁ ଉକ୍ତ ପଦବୀ ଖାଲି ପଡିଥିଲା। ଏଣୁ ଉପନିର୍ବାଚନ ପାଇଁ ଗୁରୁବାର ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଗୃହରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ଏହି ନାମାଙ୍କନ ଦାଖଲ ପ୍ରକ୍ରିୟା ୧୧ ତାରିଖ ଯାଏ ହେଉଥିବା ବେଳେ ଯାଞ୍ଚ ପ୍ରକ୍ରିୟା ୧୩ ତାରିଖ ଓ ପ୍ରତ୍ୟାହାର ପର୍ବ ୧୬ ତାରିଖ ରହିଥିବା ନିର୍ବାଚନ ଅଧିକାରୀ ତଥା ଚିକିଟି ତହସିଲଦାର ବଳଦେବ ବେହେରା ସୂଚନା ଦେଇଛନ୍ତି। ନଭେମ୍ବର ୨୯ରେ ଭୋଟଦାନ ହେବାକୁ ଥିବାବେଳେ ନଭେମ୍ବର ୩୦ରେ ନିର୍ବାଚନ ଫଳାଫଳ ଘୋଷଣା ହେବ ବୋଲି କହିଛନ୍ତି।

## ଘୁମୁସର ଜିଲ୍ଲା ଦାବିରେ ବୁଗୁଡ଼ା ବନ୍ଦ ସଫଳ

ବୁଗୁଡ଼ା,୮।୧୧(କାଳି ଚରଣ ଦାଶ)
ଘୁମୁସର ଜିଲ୍ଲା ଦାବିରେ ବୁଧବାର ଘୁମୁସର ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦିଆଯାଇଥିବା ବୁଗୁଡା ବନ୍ଦ ଡାକରା ସମ୍ପୂର୍ଣ୍ଣ ସଫଳ ହୋଇଛି। ବୁଗୁଡ଼ା ଚେମ୍ବର ଅଫ କମର୍ସ, ପରିବା ବ୍ୟବସାୟୀ ସଂଘ, ବଣିକ ସଂଘ, ବସ ମାଲିକ ସଂଘ, ଡ୍ରାଇଭର ମହାସଂଘ, ଅଟୋ ଚାଳକ ସଂଘ, ବୁଗୁଡ଼ା ମିଡ଼ିଆ କ୍ଲବ, ଓକିଲ ସଂଘ ସମେତ ବାଲିପଦର, କରସିଂ ଅଞ୍ଚଳର ବିଭିନ୍ନ ସଂଘ ସମର୍ଥନ ଜଣାଇ ଏହି ବନ୍ଦକୁ ସଫଳ କରିଥିଲେ। ଏହି ଅବସରରେ ଘୁମୁସର ଜିଲ୍ଲା ଭାଜପା ସଭାପତି ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଭାଜପା କର୍ମକର୍ତ୍ତାମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। ବୁଗୁଡ଼ା, ବାଲିପଦର, କରସିଂ ଠାରେ ଆନ୍ଦୋଳନକାରିମାନେ ପିକେଟିଂକରିବା ଫଳରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ ବ୍ୟାଙ୍କ ଆଦି ଦୋକାନ, ବଜାର, ଗାଡି ମଟର ଆଦି ବନ୍ଦ ରହିଥିଲା। ଘୁମୁସର ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସଭାପତି ସୋମନାଥ ନାୟକ, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବିଷୋୟୀ, ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, ସଦସ୍ୟ ରବି ନାରାୟଣ ସାମନ୍ତ, ବୁଗୁଡ଼ା କ୍ରିୟାନୁଷ୍ଠାନ କମିଟି ସଭାପତି ଭକ୍ତରାମ ଦାଶ, ସମ୍ପାଦକ ହରପ୍ରସାଦ ଦାଶ, କୋଷାଧ୍ୟକ୍ଷ ସତ୍ୟନାରାୟ ଦାଶ, ସଂଯୋଜକ ଅନିଲ ପଟ୍ଟନାୟକ, ସଦସ୍ୟ ଗଙ୍ଗାଧର ବିଷୋୟୀ, ରଘୁନାଥ ସାହୁ, ସୁରେଶ ଚନ୍ଦ୍ର ଦାଶ, ବିଶ୍ୱ ମୋହନ ମିଶ୍ର, କାଳୀଚରଣ ଦାଶ, ଅଭୟ ପ୍ରସାଦ ପାଣିଗ୍ରାହୀ, ତ୍ରିଲୋଚନ ସାହୁ, କେ.ତ୍ରିଲୋଚନ ଦୋରା, ଅମର ପଟ୍ଟନାୟକ, ଶିବ ପ୍ରସାଦ ନାୟକ, ବିପିନ ପରିଡା, ଅରୁଣ ସାହୁ, ପ୍ରଭାତ ଜେନା, ମନୋଜ ପାଣିଗ୍ରାହୀ, ରାଧା ମୋହନ ସ୍ୱାଇଁ, ଅନ୍ତର୍ଯ୍ୟାମୀ ବେହେରା, ଲୋକନାଥ ବେହେରା, ଶ୍ରୀକାନ୍ତ ଶତପଥୀ, ଶ୍ୟାମସୁନ୍ଦର ବିଷୋୟୀ, ପ୍ରଭାତ ଜେନା, ସରୋଜ ତ୍ରିପାଠୀ, ବନବାସୀ ମହାରଣା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।



ବୁଗୁଡ଼ା ବନ୍ଦରେ ଆନ୍ଦୋଳନକାରୀ।

### ଧାନ ଫସଲ ନଷ୍ଟ, ସହାୟତା ଦାବି

ଶେରଗଡ଼, ୮।୧୧(ସୂର୍ଯ୍ୟନାରାୟଣ ଦାଶ):
ଶେରଗଡ ବ୍ଲକର ପ୍ରାୟ ୨୦୦୦ ହେକ୍ଟର ଜମିର ଧାନ ଫସଲ ନଷ୍ଟ ହେବାକୁ ବସିଛି। ନିଅଣ୍ଟିଆ ବର୍ଷା ଯୋଗୁ ଜମି ଫାଟି ଆଁ କଲାଣି। ଅଗଷ୍ଟ ମାସରୁ ବର୍ଷା ଛାଡି ଯାଇଥିବା ବେଳେ ଯେତିକି ବର୍ଷା ହୋଇଛି ତାହା ଧାନ ଫସଲ ପାଇଁ ଅନୁକୂଳ ନୁହେଁ। ଚଳିତ ବର୍ଷ ସବୁ ବ୍ଲକରେ ବର୍ଷା ହୋଇଥିବା ବେଳେ ଶେରଗଡ ବ୍ଲକରେ ଧାନ ଫସଲକୁ ସୁହାଇଲା ଭଳି ବର୍ଷା ହୋଇନାହିଁ। ଫଳରେ ପଟାପାବୁଲି, ଶେରଗଡ, ହରିକୃଷ୍ଣପୁର, ବରମୁଣ୍ଡଳୀ, ହାଡିଚିରା, ବାଦୁଆ, ଖୋଲ, ବାରସିଙ୍ଗି, ଭେଟସିଂ, ନାରାୟଣପୁର, ଧନନ୍ତର, ପଥରପୁଞ୍ଜି ଆଦି ବହୁ ଗ୍ରାମରେ ଧାନ ଫସଲ ନଷ୍ଟ ହୋଇଗଲାଣି। ଏଣୁ ରାଜସ୍ୱ ବିଭାଗ, କୃଷି ବିଭାଗ ଦୃଷ୍ଟିଦେବା ସହ ତୁରନ୍ତ ଜମିଗୁଡିକ ପରିଦର୍ଶନ କରି ମରୁଡି ଘୋଷଣା ସହ ଚାଷୀମାନଙ୍କୁ ସହାୟତା ପ୍ରଦାନ ପାଇଁ ଚାଷୀ ପ୍ରଫୁଲ ସ୍ୱାଇଁ, ବଳରାମ ରାଉତ, କାଲୁ ଜାନୀ, ବାସୁଦେବ ରାଉତ ପ୍ରମୁଖ ଦାବି କରିଛନ୍ତି।

### ଜି.ଉଦୟଗିରି ଏନ୍‌ଏସି ଅଧ୍ୟକ୍ଷା ଉପନିର୍ବାଚନ
## ମଧୁଲିନା କଂଗ୍ରେସ ପ୍ରାର୍ଥିନୀ


ମଧୁଲିନା ଦିଗାଲଙ୍କୁ କଂଗ୍ରେସ ପକ୍ଷରୁ ପ୍ରାର୍ଥିପତ୍ର ପ୍ରଦାନ କରାଯାଉଛି।

ଜି.ଉଦୟଗିରି,୮।୧୧(ଶିଶିର ପଟ୍ଟନାୟକ)
ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ପଦବୀ ପାଇଁ ଉପ ନିର୍ବାଚନ ନିମନ୍ତେ କଂଗ୍ରେସ ପ୍ରଥମେ ତାର ପ୍ରାର୍ଥୀ ଘୋଷଣା କରିଛି। କଂଗ୍ରେସ ବୁଧବାର ଅଧ୍ୟକ୍ଷ ପଦରେ ନିର୍ବାଚନ ଲଢ଼ିବା ପାଇଁ ମଧୁଲିନା ଦିଗାଲଙ୍କୁ ଦଳୀୟ ପ୍ରାର୍ଥିନୀ ଘୋଷଣା କରି ଜିଲ୍ଲା କଂଗ୍ରେସ ସଭାପତି ଅନାମ ନାୟକ ଦଳୀୟ ଟିକେଟ ପ୍ରଦାନ କରିଛନ୍ତି। ଆସନ୍ତା ୯ ରୁ ୧୧ ତାରିଖ ଯାଏ ନାମାଙ୍କନ ପତ୍ର ଦାଖଲ ସମୟ ଥିଲେ ମଧ ଆଜିସୁଦ୍ଧା କଂଗ୍ରେସ ଛଡ଼ା ଅନ୍ୟ କୌଣସି ଦଳ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହାନ୍ତି। ବୁଧବାର ଟିକେଟ ପ୍ରଦାନ ସମୟରେ ଜି.ଉଦୟଗିରି ନଗର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ନାୟକ, ଏନ୍‌ଏସି କାଉନସିଲର ଯାକେଶ ପ୍ରଧାନ, ପୂର୍ବତନ ନଗର କଂଗ୍ରେସ ସଭାପତି ଗଗନ କୁମାର ପ୍ରଧାନ, କଂଗ୍ରେସ ନେତା ଶୁଭ୍ରମନ୍ୟୁ ନାୟକ, ନାଥନ ପ୍ରଧାନଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ରେଳପଥ କ୍ରିୟାନୁଷ୍ଠାନ କମିଟିର ଶୋଭାଯାତ୍ରା

ଫୁଲବାଣୀ, ୮।୧୧(ରାକେଶ କୁମାର ରାଉତ)
କନ୍ଧମାଳ ଜିଲ୍ଲା ରେଳପଥ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଫୁଲବାଣୀ ସହରକୁ ରେଳ ସଂଯୋଗ ଦାବିରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କମିଟି କର୍ମକର୍ତ୍ତାମାନେ ମାଦିକୁନ୍ଦା ଛକରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା।

ଗୋପାଳପୁର-ସମ୍ବଲପୁର ରେଳପଥ ଭାୟା ଫୁଲବାଣୀ ଦେଇ ଯିବାକୁ ଡିପିଆର ପ୍ରସ୍ତୁତ ହୋଇଥିଲା। ଏବେ ରେଳପଥ ଫୁଲବାଣୀକୁ ସଂଯୋଗ ନ କରି ଚକାପାଦଠାରୁ ଖୋର୍ଦ୍ଧା ବଲାଙ୍ଗୀର ରେଳପଥକୁ ସଂଯୋଗ କରିବାକୁ ଡିପିଆରରେ ପରିବର୍ତ୍ତନ ହୋଇଥିବା ଜଣାପଡ଼ିଛି। ଜିଲ୍ଲାବାସୀ ଫୁଲବାଣୀରେ ରେଳ ଷ୍ଟେସନ ଦାବି କରି ଆସୁଛନ୍ତି। ବର୍ତ୍ତମାନର ରେଳ ୱେବସାଇଟରେ ଫୁଲବାଣୀ ସହର କଟିଯାଇଛି। କେବଳ ଜିଲ୍ଲାର ଚକାପାଦ ବ୍ଲକରେ ଗୋଟିଏ ରେଳ ଷ୍ଟେସନ କରି କନ୍ଧମାଳ ବାସୀଙ୍କୁ ସରକାର ଲଲି ପପ ଧରାଇବାକୁ ଚେଷ୍ଟା କରୁଛନ୍ତି। କୋରାପୁଟ ଭଳି ଜିଲ୍ଲାରେ ପାହାଡ ଘାଟି କାଟି ରେଳପଥ ନିର୍ମାଣ ହୋଇଛି। ହେଲେ ଏସବୁ ଆଳ ଦେଖାଇ ଫୁଲବାଣୀ ସହରକୁ ରେଳପଥ ସଂଯୋଗ ନ ଦେବା ଦୁର୍ଭାଗ୍ୟ ଜନକ ବୋଲି କମିଟି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ସେହିପରି ଜିଲ୍ଲା ଦେଇ ଯିବାକୁ ଥିବା ଲାଞ୍ଜିଗଡ-ତାଳଚେର ଭାୟା ବାଲିଗୁଡା, ଫୁଲବାଣୀ ରେଳପଥ ନିର୍ମାଣ ପାଇଁ ମଧ ଦାବି କରାଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମିଟି ସଭାପତି କମଳାକାନ୍ତ ପାଣ୍ଡେ, ଅରୁପ ଜେନା, ଅଶୋକ ପରିଡ଼ା, ପ୍ରଣବ ମଣ୍ଡଳ, ନବୀନ କିଶୋର ପଣ୍ଡା, ପଦ୍ମଚରଣ ସ୍ୱାଇଁ, ରାଜ କିଶୋର ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



କମିଟି କର୍ମକର୍ତା ଶୋଭାଯାତ୍ରାରେ ଯାଉଛନ୍ତି।

### ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଗୋପାଳପୁର,୮।୧୧(ନବୀନ ରାଜ ଆଚାରୀ)
ଗୋପାଳପୁର ଥାନା ଅଧିନ ସାନକୁସ୍ଥଳୀ ଗ୍ରାମରେ ଦୁର୍ବୃତ୍ତମାନେ ମଙ୍ଗଳବାର ରାତିରେ ଘରେ ପଶି ଚୋରି କରିଥିବା ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ ସାନକୁସ୍ଥଳୀ ଗ୍ରାମର ସୁକାନ୍ତ କୁମାର ସାହୁ ପରିବାର ସହ ରହୁଥିଲେ। ସବୁଦିନ ଭଳି ତାଙ୍କ ପରିବାର ଖାଇ ସାରି ରାତିରେ ଶୋଇପଡିଥିଲେ। ଏହାର ସୁଯୋଗ ନେଇ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମୁଖ୍ୟ କବାଟ ତାଡି ଘରେ ଭିତରେ ପସିଥିଲେ। ପରେ ଆଲମିରା ଭାଙ୍ଗି ୬ ତୁଳା ସୁନା ଅଳଙ୍କାର, ୨୦ ହାଜର ଟଙ୍କା ଓ ମଲ୍ୟବାନ କାଗଜ ପତ୍ର ନେଇ ଚମ୍ପଟ ମାରିଥିଲେ। ସକାଳେ ସୁକାନ୍ତ ଉଠି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ସୁକାନ୍ତ ଅଭିଯୋଗ କ୍ରମେ ନଂ. ୪୫୨/୨୩ରେ ମାମଲା ରୁଜୁ କରି ଗୋପାଳପୁର ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି।

## ବିଦ୍ୟାଳୟରେ ସ୍ୱାସ୍ଥ୍ୟରକ୍ଷା ସଚେତନତା କାର୍ଯ୍ୟକ୍ରମ

ଦିଗପହଣ୍ଡି,୮।୧୧(ଅଶେଷ ନାଥ ମିଶ୍ର)-
ଦିଗପହଣ୍ଡି ବ୍ଲକ ମଦନ ମୋହନପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ସ୍ୱାସ୍ଥ୍ୟ ରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା ସମିତି ଅଧକ୍ଷ ତେଜେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଭ୍ୟା ସଭ୍ୟ ବୃନ୍ଦ, ବହୁ ସଂଖ୍ୟକ ଅଭିଭାବିକା, ଅଭିଭାବକ ଉପସ୍ଥିତ ଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶିତ ଧୂମ ବିହୀନ ଦୀପାବଳୀ ଓ ସରକାରଙ୍କ ପ୍ରଯୋଜିତ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ବ୍ୟତୀତ ସରକାରଙ୍କ ଦ୍ୱାରା ପ୍ରତି ବିଦ୍ୟାଳୟରେ ଚାଲିଥିବା ଭାଷା ଓ ମୌଳିକ ସଂଖ୍ୟା ଜ୍ଞାନର ପ୍ରଗତି ବିଷୟରେ ଆଲୋଚନା ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିବରାମ ପ୍ରଧାନ ପିଲାଙ୍କ ସଂଖ୍ୟା ଜ୍ଞାନ ପ୍ରଗତି ବିଷୟରେ ଅଭିଭାବକ ମାନଙ୍କ ସହ ଆଲୋଚନା କରିଥିଲେ। ବିଶ୍ୱ ଜଳବାୟୁ ପରିବର୍ତ୍ତନ ଏବଂ ବର୍ତ୍ତମାନ ସ୍ଥିତିରେ ଦିଲ୍ଲୀ ସହରର ବାୟୁମଣ୍ଡଳର ଅବସ୍ଥା ସମ୍ପର୍କରେ ସେ ଉପସ୍ଥିତ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଦୀପାବଳିରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ କିଭଳି ପାଳନ କରାଯିବ ସେ ନେଇ ଉପସ୍ଥିତ ଛାତ୍ରୀଛାତ୍ର ଓ ଗ୍ରାମବାସୀମାନଙ୍କୁ ବୁଝାଇଥିଲେ। ସଭାରେ ଉପସ୍ଥିତ ସ୍ୱାସ୍ଥ୍ୟକର୍ମୀ ମନ୍ଦୋଦରୀ ବେହେରା, ବିଦ୍ୟାଳୟ ସ୍ୱାସ୍ଥ୍ୟ ଆମ୍ବାସଡର ଶିକ୍ଷକ ନରେନ୍ଦ୍ର ସାହୁ ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କରେ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀକୁ ଉପସ୍ଥାପନ କରିଥଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଜ୍ୟୋତି ମହାରଣା, ଶିକ୍ଷକ ସୌମ୍ୟରଞ୍ଜନ ପ୍ରଧାନ, ରାମଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଗ୍ରାମବାସୀ ମୂରଲୀଧର ପ୍ରଧାନ, ତପ୍ତ ପଣ୍ଡା, ଜାଗିଲୀ ପ୍ରଧାନ, ଜଗନ୍ନାଥ ପ୍ରଧାନ, ବିଶ୍ୱନାଥ ପ୍ରଧାନ, ସନ୍ତୋଶିନୀ ପ୍ରଧାନ, ଲିଲି ପ୍ରଧାନ, ଶର୍ମିଷ୍ଠା ପ୍ରଧାନ, ସବିତା ନାଇକ, ଅଙ୍ଗନୱାଡି କର୍ମୀ ପ୍ରତିମା ପ୍ରଧାନ, ଆଶା କର୍ମୀ ବିଷ୍ଣୁପ୍ରିୟା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମାଟି ବଦଳରେ ଇଲେକ୍ଟ୍ରି ଦୀପ, ଚିନ୍ତାରେ କୁମ୍ଭକାର ପରିବାର

ପାରଳାଖେମୁଣ୍ଡି, ୮।୧୧ (ଗିରିଧାରୀ ପରିଛା):
ପାଖେଇ ଆସୁଛି ଆଲୋକର ପର୍ବ ଦୀପାବଳି। ରଙ୍ଗୀନ ଆଲୋକର ସଜା ସହିତ ପୂର୍ବ ପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପ ଜାଳି ଶୁଭକାମନା କରନ୍ତି ଲୋକେ। ସମୟ ବଦଳିବା ସହ ଗ୍ରାହକଙ୍କ ଚାହିଦା ମଧ ବଦଳୁଛି। ଏବେ ମାଟି ଦୀପର ସ୍ଥାନ ନେଇଛି ଇଲେକ୍ଟ୍ରିକ ଦୀପ, ଲିଟୁ। ତଥାପି ଦୀପାବଳି ପାଇଁ କୁମ୍ଭକାରମାନେ ଦୀପ ତିଆରି କରିବାରେ ଲାଗିଛନ୍ତି। ଦୁଇ ପଇସା ରୋଜଗାର କରି ପରିବାର ପୋଷଣ କରୁଥିବା ଏହି ଲୋକମାନେ ଏବେବି ଉଦ୍ୟମ ଜାରି ରଖିଛନ୍ତି। ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥ କୁମ୍ଭକାର ସାହି ଠାରେ ପ୍ରାୟ ୫୦ ପରିବାର ରହୁଛନ୍ତି। ଆବଶ୍ୟକୀୟ କଞ୍ଚାମାଲର ଦର ବୃଦ୍ଧି ଯୋଗୁଁ କାରିଗରମାନେ ଚିନ୍ତାରେ। ଧିରେ ଧିରେ ମାଟି ତିଆରି ଜିନିଷର ଚାହିଦା କମିବାରେ ଲାଗିଛି। ଦିନ ଥିଲା କେବଳ ଦିପାବଳୀ ନୁହେଁ, ବର୍ଷ ତମାମ ଘର ପାଇଁ ଅନେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା ମାଟି ହାଣ୍ଡି, ମାଟି ବେଲା, ରୁଖା, ବାସନ ଇତ୍ୟାଦି ବିକ୍ରି କରି ଗୁଜୁରାଣ ମେଣ୍ଟାଉଥିଲେ। ଆଉ ଦୀପାବଳି ଆସିଲେ ଭଲ ରୋଜଗାର ହେଉଥିଲା। କିନ୍ତୁ ଏବେ ଏହାର ଚାହିଦା କମି ଗଲାଣି। ସେହିପରି ମାଟି ଦୀପର ସ୍ଥାନ ନେଲାଣି ଚାଇନା ସାମଗ୍ରୀ। ଫଳରେ କୌଳିକ ବୃତ୍ତିଠାରୁ ଧୀରେ ଧୀରେ ଦୂରେଇଗଲେଣି କୁମ୍ଭକାର। ପରିବାରର ସଦସ୍ୟମାନେ ଭିଟାମାଟି ଛାଡି ଏବେ ଦାଦନ ଖଟିବାକୁ ବାହାର ରାଜ୍ୟ ଯାଉଥିବା ରାମଚନ୍ଦ୍ର ବେହେରା, ଯୁଗଳ ବେହେରା, ଶ୍ରୀଧର ବେହେରା ମଙ୍ଗଳା ବେହେରା, ଶ୍ୟାମ ବେହେରା ପ୍ରମୁଖ କହିଛନ୍ତି। ଅନ୍ୟପଟେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯେଉଁଭଳି ପ୍ଲାଷ୍ଟର ଅଫ ପ୍ୟାରିସ ମୂର୍ତ୍ତିକୁ ବନ୍ଦ କରାଯାଇଛି ସେହିପରି କୁମ୍ଭକାରମାନଙ୍କ ପାଇଁ ମଧ ଇଲେକ୍ଟ୍ରି ଦୀପ ବଦଳରେ ମାଟି ଦୀପ ବ୍ୟବହାର କରିବା ପାଇଁ ଲୋକଙ୍କୁ ସଚେତନତା କରାଇବା ଆବଶ୍ୟକ ରହିଛି।



### 'ଆଖିର ଜନମ କାନ୍ଦିବା ପାଇଁ' ମଞ୍ଚସ୍ଥ

ଆସିକା, ୮।୧୧(ସୁରେନ୍ଦ୍ର ନାଥ ସାହୁ):
ଆସିକା ବ୍ଲକ ଜୟପୁର ପଞ୍ଚାୟତ ଅନ୍ତର୍ଗତ କେନ୍ଦୁପଦର ଗ୍ରାମରେ ବାଲୁଙ୍କେଶ୍ୱର ଯୁବକ ସଂଘ ପକ୍ଷରୁ ସାମାଜିକ ନାଟକ 'ଆଖିର ଜନମ କାନ୍ଦିବା ପାଇଁ' ମଙ୍ଗଳବାର ରାତିରେ ମଞ୍ଚସ୍ଥ ହୋଇଛି। ବରିଷ୍ଠ ବିଜେଡି ସଂଗଠକ ବଂଶୀଧର ନାହାକ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଆସିକା ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲ୍ଲିକ, ଏମପି ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ, ସତ୍ୟବାନ ସାହୁ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦିକା କଳ୍ପନା ଭୋଳ, କବିସୂର୍ଯ୍ୟନଗର ବ୍ଲକ ଉପାଧ୍ୟକ୍ଷ ବିରେନ୍ଦ୍ର ଖଟେଇ ପ୍ରମୁଖ ଯୋଗ ଦେଇଥିଲା ବେଳେ ମୁଖ୍ୟବକ୍ତା ରୂପେ ଅଜିତ କୁମାର ଚୌଧୁରୀ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମାଞ୍ଚଳରେ କଳା ସଂସ୍କୃତି ମାଧ୍ୟମରେ ଭାଇଚାରା ଭାବ ସୃଷ୍ଟି ଲାଗି ରୀତିମତ ପ୍ରୟାସ ଜାରି ରଖିଥିବା ବରିଷ୍ଠ ଯୁବନାଟ୍ୟ ନିର୍ଦ୍ଦେଶକ ଭବାନୀ ଶଙ୍କର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଖପାଖ ଗ୍ରାମାଞ୍ଚଳର କଳାପ୍ରେମୀ ଉପଭୋଗ କରିଥିଲେ।

# ୧୫ରେ ଜିଲ୍ଲାସ୍ତରୀୟ ଚାଷୀ ସମାବେଶ

## ଅଖିଳ ଭାରତ କୃଷକ ସଭାର ପ୍ରସ୍ତୁତି ବୈଠକ

ଛତ୍ରପୁର, ୮।୧୧(ଦିଲ୍ଲୀପ ସାମଲ):
ଗଞ୍ଜାମ ଜିଲ୍ଲାର ସମସ୍ତ ଚାଷଜମିକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଜଳ ସେଚନ ବ୍ୟବସ୍ଥା ସହ ଅନ୍ୟାନ୍ୟ ଦାବି ନେଇ ନଭେମ୍ବର ୧୫ ତାରିଖ ଦିନ ଛତ୍ରପୁର ଠାରେ ଅଖିଳ ଭାରତ କୃଷକ ସଭା ପକ୍ଷରୁ ଚାଷୀମାନଙ୍କ ହିତ ନିମନ୍ତେ ଜିଲ୍ଲାସ୍ତରୀୟ ଚାଷୀ ସମାବେଶ ଅନୁଷ୍ଠିତ ହେବ। ଏନେଇ ସ୍ଥାନୀୟ ଲକ୍ଷ୍ମଣ ଭବନ ପରିସରରେ ଅଖିଳ ଭାରତ କୃଷକ ସଭାର ଗଞ୍ଜାମ ଜିଲ୍ଲା ସଭାପତି ଶ୍ରୀହର୍ଷ ରଥଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚାଷୀ, ମଣ୍ଡିରେ ଦେବାକୁ ଚାହୁଁଥିବା ସମସ୍ତ ଧାନ କ୍ରୟ କରିବା, ଚଳିତ ବର୍ଷ ଧାନର ମାନ ନିର୍ଦ୍ଧାରଣ କୋହଳ କରିବା, ମଣ୍ଡିରେ ବିକ୍ରି ନିମନ୍ତେ ଜଣେ ମଧ ପଞ୍ଜୀକୃତ ଚାଷୀ କିପରି ବାଦ ନ ପଡେ ସେ ଦିଗରେ କଠୋର ନଜର ରଖିବା, ଜିଲ୍ଲାରେ ଡାଲି ଜାତୀୟ ଫସଲ, ତୈଳବୀଜ, ମାଣ୍ଡିଆ ଭଳି କ୍ଷୁଦ୍ର ଦାନା ଶସ୍ୟ, ଲଙ୍କା, କାଜୁ, ଗୁଆ, ନଡିଆ, ଫଳ, ଫୁଲ, କିଆଫୁଲ, ପାନ ଓ ଆଖୁ ଭଳି ଅର୍ଥକାରୀ ଫସଲକୁ ପ୍ରୋତ୍ସାହନ ଦେବାକୁ ନିର୍ଦ୍ଦିଷ୍ଟ ଯୋଜନା, ପନିପରିବା ଚାଷକୁ ପ୍ରୋତ୍ସାହନ ସହ ସଂରକ୍ଷଣ ନିମନ୍ତେ ଶୀତଳ ଭଣ୍ଡାର ସ୍ଥାପନ କରିବା ଭଳି ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଦାବିଗୁଡିକ ନେଇ ନଭେମ୍ବର ୧୫ ତାରିଖ ଦିନ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯିବା ସହ ଚାଷୀମାନଙ୍କୁ ନେଇ ବିଶାଳ ସମାବେଶ ଅନୁଷ୍ଠିତ ହେବ ବୋଲି ବହୁ ବକ୍ତା କହିଥିଲେ। ଜଳସେଚନ ସମ୍ପର୍କିତ ବିଭିନ୍ନ ବ୍ଲକରୁ ଆସୁଥିବା ବିଭିନ୍ନ ଦାବିଗୁଡିକ ମଧ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ଜିଲ୍ଲା ସଭାପତି ଶ୍ରୀ ରଥ କହିଛନ୍ତି। ଏହି ପ୍ରସ୍ତୁତି ବୈଠକରେ ଅଖୀଳ ଭାରତ କୃଷକ ସଭାର ଜିଲ୍ଲା ସମ୍ପାଦକ ରାଜୀବ ଲୋଚନ ପଣ୍ଡା, ସାଂଗଠନିକ ସମ୍ପାଦକ ନୀଳକଣ୍ଠ ଦାଶ, ଜିଲ୍ଲା ଉପସଭାପତି ଶରତ ପଟ୍ଟନାୟକ, ସି. ଏଚ. ସତ୍ୟ ନାରାୟଣ ରେଡ୍ଡୀ, ଏସ. କ୍ରିଷ୍ଣା ରେଡ୍ଡୀ, ଦିନବନ୍ଧୁ ନାହାକ, ସୀମାଞ୍ଚଳ ସାହୁ, ପ୍ରଫୁଲ୍ଲ ପାଣିଗ୍ରାହୀ ଓ ଏସ. ତ୍ରିନାଥ ରେଡ୍ଡୀଙ୍କ ସମେତ ବହୁ ଚାଷୀ ଓ ଚାଷୀନେତା ଉପସ୍ଥିତ ଥିଲେ।

**୪୦ରୁ ଊର୍ଦ୍ଧ୍ୱ ପରିବାର ଭାଜପାରେ ସାମିଲ**

ରାଜକନିକା,(ସଞ୍ଜୟ କୁମାର ଦାଶ): ରାଜକନିକା ବ୍ଲକ ସିହୋପଡ଼ା ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ପରିବାର ବୁଧବାର ଭାଜପାରେ ସାମିଲ ହୋଇଛନ୍ତି। ଆଳି ନିର୍ବାଚନମଣ୍ଡଳୀର ସଂଯୋଜକ ରଶ୍ମି ରଞ୍ଜନ ବେହୁରାଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ବ୍ରଜ ସୁନ୍ଦର ଭୂୟାଁ, ଆଶାଲତା ପଟ୍ଟନାୟକ, ବୈକୁଣ୍ଠନାଥ ପରିଡା ଓ ବିଶ୍ୱମ୍ଭର ସୁତାର ପ୍ରମୁଖ ପରିବାର ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳରେ ସାମିଲ କରିଥିଲେ। ଅନୁରାଧା ସାମଲ, ଜଗନ୍ନାଥ ମଲିକ ଓ ପଞ୍ଚାନନ ନାୟକ ମିଶ୍ରଣ ପର୍ବ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ନେଇ ବିବାଦ

**ପଟ୍ଟାମୁଣ୍ଡାଇ,୮।୧୧(କଳ୍ପତରୁ ନାୟକ)**

ଗତ ଏକ ମାସ ଧରି ଛାତ୍ରୀଛାତ୍ରଙ୍କୁ ନେଇ ଚାଲିଥିବା କ୍ଲଷ୍ଟର ଓ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ନେଇ ବିବାଦ ସୃଷ୍ଟି ହୋଇଛି। ୧ ତାରିଖରୁ ଜିଲାସ୍ତରୀୟ ସୁରଭି ମହୋତ୍ସବର ବିଚାରକ ମଣ୍ଡଳୀ ଚୟନ ପ୍ରକ୍ରିୟାରେ ପାତରଅନ୍ତର ଓ ପକ୍ଷପାତିତାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମୌଳିକ କାହାଣୀକୁ ଅଣଦେଖା କରାଯାଇଛି। ଅନ୍ୟ କାହାଣୀ ଉପରେ ପର୍ଯ୍ୟାବେଶିତ ନୃତ୍ୟକୁ ପ୍ରଥମ ସ୍ଥାନ ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନୀତିନିୟମକୁ ଉଲ୍ଲଘଂନ କରାଯାଇ ୭ଜଣ ଛାତ୍ରୀ ନାଚିଥିବା ବିଦ୍ୟାଳୟକୁ ଦ୍ୱିତୀୟ ସ୍ଥାନ ଦେବାକୁ ନେଇ ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରି ରାଜ୍ୟ ଗଣଶିକ୍ଷା ବିଭାଗ, କେନ୍ଦ୍ରପଡ଼ା ଜିଲାପାଳ, ଡିଇଓଙ୍କ ପାଖରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି–୨୦୨୩ ଜିଲା ସାଂସ୍କୃତିକ ଭବନଠାରେ ଚଳିତ ମାସ ପହିଲାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗୀତ, ଚିତ୍ରାଙ୍କନ, ବକ୍ତୃତା, ରଚନା, ହସ୍ତାକ୍ଷର, କୁଇଜ୍ ଓ ଦଳଗତ ନୃତ୍ୟରେ ବ୍ଲକର କୃତୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରୁ ପ୍ରଥମ ସ୍ଥାନ ପାଇଥିବା ଛାତ୍ରୀଛାତ୍ରମାନେ ଆସନ୍ତା ୧୪ ରୁ ୧୬ ତାରିଖରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। କିନ୍ତୁ ଏହି ଜିଲାସ୍ତରୀୟ ସୁରଭି ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଗାଇଡ୍ ଲାଇନକୁ ଜଳାଞ୍ଜଳି ଦେଇ ନିରୀକ୍ଷକଙ୍କ ପକ୍ଷପାତିତା, ଜିଲା ଶିକ୍ଷାଅଧିକାରୀଙ୍କ ପାତରଅନ୍ତର ଓ ପଟ୍ଟାମୁଣ୍ଡାଇ ବିଇଓଙ୍କ ନିଷ୍କ୍ରିୟତାକୁ ନେଇ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିବାଦ ସୃଷ୍ଟି ହୋଇଛି। ନାରୀ ସଶକ୍ତିକରଣ ଉପରେ ନୃତ୍ୟ ପରିବେଷଣ ପାଇଁ ଦିଆଯାଇଥିବା ବେଳେ ନାରୀ ଶକ୍ତି ଉପରେ ୧୨ ମିନିଟ ୨୯ ସେକେଣ୍ଡର ନୃତ୍ୟ ପରିବେଷଣ କରିଥିବା ଆଳି ବ୍ଲକକୁ ନିରୀକ୍ଷକ ପ୍ରଥମ ସ୍ଥାନ ଦେଇଥିଲେ। ସେହିପରି ଦଳଗତ ନୃତ୍ୟରେ ଜଣେ ଆକରିଂ କରିବେ ଓ ୬ ଜଣ ନୃତ୍ୟ ୧୨ ମିନିଟରେ କରିବେ ବୋଲି ନିର୍ଦ୍ଧିଷ୍ଟ ନିୟମ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଗାଇଡ଼ ଲାଇନ (ଚିଠି ନଂ–୧୦୫୪୬/ ୮–୯–୨୦୨୩)ରେ ଦର୍ଶାଯାଇଥିଲା। ହେଲେ ଏହାକୁ ଉଲ୍ଲଘଂନ କରାଯାଇ ୭ଜଣ ଛାତ୍ରୀ ୧୩ ମିନିଟ ନାଚିଥିବା ବିଦ୍ୟାଳୟକୁ ଦ୍ୱିତୀୟ ସ୍ଥାନ ଦେବା ଓ ସୁରଭି ନିୟମ ଅନୁଯାୟୀ ନାଚୁଥିବା ଛାତ୍ରୀଛାତ୍ରଙ୍କୁ ତୃତୀୟ ସ୍ଥାନ ଦେବାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ବିଦ୍ୟାଳୟର ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଅଭିଭାବକ କୁଞ୍ଜବିହାରୀ ତ୍ରିପାଠୀ, ଶଶିକାନ୍ତ ମହାନ୍ତି, ଗିରିମା ସାହୁ, ସୋମାରାଣୀ ବେହେରା, ଅନ୍ନପୂର୍ଣ୍ଣା ବେହେରା, ସୁଧାଂଶୁବାଳା ରାଉତ, ସାବିତ୍ରୀ ଘଡାଇ, ଭାରତୀ ବେହେରା, ତିଳୋତ୍ତମା ତ୍ରିପାଠୀ, ତେଜସ୍ୱିନୀ ସାହୁ,ରାଜସ୍ମିତା ଓଝା, ସୁଚିସ୍ମିତା ସାହୁ, ଶ୍ରୀପର୍ଣ୍ଣା ବେହେରା, ଶୁଭଶ୍ରୀ ବେହେରା, ଆଞ୍ଚଳ ତ୍ରିପାଠୀ, ପ୍ରଭାତ କୁମାର ସେନ ପ୍ରମୁଖ ଗଣଶିକ୍ଷା ବିଭାଗ, କେନ୍ଦ୍ରପଡ଼ା ଜିଲାପାଳ, ଡିଇଓଙ୍କୁ ପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆବଶ୍ୟକ ପଡ଼ିଲେ ସେମାନେ ଆଇନର ଆଶ୍ରୟ ନେବା ପାଇଁ ନିଷ୍ପତ୍ତି ନେଇଥିବା କହିଛନ୍ତି। ଏ ସଂକ୍ରାନ୍ତରେ ଡିଇଓ ଶୁଭଲକ୍ଷ୍ମୀ ନାୟକଙ୍କୁ ପ୍ରଶ୍ନ କରାଯିବାରୁ ସେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ନ ଥିଲେ। କେବଳ ଦାୟିତ୍ୱରେ ଥିବା ନିରୀକ୍ଷକଙ୍କ ନିଷ୍ପତ୍ତି ଅନୁସାରେ କୃତୀ ଛାତ୍ରୀଛାତ୍ରଙ୍କୁ ବଛା ଯାଇଥିବା ସେ କହିଛନ୍ତି।

# ବିଦ୍ୟାଳୟ ପାଇଁ ଗୌରବ ଆଣିଲେ ସୁମନ୍ତ



ସୁମନ୍ତଙ୍କୁ ସହପାଠୀମାନେ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଉଛନ୍ତି।

**ଆଳି,୮।୧୧(ବନମାଳୀ ସେନାପତି)**

କେନ୍ଦ୍ରାପଡ଼ା ଜିଲା ଇଚ୍ଛାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଜିଲାସ୍ତରୀୟ ବିଜ୍ଞାନ କୁଇଜ୍‌ରେ ମହୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ସୁମନ୍ତ ରାଜ ତରାଇ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ନିମନ୍ତେ ଗୌରବ ଆଣିଛନ୍ତି। ସୁମନ୍ତଙ୍କ ଏହି ସଫଳତା ନିମନ୍ତେ ବିଦ୍ୟାଳୟ ସମେତ ପରିବାର ଓ ଗ୍ରାମବାସୀ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି। ସୁମନ୍ତଙ୍କ ସଫଳତା ପାଇଁ ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ମିଶ୍ର ଓ ବିଜ୍ଞାନ ଶିକ୍ଷକ ରତିକାନ୍ତ ପାତ୍ର ଓ ସହପାଠୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି।

# ରାଜକନିକା କଂଗ୍ରେସର ମିଶ୍ରଣ ପର୍ବ



ମିଶ୍ରଣ ପର୍ବରେ ଯୋଗଦେଇଥିବା ଦଳୀୟ କର୍ମୀ ଓ ଅନ୍ୟମାନେ।

**ରାଜକନିକା,୮।୧୧(ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକ କଂଗ୍ରେସ ପକ୍ଷରୁ ବୁଧବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଆଳି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ରାଜକନିକା ପଞ୍ଚାୟତ ସମିତି ଅବଦୁଲପୁର ପଞ୍ଚାୟତର ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ପରିବାର ଅନ୍ୟ ଦଳ ଛାଡି କଂଗ୍ରେସରେ ଯୋଗ ଦେଇଛନ୍ତି। ଶର୍ମା ସମସ୍ତ କର୍ମୀ ଓ ନେତାମାନଙ୍କୁ ଦଳୀୟ ଉତ୍ତରୀୟ, ଟୋପି ଓ ପୁଷ୍ପଗୁଚ୍ଛ ସହ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ପିସିସି ସଭ୍ୟ ବାବୁରାମ ଜେନା, ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ୨୯ନଂ. ଜୋନ ସଭାପତି ଅଜୟ ଦାସ, ପଞ୍ଚାୟତ ସଭାପତି ଜ୍ଞାନେନ୍ଦ୍ର ମଲିକ, ବୈଦ୍ୟନାଥ ମଲିକ, ଅମରୀଶ ସାମଲ, ସରସ୍ୱତୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅବଦୁଲପୁର ପଞ୍ଚାୟତର ଅହମ୍ମଦପୁର, ଅବଦୁଲପୁର ଆଦି ଗ୍ରାମର ୧୫ରୁ ଊର୍ଦ୍ଧ୍ୱ ପରିବାର ଅନ୍ୟଦଳ ଛାଡି କଂଗ୍ରେସରେ ଯୋଗ ଦେଇଥିବା ଜଣାପଡିଛି।

# ମାନପୁର–ଗୋବିନ୍ଦପୁର ରାସ୍ତା ମରଣଯନ୍ତା

**ଆଳି,୮।୧୧(ବନମାଳୀ ସେନାପତି )**



ରାଜ୍ୟ ସରକାର ସାଧାରଣ ଗମନାଗମନର ସୁବିଧା ନିମନ୍ତେ ବିଭିନ୍ନ ଯୋଜନାରେ ଅର୍ଥ ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ସଦା ଚଳଚଞ୍ଚଳ ଥିବା ଆଳି ମାନପୁର–ଗୋବିନ୍ଦପୁର ରାସ୍ତା ଏବେ ମରଣାଯନ୍ତା ପାଲଟିଛି। ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ମାନପୁର –ଗୋବିନ୍ଦପୁର ରାସ୍ତା ଉପରେ ଅଞ୍ଚଳର ୧୦ଟି ପଞ୍ଚାୟତର ୫୦ ହଜାରରୁ ଊର୍ଦ୍ଧ୍ୱ ଅଧିବାସୀ ନିର୍ଭର କରୁଥିବା ବେଳେ ଏହି ରାସ୍ତା ଦେଇ ଦୈନିକ ଶତାଧିକ ଲୋକ ଯାତାୟାତ କରିବା ସହ ଜରୁରିକାଳୀନ ଗାଡି ଓ ଅନ୍ୟ ଯାନବାହନ କେନ୍ଦ୍ରାପଡ଼ାରୁ ଯାଜପୁର ଓ ଯାଜପୁରରୁ କେନ୍ଦ୍ରାପଡ଼ାକୁ ଏହି ରାସ୍ତା ଦେଇ ଯାଇଥାଏ। ଏପରିକି ଏହି ରାସ୍ତାଟି ସବୁ ସମୟରେ ଚଳଚଞ୍ଚଳ ରହିଥାଏ। ବିଭାଗ ପକ୍ଷରୁ ପ୍ରତିବର୍ଷ ଏହି ରାସ୍ତା ମରାମତି ବାବଦରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ରାସ୍ତା ଅବସ୍ଥା କିନ୍ତୁ ବଦଳୁ ନାହିଁ। ମରାମତି ହେବାର ଅଳ୍ପଦିନ ବ୍ୟବଧାନରେ ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଯାଉଛି। ରାସ୍ତାରେ ଭାରିଯାନ ଯାତାୟାତ କରୁଥିବାରୁ ରାସ୍ତା ନଷ୍ଟ ହେଉଛି ବୋଲି ଅଭିଯୋଗ ହେଉଛି। ରାସ୍ତାରେ ଖାଲଖମା ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ କାର୍ଯ୍ୟ କରୁଥିବା ଠିକାଦାର ନିମ୍ନମାନର କାର୍ଯ୍ୟ କରି କାମ ସାରିଦେଉଥିବା ବେଳେ ରାସ୍ତା ଅବସ୍ଥା ବାରମ୍ବାର ଶୋଚନୀୟ ହେଉଛି। ତେଣୁ ଏହି ରାସ୍ତା ଏବେ ମରାମତି ହେବାର ଆବଶ୍ୟକତା ଦେଖାଦେଇଛି। ତେଣୁ ରାସ୍ତା ମରାମତି ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଯାତାୟାତ ଉପଯୋଗୀ ହେବା ଭଳି କାର୍ଯ୍ୟ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏ ନେଇ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜଙ୍କୁ ପଚାରିବାରୁ ସେହି ଅଞ୍ଚଳ ବନ୍ୟାଞ୍ଚଳ ହୋଇଥିବାରୁ କିଛିଦିନ ପୂର୍ବେ ହୋଇଥିବା ବନ୍ୟାରେ ରାସ୍ତା ଅଧିକ ନଷ୍ଟ ହୋଇଯାଇଛି। ବିଭାଗକୁ ରାସ୍ତା କାର୍ଯ୍ୟ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ରାସ୍ତା ମରାମତି କାର୍ଯ୍ୟ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ହିଁ କରାଯିବ। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।


## झारखण्ड राज्य ग्रामीण पथ विकास प्राधिकरण (JSRRDA)
एफ०एफ०पी० भवन, तृतीय तल्ला, धुर्वा, राँची –834004, झारखण्ड

अति अल्पकालीन ई– पुनर्निविदा आमंत्रण सूचना (3rd Call)
PR No. -304904 Dated : 18.08.2023
अति अल्पकालीन ई–पुनर्निविदा संख्या:- 130/2023-24 दिनांक :- 07.11.2023

मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या / पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M-SIM-04/2023-24 | ठेठईटांगर | 1 | L041-एन०एच०–23 जोराम से मसनीया भाया सुदापहाड़ तक पथ का विशेष मरम्मति कार्य। (लं० – 5.950 कि०मी०) | 1229.527 | बारह करोड़ उनतीस लाख बावन हजार सात सौ रू० मात्र | 09 महीना |
| | | ठेठईटांगर | 2 | L056-लट्ठाखम्मन रेंगारी पथ से सर्पलता भाया भवरखोल तक पथ का विशेष मरम्मति कार्य। (लं० – 3.910 कि०मी०) | | | |
| | | ठेठईटांगर | 3 | L026-शंख नदी से कोंगसेरा बसारटोली पथ का विशेष मरम्मति कार्य। (लं० – 4.370 कि०मी०) | | | |
| | | बोलबा | 4 | बोलबा पी०डब्लू०डी० पथ से शमशेरा तक पथ का विशेष मरम्मति कार्य। (लं० – 3.660 कि०मी०) | | | |
| | | बोलबा | 5 | बोलबा पिरियापोछ मोड़ (बेलकुबा से तलमंगा पथ) से अवगा बाजार तक पथ का विशेष मरम्मति कार्य। (लं० – 2.700 कि०मी०) | | | |
| | | बोलबा | 6 | अवगा से कुन्दुरमुंडा तक पथ का विशेष मरम्मति कार्य। (लं० – 4.000 कि०मी०) | | | |

2. वेबसाईट मे निविदा प्रकाशन की तिथि:–09.11.2023
3. ई–निविदा प्राप्ति की अंतिम तिथि एवं समय:– 16.11.2023 अपराह्न 5.00 बजे तक।
4. निविदा खोलने की तिथि एवं समय:–17.11.2023 .अपराह्न 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धुर्वा, राँची –834004, झारखण्ड।
6. ई–निविदा प्रकोष्ठ का दूरभाष सं०– ..........................

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

मुख्य अभियंता
जे०एस०आर०आर०डी०ए०, राँची।

PR.NO.310984 Rural Work Department(23-24):D


## ଫେରାର ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ

**ବାଲିକୁଦା, ୮।୧୧(ତାପସ ସ୍ୱାଇଁ)**

ବାଲିକୁଦା ଥାନା କୁସୁପୁର ଗାଁର ଅନୁସୂଚିତ ଜାତି ବର୍ଗର ବ୍ୟକ୍ତି ବ୍ରଜବନ୍ଧୁ ବେହେରାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରି ଜୀବନରେ ମାରିଦେବାକୁ ଉଦ୍ୟମ କରି ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଥାନା ଅନ୍ତର୍ଗତ ଅନନ୍ତପୁର ଫାଣ୍ଡି ଅଧୀନ ଅନନ୍ତପୁର ଗାଁର ବାଦଲ ମହାନ୍ତି (୩୨)। ବାଦଲଙ୍କ ସମେତ ତାଙ୍କ ବାପା ଅବକାଶ, ସମ୍ପର୍କୀୟ ଭାଇ ସିଲୁ ମହାନ୍ତି ଓ ଅନ୍ୟ ୩ ଜଣ ମିଶି ବ୍ରଜବନ୍ଧୁଙ୍କୁ ତେନ୍ତୁଳିବେଲାରୀ ପ୍ରଥମପଡ଼ାରେ ଆକ୍ରମଣ କରିଥିଲେ। ଅନ୍ୟ ଅଭିଯୁକ୍ତମାନଙ୍କୁ ଉକ୍ତ ଘଟଣାରେ ଜାମିନ ମିଳିଥିବା ବେଳେ ଘଟଣା ଘଟାଇ ସେବେଠାରୁ ବାଦଲ ଫେରାର ଥିଲେ। ତେବେ ସେ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିବା କାରଣରୁ ତାଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ତାଙ୍କୁ ଶୀଘ୍ର ଗିରଫ କରି କୋର୍ଟରେ ହାଜିର କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ବାଦଲ ନିଜ ଘରେ ଥିବା ଜାଣି ଆଇଆଇସିଙ୍କ ପରାମର୍ଶକ୍ରମେ ଫାଣ୍ଡି ଅଧିକାରୀ ବୈକୁଣ୍ଠନାଥ ଘଡ଼େଇଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ତାଙ୍କ ଘର ଉପରେ ଚଢ଼ାଉ ତାକୁ ଉଠାଇ ଆଣିଥିଲେ। ସୂଚନା ଥାଉକି ବ୍ରଜବନ୍ଧୁଙ୍କ ଭାଇ ତପନ ବେହେରା କାର ଭଡ଼ାରେ ଦେଉଥିଲେ। ତାଙ୍କ କାରକୁ ଭଡ଼ାରେ ନେବା ପାଇଁ ସେତେବେଳେ ଅବକାଶ ଚାହିଁଥିଲେ। ହେଲେ ଚାଳକ ନ ଥିବାରୁ ତପନ ଗାଡ଼ିକୁ ଭଡ଼ାରେ ଦେଇ ପାରି ନ ଥିଲେ। ଏତିକିରେ ରାଗି ଯାଇ ତପନଙ୍କୁ ଗାଳି ଗୁଲଜ କରିଥିଲେ ଅବକାଶ ଓ ତାଙ୍କ ପୁଅ। ଏଥିରେ ହସ୍ତକ୍ଷେପ କରିଥିଲେ ବ୍ରଜବନ୍ଧୁ। ଏହି କାରଣରୁ ସେ ଆକ୍ରମଣର ଶିକାର ହୋଇଥିଲେ। ଏ ନେଇ କୋର୍ଟରେ ନଂ.୭୪/୨୦ରେ ଏକ ମାମଲା ରୁଜୁ ହୋଇଥିଲା।


**TPCODL**
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଲକ୍ଷ୍ମୀନାରାୟଣପୁର, କୁଞ୍ଜର ଓ ବିଲିପଡ଼ା ଅଞ୍ଚଳରେ ସକାଳ ୮ ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ସେହିପରି କଳିଙ୍ଗ ନଗର କେ-୩ବି, କେ-୮, ଡମଣା ବସ୍ତି ଓ ଡମଣା ମାର୍କେଟ୍ ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍



## कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, खूँटी

**निविदा संबंधी आवश्यक सूचना**

एतद द्वारा सूचित किया जाता है कि इस कार्यालय के निविदा सूचना सं0 07 / 2023–24 जो दैनिक समाचार पत्र मे पी.आर0 न0 309614 Rural Works Department (23-24)_D दिनांक 19.10.2023 को प्रकाशित हुआ था, उसे अपरिहार्य कारणवश रद्द किया जाता है।
पुनः निविदा आमंत्रित की जायेगी।

कार्यपालक अभियंता,
ग्रामीण कार्य विभाग,
कार्य प्रमंडल, खूँटी

PR 311007 Rural Work Department (23-24)_D



## ODISHA STATE CIVIL SUPPLIES CORPORATION LTD.
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR, ODISHA, PIN-751012
CIN : U51211OR1980SGC000894
Tel. No. : 0674-2395391, Fax No.: 0674-2395291, Website : www.oscsc.in

**Request for Proposal (RFP) for 'Selection of System integrator (S.I.) for Supply, Installation, Commissioning & Maintenance of Electronic Weighing Machines on Rental Mode and its integration with electronic Point of Sale devices at Fair Price Shops in the State of Odisha'.**

**RFP Re- Tender Advt. No.16555/OSCSC** **Date:8.11.2023**

Re-Tender proposals are invited from eligible bidders as OEM/authorized distributor of OEM/Authorized by the OEM, registered in India as per Government of Indian Company Registration Act 1956/2013, for ***'Selection of System integrator (S.I.) for Supply, Installation, Commissioning & Maintenance of Electronic Weighing Machines on rental mode and its Integration with electronic Point of Sale devices at Fair Price shops' in the State of Odisha'***. The tender document with all information relating to the tender process, including cost of tender document, EMD, eligibility criteria, scope of work, terms & conditions, evaluation criteria and formats of submission of tender, may be downloaded from the website **www.foododisha.in** & **www.oscsc.in**.

| Sl No | Event Description | Date |
|---|---|---|
| 1 | Publication of RFP in website | 09.11.2023 |
| 2 | Last Date and time for submission of Proposal | 08.12.2023 by 1700 Hours |
| 3 | Opening of Technical Proposal | 11.12.2023 by 1600 Hours |
| 4 | Presentation by Bidders Qualified in Eligibility Criteria | The Date and time will be intimated to the bidders by e-mail, Venue will be the Conference Hall of OSCSC Ltd., C/2, Nayapalli, Bhubaneswar-751012. |
| 5 | Opening of Financial Bid | To be intimated to the Technically Qualified Bidders through registered mail ID. |

As the RFP published advt. vide no.9811/FSCW, dtd, 08.06.2023 (Corrigendum no-12913/FSCW, dtd.07.08.2023) stands cancelled, hence the bidders those have applied earlier shall have to re-submit their bid proposal for this re-tender. Any amendment in the tender document due to decision in pre-bid meeting/extension of bid if any shall only be notified in the websites mentioned above. The proposals shall be submitted through Speed Post/Registered Post/Courier only to ***"Managing Director, Odisha State Civil Supplies Corporation Ltd, C/2 Nayapalli, Bhubaneswar, Pin-751012, Odisha"***. The authority reserves the right to cancel any or the entire selection process without assigning any reason thereof.

Sd/-
Managing Director, OSCSC Ltd.



## IIIT Bhubaneswar
Imagine, Innovate, Inspire
(A University established by Government of Odisha)

**Admission Announcement**
**Doctoral Programme**

IIIT Bhubaneswar is a next generation Technology Institute engaged in Under Graduate & Post Graduate education and research.

Application for admission shall have to be submitted online.

To apply online visit the link : **www.iiit-bh.ac.in/admissions**

Admission Bulletin and more details are available in the Institute website.

**Phone : 0674 - 2653305**
**E-mail : admission@iiit-bh.ac.in**
Website : www.iiit-bh.ac.in

IIIT Bhubaneswar, Gothapatna, PO: Malipada Bhubaneswar-751003, India



See Career Appointment on every Wednesday & Saturday



**DBS**

**ଶାଖା ସ୍ଥାନାନ୍ତରର ବିଜ୍ଞପ୍ତି।**

ନିମ୍ନରେ ଦିଆଯାଇଥିବା ବିବରଣୀ ଅନୁଯାୟୀ, **11 ଡିସେମ୍ବର 2023** ରୁ DBS ବ୍ୟାଙ୍କ ଇଣ୍ଡିଆ ଲିମିଟେଡର ନିମ୍ନଲିଖିତ ଶାଖାଗୁଡ଼ିକୁ ସ୍ଥାନାନ୍ତରିତ କରାଯିବ|

**ସାମ୍ପ୍ରତିକ ଶାଖା ଠିକଣା:**

**1. ଭୁବନେଶ୍ୱର ଶାଖା:** 622 ବି, ପ୍ରଥମ ମହଲା, ସହିଦ ନଗର, ଭୁବନେଶ୍ୱର - 751007 ଓଡିଶା

**2. ଭୁବନେଶ୍ୱର (ଏସପ୍ଲାନେଡ୍ ୱାନ୍ ମଲ୍) ଶାଖା :** ଏସପ୍ଲାନେଡ୍ ୱାନ୍ ମଲ୍, ତୃତୀୟ ମହଲା, ଅଫିସ୍ ନଂ -301, 721 ରସୁଲଗଡ, ଭୁବନେଶ୍ୱର -751010 ଓଡିଶା

**ନୂତନ ଶାଖା ଠିକଣା:**
ତଳ ମହଲା, ମୌଜା ଭୁବନେଶ୍ୱର ସହର ୟୁନିଟ୍ ନଂ 1 ବାପୁଜୀ ନଗର, ଖାତା ନଂ 2121, ପ୍ଲଟ୍ ନମ୍ବର 1619 / (ପି), ଭୁବନେଶ୍ୱର - 751009 ଓଡିଶା

**ବ୍ୟବସାୟ ସମୟ:**
ସୋମବାରରୁ ଶନିବାର ସକାଳ **10** ଟାରୁ ଅପରାହ୍ନ **4** ଟା।
**2**ୟ ଏବଂ **4**ର୍ଥ ଶନିବାର ବନ୍ଦ ଅଛି |

ପୂର୍ବ ଶାଖା ପରିସରରୁ ସମସ୍ତ ବ୍ୟାଙ୍କିଙ୍ଗ୍ ସେବା ନୂତନ ପରିସରରେ ନିରବଚ୍ଛିନ୍ନ ଭାବରେ ପ୍ରଦାନ କରାଯିବ |

ଅଧିକ ବିବରଣୀ ପାଇଁ ଦୟାକରି **1860 2674567** ରେ ଯୋଗାଯୋଗ କରିବାକୁ ଅନୁରଧ |



**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ବଜ୍ରକବାଟି ରୋଡ୍ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ବଜ୍ରକବାଟି ରୋଡ୍ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

| ବଜ୍ରକବାଟି ରୋଡ୍ ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ ଆଣ୍ଡ କୋଃ, ସ୍ୱତ୍ୱାଧିକାରୀ: ଶ୍ରୀ ଶ୍ରୀରାଜ ଦାଶ, ପିତା: ଶ୍ରୀ ଦୁର୍ଗା ପ୍ରସାଦ ଦାଶ, ଠିକଣା - ୧: ଚନ୍ଦ୍ରାଲୋକ ଆପାର୍ଟମେଣ୍ଟ ନିକଟ, ପ୍ରଫେସର ପଡା, ପୋ: କଲେଜ ସ୍କୋୟାର, ଥାନା: ମଙ୍ଗଳବାଗ, କଟକ- ୭୫୩୦୦୩, ଠିକଣା - ୨: ଇଡ୍କୋ ପ୍ଲଟ୍ ନଂ.: ୫/ଡି, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ନୂଆଶାସନ, ଧୁରୁସିଆ, କଟକ - ୭୫୪୦୨୭ | ଟ.୪୧,୫୨,୦୦୭/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୮.୦୭.୨୦୨୩ / ୦୬.୧୧.୨୦୨୩ | ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୮୩୨/୧୧୯୮(ଅଂଶ), ଖାତା ନଂ.: ୧୬୨, ଅନୁରୂପ ଇଡ୍କୋ ପ୍ଲଟ୍ ନଂ.: ୫/ଡି, ରେଭିନ୍ୟୁ ଗ୍ରାମ: ନୂଆଶାସନ, କ୍ଷେତ୍ର: ଏକର ୦.୪୫୯ ଡିସିମିଲି, ଗ୍ରାମ: ନୂଆଶାସନ, ତହସିଲ: ଆଠଗଡ, ଥାନା: ଗୁରୁଡି ଝାଟିଆ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଇଡ୍କୋ ରୋଡ, ଦକ୍ଷିଣ: ଇଡ୍କୋ ପ୍ଲଟ୍ ନଂ.: ୫, ପୂର୍ବ: ଇଡ୍କୋ ପ୍ଲଟ୍ ନଂ.: ୫/ଇ, ପଶ୍ଚିମ: ଇଡ୍କୋ ପ୍ଲଟ୍ ନଂ.: ୫/ସି |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୮.୧୧.୨୦୨୩
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

# ନୟାଗଡ଼ରେ ରୋକି ହେଉନି ବାଲ୍ୟବିବାହ



ବାଲ୍ୟବିବାହ ରୋକିବାକୁ ସଚେତନତା ସୃଷ୍ଟି କରିବା ପାଇଁ ବାହାରିଥିବା ଶୋଭାଯାତ୍ରା।

- ୩୬ ପ୍ରତିଶତ ନାବାଳିକା କରୁଛନ୍ତି ବିବାହ
- ବଢ଼ୁନି ଶିଶୁକନ୍ୟା ଜନ୍ମ ହାର
- ୧ ହଜାର ପୁଅରେ ଜନ୍ମ ହେଉଛନ୍ତି ୯୧୬ ଝିଅ
- ବାଲ୍ୟବିବାହ ମୁକ୍ତ ଭାରତ ପାଇଁ ଶୋଭାଯାତ୍ରା

ନୟାଗଡ଼,୮।୧୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ବାଲ୍ୟ ବିବାହ ବଢ଼ୁଥିବାବେଳେ ଶିଶୁକନ୍ୟା ଜନ୍ମ ହାର ହ୍ରାସ ହେବା ଚିନ୍ତାର କାରଣ ପାଲଟିଛି । ଜିଲାରେ ୩୬ ପ୍ରତିଶତ ନାବାଳିକା ବିବାହ କରୁଛନ୍ତି। ଜିଲାରେ ୧ ହଜାର ପୁଅରେ ୯୧୬ ଝିଅ ଜନ୍ମ ହେଉଛନ୍ତି । ଏଭଳିସ୍ଥଳେ ବୁଧବାର ବାଲ୍ୟ ବିବାହ ବିରୋଧରେ ସ୍ଲୋଗାନ ଦେଇ ମହିଳାମାନଙ୍କ ଏକ ଶୋଭାଯାତ୍ରା ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ମହିଳାମାନେ ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ସହର ପରିକ୍ରମା କରି ସଚେତନତା ସୃଷ୍ଟି କରାଇଥିଲେ । ପରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଏକ ସଭା ହୋଇଥିଲା । ଏଥିରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଥିଲେ ବାଲ୍ୟ ବିବାହ ବଢ଼ୁଥିବାବେଳେ ଶିଶୁକନ୍ୟା ଜନ୍ମ ହାର ହ୍ରାସ ହେବା ଚିନ୍ତାର କାରଣ । ଦୁଇ ଗମ୍ଭୀର ସମସ୍ୟାରୁ ନୟାଗଡ଼କୁ ମୁକ୍ତ କରିବାକୁ ହେଲେ ମିଳିମିଶି କାମ କରିବାକୁ ପଡିବ । ଏଥିପାଇଁ ସମସ୍ତେ ସଚେତନ ହେବାକୁ ପଡିବ । ସମ୍ମାନିତ ଅତିଥି ଭାବେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଶେଷ କୁମାର ସାହୁ ବାଲ୍ୟ ବିବାହ ନିରୋଧ ଆଇନ ଉପରେ ଟିପ୍ପଣୀ ଦେଇଥିଲେ। ନୟାଗଡ଼ ଅତିରିକ୍ତ ଏସ୍‌ପି ସୁବାସ ପଣ୍ଡା, ଜିଲା ସମାଜ ମଙ୍ଗଳ ଅଧିକାରୀ ଅର୍ଚ୍ଚନା କଅଁର, ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ଅଶ୍ୱିନୀ ନାୟକ, ଜିଲା ଶିଶୁ କଲ୍ୟାଣ ସମିତି ଅଧକ୍ଷ କିଶୋର ଚନ୍ଦ୍ର ମହାପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶିବ୍ୟାନ ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଯୋଗ ଦେଇ ବାଲ୍ୟ ବିବାହ ପରି ଘୃଣିତ ସମାଜିକ ପ୍ରଥାର ବିଲୋପ ପାଇଁ ଟିପ୍ପଣୀ ରଖିଥିଲେ । ଅନ୍ୟପକ୍ଷେ ୨୦୦୬ରୁ ବାଲ୍ୟ ବିବାହ ନିରୋଧ ଅଧିନିୟମ କାର୍ଯ୍ୟ କରୁଥିଲେ ମଧ୍ୟ ୨୦୨୦ ପର୍ଯ୍ୟନ୍ତ ମାତ୍ର ୭୩୮ ମାମଲା ହେବା ପରେ ବକ୍ତାମାନେ ଚିନ୍ତାବ୍ୟକ୍ତ କରିଥିଲେ। ଅନ୍ୟପକ୍ଷେ ଭାରତ ବର୍ଷରେ ୨୩ ପ୍ରତିଶତ ଝିଅ ଓ ଓଡ଼ିଶାରେ ୨୦ ପ୍ରତିଶତ ଝିଅ ବାଳିକା ବଧୂ ସାଜି ଶାଶୁ ଘରକୁ ଯାଉଛନ୍ତି। ସେଠାରେ ଶାରିରୀକ ଓ ମାନସିକ ଯନ୍ତ୍ରଣା ଭୋଗି ଛଟପଟ ହେଉଛନ୍ତି । ଅନ୍ୟପକ୍ଷେ ଅଧାରୁ ପାଠ ଛାଡି ଅଳ୍ପ ବୟସରେ ବିବାହ କରିଥିବା ଝିଅମାନେ ଗର୍ଭବତୀ ହୋଇ ନିଜ ସହ ଶିଶୁର ଜୀବନ ବାଜିରେ ଲଗାଉଛନ୍ତି । ଏଥିରେ ଯେପରି ପରିବର୍ତ୍ତନ ଆସିବ, ନାବାଳିକା ଆଉ ବିବାହ ନ କରିବେ ସେଥିପ୍ରତି ସମସ୍ତେ ସଜାଗ ହୋଇ କାମ କରିବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ । ରୁଚିକା ସମାଜ ମଙ୍ଗଳ ସଙ୍ଗଠନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ବେଣୁଧର ସେନାପତି ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ସୁରକ୍ଷା ଅଧିକାରୀ ସତ୍ୟ ରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ । ପ୍ରକାଶଥାଉକି ବାଲ୍ୟ ବିବାହକୁ ବନ୍ଦ କରିବା ଉଦ୍ଦେଶ୍ୟରେ ଏକ ରଥ ୭ଦିନ ସଚେତନତା ସୃଷ୍ଟି ପାଇଁ ବାହାରିଛି । ଏହି ରଥକୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ପ୍ରଜାମଣ୍ଡଳ ମହିଳା ମହାବଦ୍ୟାଳୟର ଛାତ୍ରୀମାନେ ବାଲ୍ୟ ବିବାହ ଉପରେ ଏକ ନାଟକ ମଞ୍ଚସ୍ଥ କରି ସଚେତନତା ସୃଷ୍ଟି କରିଥିଲେ ।

# ଜଳିବ ବିଦ୍ୟୁତ୍ ଲାଇଟ୍, ତିଆରି ହେବ ରାସ୍ତା

- ଜିଲାପାଳ ଦେଲେ ପ୍ରତିଶ୍ରୁତି
- ସଲପଗଣ୍ଡା ଓ ମୁଷିଗୁଡ଼ା ଆଦିବାସୀଙ୍କ ଦୂର ହେବ ଦୁଃଖ

ନୟାଗଡ଼,୮।୧୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଗଣିଆ ବ୍ଲକ ବଡସିଲିଙ୍ଗା ପଞ୍ଚାୟତର ସଲପଗଣ୍ଡା ଓ ମୁଷିଗୁଡା ଗାଁରେ ଜଳିବ ବିଦ୍ୟୁତ୍ । ଗାଁକୁ ହେବ ସବୁଦିନିଆ ରାସ୍ତା। ସର୍ବନିମ୍ନ ସୁବିଧା ଦୂର ହେବାକୁ ଜିଲାପାଳ ଦେଇଛନ୍ତି ପ୍ରତିଶ୍ରୁତି । ସଲପଗଣ୍ଡା ଓ ମୁଷିଗୁଡ଼ା ଗାଁର ଆଦିବାସୀମାନେ ବୁଧବାର ଭାରତୀୟ ବିକାଶ ପରିଷଦ ସହଯୋଗରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ଭେଟି ରାସ୍ତା, ବିଦ୍ୟୁତ୍ ପରି ସର୍ବ ନିମ୍ନ ସୁବିଧା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଦୁଇ ଗାଁର ଅଭିଯୋଗ ଅନୁସାରେ ଗାଁକୁ ସବୁଦିନିଆ ରାସ୍ତା, ବିଦ୍ୟୁତ୍ ବ୍ୟବସ୍ଥା । ବିଦ୍ୟୁତ୍ ତାର ଟଣା ନ ହେବା ପର୍ଯ୍ୟନ୍ତ ଅଚଳ ସୋଲାର ସିଷ୍ଟମକୁ ମରାମତି କରାଯାଉ । ଅନ୍ୟପକ୍ଷେ ଦୁଇ ଗାଁରେ ନଳକୂପ ଖନନ, ଗାଁରେ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ, ଆଶା କର୍ମୀ ନିଯୁକ୍ତି ଦାବି ରହିଛି। ସେହିଭଳି ପଞ୍ଚାୟତରୁ ରାଶନ ସାମଗ୍ରୀ ନ ଆଣି ଗାଁରେ ବ୍ୟବସ୍ଥା, ଟେଲିଫୋନ ଟାୱାର ପ୍ରତିଷ୍ଠା, ଆଦର୍ଶ ଗୁହାଳ ସ୍ଥାପନ, ସ୍ୱଚ୍ଛ ଭାରତରେ ପାଇଖାନା ନିର୍ମାଣ, ଆବାସ ଯୋଜନାରେ ଘର ଯୋଗାଇବା ପରି ଦାବି ରହିଛି । ଦୁଇ ଗାଁର ଆଦିବାସୀ ଆରଡବ୍ଲ୍ୟୁଏସଏସ ନିର୍ବାହୀଯନ୍ତ୍ରୀ ଓ ବିଦ୍ୟୁତ୍ ବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ମଧ୍ୟ ଅନୁରୂପ ଭାବେ ଭେଟି ଅଭିଯୋଗ କରିଥିଲେ। ଭାରତୀୟ ବିକାଶ ପରିଷଦର ନୟାଗଡ଼ ଜିଲା ସଭାପତି ତ୍ରିନାଥ ନାୟକ ଓ ସମ୍ପାଦକ ନିରଞ୍ଜନ ଦାସ, ଉଭୟ ଗାଁର ନିରଞ୍ଜନ ଜାନୀ, ସୁମନ୍ତ ପ୍ରଧାନ, କିଶୋର ପ୍ରଧାନ, ବସନ୍ତ ଜାନୀ ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ । ଅନ୍ୟପକ୍ଷେ ନୟାଗଡ଼ ଡିଏଫ୍‌ଓ, ଜିଲା ପରିଷଦ ସଭାପତି, ମୁଖ୍ୟ ଶାସନ ସଚିବ, ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ ପ୍ରମୁଖ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ଶାସନ ସଚିବ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ, ପ୍ରମୁଖ ବନ ସଂରକ୍ଷକ, ରାଜସ୍ୱ କମିଶନଙ୍କୁ ଅନୁରୂପ ଭାବେ ସ୍ମାରକପତ୍ର ପ୍ରଦାନ କରାଯାଇଛି ।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

## ଜିଲାପାଳଙ୍କୁ ଭେଟିଲେ ସାଧୁଆପଲ୍ଲୀ ଆଦିବାସୀ

ଖଣ୍ଡପଡ଼ା ବ୍ଲକ ଗଡିଆସାହି ପଞ୍ଚାୟତ ସାଧୁଆପଲ୍ଲୀ ଗାଁକୁ ଯିବାକୁ ରାସ୍ତା ନାହିଁ। କେହି ରୋଗରେ ଗୁରୁତର ହେଲେ ଦୋଳାରେ ନେବାକୁ ପଡିଥାଏ। ସେହିପରି ଆବାସ ଯୋଜନା ପାଇଁ ଅନେକ ଗରିବ ଲୋକ ଅପେକ୍ଷାରେ ଥିଲେ ବି ପାଉ ନ ଥିବା ଅଭିଯୋଗ ରହିଛି। ଗାଁରେ ଅଙ୍ଗନୱାଡି କେନ୍ଦ୍ର ନାହିଁ। ପୁଣି ଆଶାକର୍ମୀଙ୍କ ପାଦେ ଗାଁରେ ପଡୁନି। ଘରେ ଘରେ ଗାଈ ଗୋରୁ ଥିଲେ ବି ଆଦର୍ଶ ଗୁହାଳ ଯୋଜନାରେ ଆଦିବାସୀମାନେ ସାମିଲ ହୋଇ ପାରୁ ନାହାନ୍ତି । ଗାଁକୁ ରାସ୍ତା, ଆବାସ ଯୋଜନାରେ ଘର, ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ, ଆଶା କର୍ମି ନିଯୁକ୍ତି ପରି ଦାବି ରଖି ସ୍ଥାନୀୟ ଆଦିବାସୀ ଜିଲାପାଳଙ୍କୁ ଭେଟିଥିଲେ। ଗାଁକୁ ରାସ୍ତା ବ୍ୟବସ୍ଥା ସହ ଅନ୍ୟ ସମସ୍ୟା ପର୍ଯ୍ୟାୟ କ୍ରମେ ସମାଧାନ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଆଦିବାସୀମାନେ କହିଛନ୍ତି।

# ରଘୁନାଥଙ୍କ ଭୂସମ୍ପତ୍ତିକୁ ଦାନସୂତ୍ରେ ଦିଆ ନ ଯାଉ

**ପୂଜକ ଓ ସୁଆରଙ୍କ ଦଖଲରେ ମୂଲ୍ୟବାନ ସମ୍ପତ୍ତି**

**ଜିଲାପାଳଙ୍କୁ ଫେରାଦ୍ ହେଲେ ଓଡ଼ଗାଁ ବାସିନ୍ଦା**

ନୟାଗଡ଼,୮।୧୧(ଲୋକନାଥ ମିଶ୍ର): ନୟାଗଡ଼ ଜିଲାର ଓଡ଼ଗାଁସ୍ଥିତ ରଘୁନାଥ ଜୀଉଙ୍କ ଭୂସମ୍ପତ୍ତିକୁ ଦାନସୂତ୍ରରେ ନ ଦେବା ପାଇଁ ଓଡ଼ଗାଁ ବାସିନ୍ଦା ଅଭିଯୋଗ କରିଛନ୍ତି। ରଘୁନାଥ ଜୀଉଙ୍କ କେତେଜଣ ପୂଜକ ଓ ସୁଆର ଠାକୁରଙ୍କ ଜମିକୁ ଅକ୍ତିଆର କରି ନିଜ ଦଖଲରେ ରଖିଛନ୍ତି। ଓଡ଼ଗାଁ ରଘୁନାଥ ବିଦ୍ୟାପୀଠର ପ୍ରାଚୀରକୁ ଲାଗି ଥିବା ପ୍ଲଟ ନଂ. ୨୪୫୫ ଓ ୨୪୫୭ ପରି ପ୍ଲଟ ଜବରଦଖଲ ହୋଇ ସାରିଛି । ଠାକୁରଙ୍କ ଜମିରେ ରାସ୍ତା ଓ ନଳକୂପ ହୋଇ ସାରିଲାଣି । ଦେବୋତ୍ତର ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଧରାଧରି କରି ଏପରି ଅନିୟମିତତା ଚାଲିଛି। ଏହାକୁ ରୋକିବା ସହ ଠାକୁରଙ୍କ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଗତ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣୀରେ ଫେରାଦ୍ ହୋଇ ପ୍ରାର୍ଥନା କରାଯାଇଛି । ଏନେଇ ନୟାଗଡ଼ ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ କୁହନ୍ତି, ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରାୟ ୯୦ ପୂଜକ ଓ ସୁଆରଙ୍କୁ ୨ ଡେସିମିଲ ଲେଖାଏ ଜମି ପ୍ରଦାନ କରାଯାଇଛି । ଏଥିପାଇଁ ଜମି ବାବଦକୁ ୨୫ ହଜାର ଟଙ୍କା ଡିପୋଜିଟ୍ କରିବାକୁ ପଡିଛି। ପୂଜକ ଓ ସୁଆରଙ୍କ ବଂଶ ବୃଦ୍ଧି ପରେ ଦେବୋତ୍ତର କମିଶନର ଏଭଳି ନିର୍ଦ୍ଦେଶ ଦେଇଥିବା କହିଛନ୍ତି ।

# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ଖଣ୍ଡପଡ଼ା,୮।୧୧(ଅଜୟ କୁମାର ମହାରଣା): ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ଫକୀର ଅତବୁଦ୍ଧି ପାଟଣା ଗ୍ରାମର ଦାମୋଦର ବେହେରା(୭୮)ଙ୍କ ପରଲୋକ ହୋଇଯାଇଛି । ସେ ଜଣେ ଅମାୟିକ, ଧର୍ମ ପରାୟଣ ବ୍ୟକ୍ତି ଥିଲେ । ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସ୍ଥାନୀୟ ମହିମା ଆଶ୍ରମ ସମ୍ମୁଖ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ ପୁଅ ଶରତ ମୁଖାଗ୍ନି ଦେଇଥିଲେ ।

# ଜରାଜୀର୍ଣ୍ଣ ଅବସ୍ଥାରେ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର

ଖଣ୍ଡପଡ଼ା,୮।୧୧(ଅଜୟ କୁମାର ମହାରଣା): ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଂଘାପଡା ଗ୍ରାମସ୍ଥିତ ପ୍ରଭୁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଉକ୍ତ ମନ୍ଦିର ଉପରେ ଏକ ବଡ଼ ବରଗଛ ଉଠି ବିପଦସଙ୍କୁଳ ଅବସ୍ଥାରେ ରହିଛି। ରାଜରାଜୁଡା ଅମଳରୁ ପ୍ରତିଷ୍ଠିତ ଏହି ପ୍ରାଚୀନ ମନ୍ଦିର ଖଣ୍ଡପଡ଼ା ଦେବୋତ୍ତର ବିଭାଗ ଅଧୀନରେ ଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତାର ଅଭାବରୁ ବିଲୁପ୍ତର ଦ୍ୱାରଦେଶରେ ଠିଆ ହୋଇଛି । ମନ୍ଦିରର ୧୨ମାସରେ ୧୩ପର୍ବ ପାରମ୍ପରିକ ରୀତି ନୀତି ଅନୁଯାୟୀ ପାଳିତ ହେଉଥିଲେ ହେଁ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତିକରଣ ଦିଗରେ ଆନ୍ତରିକତାର ଅଭାବ ପରିଲକ୍ଷିତ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ତେବେ ଉକ୍ତ ମନ୍ଦିରର ଆବଶ୍ୟକ ରକ୍ଷଣାବେକ୍ଷଣ ନିମନ୍ତେ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ଗତ ସେପ୍ଟେମ୍ବର ୨୯ରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଅବଗତ କରିଥିବା ସୂଚନା ମିଳିଛି । ମନ୍ଦିରର ଭିତର ପାର୍ଶ୍ୱ ଓ ବିଭିନ୍ନ ସ୍ଥାନରେ ଗଛଲତା ଉଠି ଏହି ପୁରାତନ ମନ୍ଦିର ପାଇଁ ବିପଦର କାରଣ ପାଲଟିଛି। ଏକର ଏକର ଜମିବାଡ଼ି ଠାକୁରଙ୍କ ନାମରେ ଖଞ୍ଜା ରହିଛି । ସିଂଘାପଡା ଓ ଏହାର ଆଖପାଖ ଗ୍ରାମବାସୀଙ୍କ ବାରମ୍ବାର ଦାବି ପରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଏହି ମନ୍ଦିରର ଉନ୍ନତିକରଣ ନିମନ୍ତେ ୪ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ ହେଁ ଅଦ୍ୟାବଧି ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇନାହିଁ । ଏହାକୁ ନେଇ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।


**झारखण्ड राज्य ग्रामीण पथ विकास प्राधिकरण (JSRRDA)**
**एफ०एफ०पी० भवन, तृतीय तल्ला, धुर्वा, राँची –834004, झारखण्ड**

अति अल्पकालीन ई– पुनर्निविदा आमंत्रण सूचना (3rd Call)
**PR No. -304904 Dated : 18.08.2023**
अति अल्पकालीन ई–पुनर्निविदा संख्या:- **130/2023-24** दिनांक :- 07.11.2023

मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या/पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M-SIM-04/2023-24 | ठेठईटांगर | 1 | L041-एन०एच०–23 जोराम से मसनीया भाया सुदापहाड़ तक पथ का विशेष मरम्मति कार्य। (लं० – 5.950 कि०मी०) | 1229.527 | बारह करोड़ उनतीस लाख बावन हजार सात सौ रू० मात्र | 09 महीना |
| | | ठेठईटांगर | 2 | L056-लट्ठाखम्मन रेंगारी पथ से सर्पलता भाया भवरखोल तक पथ का विशेष मरम्मति कार्य। (लं० – 3.910 कि०मी०) | | | |
| | | ठेठईटांगर | 3 | L026-शंख नदी से कोंगसेरा बसारटोली पथ का विशेष मरम्मति कार्य। (लं० – 4.370 कि०मी०) | | | |
| | | बोलबा | 4 | बोलबा पी०डब्लू०डी० पथ से शमशेरा त क पथ का विशेष मरम्मति कार्य। (लं० – 3.660 कि०मी०) | | | |
| | | बोलबा | 5 | बोलबा पिरियापोछ मोड़ (बेलकुबा से तलमंगा पथ) से अवगा बाजार तक पथ का विशेष मरम्मति कार्य। (लं० – 2.700 कि०मी०) | | | |
| | | बोलबा | 6 | अवगा से कुन्दुरमुंडा त क पथ का विशेष मरम्मति कार्य। (लं० – 4.000 कि०मी०) | | | |

2. वेबसाईट मे निविदा प्रकाशन की तिथि:–09.11.2023
3. ई–निविदा प्राप्ति की अंतिम तिथि एवं समय:– 16.11.2023 अपराह्न 5.00 बजे तक।
4. निविदा खोलने की तिथि एवं समय:–17.11.2023 .अपराह्न 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धुर्वा, राँची –834004, झारखण्ड।
6. ई–निविदा प्रकोष्ठ का दूरभाष सं०– ............................

विस्तृत जानकारी के लिए वेबसाईट **jharkhandtenders.gov.in** में देखा जा सकता है।

मुख्य अभियंता
जे०एस०आर०आर०डी०ए०, राँची।

PR.NO.310984 Rural Work Department(23-24):D



**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR, ODISHA, PIN-751012
CIN : U51211OR1980SGC000894
Tel. No. : 0674-2395391, Fax No.: 0674-2395291, Website : www.oscsc.in

**Request for Proposal (RFP) for 'Selection of System integrator (S.I.) for Supply, Installation, Commissioning & Maintenance of Electronic Weighing Machines on Rental Mode and its integration with electronic Point of Sale devices at Fair Price Shops in the State of Odisha'.**

**RFP Re- Tender Advt. No.16555/OSCSC** **Date:8.11.2023**

Re-Tender proposals are invited from eligible bidders as OEM/authorized distributor of OEM/Authorized by the OEM, registered in India as per Government of Indian Company Registration Act 1956/2013, for ***'Selection of System integrator (S.I.) for Supply, Installation, Commissioning & Maintenance of Electronic Weighing Machines on rental mode and its Integration with electronic Point of Sale devices at Fair Price shops' in the State of Odisha'***. The tender document with all information relating to the tender process, including cost of tender document, EMD, eligibility criteria, scope of work, terms & conditions, evaluation criteria and formats of submission of tender, may be downloaded from the website **www.foododisha.in** & **www.oscsc.in**.

| Sl No | Event Description | Date |
|---|---|---|
| 1 | Publication of RFP in website | 09.11.2023 |
| 2 | Last Date and time for submission of Proposal | 08.12.2023 by 1700 Hours |
| 3 | Opening of Technical Proposal | 11.12.2023 by 1600 Hours |
| 4 | Presentation by Bidders Qualified in Eligibility Criteria | The Date and time will be intimated to the bidders by e-mail, Venue will be the Conference Hall of OSCSC Ltd., C/2, Nayapalli, Bhubaneswar-751012. |
| 5 | Opening of Financial Bid | To be intimated to the Technically Qualified Bidders through registered mail ID. |

As the RFP published advt. vide no.9811/FSCW, dtd, 08.06.2023 (Corrigendum no-12913/FSCW, dtd.07.08.2023) stands cancelled, hence the bidders those have applied earlier shall have to re-submit their bid proposal for this re-tender. Any amendment in the tender document due to decision in pre-bid meeting/extension of bid if any shall only be notified in the websites mentioned above. The proposals shall be submitted through Speed Post/Registered Post/Courier only to ***"Managing Director, Odisha State Civil Supplies Corporation Ltd, C/2 Nayapalli, Bhubaneswar, Pin-751012, Odisha"***. The authority reserves the right to cancel any or the entire selection process without assigning any reason thereof.

Sd/-
Managing Director, OSCSC Ltd.



**TPCODL**
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଲକ୍ଷ୍ମୀନାରାୟଣପୁର, କୁଞ୍ଜର ଓ ବିଲିପଡ଼ା ଅଞ୍ଚଳରେ ସକାଳ ୮ ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ସେହିପରି କଳିଙ୍ଗ ନଗର କେ-୩ବି, କେ-୮, ଡମଣା ବସ୍ତି ଓ ଡମଣା ମାର୍କେଟ୍ ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।

ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍



**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, खूँटी**

**निविदा संबंधी आवश्यक सूचना**

एतद द्वारा सूचित किया जाता है कि इस कार्यालय के निविदा सूचना सं0 07 / 2023–24 जो दैनिक समाचार पत्र मे पी.आर0 न0 309614 Rural Works Department (23-24)_D दिनांक 19.10.2023 को प्रकाशित हुआ था, उसे अपरिहार्य कारणवश रद्द किया जाता है।
पुनः निविदा आमंत्रित की जायेगी।

कार्यपालक अभियंता,
ग्रामीण कार्य विभाग,
कार्य प्रमंडल, खूँटी

PR 311007 Rural Work Department (23-24)_D



**IIIT Bhubaneswar**
Imagine, Innovate, Inspire
(A University established by Government of Odisha)

**Admission Announcement**
**Doctoral Programme**

IIIT Bhubaneswar is a next generation Technology Institute engaged in Under Graduate & Post Graduate education and research.

Application for admission shall have to be submitted online.

To apply online visit the link : **www.iiit-bh.ac.in/admissions**

Admission Bulletin and more details are available in the Institute website.

**Phone : 0674 - 2653305**
**E-mail : admission@iiit-bh.ac.in**
Website : www.iiit-bh.ac.in

IIIT Bhubaneswar, Gothapatna, PO: Malipada
Bhubaneswar-751003, India



See Career Appointment on every Wednesday & Saturday



**DBS**

**ଶାଖା ସ୍ଥାନାନ୍ତରର ବିଜ୍ଞପ୍ତି।**

ନିମ୍ନରେ ଦିଆଯାଇଥିବା ବିବରଣୀ ଅନୁଯାୟୀ, **11 ଡିସେମ୍ବର 2023** ରୁ DBS ବ୍ୟାଙ୍କ ଇଣ୍ଡିଆ ଲିମିଟେଡର ନିମ୍ନଲିଖିତ ଶାଖାଗୁଡ଼ିକୁ ସ୍ଥାନାନ୍ତରିତ କରାଯିବ।

**ସାମ୍ପ୍ରତିକ ଶାଖା ଠିକଣା:**

**1. ଭୁବନେଶ୍ୱର ଶାଖା:** 622 ବି, ପ୍ରଥମ ମହଲା, ସହିଦ ନଗର, ଭୁବନେଶ୍ୱର - 751007 ଓଡିଶା

**2. ଭୁବନେଶ୍ୱର (ଏସପ୍ଲାନେଡ୍ ୱାନ୍ ମଲ୍) ଶାଖା :** ଏସପ୍ଲାନେଡ୍ ୱାନ୍ ମଲ୍, ତୃତୀୟ ମହଲା, ଅଫିସ୍ ନଂ -301, 721 ରସୁଲଗଡ, ଭୁବନେଶ୍ୱର -751010 ଓଡିଶା

**ନୂତନ ଶାଖା ଠିକଣା:**
ତଳ ମହଲା, ମୌଜା ଭୁବନେଶ୍ୱର ସହର ୟୁନିଟ୍ ନଂ 1 ବାପୁଜୀ ନଗର, ଖାତା ନଂ 2121, ପ୍ଲଟ୍ ନମ୍ବର 1619 / (ପି), ଭୁବନେଶ୍ୱର - 751009 ଓଡିଶା

**ବ୍ୟବସାୟ ସମୟ:**
ସୋମବାରରୁ ଶନିବାର ସକାଳ **10** ଟାରୁ ଅପରାହ୍ନ **4** ଟା।
**2**ୟ ଏବଂ **4**ର୍ଥ ଶନିବାର ବନ୍ଦ ଅଛି।

ପୂର୍ବ ଶାଖା ପରିସରରୁ ସମସ୍ତ ବ୍ୟାଙ୍କିଙ୍ଗ୍ ସେବା ନୂତନ ପରିସରରେ ନିରବଚ୍ଛିନ୍ନ ଭାବରେ ପ୍ରଦାନ କରାଯିବ।

ଅଧିକ ବିବରଣୀ ପାଇଁ ଦୟାକରି **1860 2674567** ରେ ଯୋଗାଯୋଗ କରିବାକୁ ଅନୁରଧ।



**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ବକ୍ସିବାଟି ରୋଡ଼ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ବକ୍ସିବାଟି ରୋଡ଼ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

| ବକ୍ସିବାଟି ରୋଡ଼ ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ ଆଣ୍ଡ୍ କୋଃ, ସ୍ୱତ୍ୱାଧିକାରୀ: **ଶ୍ରୀ ଶ୍ରୀରାଜ ଦାଶ,** ପିତା: ଶ୍ରୀ ଦୁର୍ଗା ପ୍ରସାଦ ଦାଶ, **ଠିକଣା - ୧:** ଚନ୍ଦ୍ରାଲୋକ ଆପାର୍ଟମେଣ୍ଟ ନିକଟ, ପ୍ରଫେସର ପଡା, ପୋ: କଲେଜ ସ୍କୋୟାର, ଥାନା: ମଙ୍ଗଳବାଗ, କଟକ- ୭୫୩୦୦୩, **ଠିକଣା - ୨:** ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ନୂଆଶାସନ, ଧୁରୁସିଆ, କଟକ - ୭୫୪୦୨୭ | ଟ.୪୧,୫୨,୦୦୭/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୮.୦୭.୨୦୨୩ / ୦୬.୧୧.୨୦୨୩ | ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୮୩୨/୧୧୯୮(ଅଂଶ), ଖାତା ନଂ.: ୧୬୨, ଅନୁରୂପ ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ରେଭିନ୍ୟୁ ଗ୍ରାମ: ନୂଆଶାସନ, କ୍ଷେତ୍ର: ଏକର ୦.୪୫୯ ଡିସିମିଲି, ଗ୍ରାମ: ନୂଆଶାସନ, ତହସିଲ: ଆଠଗଡ, ଥାନା: ଗୁରୁଡି ଝାଟିଆ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଇଡ୍‌କୋ ରୋଡ, ଦକ୍ଷିଣ: ଇଡ୍‌କୋ ପ୍ଲଟ୍ ନଂ.: ୫, ପୂର୍ବ: ଇଡ୍‌କୋ ପ୍ଲଟ୍ ନଂ.: ୫/ଇ, ପଶ୍ଚିମ: ଇଡ୍‌କୋ ପ୍ଲଟ୍ ନଂ.: ୫/ସି |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୮.୧୧.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ




ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ମା' ଗଜଲକ୍ଷ୍ମୀଙ୍କ ମେଢ଼ ।

## ମେଲାଣି ନେଲେ ମା' ଗଜଲକ୍ଷ୍ମୀ

ଚଣ୍ଡିଖୋଲ,୮।୧୧(ପ୍ରଦୀପ୍ତ କୁମାର ପୃଷ୍ଟି): ବାଲିଚନ୍ଦ୍ରପୁର ବଜାରରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ ବୁଧବାର ମେଲାଣି ନେଇଛନ୍ତି। ଏନେଇ ଅନୁଷ୍ଠିତ ଭସାଣି ଉତ୍ସବରେ ପ୍ରାୟ ୧୧ ମେଢ଼ ସାମିଲ ହୋଇଥିଲେ। ମା'ଙ୍କ ଭସାଣି ଉତ୍ସବ ବେଶ ସରଗରମ ହୋଇଥିଲା। ଡିଜେ ବନ୍ଦ କରାଯାଇଥିବାରୁ ଆକର୍ଷଣୀୟ ବାଦ୍ୟ ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଶ୍ୟାମସୁନ୍ଦର ବଜାର କମିଟି, ମଙ୍ଗଳା ବଜାର, ମଲ୍ୟା ବୁଢ଼ୀ ବଜାର, ସରସ୍ୱତୀ ବଜାର, ଲକ୍ଷ୍ମୀ ବଜାର, ତାରିଣୀ ବଜାର ଓ କୁଆଁପାଳ ରୋଡ ଆଦି ବଜାର ମେଢ଼ ଧୁମଧାମରେ ଭସାଣି କରିଥିଲେ। ହଜାରହଜାର ଶ୍ରଦ୍ଧାଳୁ ଏଥିରେ ଯୋଗଦେଇଥିଲେ। ସନ୍ଧ୍ୟାରୁ ରାତି ୧୦ଟା ପର୍ଯ୍ୟନ୍ତ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ବାଲିଚନ୍ଦ୍ରପୁର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଜିଲାରେ ବଢୁଛି ବେଆଇନ ଇଟାଭାଟି ନିର୍ମାଣ

- କାର୍ଯ୍ୟକାରୀ ହେଉନି ନଦୀ ଶଯ୍ୟାରୁ ମାଟି କଟକଣା
- ଫ୍ଲାଏ ଆଶ୍ ଇଟା ନିର୍ମାତା ଶୁଝି ପାରୁନାହାନ୍ତି ଋଣ
- ପରିବହନ ହେରାଫେରି ବଢୁଛି

କେନ୍ଦ୍ରାପଡ଼ା, ୮।୧୧ (ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ବ୍ଲକ ଦୁତିଆଳଠାରେ ଏକ ଇଟାଭାଟିରୁ ଧୂଆଁ ବାହାରୁଛି।

ନଭେମ୍ବର ଆରମ୍ଭରୁ କେନ୍ଦ୍ରାପଡ଼ା ଜିଲାରେ ମାଟି ନିର୍ମିତ ଇଟାଭାଟି ବଢ଼ିଚାଲିଛି। ନଦୀ ଶଯ୍ୟାର ୫୦୦ ମିଟର ମଧ୍ୟରେ ମାଟି ଓ ବାଲି ଉଠା ପାଇଁ କଟକଣାକୁ ସ୍ଥାନୀୟ ଭାଟି ନିର୍ମାତା ମାନୁନାହାନ୍ତି। ଏହି ବେଆଇନ ଇଟାଭାଟି ସ୍ଥାନୀୟ ପରିବେଶ ନଷ୍ଟ ସହିତ ଫ୍ଲାଏ ଆଶ୍ ଇଟା ନିର୍ମାତାଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି। ଏଥିସହ ନୂତନ ଭାବେ ପରିବହନ ହେରାଫେରି ଜିଲାରେ ବହୁଳ ପରିମାଣରେ ଦେଖିବାକୁ ମିଳୁଛି। କ୍ରେତାମାନେ ଗାଡିରୁ ଅନ୍‌ଲୋଡ ପରେ ଇଟାକୁ ଗଣି ନେବାକୁ ବୁଦ୍ଧିଜୀବୀମାନେ ସଚେତନ କରାଇଛନ୍ତି।

ଏ ସମ୍ପର୍କରେ ଯୁବ ଶିଳ୍ପୋଦ୍ୟୋଗୀ ନଗେନ୍ଦ୍ର ଜେନା କହିଛନ୍ତି, ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ ଓ ରାଜ୍ୟ ସରକାରଙ୍କ ବିନା ଅନୁମତିରେ ମାଟିରେ ଇଟା ନିର୍ମାଣ ହୋଇପାରିବ ନାହିଁ। ଏଥିପାଇଁ ପାୱାର ଥର୍ମାଲ ପ୍ଲାଣ୍ଟରୁ ନିର୍ଗତ ସି ଗ୍ରେଡ ଫ୍ଲାଏ ଆଶ୍‌କୁ ଇଟାରେ ପରିଣତ କରିବାକୁ ରାଜ୍ୟ ସରକାର ଜିଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ ପ୍ରୋତ୍ସାହିତ କରୁଛନ୍ତି। ତେବେ ଏପରି କଟକଣାକୁ ଜିଲାରେ କେହି ମାନୁନାହାନ୍ତି। ମାଟି ଇଟାଭାଟି ନିର୍ମାଣ ଫଳରେ ସ୍ଥାନୀୟ ଅଞ୍ଚଳର ପରିବେଶ ପ୍ରଦୂଷିତ କରୁଥିବା ବେଳେ ଯୁବ ଶିଳ୍ପୋଦ୍ୟୋଗୀଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଫ୍ଲାଏ ଆଶ୍ ଇଟା କାରଖାନାର ବ୍ୟାଙ୍କ ଋଣ ଶୁଝି ପାରୁ ନ ଥିବା ସେ କହିଛନ୍ତି। ପାଖିଡ ଗ୍ରାମର ଶିକ୍ଷାବିତ୍ ରମାକାନ୍ତ ମିଶ୍ର କୁହନ୍ତି, ଇଟାଭାଟିର ଧୂଆଁ ପରିଣତ ବୟସ ପାଇଁ ଅଭିଶାପ ପାଲଟିଛି। ଶ୍ୱାସ ରୋଗୀ ଏହାର ଧୂଆଁରେ ଅଣନିଃଶ୍ୱାସୀ ହେଉଛନ୍ତି। ତେବେ ଜିଲାରେ ଏବେ ଏହି ପ୍ରକାର ଇଟାଭାଟି ବ୍ୟବସାୟ ବଢ଼ି ଚାଲିଛି। ଜିଲାରେ ପ୍ରବାହିତ ନଦୀ ପଠା ଏମାନଙ୍କ ବ୍ୟବସାୟ ପାଇଁ ମୂଳଧନ ହୋଇଛି। ମାଟିଇଟାକୁ ଜିଲାର ବିଭିନ୍ନ ଅଞ୍ଚଳ ସହ କଟକ, ଭୁବନେଶ୍ୱର, ପାରାଦୀପ, କଳିଙ୍ଗନଗର ଆଦିକୁ ଚାଲାଣ ହେଉଛି। ସେହିପରି ଇଟାଭାଟି ନିର୍ମାତା ଶିଶୁ ଶ୍ରମିକ ସହ ବାହାର ରାଜ୍ୟର ଲୋକଙ୍କୁ ନିୟୋଜିତ କରୁଛନ୍ତି। ଡେରାବିଶର ଅଲେଖ ପରିଡା କହିଛନ୍ତି, ନକଲି ଖାଦ୍ୟ, ସିମେଣ୍ଟ ପରି ଏବେ ପରିବହନରେ ହେରାଫେରି ବଢ଼ିଯାଇଛି। କୌଣସି କ୍ରେତା ଭାଟିରୁ ଇଟା ଆଣିବା ପାଇଁ ବ୍ୟବସାୟୀ ସହ ମୂଲଚାଲ କରି ଅର୍ଥ ପ୍ରଦାନ କରୁଛନ୍ତି। ତେବେ ନିର୍ଦ୍ଧାରିତ ଇଟା ପହଞ୍ଚିବା ପୂର୍ବରୁ ଗାଡି ଚାଳକ ସେଥିରୁ କିଛି କାଢ଼ି ଜାତୀୟ ରାଜପଥରେ କେତେଜଣ ବ୍ୟକ୍ତିଙ୍କୁ ବିକ୍ରି କରୁଛନ୍ତି। ଏହି ଚୋରି ରୋକିବା ପାଇଁ କ୍ରେତା ପରିବହନ ହୋଇଥିବା ସାମଗ୍ରୀର ଗଣତି କରିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ମାଟି ଇଟା ନିର୍ମାଣ ସମ୍ପର୍କରେ ଜଣେ ଭାଟି ମାଲିକ କହିଛନ୍ତି ଯେ, ମାଟି ଘର ବଦଳରେ ସମସ୍ତେ କୋଠା ଘରେ ରହିବାକୁ ଚାହୁଁଛନ୍ତି। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଆବାସ ଯୋଜନାରେ ଘର ଯୋଗାଉଛନ୍ତି। ଜିଲାରେ ଫ୍ଲାଏ ଆଶ୍ ଶିଳ୍ପ କମ୍ ଥିବାରୁ ଏହାର ଚାହିଦା ପୂରଣ ପାଇଁ ମାଟି ଇଟାକୁ କ୍ରେତା ଆଗ୍ରହ ପ୍ରକାଶ କରୁଛନ୍ତି। ଆଇନଜୀବୀ ସରୋଜରାଜ ସିଂହ କହିଛନ୍ତି, ମାଟି ଇଟା ନିର୍ମାଣ ବନ୍ଦ ପାଇଁ ରାଜ୍ୟ ପ୍ରଦୂଷଣ ବୋର୍ଡ ୧୯୮୬ରେ ନିର୍ଦ୍ଦେଶନାମା ପ୍ରକାଶ କରିଛନ୍ତି। ସେହିପରି ନଦୀ ପଠାର ୫୦୦ ମିଟର ପର୍ଯ୍ୟନ୍ତ ମାଟି ନ ଉଠାଇବାକୁ ୨୦୦୫ରେ ନିର୍ଦ୍ଦେଶ ହୋଇଛି। ମାଟି ଇଟା ନିର୍ମାଣ ସମୟରେ ପରିବେଶ ଉପରେ ପ୍ରଭାବ ପକାଉଥିବାରୁ ଏହା ବନ୍ଦ ରହିଛି। ଉପଜିଲାପାଳ ରବୀନ୍ଦ୍ରନାଥ ପରିଡାଙ୍କୁ ପଚାରିବାରେ ନଦୀପଠାରୁ ବେଆଇନ ଭାବେ ବାଲି ଚାଲାଣ ଓ ମାଟି ଇଟା ନିର୍ମାଣ ଉପରେ ରୋକ ଲଗାଯାଇଛି। ଏ ନେଇ ପ୍ରତ୍ୟେକ ତହସିଲସ୍ତରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।



ଆହତ ସୋନୀ ରାଉତଙ୍କୁ ଚିକିତ୍ସା କରାଯାଉଛି।

## ଭାଇକୁ ହତ୍ୟା କରାଯାଇଛି ବୋଲି ବୟାନ ଦେବାରୁ ଭଉଣୀଙ୍କୁ ଆକ୍ରମଣ

ପଟ୍ଟାମୁଣ୍ଡାଇ,୮।୧୧(କଳ୍ପତରୁ ନାୟକ) କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଧୀନ ଚଉଦକୁଲାଟ ଫାଣ୍ଡି ଚଉଦକୁଲାଟ ଛୋଟ ପୋଲ ପାଖରେ ବୁଧବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କୁ କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଉଛି । ତାଙ୍କ ଡାହାଣ ହାତ ସହ ଦେହର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି । ଆହତ ଯୁବତୀ ହେଲେ ଦାଣ୍ଡିସାହି ଗ୍ରାମର ସୋନୀ ରାଉତ । ଭାଇଙ୍କୁ ହତ୍ୟା କରାଯାଇଥିବା ସଂକ୍ରାନ୍ତରେ ସେ ପୋଲିସ ଆଗରେ ବୟାନ ଦେବାରୁ ତାଙ୍କୁ କେତେଜଣ ଯୁବକ ଆକ୍ରମଣ କରିଛନ୍ତି ବୋଲି ସେ କହିଛନ୍ତି

ସୂଚନା ଅନୁଯାୟୀ, ଚଉଦକୁଲାଟ ଫାଣ୍ଡି ଅଧୀନ ଦାଣ୍ଡିସାହି ଗ୍ରାମର ଦୋଳଗୋବିନ୍ଦ ରାଉତଙ୍କ ପୁଅ ବିକାଶ ଗତ ୫ ମାସ ତଳେ ସାଙ୍ଗମାନଙ୍କ ସହ ଭୋଜି କରିବାକୁ କହି ଘରୁ ଯାଇଥିଲେ । ମାତ୍ର ଦୀର୍ଘ ସମୟ ପରେ ବି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ । ପରେ ଘରଠାରୁ ଅଳ୍ପ ଦୂରରେ ଏକ ଚାଖୁଣ୍ଡା ଗଛରୁ ତାଙ୍କର ଝୁଲନ୍ତା ମୃତଦେହ ମିଳିଥିଲା। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ବିକାଶଙ୍କ ବାପା ବାହାର ରାଜ୍ୟରୁ ଫେରି ପୁଅକୁ ଯୋଜନା ମୁତାବକ ହତ୍ୟା କରି ଗଛରେ ଝୁଲାଇ ଦିଆଯାଇଥିଲା ବୋଲି ଚଉଦକୁଲାଟ ଫାଣ୍ଡିରେ ଅଭିଯୋଗ କରିଥିଲେ । ମାତ୍ର ଫାଣ୍ଡି ଅଧିକାରୀ ଏହି ଅଭିଯୋଗର ତଦନ୍ତ କରି ନ ଥିଲେ । ଏ ସଂକ୍ରାନ୍ତରେ ପରିବାର ଲୋକେ ପଟ୍ଟାମୁଣ୍ଡାଇ ଥାନା ଆଇଆଇସି, ଏସ୍‌ଡିପିଓ ଓ କେନ୍ଦ୍ରାପଡ଼ା ଏସପିଙ୍କ ନିକଟରେ ଅଭିଯୋଗ କରିଥିଲେ । ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ପଟ୍ଟାମୁଣ୍ଡାଇ ଥାନା ଅଧିକାରୀ ମୃତ ବିକାଶ ଘରକୁ ଯାଇ ଭଉଣୀ ସୁନି ରାଉତ ଓ ମା ସଂକୁନ୍ତଳା ରାଉତଙ୍କ ବୟାନ ରେକର୍ଡ କରିଥିଲେ । ପୋଲିସ ଆସିବା ଜାଣି ସ୍ଥାନୀୟ କେତେଜଣ ବ୍ୟକ୍ତି ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସୋନୀ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ କୃଷ୍ଣ



@ ନୃସିଂହ



@ ସତ୍ୟନାରାୟଣ



@ ଦୀପକ



@ ତପନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କେନ୍ଦରା ଗୀତରୁ ମିଳୁଛି ଓଡ଼ିଶାର ଲୋକକଳାର ଝଲକ

### ଆଧୁନିକ ଚାକଚକ୍ୟରେ ହଜିଲାଣି କୌଳିକ ବୃତ୍ତି

ମହାକାଳପଡ଼ା, ୮।୧୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଧାର୍ମିକ ମାସ ହେଉଛି କାର୍ତ୍ତିକ। ଏହି ମାସରେ ଦାନ ଧର୍ମ କଲେ ପୁଣ୍ୟ ଫଳ ମିଳେ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଦିନ ଥିଲା ଧର୍ମୀୟ କାର୍ତ୍ତିକ ମାସ ଆରମ୍ଭରୁ ଗାଁ ଗଣ୍ଡାରେ ପ୍ରାଚୀନ ସଂସ୍କୃତି ଓ ଲୋକ କଳା କେନ୍ଦରାର ସ୍ୱର ବେଶ୍ ମନ ମୋହୁଥିଲା। ଭଜୁ କି ନା ରାମ ନାମ ରେ କୁମର... ଗୀତରେ ଗାଁ ଦାଣ୍ଡ ପ୍ରକମ୍ପିତ ହେଉଥିଲା। ଘର ଅଗଣାରେ କେନ୍ଦରାର ଗୀତ କାନରେ ବାଜିବା ମାତ୍ରେ ଘରର ବୋହୂ ଶ୍ରଦ୍ଧାର ସହ ଚାଉଳ ମୁଠେ, ଟଙ୍କା ପଇସା, ପନିପରିବା ଯିଏ ଯାହା ପାଇଲା ଯୋଗୀ ପୁଅଙ୍କ ଲାଉ ଥାଳରେ ଅଜାଡ଼ି ଦେଉଥିଲେ। ହେଲେ ଏବେ ଆଧୁନିକ ଚାକଚକ୍ୟ ସମାଜରେ ଲୋକକଳା ବିଲୁପ୍ତ ହେବାକୁ ବସିଲାଣି। ଆଉ ଗାଁ ମୁଣ୍ଡରେ ଖରା ବେଳେ କେନ୍ଦରାର ଧୂନ ଆଉ ବଜାଉ ନାହିଁ ଯୋଗୀ ପୁଅ। ବୁଡିବାକୁ ବସିଲାଣି କୌଳିକ ବୃତ୍ତି। କେନ୍ଦ୍ରାପଡା ଅଞ୍ଚଳରୁ ଯୋଗୀ ଶଙ୍କର ନାଥ (୬୫) ମହାକାଳପଡ଼ା ଉପାନ୍ତ ଅଞ୍ଚଳର ଗାଁକୁ ଗାଁ ବୁଲି ଟୀକା ଗୋବିନ୍ଦ ଚନ୍ଦ୍ରଙ୍କର ଭଜୁ କି ନା ରାମ ଗୀତକୁ କେନ୍ଦରାର ସ୍ୱର ତାଳେ ତାଳେ ଈଶ୍ୱରଙ୍କ କଥାମୃତ ଲୋକମାନଙ୍କୁ ଶୁଣାଇ ଥାନ୍ତି। ଏହି ଗୀତକୁ କାନ ଡେରି ଶୁଣିବା ପାଇଁ ଶିଶୁଠାରୁ ଆବାଳ ବୃଦ୍ଧ ବନିତା ଧାଇଁ ଆସନ୍ତି। ସମୟ ବଦଳିବା ସହିତ ଏହି କୌଳିକ ବୃତ୍ତି ଆମ ପିଢ଼ି ପରେ ଲୋକମାନେ ଶୁଣିବା ପାଇଁ ପାଇବେ ନାହିଁ ବୋଲି ଶଙ୍କର କହିଛନ୍ତି। ଶଙ୍କର କହିବା କଥା, ପିଲା ବେଳରୁ ବାପା ଜେଜେ ବାପାଙ୍କଠାରୁ ଶିକ୍ଷା ଗ୍ରହଣ କରିଛି। ଏହି ବାଦ୍ୟ ସୃଷ୍ଟି ଆରମ୍ଭରୁ ଅଛି। ଏହି ବାଦ୍ୟରୁ ଅନୁକରଣ କରାଯାଇ ଅନ୍ୟ ସବୁ ବାଦ୍ୟ ସୃଷ୍ଟି କରାଯାଇଛି। ଦିନ ଥିଲା ରାଜା ରାଜୁଡ଼ାଙ୍କ ରାଜସଭାରେ କେନ୍ଦରା ଗୀତକୁ ପ୍ରାଧାନ୍ୟ ଦିଆଯାଉଥିଲା। ବିଶେଷକରି ମହାରାଣୀଙ୍କ ମାନ ଭଞ୍ଜନ ପାଇଁ ସେ ସମୟରେ ସଙ୍ଗୀତ ଗୁଡିକୁ କେନ୍ଦରା ମାଧ୍ୟମରେ ସ୍ୱର କରାଯାଇ ଅତି ଚମତ୍କାର ଭାବେ ରାଜ ସଭାରେ ଉପସ୍ଥାପନ କରାଯାଉଥିଲା। ରାଜା ଖୁସି ବ୍ୟକ୍ତ ହୋଇ ଆମ କେନ୍ଦରା ବାଦକମାନଙ୍କୁ ପୁରସ୍କାର ପ୍ରଦାନ କରୁଥିଲେ। ସମୟ ବଦଳିବା ସହିତ ଆଧୁନିକ ଯୁଗରେ କେନ୍ଦରା ତା'ର ସତ୍ତା ହରାଇ ନାହିଁ। ଯଦି ସରକାର ଏହି କେନ୍ଦରା ବାଦକମାନଙ୍କ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ପ୍ରୋତ୍ସାହନ ରାଶି ଯୋଗାଇ ଦେଲେ ଏହା ବଞ୍ଚି ପାରନ୍ତା ବୋଲି ସେ କହିଛନ୍ତି।



ଗାଁରେ ଜଣେ ଯୋଗୀଙ୍କ କେନ୍ଦରା ବଜାଇ ଗୀତ ଗାଉଛନ୍ତି।

## ଗୋଟିଏ କୋଠରିରେ ୫ ଶ୍ରେଣୀର ଛାତ୍ରୀଛାତ୍ର

### ଖଡ଼ିଅଣ୍ଟା ସରକାରୀ ପ୍ରାଥମିକ ବିଦ୍ୟାଳୟ

- ଶିକ୍ଷକ ଅଭାବ, ଶିକ୍ଷାଦାନରେ ବାଧାପ୍ରାପ୍ତ

ପଟ୍ଟାମୁଣ୍ଡାଇ,୮।୧୧(କଳ୍ପତରୁ ନାୟକ)

ବିଦ୍ୟାଳୟ ରୂପାନ୍ତରୀକରଣ କରାଯାଉଛି। ଏଥିପାଇଁ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ଯେଉଁ ଉଦ୍ଦେଶ୍ୟ ରଖି ସରକାର ଏଭଳି ବ୍ୟବସ୍ଥା କରୁଛନ୍ତି ତାହାର ବାସ୍ତବତାକୁ ନେଇ ପ୍ରଶ୍ନ ଉଠିଛି। ଛାତ୍ରୀଛାତ୍ରଙ୍କ ତୁଳନାରେ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀ ଗୃହ ନାହିଁ। ଗୋଟିଏ କୋଠରିରେ ବସୁଛନ୍ତି ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ର। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଖଡ଼ିଅଣ୍ଟା ସରକାରୀ ପ୍ରାଥମିକ ବିଦ୍ୟାଳୟର ଏପରି ସମସ୍ୟା ଦେଖିବାକୁ ମିଳିଥିବା ଅଭିଯୋଗ ହୋଇଛି।

ଜିଲା ଅଭିଭାବକ ମହାସଂଘ ସମ୍ପାଦକ ନରେନ୍ଦ୍ର ଧଳ କୁହନ୍ତି, ଖଡିଅଣ୍ଟା ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୭ ଜଣ ଛାତ୍ରୀଛାତ୍ର ଅଛନ୍ତି। ଏଥିପାଇଁ ୨ ଜଣ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି। ହେଲେ ପିଲାମାନେ ବସି ପଢ଼ିବା ପାଇଁ ଶ୍ରେଣୀଗୃହ ନାହିଁ। ପୂର୍ବରୁ ଶିକ୍ଷାନୁଷ୍ଠାନ ପାଖରେ ଥିବା ବାତ୍ୟା ଆଶ୍ରୟସ୍ଥଳରେ ପାଠପଢା ହେଉଥିଲା। ବର୍ତ୍ତମାନ ବାତ୍ୟା ଆଶ୍ରୟସ୍ଥଳ କୋଠାଟି ଭାଙ୍ଗିରୁଜି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଗୋଟିଏ ଶ୍ରେଣୀ ଗୃହରେ ବିଭିନ୍ନ ଶ୍ରେଣୀର ୪୭ ପିଲାଙ୍କୁ ୨ ଜଣ ଶିକ୍ଷୟିତ୍ରୀ କେମିତି ପାଠ ପଢ଼ାଉଥିବେ ତାହା ସହଜରେ



ଅନୁମାନ କରିହେଉଛି। କେବଳ ଏତିକିରେ ସ୍କୁଲ ସମସ୍ୟା ସରିନାହିଁ। ଛାତ୍ରୀଛାତ୍ରମାନେ ମଧ୍ୟାହ୍ନ ଭୋଜନ ବସି ଖାଇବାକୁ ମଧ୍ୟ ଜାଗା ନାହିଁ। ଖୋଲା ଆକାଶ ତଳେ ବସି ସେମାନେ ମଧ୍ୟାହ୍ନ ଭୋଜନ ଖାଉଛନ୍ତି। ସ୍କୁଲ କମିଟି ସମ୍ପାଦକ ପ୍ରଶାନ୍ତ ଦାସ କହିଛନ୍ତି, ସ୍କୁଲର ଶ୍ରେଣୀ ଗୃହ ନ ଥିବାରୁ ଠିକ୍ ଭାବେ ପାଠ ପଢ଼ା ହୋଇପାରୁନାହିଁ। ଜଣେ ଶିକ୍ଷକ ଗୋଟାଏ ଶ୍ରେଣୀରେ ପାଠ ପଢ଼ାଇ ସାରିବା ପରେ ଆଉ ଗୋଟାଏ ଶ୍ରେଣୀରେ ପାଠ ପଢ଼ାଉଛନ୍ତି। ବର୍ଷେ ତଳୁ ଏ ନେଇ ଅଭିଯୋଗପତ୍ର ମାଧ୍ୟମରେ ବିଇଓ ଓ ଡିଇଓଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ବର୍ତ୍ତମାନ ସ୍କୁଲ ଗୃହ ମରାମତି କାମ ହେଉଛି। ମାତ୍ର ତାହା ଠିକ୍ ଢଙ୍ଗରେ ହେଉନାହିଁ। ପାଠପଢ଼ାରେ ହେଉଥିବା ଅସୁବିଧା ଦୂର କରିବାକୁ ଦାବି କରାଯାଇଛି। ହେଲେ ଏଯାଏ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖଡ଼ିଅଣ୍ଟା ଗ୍ରାମର ବୁଦ୍ଧିଜୀବୀ ପ୍ରଭାକର ସେଠୀ, ସୁଶାନ୍ତ ସାମଲ, ଅଶୋକ ମହାନ୍ତି ପ୍ରମୁଖ କହିଛନ୍ତି, ସ୍କୁଲ୍ ରୂପାନ୍ତରୀକରଣ ଯୋଜନା ପ୍ରହସନ ପାଲଟିଛି। ଆମ ଗ୍ରାମ ସ୍କୁଲର ଘର ନାହିଁ। ସରକାର ନୂଆ ଘର ତିଆରି କରୁ ନାହାନ୍ତି। ଗୋଟିଏ ଶ୍ରେଣୀ ଗୃହରେ ବସି ଛାତ୍ରୀଛାତ୍ର ପାଠ ପଢୁଥିବାରୁ ଭଲ ଭାବେ ଶିକ୍ଷାଦାନ ହୋଇପାରୁନାହିଁ। ଶିକ୍ଷାନୁଷ୍ଠାନ ପାଖରେ ଥିବା ବାତ୍ୟା ଆଶ୍ରୟସ୍ଥଳ କୋଠାଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଛାତରୁ ସିମେଣ୍ଟ ଖଣ୍ଡ ଖସୁଛି। ତେଣୁ ସେଠାରେ ପାଠପଢ଼ା ହେଉନାହିଁ। ଫଳରେ ଗୋଟିଏ କୋଠରିରେ ୫ ଶ୍ରେଣୀର ପିଲାମାନଙ୍କୁ ବସାଯାଇ ଶିକ୍ଷାଦାନ କରାଯାଉଛି। କେବଳ ଶ୍ରେଣୀଗୃହ ନୁହେଁ, ବିଦ୍ୟାଳୟ ଚାରିପାଖେ ପାଚେରି ନିର୍ମାଣ ହେଉନାହିଁ। ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ନାହିଁ। ବିଦ୍ୟାଳୟ ରାସ୍ତା ପକ୍କା ହୋଇ ନ ଥିବାରୁ ବର୍ଷାଦିନେ ପାଣି କାଦୁଅରେ ଯିବାକୁ ପିଲା ଅନିଚ୍ଛା ପ୍ରକାଶ କରୁଛନ୍ତି। ବିଦ୍ୟାଳୟର ପାଚେରି ନ ଥିବାରୁ ଗୋରୁ ଅବାଧରେ ପ୍ରବେଶ କରୁଛନ୍ତି। ଏ ନେଇ ଛାତ୍ର, ଅଭିଭାବକ ଓ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ତ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଏବିଇଓ ଚନ୍ଦ୍ର ଶେଖର ତ୍ରିପାଠୀଙ୍କୁ ପଚାରିବାରେ ସ୍କୁଲର ଗୃହ ନ ଥିବା କଥା ପଞ୍ଚାୟତ ବୁଝୁଛି। ଶିକ୍ଷକ ନ ଥିବା ନେଇ କହିଥିଲେ, ସରକାରୀ ଗାଇଡ ଲାଇନ ଅନୁଯାୟୀ, ୩୦ ଜଣ ପିଲାରେ ଜଣେ ଶିକ୍ଷକ ଦିଆଯାଉଛି। ଯେହେତୁ ଖଡ଼ିଅଣ୍ଟା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୪୭ ପିଲା ଥିବାରୁ ୨ ଜଣ ଶିକ୍ଷୟିତ୍ରୀ ରହିଛନ୍ତି।

# କାଠ ଜାଳିଲେ ରାତି କଟେ

ନୟାଗଡ଼,୮।୧୧(ଲୋକନାଥ ମିଶ୍ର)

ଦେଶ ସ୍ୱାଧୀନତାର ୭୫ ବର୍ଷ ପରେ ବି ନୟାଗଡ଼ ଜିଲା ଗଣିଆ ବ୍ଲକ ବଡ଼ସିଲିଙ୍ଗା ପଞ୍ଚାୟତର ସଲପଗଣ୍ଡା ଓ ମୂଷିଗୁଡ଼ା ଗାଁରେ ବିଦ୍ୟୁତ୍ ବ୍ୟବସ୍ଥା ନାହିଁ । ଗାଁକୁ ରାସ୍ତା ନାହିଁ । ରାତିରେ କାଠ ଜଳାଯାଏ। ସେହି ଆଲୁଅରେ ଆଦିବାସୀଙ୍କ ରାତି କଟେ । ସୋଲାର ଲାଇଟ୍ ୨ ବର୍ଷ ହେଲା ଅଚଳ। ଡିବିରି ଜାଳିବାକୁ କିରୋସିନି ମିଳୁନି। ଗାଁରେ ନଳକୂପ ନାହିଁ । ପାନୀୟ ଜଳ ପାଇଁ ଖୋଲା କୂଅ ଭରସା । ପାଠ ପଢ଼ା ପାଇଁ ୧୫ କିମି ଯିବାକୁ ପଡୁଥିବାରୁ ପିଲାଙ୍କ ବହିବସ୍ତାନିରେ ଡୋରି ବନ୍ଧା ହୋଇଛି। ଟେଲିଫୋନ ବି କାମ କରୁନି। କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ନେଟ୍‌ୱାକ କାମ କରିଥାଏ। ବିକାଶ ପାହାଡ଼ ଚଢ଼ି ପାରୁ ନ ଥିବାରୁ ଉପରୋକ୍ତ ଅଞ୍ଚଳର ଆଦିବାସୀମାନେ ଅଭିଶପ୍ତ ଜୀବନ ଜିଉଁଥିବା ଅଭିଯୋଗ ହୋଇଛି ।

ନୟାଗଡ଼ ଜିଲା ଗଣିଆ ବ୍ଲକ କାର୍ଯ୍ୟାଳୟଠାରୁ ୪୫ କିମି. ଓ ବଡ଼ସିଲିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟଠାରୁ ୧୫ କିମି.ଗଲେ ପଡେ ସଲପଗଣ୍ଡା ଓ ମୂଷିଗୁଡ଼ାଗାଁ । ସଲପଗଣ୍ଡାରେ ୧୮ ପରିବାରର ୬୭ ଓ ମୂଷିଗୁଡ଼ା ଗାଁରେ ୧୧ ପରିବାରର ୩୩ ଲୋକ ବାସ କରନ୍ତି। ଉଭୟ ଗାଁ ସାତକୋଶିଆ ଅଭୟାରଣ୍ୟର ବସାଗଣ୍ଡ ପାହାଡ଼ରେ ଓ ନିମାଣି ଜଙ୍ଗଲ ଭିତରେ ରହିଛି । ଗାଁକୁ ଯିବାକୁ ହେଲେ ସବୁ ଦିନିଆ ରାସ୍ତା ନାହିଁ। ଆବୋଡା ଖାବୋଡା ଘାଟି ରାସ୍ତାରେ ଯିବାକୁ ପଡେ। ଏଠାରେ ସର୍ବନିମ୍ନ ସୁବିଧା ଅପହଞ୍ଚ । ଏନେଇ ମୂଷିଗୁଡ଼ା ଗାଁର ଅଞ୍ଜନା ଜାନି କୁହନ୍ତି, ସଲପଗଣ୍ଡା ଓ ମୂଷିଗୁଡ଼ାଗାଁକୁ ରାସ୍ତା ନାହିଁ । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) ପରି ଅନେକ ଯୋଜନା କାର୍ଯ୍ୟ କରୁଥିଲେ ମଧ୍ୟ ଆମ ଦୁଇ ଗାଁକୁ ରାସ୍ତା ହୋଇ ପାରୁନାହିଁ। ବନବିଭାଗର ଅସହଯୋଗ କାରଣରୁ ରାସ୍ତା ତିଆରି ହେଉନାହିଁ । ଗାଁରେ ବିଦ୍ୟୁତ୍ ବ୍ୟବସ୍ଥା ନାହିଁ । ସୋଲାର ଲାଇଟ୍ ୨ବର୍ଷ ହେଲା ଅଚଳ ଅବସ୍ଥାରେ ରହିଛି। ଏହାର ମରାମତି ପ୍ରଶାସନ କରୁନି । ଆମେ ତ ଏହାର ମରାମତି କରି ଜାଣିନୁ । ଜଙ୍ଗଲ ସାମଗ୍ରୀ ଓ ଖଲିପତର ବିକି ଯାହା ରୋଜଗାର ହୁଏ ସେଥିରେ ଆମେ ଚଳୁ । ସରକାର ଆମ ଗାଁକୁ ରାସ୍ତା କରି ଦେଲେ ଅନ୍ୟ ସମସ୍ୟା ଧିରେ ଧିରେ ସମାଧାନ ହୋଇ ପାରନ୍ତା । ୱାର୍ଡମେମ୍ବର ନରେନ୍ଦ୍ର ପ୍ରଧାନ କୁହନ୍ତି, ମୁଁ ଜଣେ ଲୋକ ପ୍ରତିନିଧି ହେଲେ ବି ସଲପଗଣ୍ଡା ଓ ମୂଷିଗୁଡ଼ା ଗାଁ ପାଇଁ କିଛି କରି ପାରୁନି । ଉଭୟ ଗାଁରେ ସବୁ ଅସୁବିଧା । ଖୋଲା କୂଅରେ ଚାନ୍ଦିନି କରି ପାରୁନୁ । ରୋଗ ହେଲେ ରୋଗୀଙ୍କୁ ଦଶପଲ୍ଲା ଅଥବା ଗଣିଆ ନେବାକୁ ପଡୁଛି। ଗାଁକୁ ଆମ୍ବୁଲାନ୍ସ ଅଥବା ଦମକଳ ଆସି ପାରେନା । ଗୁରୁତର ରୋଗୀଙ୍କୁ ଆମ ଗାଁଠାରୁ ୧୫ କିମି ଭାର, ଦୋଳା କରି ନେବା ପରେ ଦଶପଲ୍ଲା ଓ ଗଣିଆକୁ ଅଟୋରିକ୍ସାରେ ନେଇଥାଉ । ଗାଁରେ ନିଆଁ ଲାଗିଲେ ଆମେ ସବୁ ଏକାଠି ହୋଇ ନିଆଁ ଲିଭାଉ । ଗାଁରେ ସମସ୍ତଙ୍କ ଗାଈ ଅଛି । ହେଲେ ଗୁହାଳ ନାହିଁ । ଗୁହାଳ ଯୋଜନା ଆମ ପାଇଁ ଅପହଞ୍ଚ କହି ସେ କ୍ଷୋଭ ପ୍ରକାଶ କରିଥିଲେ ।

ମୂଷିଗୁଡ଼ା ଗାଁର ନିରଞ୍ଜନ ଜାନି କୁହନ୍ତି, ଆବାସ ଯୋଜନାରେ ଘର ଆମ ପାଇଁ ସ୍ୱପ୍ନ । ଗାଁକୁ ରାସ୍ତା ନ ଥିବାରୁ ଆବାସ ଯୋଜନାରେ ଘର ମିଳିଲେ କରି ପାରୁନି। ସରକାରୀ ଅନୁଦାନ ଆମକୁ ପାଉନି। ସଲପଗଣ୍ଡା ଓ ମୂଷିଗୁଡ଼ାଗାଁରେ ମାତ୍ର ୩ଜଣ ଆବାସ ଯୋଜନାରେ ବହୁ କଷ୍ଟରେ ଘର କରିଛନ୍ତି । ଗାଁରେ ଅଙ୍ଗନୱାଡ଼ି କେନ୍ଦ୍ର ନାହିଁ । ଆଶା କର୍ମୀ ନାହାନ୍ତି । ଅଙ୍ଗନୱାଡ଼ି ଓ ଆଶାକର୍ମୀଙ୍କ ସେବା ପାଇବାକୁ ହେଲେ ୧୫ କିମି ଯିବାକୁ ପଡେ। ସ୍ୱାସ୍ଥ୍ୟସେବା ଓ ପ୍ରାଥମିକ ପାଠ ପାଇଁ ଗାଁରେ ଅଙ୍ଗନୱାଡ଼ି ଓ ଆଶାକର୍ମୀଙ୍କୁ ନିୟୋଜିତ କରିବା ଦରକାର। ମୂଷିଗୁଡ଼ା ଗାଁର ଟିକିନା ଜାନି କୁହନ୍ତି, ବିଦ୍ୟୁତ୍ ନ ଥିବାବେଳେ କଣ୍ଟ୍ରୋଲ ଦୋକାନରେ କିରୋସିନି ମିଳୁନି । ଏଣୁ ସନ୍ଧ୍ୟା ହେଲେ କାଠ ଜାଳି ରାତିର ସବୁ କାମ ଶେଷ କରୁ। ପ୍ରତି ଘରର ଅଗଣାରେ ସନ୍ଧ୍ୟା ହେଲେ କାଠ ଖଣ୍ଡ ଜାଳି ତାର ଆଲୁଅରେ ରୋଷେଇ ଓ ଖାଇବା ପିଇବା ହୁଏ। ଗାଁକୁ ରାସ୍ତା ଓ ବିଦ୍ୟୁତ୍ ବ୍ୟବସ୍ଥା ପ୍ରଥମେ କରାଯିବା ଦରକାର। ସଲପଗଣ୍ଡା ଗାଁର ଚଞ୍ଚଳା ଜାନୀ କୁହନ୍ତି, ଆମେ କେତେ ଅସୁବିଧାରେ ଚଳୁଛୁ ଆମ ଗାଁକୁ ସରକାରୀ ବାବୁ ନ ହେଲେ ରାଜନେତା ଆସି ରାତି କଟାଇଲେ ପ୍ରକୃତ ଅସୁବିଧା ଜାଣି ପାରନ୍ତେ। ହେଲେ ସେମାନଙ୍କ ପାଦ ଆମ ଗାଁରେ ପଡୁନି । ଗାଁର ସମସ୍ୟା ଦୂର ପାଇଁ ବନବିଭାଗ, ସରପଞ୍ଚ, ବିଡିଓ, ଜିଲାପାଳ, ଲୋକ ପ୍ରତିନିଧିଙ୍କୁ ବାରମ୍ବାର ଅବଗତ କରାଇଛୁ। ହେଲେ ଆମ ଗାଁର ସମସ୍ୟା ବଢ଼ି ଚାଲିଥିଲେ ମଧ ସମାଧାନର ନାଁ ଧରୁନି। ଦେଖାଯାଉ ଆଉ କେତେବର୍ଷ ଆମେ ଓ ଆମ ପିଲାମାନେ ଅଭିଶପ୍ତ ଜୀବନଯାପନ କରୁଛନ୍ତି । ଉଭୟ ଗାଁ ଲୋକମାନେ ବୁଧବାର ଜିଲାପାଳଙ୍କୁ ଭେଟି ଉପରୋକ୍ତ ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରିଛନ୍ତି।


ରାତିରେ କାଠଜାଳି ସେହି ଆଲୁଅରେ ପରିବାର ଲୋକେ ଖିଆପିଆ କରୁଛନ୍ତି।

**ଆଦିବାସୀଙ୍କ ଅଭିଶପ୍ତ ଜୀବନ**

- ସଲପଗଣ୍ଡା ଓ ମୂଷିଗୁଡାରେ ନାହିଁ ବିଦ୍ୟୁତ୍ ବ୍ୟବସ୍ଥା
- ସୋଲାର ଲାଇଟ୍ ୨ ବର୍ଷ ହେଲା ଅଚଳ
- କିରୋସିନ ମିଳୁନି,ନଳକୂପ ନାହିଁ
- ପିଲାଙ୍କ ପାଠପଢ଼ାରେ ଡୋରି
- ବିକାଶ ଚଢ଼ି ପାରୁନି ପାହାଡ଼

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ କୃଷ୍ଣ


@ ନୃସିଂହ


@ ସତ୍ୟନାରାୟଣ


@ ଦୀପକ


@ ତପନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଖଣ୍ଡପଡ଼ାରେ ଉଦ୍ୟାନ କୃଷି କର୍ମଶାଳା


କର୍ମଶାଳାରେ ମଞ୍ଚାସୀନ ଅତିଥି।

ଖଣ୍ଡପଡ଼ା,୮।୧୧(ଅଜୟ କୁମାର ମହାରଣା)

ନୟାଗଡ଼ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଖଣ୍ଡପଡ଼ା ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ପରିସରରେ ବୁଧବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଲାଷ, ବରିଷ୍ଠ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ନୟାଗଡ଼ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଲଳିତ କୁମାର ପଣ୍ଡା, ସହକାରୀ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ମାନସୀ ନନ୍ଦ, ଆପିକଲ ସଂଯୋଜକ ଅଭିନାଶ ଦାଶ, ଭାପୁର ସହକାରୀ ଉଦ୍ୟାନ ଅଧିକାରୀ ୟାସମିନୀ ଗୁଲନାବ, କୁମ୍ଭାରପଡ଼ା ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ସରପଞ୍ଚ ସୁନୀଲ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ କର୍ମଶାଳା ଆୟୋଜନର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ରାଜ୍ୟ ସରକାର ଉଦ୍ୟାନ କୃଷି ବିଭାଗ ଅଧୀନରେ କାର୍ଯ୍ୟକାରୀ କରୁଥିବା ମସଲା ମିଶନ, ଛତୁ ମିଶନ, ଫୁଲ ମିଶନ, ଆଳୁ, ପିଆଜ, ଅଦା, ହଳଦୀ ଚାଷ ଆଦିର ସଫଳ ରୂପାୟନ ଦିଗରେ ଉଦ୍ୟାନ ବିଭାଗ ଅଧିକାରୀମାନେ ସୂଚନା ପ୍ରଦାନ କରିବା ସହ ଏ ଦିଗରେ ଖଣ୍ଡପଡ଼ା ଅଞ୍ଚଳର ଚାଷୀମାନଙ୍କୁ ସଚେତନ କରିଥିଲେ । ସମସ୍ତ ଚାଷୀ ଉଦ୍ୟାନ କୃଷି ବିଭାଗ ଅଧିକାରୀଙ୍କଠାରୁ ଆବଶ୍ୟକ ପରାମର୍ଶ ଗ୍ରହଣ କରି ବିଭିନ୍ନ ଲୋକ ହିତକର ଯୋଜନାରେ ଲାଭବାନ ହେବାକୁ ପ୍ରଶାସନିକ ଅଧିକାରୀମାନେ ପରାମର୍ଶ ଦେଇଥିଲେ । ଖଣ୍ଡପଡା ସହକାରୀ ଉଦ୍ୟାନ ଅଧିକାରୀ କାଳିନ୍ଦୀ ଚରଣ ବାରିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ଓଡ଼ଗାଁ, ୮।୧୧ (ଆଦର୍ଶ କୁମାର ପଟ୍ଟନାୟକ):** ଓଡ଼ଗାଁ ଆଦର୍ଶ ଥାନା କୋମଣ୍ଡ ପଞ୍ଚାୟତ ଉଦୟପୁର ଗାଁର କାହ୍ନୁଚରଣ ବେହେରାଙ୍କ ସ୍ତ୍ରୀ ପ୍ରତିମା(୨୮)ଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି । ପ୍ରତିମା ମଙ୍ଗଳବାର ରାତିରେ ରାତ୍ରୀ ଭୋଜନ ପରେ ଶୋଇବାକୁ ଯାଇଥିଲେ । ସେ ଶୋଇଥିବା ଅବସ୍ଥାରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କ କାନ୍ଧରେ ସାପ କାମୁଡା କ୍ଷତ ଥିବାରୁ ପରିବାର ଲୋକେ ସନ୍ଦେହରେ ଓଡ଼ଗାଁ ଡାକ୍ତରଖାନା ଆଣିଥିଲେ । ପରେ ତାଙ୍କୁ ନୟାଗଡ଼ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଏକ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଅନ୍ୟପକ୍ଷେ ସେହି ଗ୍ରାମର ଜଣେ ସାପ ଧରାଳି ପ୍ରତିମାଙ୍କ ଘରୁ ଗୋଟିଏ ନାଗ ସାପ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଥିବାରୁ ସାପ କାମୁଡାରେ ସମ୍ପୃକ୍ତା ମହିଳାଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ମା’ ପୂର୍ଣ୍ଣବାସୀଙ୍କ ପୀଠକୁ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ


ବିଡିଓ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରୁଛନ୍ତି।

ଖଣ୍ଡପଡ଼ା,୮।୧୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡ଼ା ପଞ୍ଚାୟତ ଗବଖାଲଠାରୁ ମା’ ପୂର୍ଣ୍ଣବାସୀ ପୀଠକୁ ସଂଯୋଗ କରୁଥିବା ରାସ୍ତାର ନବୀକରଣ କାର୍ଯ୍ୟ ପାଇଁ ବୁଧବାର ଖଣ୍ଡପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଲାଷଙ୍କ ଦ୍ୱାରା ଭିତିପ୍ରସ୍ତର ସ୍ଥାପନ ହୋଇଛି । ସ୍ଥାନୀୟ ସରପଞ୍ଚ ଚିନ୍ମୟ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ସହକାରୀ ଯନ୍ତ୍ରୀ ଆଶୁତୋଷ ମହାନ୍ତି, କମିଷ୍ଠ ଯନ୍ତ୍ରୀ ମୌସୁମୀ ମିଶ୍ର, ସମିତି ସଭ୍ୟ ନରେନ୍ଦ୍ର ନାଥ ଦାଶ,ପୂର୍ବତନ ସରପଞ୍ଚ ଅଖିଳ କୁମାର ପଣ୍ଡା, ଢୋଲମରା ସମିତି ସଭ୍ୟ ମାନସ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ମା ପୂର୍ଣ୍ଣବାସୀଙ୍କ ପୀଠକୁ ଯାତାୟତର ଅସୁବିଧା ଦୃଷ୍ଟିରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧.୭ କିମି ରାସ୍ତା ନିର୍ମାଣ ପାଇଁ ୯ ଲକ୍ଷ ୮୨ ହଜାର ୬୦୧ ଟଙ୍କା ଅନୁଦାନ ରାଶି ୨୦୨୨-୨୩ ବର୍ଷ ପାଇଁ ମଞ୍ଜୁର ହୋଇଛି । ଉକ୍ତ ପୀଠ ଘଞ୍ଚ ଜଙ୍ଗଲ ଓ ପାହାଡ଼ ଶୀର୍ଷରେ ଥିବାରୁ ବନ ବିଭାଗର ଅନୁମତି ପରେ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି ।

## ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତା ଦିବସ ପାଳିତ


ସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।

ଖଣ୍ଡପଡ଼ା,୮।୧୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତା ଦିବସ ବୁଧବାର ପାଳିତ ହୋଇଯାଇଛି । ସଂଘର ସଭାପତି ବିନାୟକ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବରିଷ୍ଠ ଆଇନଜୀବି ମାଧବ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗ୍ରନ୍ଥକାର ତଥା ଆଇନଜୀବି ଗିରିଜା ଶଙ୍କର ତରାସିଆ ଓ ସମ୍ମାନୀତ ଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ୍ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଅଶୋକ କୁମାର ନାୟକ, ଶିକ୍ଷାବିତ୍ ଜନ୍ମେଜୟ ନାୟକ ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତାର ପ୍ରତୀକ ସାଲିସ ବିହୀନ ଖବରଦାତା ସ୍ୱର୍ଗତ ପ୍ରଦ୍ୟୁମ୍ନ ବଳଙ୍କ ଜୀବନ ଉପରେ ଅତିଥି ମାନେ ଆଲୋକପାତ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଆଞ୍ଚଳିକ ସାମ୍ବାଦିକ ସଂଘର ସମ୍ପାଦକ ଭବାନୀ ଶଂକର ସିଂହସାମନ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ପ୍ରଭାକର ଶିରୋମଣି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶାନ୍ତିଶେଖର ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଏ ଅବସରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ପଠାଣି ସାମନ୍ତ ମହାବିଦ୍ୟାଳୟ ଓ ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟର ୬ ଜଣ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସାମ୍ବାଦିକ ସଂଘ ପକ୍ଷରୁ ସମସ୍ତ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ୍ ନାୟକ ଓ ପଠାଣି ସାମନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଶତପଥୀଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଖବରଦାତା ବିନୋଦ କୁମାର ମହାପାତ୍ରଙ୍କ ସମେତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଓ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ସହଯୋଗ କରିଥିଲେ ।

## ମିଲେଟ ମିଶନ କର୍ମଶାଳା -୨୦୨୩

**ଓଡ଼ିଆକୁ ଅଣଦେଖା, ଇଂଲିଶକୁ ଗୁରୁତ୍ୱ**

ନୂଆଗାଁ,୮।୧୧ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ବୁଧବାର ମିଲଟ ମିଶନ ଏକ ଦିବସୀୟ କର୍ମଶାଳା -୨୦୨୩ ପାଳିତ ହୋଇ ଯାଇଛି। ଏହା ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ବେଳେ କାର୍ଯ୍ୟକ୍ରମରେ ଓଡ଼ିଶାର ମାତୃଭାଷା ଓଡ଼ିଆକୁ ଅଣଦେଖା କରି ଇଂଲିଶକୁ ଗୁରୁତ୍ୱ ଦିଆଯାଇଥିବା ଅଭିଯୋଗ ହେଉଛି। ସରକାର ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବା ସହ ପ୍ରତି କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ ଚିଠି, ଓଡ଼ିଆରେ କାର୍ଯ୍ୟାଳୟ ଫଳକ ନାମ ଲେଖିବା ପାଇଁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କଡାକଡି ନିୟମ କରାଯାଇଛି। ଏପରିକି ଦୋକାନର ନାମ ଫଳକକୁ ଓଡ଼ିଆରେ ଲେଖିବା ପାଇଁ ନିର୍ଦ୍ଦେଶ ଦେବା ସହ ଏହାକୁ ନିରୀକ୍ଷଣ କରିବା ପାଇଁ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ପ୍ରତି ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଆଦିବାସୀ ଅଧ୍ୟୁଷିତ ଗ୍ରାମଗୁଡ଼ିକର ପ୍ରାଣୀମିତ୍ର, କୃଷି ମିତ୍ର, ଗୋଷ୍ଠୀ ସହାୟକ କର୍ମୀ ଆଦିଙ୍କୁ ନେଇ ଅନୁଷ୍ଠିତ ହେଉଥିବା ମିଲଟ ମିଶନ ଏକ ଦିବସୀୟ କର୍ମଶାଳାରେ ଇଂଲିଶରେ ଲେଖାଥିବା ବ୍ୟାନର ଲଗାଯାଇଥିଲା। ଯାହାକି ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ଆଇନକୁ ଉଲ୍ଲଂଘନ କରୁଛି । ଏ ବାବଦରେ କାର୍ଯ୍ୟକ୍ରମ ଆୟୋଜନ କରିଥିବା ସଂସ୍ଥା ହାସମ୍‌ର ସମ୍ପାଦକ ବିଜୟ କୁମାର ମହାପାତ୍ରଙ୍କୁ ପଚାରିବାରେ ଆମକୁ ଜିଲା ପ୍ରକଳ୍ପ ସଂଯୋଜକ ଯାହା ଦେଉଛନ୍ତି ତାହା ଲଗାଉଛୁ ବୋଲି କହିଛନ୍ତି । ଶିଶୁ ବିକାଶ ପ୍ରକଳ୍ପ ଓ ଜନ ପ୍ରତିନିଧିମାନଙ୍କୁ ନେଇ ମିଲଟ ମିଶନ ଏକ ଦିବସୀୟ କର୍ମଶାଳା ପାଳନ କରାଯାଉଥିବା ବେଳେ କୌଣସି ଜନ ପ୍ରତିନିଧି ଉପସ୍ଥିତ ନ ଥିଲେ । ଶିଶୁ ବକାଶ ପ୍ରକଳ୍ପର ଦୁଇ ଜଣ ସୁପରଭାଇଜର ଓ ଜଣେ ମାତ୍ର ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ । ତେବେ ଗୋଷ୍ଠୀ ସହାୟକ କର୍ମୀମାନଙ୍କ ବୈଠକ ଚାଲିଥିବା ବେଳେ ମିଲଟ ମିଶନ କାର୍ଯ୍ୟକ୍ରମରେ ଲୋକ ନ ହେବାରୁ ଗୋଷ୍ଠୀ ସହାୟକ କର୍ମୀମାନଙ୍କୁ ଡାକି ମିଲଟ ମିଶନ ଏକ ଦିବସୀୟ କର୍ମଶାଳା କରାଯାଇଥିବା ଅଭିଯୋଗ ହେଉଛି । ମିଲଟ ଦିବସ ୨୦୨୩ କାର୍ଯ୍ୟକ୍ରମରେ ନୂଆଗାଁ ବିଡିଓ ବାସୁଦେବ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମାଣ୍ଡିଆର ଉପକାରିତା ବିଷୟରେ ବୁଝାଇଥିଲେ। ମାଣ୍ଡିଆ ପୁଷ୍ଟିକର ସୁଷମ ଖାଦ୍ୟ । ତାହାକୁ ଖାଇବା ଦ୍ୱାରା ଆମ ଶରୀର କେବେ କ୍ଲାନ୍ତ ଅନୁଭବ କରେ ନାହିଁ । ମୁଁ ମଧ୍ୟ ପ୍ରତିଦିନ ମାଣ୍ଡିଆ ଖାଉଛି ଏବଂ ତାହା ଅତି ସୁସ୍ୱାଦୁ ଲାଗୁଛି। ତେଣୁ ସମସ୍ତେ ଆଜି ମାଣ୍ଡିଆ କିଣି ଖାଆନ୍ତୁ ବୋଲି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଲୋକମାନଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ହାମସ୍ ସଭାପତି ନିରଞ୍ଜନ ମିଶ୍ର, ବିପିଏମ୍ ସସ୍ମିତା ପରିଡ଼ା, ଅଙ୍ଗନୱାଡ଼ି ସୁପରଭାଇଜର ମଞ୍ଜୁଶ୍ରୀ ପଣ୍ଡାନ୍, ମିଶନ ଶକ୍ତି ବ୍ଲକ ସଂଯୋଜକ ଦିଲୀପ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଜନ ପ୍ରତିନିଧି ନ ଆସିବା ବାବଦରେ ଆୟୋଜକ ହାମସ ସମ୍ପାଦକ ମହାପାତ୍ରଙ୍କୁ ପଚାରିବାରେ ସେମାନଙ୍କୁ ଚିଠି ହୋଇଥିଲା କିନ୍ତୁ ଅନ୍ୟ ଏକ ବୈଠକ ଥିବାରୁ ସେମାନେ ଆସି ପାରି ନ ଥିବା କହିଛନ୍ତି ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।



# ୧୩ ଡିଗ୍ରୀକୁ ଖସିଲା ପାରଦ

ଭୁବନେଶ୍ୱର,୮।୧୧ (ଅନିଲ ଦାସ)

ରାଜ୍ୟରେ ହାଲୁକା ଶୀତ ଆରମ୍ଭ ହୋଇଛି। କେତେକ ସ୍ଥାନରେ ପାରଦ ୧୩ ଡିଗ୍ରୀକୁ ଖସିଆସିଛି। କୋରାପୁଟ, ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ସେଲ୍‌ସିୟସକୁ ଖସିଆସିଛି। ସେହିପରି ଝାରସୁଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୧୫.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ରାଉରକେଲା ୧୬.୭, କେନ୍ଦୁଝରରେ ୧୬.୨, ଦାରିଙ୍ଗବାଡ଼ି ୧୬, ନୟାଗଡ଼ରେ ୧୬.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଉତ୍ତର ପୂର୍ବ ଦିଗରୁ ରାଜ୍ୟକୁ ବାୟୁ ପ୍ରବାହ ଆରମ୍ଭ ହୋଇଛି। ଆସନ୍ତା ୧୫ ତାରିଖ ବେଳକୁ ପାରଦ ଆହୁରି ଖସିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ବଳାତ୍କାର ମାମଲା: ଦୋଷୀ ଶିକ୍ଷକଙ୍କୁ ୧୦ବର୍ଷ ଜେଲ

ବ୍ରହ୍ମପୁର,୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଶେରଗଡ ଥାନା ଅଞ୍ଚଳର ଜଣେ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଉପଯୁକ୍ତ ପ୍ରମାଣ ମିଳିଥିବାରୁ ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ଅଭିଯୁକ୍ତ ତଥା ନିଲମ୍ବିତ ଶିକ୍ଷକ ଶେରଗଡ଼ ଅଞ୍ଚଳର ନବରତ୍ନ ପ୍ରଧାନ(୪୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୮୦ ହଜାର ଟଙ୍କା ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟ ଅଧିକ ୮ ମାସ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ପୀଡିତାଙ୍କୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

୨୦୧୬ ସେପ୍ଟେମ୍ବର ୩୦ ତାରିଖରେ ଶେରଗଡ଼ ଥାନା ଅଞ୍ଚଳର ଜଣେ ଦଳିତ ନାବାଳିକା ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ବି ଝିଅର ସନ୍ଧାନ ମିଳି ନ ଥିଲା। ଗ୍ରାମର ଶିକ୍ଷକତା କରୁଥିବା ଜଣେ ଯୁବକ ଝିଅକୁ ଅପହରଣ କରି ନେଇ ବାଙ୍ଗାଲୋରରେ ରଖିଥିବା ପ୍ରାୟ ବର୍ଷେ ପରେ ପରିବାର ଲୋକେ ଜାଣିବାକୁ ପାଇଥିଲେ। ଏ ନେଇ ନାବାଳିକାଙ୍କ ବାପା ଶେରଗଡ଼ ଥାନାରେ ୨୦୧୭ ସେପ୍ଟେମ୍ବର ୧୬ ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ନାବାଳିକାଙ୍କୁ ବାଙ୍ଗାଲୋରରୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ କାବୁ କରିଥିଲା। ପୀଡିତାଙ୍କ ବୟାନ ଅନୁସାରେ ପୋଲିସ ବଳାତ୍କାର ମାମଲାରେ ନବରତ୍ନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଆସିକା ଏସଡିପିଓ ସୁଭାଷ ପଣ୍ଡା କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ୨୦୧୮ ଡିସେମ୍ବର ୧୪ ତାରିଖରେ ନବରତ୍ନଙ୍କୁ ହାଇକୋର୍ଟ ନିର୍ଦ୍ଦେଶରେ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ୧୭ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ନବରତ୍ନ କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀମାନଙ୍କ ବୟାନ ଓ ପୋଲିସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜଶିଟକୁ ଆଧାର କରି ପ୍ରମାଣ ମିଳିଥିବାରୁ ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ମୋହନ ସିଙ୍ଗାରୀ ମକଦ୍ଦମା ପରିଚାଳନା କରୁଥିଲେ।


ଦୋଷୀ ନବରତ୍ନ ପ୍ରଧାନ।

# ଯୁବକଙ୍କ କୁରାଢ଼ି ଚୋଟରେ ଜଣେ ମୃତ, ୨ ଗୁରୁତର

କୁଜଙ୍ଗ/ତିର୍ତ୍ତୋଲ/ରାହାମା, ୮।୧୧ (ମନୋଜ ପ୍ରଧାନ/ଗୌରାଙ୍ଗ ସ୍ୱାଇଁ/ଶ୍ରୀକାନ୍ତ ଦାସ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା କୁଜଙ୍ଗ ବ୍ଲକ ହିତରଣା ଗାଁରେ ବୁଧବାର ଯୁବକଙ୍କ କୁରାଢ଼ି ଚୋଟରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ଅଟକାଇବାକୁ ଆସି ୨ଜଣ ଗୁରୁତର ହୋଇଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ, ଗାଁର ସୁବାସ ବିଶ୍ୱାଳ ଘର ସାମ୍ନାରେ କାଠ ହାଣୁଥିଲେ। ଏହି ସମୟରେ ବିଷ୍ଣୁ ଚରଣ ପଲାଇ ଓମ୍‌ଫେଡରେ କ୍ଷୀର ଦେଇ ସାଇକେଲରେ ଘରକୁ ଫେରୁଥିବା ବେଳେ କୌଣସି କାରଣ ନ ଥାଇ ସୁବାସ କୁରାଢ଼ିରେ ତାଙ୍କ କାନ୍ଧକୁ ଚୋଟ ମାରିଥିଲେ। ଗ୍ରାମର ବିନୋଦ ଦାସ(୫୫) ମଧ୍ୟ ଓମ୍‌ଫେଡ କ୍ଷୀର ଦେଇ ସେହି ବାଟ ଦେଇ ଘରକୁ ଫେରୁଥିଲେ। ବିଷ୍ଣୁଙ୍କୁ ସୁବାସ କୁରାଢ଼ିରେ ହାଣୁଥିବା ଦେଖି ସେ ପାଟି କରିଥିଲେ। ଫଳରେ ସୁବାସ ବିଷ୍ଣୁଙ୍କୁ ଛାଡ଼ି ବିନୋଦଙ୍କ ମୁଣ୍ଡକୁ କୁରାଢ଼ିରେ ଚୋଟ ମାରିଥିଲେ। ବିନୋଦ ସେଠାରେ ଟଳି ପଡ଼ିଥିବା ବେଳେ ବିଷ୍ଣୁ ଚିତ୍କାର କରିଥିଲେ। ପାଖ ନଳକୂପରେ ସୁବାସଙ୍କ ସମ୍ପର୍କୀୟା ଭାଉଜ ଜାନକୀ ବିଶ୍ୱାଳ ଗାଧୋଉଥିଲେ। ତାଙ୍କୁ ଯାଇ ସୁବାସ ହାଣିବାକୁ ଉଦ୍ୟମ କରିଥିଲେ। ଭାଉଜ ଜାନକୀ ତାଙ୍କ ଗୋଡ଼ ଧରି ପଡ଼ିଯିବାରୁ କୁରାଢ଼ିର ପଛପଟରେ ତାଙ୍କ ହାତକୁ ପିଟି ଭାଙ୍ଗି ଦେଇଥିଲେ। ପାଟି ଶୁଣି ଗାଁ ଲୋକ ରୁଣ୍ଡ ହୋଇଯିବାରୁ ସୁବାସ କୁରାଢ଼ିକୁ ନିକଟସ୍ଥ ଏକ କଦଳୀ ବୁଦା ଭିତରକୁ ଫିଙ୍ଗି ଦେଇ ଚାଲି ଯାଇଥିଲେ। ଗାଁ ଲୋକ ବିନୋଦ, ବିଷ୍ଣୁ ଓ ଜାନକୀଙ୍କୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ବିନୋଦଙ୍କୁ ମୃତ ଘୋଷଣା କରିଥିଲେ। ବିଷ୍ଣୁ, ଜାନକୀ ସେଠାରେ ଚିକିତ୍ସାଧୀନ ଅଛନ୍ତି। ସୁବାସ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ଘେରାବନ୍ଦି କରି ପୋଲିସ ସୁବାସଙ୍କୁ ଧରି ଥାନାକୁ ନେଇଥିଲା। ପରେ ସୁବାସଙ୍କ ବାପା ବଟକୃଷ୍ଣଙ୍କୁ ମଧ୍ୟ ପୋଲିସ ଧରି ନେଇ ଥାନାରେ ଅଟକ ରଖି ପଚରାଉଚରା କରିଛି। ମୃତ ବିନୋଦଙ୍କ ପୁଅ ବିକାଶଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୪୭୯/୨୩ରେ ମାମଲା ରୁଜୁ କରି ସୁବାସଙ୍କୁ ଗିରଫ କରିଛି। ଘଟଣାସ୍ଥଳକୁ ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ କୁମାର ରାଉତ ଓ ଆଇଆଇସି ଅଭିମନ୍ୟୁ ନାୟକ ଯାଇ ତଦନ୍ତ କରିଛନ୍ତି। ଅପରାହ୍ନରେ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳ ତଦନ୍ତ କରିଛି। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ କୁରାଢ଼ି ଓ ଏକ ରକ୍ତଭିଜା ଗାମୁଛା ଜବତ କରିଛି। ବିନୋଦଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗାଁ ଲୋକ ବିନୋଦଙ୍କ ମୃତଦେହକୁ ସୁବାସଙ୍କ ଘର ଆଗରେ ରଖି କ୍ଷତିପୂରଣ ଦାବି କରିଛନ୍ତି। ମୃତ ବିନୋଦ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ସମେତ ୨ ଝିଅ ଓ ୨ ପୁଅ ଅଛନ୍ତି।


ଅଭିଯୁକ୍ତ ସୁବାସ ବିଶ୍ୱାଳ

# ଅଟୋ ଓଲଟି ମହିଳାଙ୍କ ମୃତ୍ୟୁ, ସ୍ୱାମୀ ଗୁରୁତର

ସାକ୍ଷୀଗୋପାଳ, ୮।୧୧ (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର)

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସତ୍ୟବାଦୀ ଥାନା ଅଧୀନ କାଦୁଆ ଛକ ନିକଟରେ ବୁଧବାର ଅପରାହ୍ନ ୪ଟାରେ ଏକ ଅଟୋ ଓଲଟି ପଡ଼ିଛି। ଫଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ପୁରୀରେ ରହୁଥିବା ତାଙ୍କ ପୁଅ ପାଖକୁ ଏହି ଦମ୍ପତି ଆସୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।


 କାଦୁଆ ଛକରେ ଦୁର୍ଘଟଣାଗ୍ରସ୍ତ ଅଟୋ।

ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଆସୁଥିବା ଏକ ଅଟୋ (ନଂ. ଓଡ଼ି ୦୨-ଏଇୟୁ ୨୦୭୯) ସତ୍ୟବାଦୀ ଥାନା ଅନ୍ତର୍ଗତ କାଦୁଆ ଛକ ନିକଟରେ ହଠାତ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ଅଟୋ ଚାଳକ ଶରତ କୁମାର ଦାସ (୬୯) ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା ଦାସ (୫୮) ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହିତ ସତ୍ୟବାଦୀ ପିସିଆର୍ ଭ୍ୟାନ ଅଧିକାରୀ ରାମକୃଷ୍ଣ କର ଟିମ୍ ସହ ପହଞ୍ଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ମଞ୍ଜୁଲତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ଅବସ୍ଥାରେ ଶରତ ସାକ୍ଷୀଗୋପାଳ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଦମ୍ପତି ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ତଣ୍ଡିକୁଳ ପଞ୍ଚାୟତ ଶଙ୍କର ସାହିର ବାସିନ୍ଦା ହୋଇଥିବାବେଳେ ଭୁବନେଶ୍ୱରରେ ରହନ୍ତି। ପୁରୀ ବଳିଆପଣ୍ଡା ଅଞ୍ଚଳରେ ରହୁଥିବା ତାଙ୍କ ପୁଅ ସଞ୍ଜୟ କୁମାର ଦାସଙ୍କ ପାଖକୁ ଦୁହେଁ ଆସୁଥିବା ସମୟରେ ଦୁର୍ଘଟଣା ଘଟିଥିଲା। ଉକ୍ତ ଅଟୋରେ ଏକ ଫ୍ରିଜ ସମେତ କିଛି ସାମଗ୍ରୀ ଥିବା ଦେଖିବାକୁ ମିଳିଥିଲା।







obcc

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)

No. 10080
File: SMT-1963 Date. 07/11/2023

**CANCELLATION OF TENDER**

**No.CAD-2758: Name of Work: Civil and Electrical work for the proposed charging station at Samang parking Area at Puri for Electric Buses and BOVs under ABADHA Scheme on turnkey basis.**
**Bid identification No.:** 56/Tender/OBCC/2023-24
**Notice Inviting Tender No.:**9891 dtd.01.11.2023
The Tender for the above-mentioned work is hereby cancelled due to administrative reason.

**Sd./- Sr.Chief General Manager-I**
OIPR-34161/11/0073/2324

ବିକାଶ ଭବନ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨,ଦୂରଭାଷ-୦୬୭୪-୨୩୯୦୦୪୩
Vikash Bhawan, Nayapalli, Bhubaneswar-751012, Tel:0674-2390043,
Website:mdobcc.in, Email:obcc-owd@gov.in, mdobcc@gmail.com



GOVERNMENT OF ODISHA
**OFFICE OF THE SUPERINTENDING ENGINEER RURAL WORKS DIVISION-II, JAJPUR AT JARAKA**

**2nd CORRIGENDUM TO TENDER CALL NOTICE NO. TENDER ONLINE JJPR-II-05 OF 2023-24**

**No.O-1479:**The following modifications are made in respect of the Tender Call Notice No. "Tender Online JJPR-II-05 of 2023-24" due to some unavoidable circumstances .
1. The Tender Call Notice No. Tender Online JJPR-II-05 of 2023-24 will be available for online bidding from 14.11.2023 at 11.00 A.M to 21.11.2023 upto 5.00 P.M instead of 03.11.2023 at 11.00 A.M to 09.11.2023 upto 5.00 P.M. .
2. The last date & time of seeking tender clarification will be 20.11.2023 upto 5.00 P.M instead of 08.11.2023 upto 5.00 P.M .
3. The date of opening of Technical bid of tender shall be 22.11.2023 at 11.00 A.M. instead of 10.11.2023 at 11.30 A.M, .
4. In the point no-3 in the 1st corrigendum, The "Financial" bid is read as Technical bid instead of Financial bid .
5. This Tender Call Notice may be treated as SHORT TENDER CALL NOTICE .
6. The approx. Estimated Cost (Column No.3) may be read as Rs. 52.36 lakhs, Rs. 56.93 lakhs, Rs. 56.71 lakhs, Rs. 58.60 lakhs against the work Sl. No. 1, 2, 3, 4 respectively of the Annexure of Tender Call Notice No. "Tender Online JJPR-II-05 of 2023-24.
7. The EMD cost (Column No.4) may be read as Rs. 52,360/-, Rs.56,930/-, Rs.56,710/-, Rs.58,600/- against the work Sl. No.- 1, 2, 3, 4 respectively of the Annexure of Tender Call Notice No.Tender Online JJPR-II-05 of 2023-24.

All other terms & conditions remain unchanged. The above corrigendum shall only be published in the Govt. website **www.tendersodisha.gov.in**

**Sd./-Superintending Engineer, Rural Works Division-II Jajpur At Jaraka**
OIPR-25080/11/0014/2324



**STATE SELECTION BOARD DEPARTMENT OF HIGHER EDUCATION GOVT. OF ODISHA, BHUBANESWAR -09**

**NOTICE**

**No.1256 /SSB Date-06.11.2023**

**No.N-100:**It is for information of all concerned that the written examination for recruitment to the post of Lecturers in Non-Government Aided Colleges of the State pursuant to Advertisement No.02/2023 will be held on 03.12.2023 (Sunday) in one sitting from 10.00 A.M. to 12.00 Noon (from 10.00 A.M. to 12.40 P.M for PwD candidates) at Balasore, Berhampur, Bhubaneswar, Bolangir, Cuttack, Jeypore and Sambalpur Zones. The Roll Nos allotted to individual Centres and Hall Tickets (Admit Cards) will be available in the official website of the State Selection Board i.e. www.ssbodisha.ac.in from 24.11.2023 (1.00 P.M. onwards).

Candidates are advised to download their Hall Tickets (Admit Cards) from the above website by entering their Date of Birth and Mobile Number given in the application form.

**Sd./- Secretary**
OIPR-11015/11/0015/2324



**GOVERNMENT OF ODISHA** No. O-1469
**OFFICE OF THE SUPERINTENDING ENGINEER RURAL WORKS DIVISION, KUCHINDA**
E-mail:- eerw_kuchinda@yahoo.com

"e" Procurement Notice for Road & Building Works
Identification No. Online Tender/06/RWD, Kuchinda/2023-24

1. Name of the Work : 01 No. Road & 14 Nos. Building Works
2. Total Number of Works : 15 Nos.
3. Class of Contractor : Road & Building Works (C & D Class of Contractor)
4. Period of Completion : 01 Calendar month
5. Availability of Tender online for bidding : Dt.07.11.2023 to 21.11.2023
6. Last date & time of seeking tender clarification : Dt.20.11.2023 at 5.00 Pz.M.
7. Date & time of opening of tender : Dt.22.11.2023 at 11.00 A.M.

Further details can be seen from the website www.tendersodisha.gov.in

**Sd./- Superintending Engineer, Rural Works Division, Kuchinda**
OIPR-25151/11/0007/2324



idco Your power to grow | ODISHA NEW OPPORTUNITIES No.CAD-2737

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**
Tender Call Notice No.- BBSR/ELECT/E-4424/22-23/2845 Date: 03.11.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work :- SITC of 11/0.4 KV, 100 KVA S/S at Bebartakteni, Gundichapada IE, Under SDO Dhenkanal**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/e-75/23-24 | 13.11.2023 at 17.00 Hrs. | 23.11.2023 at 17.00 Hrs. |

Further details can be seen from the e-Procurement Portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

**Sd./- Divisional Head (Elect) IDCO, Bhubaneswar**
OIPR-14003/11/0270/2324



**ZILLA SWASTHYA SAMITI, DEOGARH**
(Deptt. of Health & FW, Govt. of Odisha)
No.4230 Dt.01.11.2023

**(Tender Call Notice)**

**No.E-535:**Sealed Tenders are invited from registered suppliers/agencies/authorized dealers for supply of Equipment's, Instruments, Lab Reagent, Medical consumable, Drugs & Diagnostic Kit. The tender documents shall have to submit in one envelope containing two separate envelopes, one for technical bid & another for financial bid through speed post/register post/courier only on or before 21.11.2023 by 4.00PM to the office of CDM & PHO, DHH. Deogarh. The quotation will open on the Dt.22.11.2023 at 11.00AM in the presence of bidders or their authorized representative. The tender paper along with terms and conditions will be available in the website www.deogarh.nic.in & deposit the tender paper cost of Rs 2000/-in shape of DD in favour of "ZSS/ Non- NRHM Funds Account, Deogarh Payable at Deogarh", which is not refundable. The authority reserves right to accept or reject any or all the tender without assigning any reason thereof. The envelope containing the tender document must be clearly super scribed as "Tender for supply of Equipment's/ Instrumems/Lab Reagent/ Medical consumable/Drugs & Diagnostic Kit"

**Sd./- CDM & PHO cum- District Mission Director, Deogarh**
OIPR-10113/11/0014/2324



**Government of Odisha, e- Procurement Notice INVITATION FOR BIDS (IFB)**
Email Id-sedklpwd@gmail.com

**Bid Identification No. C.C.E.Dkl.(R&B) 20/2023-24**
**Letter No. 3422/Dt.02.11.2023**

No. B-1203:- The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of bridge work as detailed below:

1. Name of the work : Bridge work
2. No. of works : 01 (One) No.
3. Estimated Cost : **Rs. 9.75 crore (as given in column No. 03 of table)**
4. Cost of tender paper : Rs 10,000.00
5. Class of contractor : 'A' & 'Special' Class **(as given in column No. 07 of table)**
6. Period of Completion of work : 11 (Eleven) Calendar months **(as given in column No. 08 of table)**
7. Date and time of availability of bid Document in the website : From Dt.08.11.2023 to 5.00 P.M. of Dt.22.11.2023
8. Date of opening of bid : Dt.22.11.2023 at 5.30 P.M.

The bidders have to participate in ONLINE bidding only. Further details can be seen from the e-Procurement Portal: www.tendersodisha.gov.in. Any Addendum/ Corrigendum/cancellation of tender can also be seen in the said website.

**Sd./- Chief Construction Engineer Dhenkanal(R&B) Circle, Dhenkanal**
OIPR-34132/11/0026/2324



**INSTITUTE ON MANAGEMENT OF AGRICULTURAL EXTENSION (IMAGE)**
(AN AUTONOMOUS INSTITUTE OF GOVERNMENT OF ODISHA)
Siripur, BHUBANESWAR-751003, Odisha
Ph. - (0674) 2974145, E-mail: imagebbsr1999@gmail.com
No.5083/IMAGE, Dated:07.11.2023

**RFP for Selection of Event Management Agency for KRUSHI ODISHA-2024**

**No.CAD-2743:**IMAGE invites RFP for "Selection of Event Management Agency for KRUSHI ODISHA-2024". The detailed RFP document can be downloaded from the website **www.agri.odisha.gov.in** from dt. 07.11.2023. The last date for submitting the RFP documents alongwith Bid Processing Fees of Rs.11,800/- (Rupees Eleven Thousand Eight Hundred) only in favour of Director, IMAGE payable at Bhubaneswar through Speed Post/ Registered Post on or before dt.01.12.2023 upto 05.30 PM. The Technical Bids will be opened on dt.02.12.2023 at 11.30 AM. The Financial Bids will be opened on dt. 12.12.2023. IMAGE reserves the right to accept or reject any/ all proposals/ terminate the entire selection process at any stage without assigning any reason thereof.

**Sd./- DIRECTOR, IMAGE**
OIPR-01408/11/0008/2324



GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, DEOGARH**
Email: eemidivision_deogarh@yahoo.in
No.1111/Date:04.11.2023

**e-PROCUREMENT NOTICE**
**BID REF. NO.SE,MID,DGR/05/2023-24**

**No.A-789:**Bid documents consisting names of work, Estimated Cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-Procurement portal **https://tendersodisha.gov.in.**

| | | |
|---|---|---|
| 1 | Name of the Works:- | Civil Construction works |
| 2 | No. of Works:- | 03 (Three) Nos. |
| 3 | Estimated Cost:- | Varies approximately Rs.39.00 Lakh to Rs.49.00 Lakh |
| 4 | Period of Completion:- | 4 (Four) Calendar Months |
| 5 | Date and time of availability of bid documents in the portal | From Dt.13.11.2023 at 10.00 A.M. to Dt.29.11.2023 upto 5.30 PM. |
| 6 | Last Date/Time of receipt of bids in the portal:- | Dt.29.11.2023 upto 5.30 PM |
| 7 | Date of Opening of Bid:- | Dt.30.11.2023 at 11.00 AM onwards |
| 8 | Name and address of the OIT: | Superintending Engineer, Minor Irrigation Division, Deogarh |
| 9 | Mode of Payment of Bid cost & Bid Security:- | Online |

** Further details can be seen from the e-Procurement market place http://tendersodisha.gov.in.

**Sd./- Superintending Engineer M.I. Division, Deogarh**
OIPR-32289/11/0006/2324



**OFFICE OF THE EXECUTIVE ENGINEER, L.I. DIVISION, BERHAMPUR**
e-mail: eeolicbam@ymail.com

**e-Procurement Notice**
**Bid Identification No. 07/2023-24 OLIC (BAM)/Dt.04.11.2023**

No. CAD-2749: The Executive Engineer, Lift Irrigation Division, Berhampur on behalf of OLIC invites Percentage Rate Bids in Double Cover System to be received in Online Mode only for the work "Installation and Energisation of LIPs in Ganjam District as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade/class registered with Central Government/M.E.S./Railways/C.P.W.D. for execution of Civil Works with valid Electrical (H.T) Licence issued by ELBO Odisha as a single or having Joint Venture with proper registration through Online in the Govt. website: **www.tendersodisha.gov.in**. The bidders should have necessary portal enrolment with own Digital Signature Certificate.

1. Numbers of Package : 48 Numbers
2. Estimated Cost : Rs.14.12 lakhs to 80.35 lakhs
3. Tender Cost : Rs.4000 + GST @ 18% or Rs.6000 + GST @ 18% as per DTCN
4. Class of Contractor : As per DTCN
5. Date & time of Publication : Dt.09.11.2023 from 11.00 Noon
6. Date & time of Closing : Dt.17.11.2023 at 17.00 hrs.
7. Date & time of Opening of Bid : Dt.18.11.2023 at 12.00 Noon

Further details can be seen from the website **www.tendersorissa.gov.in**. Addendum/Corrigendum/Cancellation of tender, if any, can be seen in the said website.

OIPR-32442/11/0010/2324 **Sd./- Executive Engineer**

## ଆଜି କଂଗ୍ରେସର ସଂକୀର୍ତ୍ତନ ସତ୍ୟାଗ୍ରହ

**ଭୁବନେଶ୍ୱର, (ସୁନିତ୍ ମିଶ୍ର):** ୬ଟି ଦାବି ନେଇ ଗୁରୁବାର ରାଜ୍ୟବ୍ୟାପୀ ସବୁ ବ୍ଲକରେ ସଂକୀର୍ତ୍ତନ ସତ୍ୟାଗ୍ରହ କରିବାକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଡାକରା ଦିଆଯାଇଛି। ଏହି କ୍ରମରେ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ୟୁନିଟ୍-୫ ଜଗନ୍ନାଥ ମନ୍ଦିରଠାରେ 'ସଂକୀର୍ତ୍ତନ ସତ୍ୟାଗ୍ରହ' କାର୍ଯ୍ୟକ୍ରମ ଆୟୋଜନ ହେବା ପାଇଁ ସ୍ଥିର ହୋଇଥିଲା। ହେଲେ ସେହି ଅଞ୍ଚଳରେ ୧୪୪ ଧାରା ବଳବତ୍ତର ଥିବାରୁ ଜିଲା କଂଗ୍ରେସର 'ସଂକୀର୍ତ୍ତନ ସତ୍ୟାଗ୍ରହ' କାର୍ଯ୍ୟକ୍ରମ ପାଇଁ ସ୍ଥାନ ପରିବର୍ତ୍ତନ କରାଯାଇଛି। ଏହି କାର୍ଯ୍ୟକ୍ରମ କଂଗ୍ରେସ ଭବନ ସମ୍ମୁଖରେ ଆୟୋଜିତ ହେବାକୁ ନିଷ୍ପତ୍ତି ହୋଇଛି। ସମସ୍ତ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ, ଜଗନ୍ନାଥ ପ୍ରେମୀ ଏବଂ ଭକ୍ତମାନେ କଂଗ୍ରେସ ଭବନ ସମ୍ମୁଖରେ ଉପସ୍ଥିତ ହେବା ପାଇଁ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ ଅନୁରୋଧ କରିଛନ୍ତି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
**GNM** Duration : 3 Year, Eligibility : +2 Pass (Any Stream) 40% Mark
**ANM** Duration : 2 Year, Eligibility : +2 Pass (Any Stream)
**DMRT DMLT** Duration : 2 Year, Eligibility : +2 Science
**CBCA** Certified Blood Collection Assistant Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility•Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

**ଦିୱାଲି ଧମାକା**
**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
୧ ରୁ ୨୦ ଲକ୍ଷ ପର୍ଯ୍ୟନ୍ତ ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
**ମୁଦ୍ରା ଫାଇନାନ୍ସ**
Mob. 7382841797

**ଲୋନ୍! ଲୋନ୍! ଲୋନ୍!**
ଦୀପାବଳି ଧମାକା
Global Finance
(Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କସିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ସବୁ ଲୋନ୍ ପାଆନ୍ତୁ ।
2% ସୁଧ 40% ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ପାଟନାଠାରେ ବୁଧବାର ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ମୁଖ୍ୟ ଚିରାଗ୍ ପାଶ୍ୱାନ।

# ମୋ ବିରୋଧରେ ମାମଲା ରୁଜୁ କରିବ କଂଗ୍ରେସ: ମୋଦି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

**ନୂଆଦିଲ୍ଲୀ,୮।୧୧:** ନିର୍ବାଚନ ରାଲିରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ୫ ବର୍ଷ ବୃଦ୍ଧି ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିଥିବା ଘୋଷଣାକୁ ନେଇ ବିତର୍କ ଜାରି ରହିଛି। ମଧ୍ୟପ୍ରଦେଶର ଗୁନାରେ ମୋଦି କହିଛନ୍ତି,୫ ବର୍ଷ ପାଇଁ ଗରିବ ଲୋକଙ୍କୁ ମାଗଣା ଖାଦ୍ୟ ଶସ୍ୟ ଯୋଗାଇବା ଘୋଷଣାକୁ ନେଇ କଂଗ୍ରେସ ଚିନ୍ତିତ ଅଛି। କଂଗ୍ରେସ ଏହାକୁ ନେଇ ନିର୍ବାଚନ ଆୟୋଗକୁ ଯିବ ବୋଲି କହିଛି। ମୋଦିଙ୍କ ବିରୋଧରେ ମାମଲା ଦାୟର କରିବ। ସେଠାରେ ସେମାନେ କହିବେ ମୋଦି ଏକ ବଡ ଅପରାଧ କରିଛନ୍ତି। କଂଗ୍ରେସର ଏହି କାର୍ଯ୍ୟକୁ ଆମେ ଭୟ କରିବା ଉଚିତ କି ନାହିଁ ମୋତେ କୁହନ୍ତୁ। ଯଦି କଂଗ୍ରେସ ଏହାକୁ ବନ୍ଦ କରିବାକୁ ଚାହୁଁଛି ତେବେ କୌଣସି କୋର୍ଟକୁ ଯାଆନ୍ତୁ। ମୁଁ ଜନସାଧାରଣଙ୍କ କୋର୍ଟରେ ଅଛି। ଅପରପକ୍ଷେ କଂଗ୍ରେସ ମୋଦିଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଛି। କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭି କହିଛନ୍ତି, ଆମେ ଏପର୍ଯ୍ୟନ୍ତ ନିର୍ବାଚନ ଆୟୋଗଙ୍କୁ ଏ ସମ୍ପର୍କରେ କୌଣସି ଅଭିଯୋଗ ଦେଇନାହୁଁ।

# ୩୦ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଫସଲ ନଷ୍ଟ ହେଇଛି: କଂଗ୍ରେସ

ଭୁବନେଶ୍ୱର, ୮।୧୧(ସୁନିତ୍ ମିଶ୍ର)

ରାଜ୍ୟର ନୂଆପଡ଼ା, କେନ୍ଦୁଝର, ଯାଜପୁର, ଭଦ୍ରକ, ଝାରସୁଗୁଡ଼ା, ସମ୍ବଲପୁର, ବାଲେଶ୍ୱର ପ୍ରଭୃତି ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଚକଡ଼ା, କାଣ୍ଡବିନ୍ଧା ସମେତ ବିଭିନ୍ନ ପ୍ରକାର ପୋକ ଦ୍ୱାରା ପ୍ରାୟ ୩୦ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଏହାର ନିରାକରଣ ପାଇଁ କୃଷି ବିଜ୍ଞାନ କେନ୍ଦ୍ର କିମ୍ବା ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଉନାହିଁ। ଚାଷୀ ସଙ୍ଗଠନଗୁଡ଼ିକର ଦାବି ପରେ ସରକାରଙ୍କ ପକ୍ଷରୁ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ଧର୍ମକୁ ଆଖିଠାର ସଦୃଶ ଓ ବାସ୍ତବତାଠାରୁ ଭିନ୍ନ ବୋଲି ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି।

ସେ କହିଛନ୍ତି, କୃଷି ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ କେବଳ ଶୀତତାପ ନିୟନ୍ତ୍ରିତ କୋଠରିରେ ସ୍ଥିତି ସମୀକ୍ଷା କରୁଛନ୍ତି। କ୍ଷେତ୍ର ପରିଦର୍ଶନ କରିବା ଦୂରର କଥା, ଚାଷୀଙ୍କ ଅଭିଯୋଗ ଶୁଣିବାକୁ କେହି ନାହାନ୍ତି। ଯଦି ଏଥିପ୍ରତି ଆଶୁ ପଦକ୍ଷେପ ଗ୍ରହଣ କରା ନ ଯାଏ ପର୍ଯ୍ୟାପ୍ତ ଫସଲ ନଷ୍ଟହେବା ସମ୍ଭାବନା ରହିଛି। ତେଣୁ କୃଷି ବିଭାଗ ଅଧିକାରୀ ଓ କୃଷି ବିଜ୍ଞାନକେନ୍ଦ୍ର ବୈଜ୍ଞାନିକମାନେ କ୍ଷେତ୍ରସ୍ତରକୁ ଯାଇ ସ୍ଥିତି ଅନୁଧ୍ୟାନ ପୂର୍ବକ ଏହାର ନିରାକରଣ କରିବାକୁ କଂଗ୍ରେସ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଅନୁରୂପ ଭାବେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଗଞ୍ଜାମ, କେନ୍ଦ୍ରାପଡ଼ା ପ୍ରଭୃତି ଅନେକ ଜିଲାରେ ଚଳିତ ଖରିଫ୍ ଚାଷରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ତେଣୁ ରାଜ୍ୟ ସରକାର ଯେଉଁ ଅଞ୍ଚଳରେ ବର୍ତ୍ତମାନ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି ଯୁଦ୍ଧକାଳୀନ ଭିତ୍ତିରେ ଏହାର ମୁକାବିଲା ପାଇଁ ଉଠା ଜଳସେଚନର ବ୍ୟବସ୍ଥା କରିବା ସହ ଏହି ଅଞ୍ଚଳଗୁଡ଼ିକୁ ମରୁଡ଼ି ଅଞ୍ଚଳଭାବେ ଘୋଷଣା କରିବାକୁ ଅମିୟ ଦାବି କରିଛନ୍ତି।

# ବିଜେଡିରେ ଅବସରପ୍ରାପ୍ତ ଡିଏସ୍‌ପି ରାଇସେନ

ଭୁବନେଶ୍ୱର,୮।୧୧(ଅନିଲ ଦାସ)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ଅବସରପ୍ରାପ୍ତ ଡିଏସ୍‌ପି ରାଇସେନ ମୁର୍ମୁ ବୁଧବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ତାଙ୍କୁ ଉପଢୌକନ ଦେଇ ମଙ୍ଗରାଜ ଦଳକୁ ସ୍ୱାଗତ କରିଛନ୍ତି। ବିଜୁ ଜନତା ଦଳରେ ରାଇସେନଙ୍କ ଯୋଗଦାନ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା ରାଇସେନ କହିଛନ୍ତି। ବିଜେଡି ତାଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଏମ୍‌ପି ମାନସ ମଙ୍ଗରାଜ ଓ ସମସ୍ତ ନେତୃବୃନ୍ଦଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ମୟୂରଭଞ୍ଜ ଜିଲା ସଭାପତି କାଶୀନାଥ ହେମ୍ବ୍ରମ, ରାଇରଙ୍ଗପୁର ପୌରପାଳିକା ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ପର୍ଯ୍ୟବେକ୍ଷକ ତଥା ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ଝାରସୁଗୁଡ଼ାରେ ଭାଜପାର ବିକ୍ଷୋଭ ସମାବେଶ

**ବ୍ରଜରାଜନଗର,୮।୧୧(ବିଜୟ ବରାଡ଼):** ରାଜ୍ୟ ସରକାରଙ୍କ ବିରୋଧରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ବୁଧବାର ଝାରସୁଗୁଡ଼ାଠାରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପୁରୁଣା ବସ୍‌ଷ୍ଟାଣ୍ଡ ଛକସ୍ଥିତ ଗାନ୍ଧୀ ପ୍ରତିମା ସମ୍ମୁଖରେ ଦଳ ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳୀୟ ନେତୃବୃନ୍ଦ ଯୋଗଦେଇ ସରକାରଙ୍କ ଉପରେ ବର୍ଷିଥିଲେ। ଭୁବନେଶ୍ୱରଠାରେ ରେଞ୍ଜ ରୋଭର୍ ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ଗାଡ଼ି ମାଲିକଙ୍କୁ ତୁରନ୍ତ ଗିରଫ ପାଇଁ ଦଳ ଦାବି କରିଥିଲା। ଝାରସୁଗୁଡ଼ା ବିଧାନସଭାର ଗତଥର ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ସିଧାସଳଖ ଓଡ଼ିଶା ସରକାର ଓ ପୋଲିସ ପ୍ରଶାସନକୁ ଟାର୍ଗେଟ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ସୁନିଲ ପଣ୍ଡା, ଟାଉନ ମଣ୍ଡଳ ସଭାପତି ଡିଲେଶ୍ୱର ରାଓ, ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଳ, ସନ୍ତୋଷ ଯାଦବ, ବାବଲୁ ସିଂ, ଲଳିତ ମଗର, ପ୍ରେମସେନ ରାୟ, ନେତାଜୀ ପଟ୍ଟନାୟକ, ସୋନୁ ଥିରାନି, ଅରବିନ୍ଦ ପାଠକ, ରଘୁରାମ ପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାରେ ରଘୁରାମ, ଧର୍ମେନ୍ଦ୍ରଙ୍କ ପୂର୍ବତନ ଓଏସ୍‌ଡି ସମ୍ବିତ



ଭାଜପା ନେତୃବୃନ୍ଦଙ୍କ ସହ ଦଳରେ ଯୋଗଦେଇଥିବା ନେତା ଓ କର୍ମୀ।

- ୬ରେ ରଘୁରାମ ମାଛଙ୍କୁ ଦଳରୁ କାଢ଼ିଥିଲା ବିଜେଡି
- କେନ୍ଦୁଝର, ଜଗତ୍‌ସିଂହପୁର, କୋରାପୁଟ, କେନ୍ଦ୍ରାପଡ଼ାର ବହୁ ବିଜେଡି, କଂଗ୍ରେସ ନେତା ମଧ ମିଶିଲେ

ଭୁବନେଶ୍ୱର, ୮।୧୧(ସୁନିତ୍ ମିଶ୍ର)

କୋରାପୁଟ, କେନ୍ଦୁଝର, କଟକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରୁ ବିଜେଡି ଏବଂ କଂଗ୍ରେସର ଶତାଧିକ କାର୍ଯ୍ୟକର୍ତ୍ତା ବୁଧବାର ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ପୂର୍ବତନ ଆଇଆର୍‌ଏସ୍ ଅଫିସର ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବ୍ୟକ୍ତିଗତ ସଚିବ ଏବଂ ଓଏସ୍‌ଡି ରହିଥିବା ସମ୍ବିତ ତ୍ରିପାଠୀ ଭାଜପାରେ ସାମିଲ ହୋଇଛନ୍ତି। କଟକ ଜିଲା ବଡ଼ମ୍ବା ବ୍ଲକର ସମ୍ବିତ ୧୯୯୮ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ। ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଧର୍ମେନ୍ଦ୍ର ପେଟ୍ରୋଲିୟମ ଏବଂ ଦକ୍ଷତା ବିକାଶ ମନ୍ତ୍ରଣାଳୟର ଦାୟିତ୍ୱରେ ଥିବାବେଳେ ସେ ତାଙ୍କ ସହ କାମ କରିଥିଲେ। ସେହିପରି କୋରାପୁଟ ଜିଲା ବିଜେଡିର ବରିଷ୍ଠ ନେତା ତଥା ପୂର୍ବରୁ କୋରାପୁଟ ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ରଘୁରାମ ମାଛ ମଧ୍ୟ ଭାଜପାରେ ଯୋଗ ଦେଇଛନ୍ତି। ଗତ ୬ ତାରିଖରେ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ରଘୁରାମଙ୍କୁ ବିଜେଡି ଦଳରୁ ବାହାର କରିଥିଲା। ଜୟପୁର ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତା ହିମାଂଶୁ ମହାପାତ୍ର, କୋରାପୁଟ ବ୍ଲକ ପୂର୍ବତନ ଅଧ୍ୟକ୍ଷ ନାଗେଶ୍ୱର ପାଣ୍ଡିଆ ଓ ରମା କୁମାରୀ ସିଂହ ପ୍ରମୁଖ ଶତାଧିକ ସମର୍ଥକ ଭାଜପାରେ ମିଶିଛନ୍ତି । କେନ୍ଦୁଝର ଜିଲା ତେଲକୋଇ ନିର୍ବାଚନମଣ୍ଡଳୀର ଫକୀର, କେନ୍ଦ୍ରାପଡ଼ା କନିକା ରାଜପରିବାରର ସଦସ୍ୟା ଦୁର୍ଗାଦେବୀ ମଧ୍ୟ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇଛନ୍ତି। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରୁ ସୟଦ ମୁକ୍ତାର ଅଲ୍ଲୀ, କଂଗ୍ରେସ ସଂଖ୍ୟାଲଘୁ ପ୍ରକୋଷ୍ଠର ପୂର୍ବତନ ଜିଲା ସାଧାରଣ ସମ୍ପାଦକ ୟସ୍ମିନ ଖାତୁନ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ଦଳରେ ଯୋଗ ଦେଇଥିବା ସମସ୍ତଙ୍କୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି।

# ବିଜେଡି ଜୋନ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର ଆରମ୍ଭ

ବାଲେଶ୍ୱର,୮।୧୧ (ମାନସ ବିଶ୍ୱାଳ)



ବିଜେଡିର ଜୋନ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର ଯୋଗଦେଇଥିବା ନେତା ଓ କର୍ମୀ।

ବାଲେଶ୍ୱର ଜିଲା ବସ୍ତା ନିର୍ବାଚନ ମଣ୍ଡଳୀର ଜୋନ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର ବାଲିଆପାଳସ୍ଥିତ ଏକ ଗେଷ୍ଟ ହାଉସ୍ ପରିସରରେ ଆରମ୍ଭ ହୋଇଛି। ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ନେତୃତ୍ୱରେ ବସ୍ତା ଏବଂ ବାଲିଆପାଳ ବ୍ଲକ୍‌ର ୪୫ଟି ପଞ୍ଚାୟତର ସମସ୍ତ ୱାର୍ଡର୍ ସକ୍ରିୟ ସଦସ୍ୟ ପ୍ରଶିକ୍ଷଣ ନେବେ। ଏହି ପ୍ରଶିକ୍ଷଣ ଶିବିର ପ୍ରତ୍ୟେକ ଦିନ ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଛି ।

ବୁଧବାର ପ୍ରଥମ ଦିବସରେ ୧୫ଟି ପଞ୍ଚାୟତର ସମସ୍ତ ୱାର୍ଡର୍ ସକ୍ରିୟ ସଦସ୍ୟାସଦସ୍ୟ ମାନେ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ବିଗତ ୨୩ ବର୍ଷ ଧରି ବିଜୁ ଜନତା ଦଳ ଯେପରି ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଇଆସୁଛି, ସେ ସମ୍ପର୍କରେ ବସ୍ତା-ବାଲିଆପାଳର ସକ୍ରିୟ କର୍ମୀମାନଙ୍କୁ ଭୁବନେଶ୍ୱର ଶଙ୍ଖ ଭବନରୁ ଆସିଥିବା ପ୍ରଶିକ୍ଷିକା ଏବଂ ଦଳର ବରିଷ୍ଠ ନେତା ଅବଗତ କରାଇଥିଲେ। ଏଥି ସହ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ ରାଜ୍ୟ ବିକାଶର ସୋପାନ କିପରି ଗୋଟିଏ ପରେ ଗୋଟିଏ ଅତିକ୍ରମ କରି ସମଗ୍ର ଦେଶରେ ଅନ୍ୟମାନଙ୍କ ପାଇଁ ଏକ ଅନନ୍ୟ ଉଦାହରଣ ପାଲଟିଛି ସେ ସମ୍ପର୍କରେ କର୍ମୀମାନଙ୍କୁ ଅବଗତ କରାଇଥିଲେ। ଏଥିସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଉ ଅବା ୫ଟି କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍କୁଲ, କଲେଜ, ମଠ ଓ ମନ୍ଦିର ରୂପାନ୍ତରଣ ପ୍ରକ୍ରିୟାରେ ରାଜ୍ୟର ପ୍ରତ୍ୟେକ ବର୍ଗର ଜନସାଧାରଣ କିପରି ଉପକୃତ ହେଉଛନ୍ତି ସେ ବିଷୟରେ ସୂଚନା ପ୍ରଦାନ କରିଥିଲେ। ତତ୍ ସହିତ ବସ୍ତା ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ବିଜୁ ଜନତା ଦଳ କିପରି ପ୍ରତିଶ୍ରୁତିବଦ୍ଧ ସେ ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଜଣାଇଥିଲେ। ସାମାଜିକ ଗଣମାଧ୍ୟମ ଜରିଆରେ କିପରି ଅଧିକରୁ ଅଧିକ ଲୋକଙ୍କ ପାଖରେ ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ତୃଣମୂଳ ସ୍ତରରେ ପହଞ୍ଚିବ ଓ ଦଳୀୟ ସଙ୍ଗଠନକୁ ଦୃଢ଼ କରିବା ନେଇ ପ୍ରଶିକ୍ଷିତ ହେବା ସହ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ପୁଣିଥରେ ମୁଖ୍ୟମନ୍ତ୍ରୀ ଭାବରେ ଦେଖିବାକୁ ଉପସ୍ଥିତ କର୍ମୀମାନେ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ବସ୍ତା ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଞ୍ଜିତ ମହାପାତ୍ର, ନୀଳଗିରି ନିର୍ବାଚନ ମଣ୍ଡଳୀର ବିଜେଡ଼ି ନେତା ତଥା ଜିଲା ବିଜେଡ଼ିର ବରିଷ୍ଠ ଉପ-ସଭାପତି ସନ୍ତୋଷ ଖଟୁଆ, ଜିଲା ଛାତ୍ର ବିଜେଡ଼ି ସଭାପତି ସିମନ ଦାସ ମହାପାତ୍ର, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ଜିଲା ଉପ-ସଭାପତି ଲକ୍ଷ୍ମୀଧର ଦାସ, ପ୍ରଶିକ୍ଷିକା ତଥା ରାଜ୍ୟ ବିଜେଡ଼ିର ମୁଖପାତ୍ର ମହାଶ୍ୱିତା ମିଶ୍ର, ଅନ୍ୟତମ ପ୍ରଶିକ୍ଷିକା ତଥା ରାଜ୍ୟ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦିକା ସୁପ୍ରୀତି ଶର୍ମା, ବାଲିଆପାଳ ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବସ୍ତା ବ୍ଲକ ବିଜେଡ଼ି ସଭାପତି ଅନୀଲ ମହାନ୍ତି, ଜିଲା ପରିଷଦ ସଭ୍ୟାସଭ୍ୟ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପଞ୍ଚାୟତ ସଭାପତି, ଯୁବ, ଛାତ୍ର ଓ ମହିଳା ବିଜେଡ଼ିର କାର୍ଯ୍ୟକର୍ତ୍ତା ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।


**Classified Everyday**
0674-2580101, 2549949




**SALE**

Few Office space left for immediate sale in a prime locality. For details Plz Contact-7605932509. D-1713

Triplex for sale in a posh locality near AIIMS for details Plz contact. Mob-7605932509. D-1714

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75249

Commercial plot 3 sides road facing to NH Nakhara to Niali road frontage 60 feet facing to south 10000sqft., 8KM from Nakhara, 13KM from Bhubaneswar. 8249851363, 7809525452. D-75056

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ ଗୃହ ନିର୍ମାଣ କରନ୍ତୁ - 9658562429. D-75259

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656

ଭୁବନେଶ୍ୱର ସତ୍ୟନଗର ପଞ୍ଜାବୀ କଲୋନୀଠାରେ 1,15,00,000/-ରେ resale 3BHK flat ମିଳୁଛି। (Bank Loan available). 9437114429, 8093465134. D-75258

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରୀ ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9178660666. D-1720

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି । 9438315973 / 9938066403. D-1655

ଘରବାରି ସ୍ଥିତିବାନ ଜାଗା ଭୁବନେଶ୍ୱର ଅଟଳାରେ 30ft. ରାସ୍ତା ଥାଇ ସଙ୍ଗେ ସଙ୍ଗେ ଘର କଲାଭଳି Plot 24,60,000/-ରେ Bank Loan ସୁବିଧା ଥାଇ ବିକ୍ରିହେବ - 6370469894. D-75260




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75054

Newly open Spa positively health benefits with expert therapist. 9938843929. D-75167

Full body massage by expert therapist positively health benefits. 7381172169. D-75165

Newly open health benefits SPA special offer @999. Contact: 7749034655. D-75168

Relax, Refresh your body, Mind at Saikrupa Spa with best therapies. 8984068077. D-1696

**AFFIDAVIT**

I, Narayan Acharya (62), S/o Late Shyama Sundar Acharjya, At-Ganapatinagar, 3rd Lane, Aska Road, P.O.-Panigrahipentho, P.S.-Badabazar, Berhampur, Ganjam, Odisha, Pin-760006, declare by this Affidavit No.- A915 Dt.04.11.2023 that my father's name Shyam Sundara Acharya, as mentioned in the Passport # F2579480 and Shyama Sundar Acharjya as mentioned in Aadhaar Card No. xxxxxxxx 3684 are same person for all future purposes. D-1746

**LOST**

I, Manoj Kumar Nayak have lost my ROR bearing Khata No.536/655, Mouza-Unit No. 03 at Railway Station, Jharsuguda on dated 30.10.2023. I want to apply house loan from SBI, Jharsuguda Branch (00238) against mortgage as per said land. If anybody has got, kindly inform at 9131343774. D-1743

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି**
(ପଞ୍ଚମ ବର୍ଷ)



**ସ୍ୱର୍ଗତା ସ୍ନେହଲତା ମହାନ୍ତି**
ସ୍ୱାମୀ: ସ୍ୱର୍ଗତ ଗିରିଧାରୀ ମହାନ୍ତି
ବାପୁଜୀ ନଗର, ଭୁବନେଶ୍ୱର
ଗ୍ରାମ: ବଡ଼ଗାଁ, ଜିଲ୍ଲା: କେନ୍ଦ୍ରାପଡ଼ା
ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଏହି ପୁଣ୍ୟ ତିଥିରେ ଆମେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ।
-: ଶୋକସନ୍ତପ୍ତ :-
ବନ୍ଧୁ ଓ ପରିବାରବର୍ଗ।
D-74712

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ଅଡିଶନ୍ କଥା ଭୁଲିପାରୁନି


ଅମୀଷା

ଅନିଲ ଶର୍ମାଙ୍କ ସୁପରହିଟ୍ ଫିଲ୍ମ 'ଗଦ୍ଦର-ଏକ ପ୍ରେମ କଥା' ସେ ସମୟରେ ବକ୍ସ ଅଫିସରରେ ରେକର୍ଡ ସୃଷ୍ଟି କରିଥିଲା। ଏଥିରେ ସଂଯୋଜିତ 'ମେଁ ନିକ୍‌ଲା ଗଡି ଲେ କେ' ଏବେ ବି ଯୁବପିଢ଼ିଙ୍କ ମନରେ ସତେଜ ହୋଇ ରହିଛି। ଏହାର ନାୟକ ସାଜିଥିଲେ ସନ୍ନି ଦେଓଲ ଏବଂ ତାଙ୍କ ଅପୋଜିଟ୍‌ରେ ଥିଲେ ଅମୀଷା ପଟେଲ। ଉକ୍ତ ଚିତ୍ରର ନାୟିକା ଭୂମିକାଟିକୁ ପାଇବା ତାଙ୍କ ପାଇଁ ଏତେ ସହଜ ନ ଥିଲା। ଏଭଳି ରୋଲ୍ ପାଇଁ ତାଙ୍କୁ ଅଡିଶନ୍‌ର ସାମ୍ନା କରିବାକୁ ପଡିଥିଲା। ଆଉ ଏହି ବିଶାଳ ଅଡିଶନରେ ପ୍ରାୟ ୫୦୦ ଜଣ ଅଂଶଗ୍ରହଣ କରିଥିଲେ। ଶେଷରେ ହାତୀ ଅମୀଷାଙ୍କୁ ମୁଣ୍ଡରେ ହିଁ ସୁନା କଳସ ଢାଳିଥିଲା। ଖାସ୍ କଥା ହେଲା, ଅମୀଷାଙ୍କ ଅଡିଶନ ଦୀର୍ଘ ୧୨ ଘଣ୍ଟା ଧରି ଚାଲିଥିଲା। ମଡେଲିଂରୁ ଆକ୍ଟିଂ ଦୁନିଆରେ ପାଦ ରଖିଥିଲେ ସେ। ତା'ସହ କେତୋଟି ଥିଏଟର ନାଟକରେ ମଧ୍ୟ ଅଭିନୟ କରିଥିଲେ। ତା'ସହ କେତେକ ନାମୀ ବ୍ରାଣ୍ଡବିଶିଷ୍ଟ କମ୍ପାନୀର ବିଜ୍ଞାପନ ପାଇଁ କାମ କରିଥିଲେ ଅମୀଷା। ରାକେଶ ରୋଶନ ତାଙ୍କୁ ପ୍ରଥମେ ବଲିଉଡ୍‌ରେ ବ୍ରେକ୍ ଦେଇଥିଲେ। ଫିଲ୍ମଟି ଥିଲା 'କହୋ ନା ପ୍ୟାର ହୈ'।

# କଥା ଘଣ୍ଟାଏର


କାଜଲ

ଦକ୍ଷିଣ ଭାରତୀୟ ସିନେମାରେ ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ହେଉଛନ୍ତି କାଜଲ ଅଗ୍ରୱାଲ। ତାଙ୍କ ଅଭିନୟ ଜୀବନରେ ଅନେକ ରୋମାଞ୍ଚକର ଘଟଣା ଘଟିଯାଇଛି। ହେଲେ ସେହି ଘଣ୍ଟାଏର କଥାକୁ ସେ ଏପର୍ଯ୍ୟନ୍ତ ଭୁଲିପାରୁନାହାନ୍ତି। ଏଭଳି ଘଟଣା ସେ ଅଭିନୟ କରିଥିବା ତେଲୁଗୁ ଫିଲ୍ମ 'ଆତାଦିସ୍ତା'ର ଶୁଟିଂ ସମୟରେ ଘଟିଥିଲା। ଏକ ସିକୁଏନ୍ସ ପାଇଁ ଶଟ୍ ଦେବା ବେଳେ ବାରମ୍ବାର କଟ୍ ହେଉଥାଏ। ଏହି ସମୟରେ ସେ କ'ଣ କରିବେ ବୋଲି ଜାଣିପାରିଲେ ନାହିଁ। ଠିକ୍ ବେଳକୁ ନିର୍ଦ୍ଦେଶକ ତାଙ୍କ ପାଖକୁ ଆସିଲେ। ଦୁହିଙ୍କ ମଧ୍ୟରେ ପ୍ରାୟ ଘଣ୍ଟାଏ ଧରି ଆଲୋଚନା ଚାଲିଲା। ଆଉ ତା'ପରେ ସତେ ଯେମିତି କାଜଲଙ୍କୁ ଖୋଜିଲା ଚିଜ ମିଳିଯାଇଥିଲା। ଏ ବିଷୟରେ କାଜଲ କହନ୍ତି, ''ମୁଁ ସେତେବେଳେ 'ଆତାଦିସ୍ତା' ଫିଲ୍ମର ଶୁଟିଂରେ ବ୍ୟସ୍ତ ଥାଏ। ଏକ ଇମୋଶନାଲ ଶଟ୍ ଦେବା ସମୟରେ ମୁଁ ଟିକେ ନର୍ଭସ ହୋଇପଡିଥିଲି। ସେପଟେ ଶଟ୍ ଦେବା ବେଳେ ବାରମ୍ବାର କଟ୍ ହେଉଥାଏ। ଏହାଦେଖି ନିର୍ଦ୍ଦେଶକ ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ମୋ ସହ ଏ ନେଇ ପ୍ରାୟ ଘଣ୍ଟାଏ ଧରି ଆଲୋଚନା କଲେ। ଆଉ ତା'ପରେ ମୋତେ ଯେମିତି ଅଡୁଆ ସୂତାକୁ ସଜାଡିବାକୁ ସୂତ୍ର ମିଳିଯାଇଥିଲା।' ଏହି ଫିଲ୍ମଟିର ପ୍ରଯୋଜନା କରିଥିଲେ ସି. କଲ୍ୟାଣ ଏବଂ ଏସ. ବିଜୟାନନ୍ଦ। ନିର୍ଦ୍ଦେଶନା ଦେଇଥିଲେ ଏ.ଏସ. ରବିକୁମାର। ଏଥିରେ କାଜଲଙ୍କ ନାୟକ ସାଜିଥିଲେ ନୀତିନ। ଏମାନଙ୍କ ବ୍ୟତୀତ ନଗେନ୍ଦ୍ର ବାବୁ, ରଘୁବରଣ, ଜୟସୁଧା ପ୍ରମୁଖ କଳାକାର ପ୍ରମୁଖ ଅଭିନୟ କରିଥିଲେ।

# ରକୁଲ୍‌ଙ୍କୁ ମିଳିଗଲା...



ରକୁଲ୍ ପ୍ରୀତ୍ ସିଂ ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। କଥା କ'ଣ କି, ସେ ଏକାଥରେ ଆକ୍ସନ ଏବଂ କମେଡି ଦୁଇଟି ଜିନିଷ ଶିଖିବାକୁ ମନ ବଳାଇଛନ୍ତି। କେବଳ ସେତିକିରେ ଘଟଣା ସୀମିତ ହୋଇ ରହିନାହିଁ। ଏଭଳି ଏକ ମିଶ୍ରିତ ଭୂମିକାରେ ତାଙ୍କୁ ଖୁବ୍‌ଶୀଘ୍ର ବଡ ପରଦାରେ ଦର୍ଶକ ଦେଖିବାକୁ ପାଇବେ। ପ୍ରଯୋଜନା ସଂସ୍ଥା ପକ୍ଷରୁ ଏ ନେଇ ଗ୍ରୀନ୍ ସିଗନାଲ ମିଳିଗଲା ପରେ ନିଜ ଲକ୍ଷ୍ୟ ପୂରଣ କରିବାକୁ ଅଣ୍ଟା ଭିଡିଛନ୍ତି ସେ। ହେଲେ 'ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତେ ହୁଏ ତାହା' ପରି ତାଙ୍କୁ ଏକାଥରେ କମେଡି ଏବଂ ଆକ୍ସନ ଗୁରୁ ମିଳିଯାଇଛନ୍ତି। ଟାଇଗରଙ୍କଠାରୁ ସେ ଆକ୍ସନ ଟିପ୍ସ ନେଇଥିବା ବେଳେ କମେଡି ନେଇ ବିଶିଷ୍ଟ ଅଭିନେତା ପରେଶ ରାଓ୍ୱଲ ତାଙ୍କୁ ସହଯୋଗ କରିଛନ୍ତି। ତେବେ ଏଭଳି ସୁଯୋଗ ବିଷୟରେ ରକୁଲ୍ କହନ୍ତି, 'ଏକାଥରେ କମେଡି ଏବଂ ଆକ୍ସନ ଭୂମିକା ତୁଲାଇବା ସହଜ କଥା ନୁହେଁ। ଏହି ନୂଆ ରୋଲ୍‌ଟି ମୋ ପାଇଁ କଷ୍ଟକର ହେବ ବୋଲି ଭାବୁଛି। ତେଣୁ ଏ ବିଷୟରେ କିପରି ଜ୍ଞାନ ଆହରଣ କରିବି ସେନେଇ ଚିନ୍ତା କରିବା ବେଳେ ମୋ ମନକୁ ଟାଇଗର ଶ୍ରଫ ଏବଂ ପରେଶ ସାର୍‌ଙ୍କ କଥା ଆସିଥିଲା। ଯାହାହେଉ ଦୁହିଙ୍କୁ ଭେଟିବା ପରେ ମୋର ସମସ୍ୟା ଅନେକାଂଶରେ ଦୂର ହୋଇଛି।' ଏହି ନୂଆ ସିନେମାର ଟାଇଟଲ ଫାଇନାଲ ହୋଇନାହିଁ। ତେବେ ଏଭଳି ଭୂମିକା ରକୁଲ୍‌ଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।

# ଝିଟିପିଟି ଦେଖିଲେ...


ନୁସରତ

ନୁସରତ ଭରୁଚା ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ତାହା ହେଉଛି ଝିଟିପିଟି। ଯଦି ସେ ଅକସ୍ମାତ ତାହାକୁ ଦେଖିଦିଅନ୍ତି ତେବେ ତାଙ୍କର ଅବସ୍ଥା ନ କହିବା ଭଲ। ଏକଦା ସେ ସାଙ୍ଗମାନଙ୍କ ସହ ଏକ କଫି ପବ୍‌କୁ ଯାଇଥାଆନ୍ତି। ସେଠାରେ ସେମାନଙ୍କ ସହ ମଜାମସ୍ତି କରିବା ବେଳେ ହଠାତ୍ ଚିତ୍କାର କରିଉଠିଲେ। ତାଙ୍କୁ ଏଭଳି ଅବସ୍ଥାରେ ଦେଖିବା ପରେ ତାଙ୍କ ସାଙ୍ଗମାନେ କ'ଣ ହେଲା ବୋଲି ବୁଝି ପାରିଲେ ନାହିଁ। ତାଙ୍କୁ ନେଇ ଏକ ଚେୟାରରେ ବସାଇ ପାଣି ପିଇବାକୁ ଦେଲେ। ହେଲେ ସେ କେବଳ କାନ୍ଥ ଆଡକୁ ଚାହୁଁଥାଆନ୍ତି। କିଛି ସମୟ ପରେ ପ୍ରକୃତ ଅବସ୍ଥାକୁ ଆସି ଏହାର କାରଣ ବଖାଣିଥିଲେ। ସେ କହିଥିଲେ, 'ସତ କଥା ହେଲା, ସେତେବେଳେ ମୋର ନଜର ଏକ ଝିଟିପିଟି ଉପରେ ପଡିଗଲା। ତାକୁ ଦେଖିବା ମାତ୍ରେ ମୁଁ ଡରି ଯାଇଥିଲି। ପିଲାଦିନେ ଥରେ ମୁଁ ପାଠ ପଢ଼ିବା ବେଳେ ମୋ ସାମ୍ନାରେ ଏକ ଝିଟିପିଟି ପଡିଗଲା। ସେବେଠାରୁ ତାହା ପ୍ରତି ମୋର ଭୟ ରହିଆସିଛି।' ନୁସରତଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୬ରୁ ଆଉ ଫିଲ୍ମଟି ଥିଲା 'ଜୟ ସନ୍ତୋଷୀ ମା'।

# ଟାଇଟଲ ମିଶନ


ରଜନୀ ରଞ୍ଜନ

ଓଲିଉଡ୍‌ର ବରିଷ୍ଠ ତଥା ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ ଓରଫ ରଜନୀ ସାର୍। ଏବେ ସେ ଗୋଟିଏ କଥାକୁ ନେଇ ବ୍ୟସ୍ତ। କେହି ହୁଏତ ଭାବୁଥିବେ ଯେ ଚାକିରିରୁ ଅବସର ନେବା ପରେ ଏବେ ପ୍ରାୟ ସଂଳାପ ରଚନାରେ ବ୍ୟସ୍ତ। ହୁଏତ କୌଣସି ନୂଆ ସିନେମା ଲାଗି ବ୍ୟସ୍ତ ଥିବେ। କିନ୍ତୁ ସେ ଏବେ ଏକ ଗୁରୁତ୍ୱପୂର୍ଣ୍ଣ କାମରେ ନିଜକୁ ନିୟୋଜିତ ରଖିଛନ୍ତି। ତାହା କ'ଣ ଜାଣନ୍ତି ? ଟାଇଟଲ ଖୋଜିବା। କଥା କ'ଣ କି, ରଜନୀ ଖୁବ୍ ଶୀଘ୍ର ଓଲିଉଡ୍‌ରେ ସେଞ୍ଚୁରୀ ମାରିବାକୁ ଯାଉଛନ୍ତି। ତେଣୁ ନିଜର ଏହି ମାଇଲଷ୍ଟୋନ୍ ସିନେମାର ଟାଇଟଲଟିକୁ କ୍ୟାଚି କରିବା ପାଇଁ ସେ ଲାଗିପଡିଛନ୍ତି। ଏ ନେଇ ସେ କହନ୍ତି, 'କେବଳ ସିନେମାର ସଂଳାପ, ଗୀତ ଏବଂ ଅଭିନୟ ଭଲ ହେଲେ ହେବ ନାହିଁ, ସେହି ଅନୁସାରେ ତାହାର ଏକ ଆଟ୍ରାକ୍ଟିଭ ଟାଇଟଲ ରହିବା ନିହାତି ଦରକାର। ତେଣୁ ମୁଁ ସଂଳାପ ଲେଖିଥିବା ଫିଲ୍ମର ଶୀର୍ଷକ ପ୍ରାୟ ଚର୍ଚ୍ଚାରେ ରହିଥାଏ। ମୋର ଶହେତମ ସିନେମାକୁ ସ୍ମରଣୀୟ କରିବା ଲାଗି ଏକ ଭଲ ଟାଇଟଲ ସନ୍ଧାନରେ ମୁଁ ରହିଛି। ଆଶା କରେ ମୋର ଏହି ମିଶନ ସଫଳ ହେବ।' ୧୯୮୯ରେ 'ମୋ ଭାଇ ଜଗା'ରୁ ଜଣେ ଗୀତିକାର ଭାବରେ ବଡ ପରଦାରେ ଏଣ୍ଟ୍ରି କରିଥିଲେ ରଜନୀ। ଏହି ଫିଲ୍ମରୁ ତାଙ୍କର ସଂଳାପକାର ଜୀବନ ଆରମ୍ଭ ହୋଇଥିଲା। ତାଙ୍କ ରଚିତ ସଂଳାପକୁ ନେଇ ନିର୍ମିତ ପ୍ରମୁଖ ତଥା ହିଟ୍ ସିନେମାଗୁଡିକ ମଧ୍ୟରେ ରହିଛି- 'ଜୟ ଜଗନ୍ନାଥ', 'ସଞ୍ଜୁ ଆଉ ସଞ୍ଜନା', 'ଲୋଫର', 'ଗୁଡ୍ ବୟ', 'ପିଲାଟା ବିଗିଡି ଗଲା', 'ଲଭ୍ ଡଟ୍ କମ୍', 'ମୋତେ ବୋହୂ କରି ନେଇଯା' ଆଦି ଚଳଚ୍ଚିତ୍ର। ତେବେ ରଜନୀଙ୍କର ଶହେତମ ଚଳଚ୍ଚିତ୍ରର ଟାଇଟଲ କ'ଣ ରହୁଛି ଏବଂ ତାହାର ସଂଳାପ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ସେ ବିଷୟରେ ଜାଣିବାକୁ ଅପେକ୍ଷା କରିବାକୁ ହିଁ ପଡିବ।

# କୁଲ୍ କୁଲ୍ ଭୂମି

ଭୂମି ପେଦେନକରଙ୍କ ବୁଦ୍ଧିକୁ ନିଶ୍ଚୟ ମାନିବାକୁ ପଡିବ। କେତେବେଳେ କେଉଁ କଥାକୁ କିପରି ହ୍ୟାଣ୍ଡେଲ କରିବାକୁ ପଡେ ତାହାର କାଇଦା ତାଙ୍କୁ ଭଲ ଭାବରେ ଜଣା। ଏବେ ତାଙ୍କ କ୍ୟାରିୟରକୁ ନେଇ ଆପଣ ଯେତେ ଅଙ୍କାବଙ୍କା ପ୍ରଶ୍ନ ପଚାରନ୍ତୁ ହେଲେ ସେ ବ୍ୟତିବ୍ୟସ୍ତ ହେଉନାହାନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ନିଜ ଅଭିନୟ ଜୀବନ ବିଷୟରେ ସୂଚନା ଦେବାକୁ ଭୁଲି ନ ଥିଲେ। ଏପରିକି ସେହି ସମୟରେ ପ୍ରଶଂସକମାନେ ତାଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରିଥିଲେ। ଆଉ ଭୂମି ଏ ନେଇ ଆଦୌ ବିବ୍ରତ ହୋଇ ନ ଥିଲେ। ବେଶ୍ ଥଣ୍ଡା ମିଜାସରେ ଆଉ ଧୈର୍ଯ୍ୟର ସହ ଗୋଟି ଗୋଟି ପ୍ରଶ୍ନର ଉତ୍ତର ଦେଇଥିଲେ। ଏ ନେଇ ଭୂମି କହନ୍ତି, 'କେବଳ ମୋ ପ୍ରଶଂସକ ନୁହନ୍ତି, ପ୍ରତ୍ୟେକ ଦର୍ଶକଙ୍କ ମନରେ ଯେଉଁ ପ୍ରଶ୍ନ ରହିଛି ତାହାର ଯଥାର୍ଥ ଉତ୍ତର ଆମେ ଦେବା ହିଁ ଠିକ୍ ବୋଲି ମୁଁ ଭାବେ। ସେଦିନ ମୋତେ ଅନେକେ ଏଣୁତେଣୁ ପ୍ରଶ୍ନ ପଚାରିଥିଲେ। ହେଲେ ସେ ନେଇ ମୁଁ ଆଦୌ ବିଚଳିତ ହୋଇନ ଥିଲି।' ଭୂମିଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଦମ୍ ଲଗାକେ ହୈସା'ରୁ। ଗତ ମାସରେ ରିଲିଜ ହୋଇଥିବା ଏକତା କପୁରଙ୍କ ଫିଲ୍ମ 'ଥ୍ୟାଙ୍କ ୟୁ କମିଙ୍ଗ'ରେ ସେ ଅଭିନୟ କରିଥିଲେ।


ଭୂମି

# ସବୁ ଭୂମିକା ମୋ ପାଇଁ ଚ୍ୟାଲେଞ୍ଜ



ମୋ କଥା/ ଦେବାଶିଷ ପାତ୍ର

**ଓଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତା ଦେବାଶିଷ ପାତ୍ର ନିକଟରେ ରିଲିଜ ହୋଇଥିବା ଓଡ଼ିଆ ସିନେମା 'କଟକ-ଶେଷରୁ ଆରମ୍ଭ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ନିଜ ଆକ୍ଟିଂ କ୍ୟାରିୟର ସମ୍ପର୍କରେ ସେ ଯାହା କହନ୍ତି...**

ଓଡ଼ିଆ ଆଲବମ୍ ଜଗତ ହେଉ ଅବା ବଡ଼ ପରଦା-ଦେବାଶିଷ ପାତ୍ର ଜଣେ ବେଶ୍ ପରିଚିତ ନାମ। ବିଶିଷ୍ଟ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ 'ଜୟ ଜଗନ୍ନାଥ'ରୁ ସେ ଆରମ୍ଭ କରିଥିଲେ ନିଜର ଓଲିଉଡ୍ କ୍ୟାରିୟର। ଏଥିରେ ନାରଦ ଭୂମିକା ଏବଂ ସଂଯୋଜିତ ଗୀତ 'ନଟ ହେ ମଞ୍ଜି ପୋତିଲ ତୁମେ, ଅପବାଦ ହେଲା ନାରଦ ନାମେ' ତାଙ୍କୁ ବେଶ୍ ମାଇଲେଜ ଦେଇଥିଲା। ଏଥର ଦଶହରାରେ ରିଲିଜ ହୋଇଥିବା ଆକ୍ସନଭିତ୍ତିକ ଓଡ଼ିଆ ସିନେମା 'କଟକ-ଶେଷରୁ ଆରମ୍ଭ' ତାଙ୍କ ଅଭିନୟ ଜୀବନକୁ ଆଶାତୀତ ମାଇଲେଜ ଦେଇଛି। ଏ ନେଇ ଦେବାଶିଷ କହନ୍ତି, 'ମୋତେ ମିଳିଥିବା ପ୍ରତିଟି ଭୂମିକାକୁ ମୁଁ ଗମ୍ଭୀରତାର ସହ ନେଇଥାଏ। ଯେତେବେଳେ 'କଟକ-ଶେଷରୁ ଆରମ୍ଭ'ରେ ଅଭି ଭୂମିକା ବିଷୟରେ ମୋ ସହ ପ୍ରଯୋଜକ କୁମାର ପ୍ରୀତମ ସାହୁ ଏବଂ ନିର୍ଦ୍ଦେଶକ ସୁଧାଂଶୁ ସାହୁ କଥା ହେଲେ ସେତେବେଳଠାରୁ ଜାଣି ନେଇଥିଲି ଯେ ଏହା ମୋ ପାଇଁ ଏକ ଅଗ୍ନିପରୀକ୍ଷା। ଭୂମିକାଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଥିଲି। ଯାହାହେଉ ମୋ ପରିଶ୍ରମର ମୂଲ୍ୟ ଦର୍ଶକେ ବୁଝିଛନ୍ତି। ଉକ୍ତ ଫିଲ୍ମରେ ମୁନା ଭାଇ (ସିଦ୍ଧାନ୍ତ ମହାପାତ୍ର) ଏବଂ ଚୌଧୁରୀ ବିକାଶ ଦାସଙ୍କ ପରି ଅଭିନେତାଙ୍କ ସହ କାମ କରି ଅନେକ କିଛି ଶିଖିଛି। ଏହାବ୍ୟତୀତ ନିର୍ଦ୍ଦେଶକ ସୁଧାଂଶୁ ସାର୍‌ଙ୍କୁ ଏ ନେଇ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ। ସବୁଠାରୁ ବଡ଼ କଥା ହେଲା ପ୍ରତିଟି ଭୂମିକା ମୋ ପାଇଁ ଚ୍ୟାଲେଞ୍ଜ ସଦୃଶ ଏବଂ ସେଗୁଡ଼ିକୁ ସକାରାତ୍ମକ ମାନସିକତା ସହ ସାମ୍ନା କରିଥାଏ। ଟେଲି ଫିଲ୍ମ 'କାଳିଆ କରୁଛି ଲୀଳା' ପାଇଁ ତାଙ୍କୁ ଶ୍ରେଷ୍ଠ ଅଭିନେତା ଭାବରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିସାରିଛି। ଦେବାଶିଷ ଅଭିନୟ କରିଥିବା ପ୍ରମୁଖ ଓଡ଼ିଆ ସିନେମାଗୁଡ଼ିକ ମଧ୍ୟରେ ରହିଛି- 'ପହିଲି ରଜ', 'ଭୁଲ୍ ବୁଝିବନି ମୋତେ', 'ଚୋରି ଚୋରି ମନଚୋରି', 'ଇଡିଅଟ୍', 'ହରି ଓମ୍ ହରି', 'ମୁଁ ଏକା ତୁମର', 'କ୍ରାନ୍ତିଧାରା', 'ତୁ ଯେ ସେହି' ଏବଂ 'ତୁ ମୋ ଲଭ୍ ଷ୍ଟୋରି'। ସେ ଅଭିନୟ କରିଥିବା 'ଡିୟର ପୁରୁଷ' ଏବଂ 'ଚନ୍ଦ୍ରମା' ଫିଲ୍ମ ରିଲିଜ ଅପେକ୍ଷାରେ ରହିଛି।






# ଇଂଲଣ୍ଡର ପ୍ରତୀକ୍ଷିତ ବିଜୟ

## ଷ୍ଟୋକ୍ସଙ୍କ ଶତକ

**ପୁଣେ, ୮।୧୧**

କ୍ରମାଗତ ୫ ପରାଜୟ ପରେ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ପ୍ରତୀକ୍ଷିତ ବିଜୟ ହାସଲ କରିଛି ଗତଥରର ଚାମ୍ପିୟନ ଇଂଲଣ୍ଡ। ବେନ୍ ଷ୍ଟୋକ୍ସଙ୍କ ଶତକ ଏବଂ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଏହି ଦଳ ବୁଧବାର ଅନୁଷ୍ଠିତ ମ୍ୟାଚରେ ନେଦରଲାଣ୍ଡ୍ସକୁ ୧୬୦ ରନରେ ହରାଇ ଦେଇଛି। ଏଥିସହ ଦଳ ପଏଣ୍ଟ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇ ଚାମ୍ପିୟନ୍ସ ଟ୍ରଫି ଖେଳିବା ଆଶା ଉଜ୍ଜୀବିତ କରିଛି। ବିଶ୍ୱକପର ଟପ୍-୮ ଦଳ ଚାମ୍ପିୟନ୍ସ ଟ୍ରଫି ଖେଳିବା ନିୟମ ରହିଛି। ଏଠାରେ ଇଂଲଣ୍ଡ ୫୦ ଓଭରରେ ୯ ଉଇକେଟ ହରାଇ ୩୩୯ ରନ କରିଥିଲା। ନେଦରଲାଣ୍ଡ୍ସ ୩୭.୨ ଓଭରରେ ୧୭୯ ରନକରି ଅଲ୍ଆଉଟ ହୋଇ ଯାଇଥିଲା। ଫଳରେ ଏହି ଦଳର ସେମିଫାଇନାଲ ଆଶା ମଧ୍ୟ ଶେଷ ହୋଇ ଯାଇଥିଲା। ଶତକୀୟ ଇନିଂସ ପାଇଁ ଷ୍ଟୋକ୍ସ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ଟସ୍ ଜିତି ବ୍ୟାଟିଂ କରିଥିବା ଇଂଲଣ୍ଡ ଇନିଂସରେ ଷ୍ଟୋକ୍ସଙ୍କ ଶତକ ମୁଖ୍ୟ ଆକର୍ଷଣ ଥିଲା। ସେ ୮୪ଟି ବଲ୍‌ର ସମ୍ମୁଖୀନ ହୋଇ ୬ଟି ଲେଖାଏ ଚୌକା ଓ ଛକା ସହାୟତାରେ ସର୍ବାଧିକ ୧୦୮ ରନ କରିଥିଲେ। ଦାଉିଦ ମଲନ ୮୭ ଓ କ୍ରିସ୍ ୱୋକ୍ସଙ୍କ ୫୧ ରନର ଉପଯୋଗୀ ଇନିଂସ ଇଂଲଣ୍ଡକୁ ବଡ଼ ସ୍କୋରରେ ପହଞ୍ଚାଇବାରେ ସହାୟକ ହୋଇଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ବାସ୍ ଡି ଲିଡ୍ ସର୍ବାଧିକ ୩ଟି, ଆର୍ଯ୍ୟନ ଦତ୍ତ ଓ ଲୋଗାନ ଭାନ୍ ବିକ୍ ୨ଟି ଲେଖାଏ ଏବଂ ପଲ୍ ଭାନ୍ ମିକରେନ ଗୋଟିଏ ଉଇକେଟ ନେଇଥିଲେ।

> **ଦିନିକିଆ ବିଶ୍ୱକପ**
>
> ICC MEN'S CRICKET WORLD CUP INDIA 2023
>
> **(ଆଜିର ମ୍ୟାଚ)**
>
> **ନ୍ୟୁଜିଲାଣ୍ଡ ବନାମ ଶ୍ରୀଲଙ୍କା**
>
> **ସ୍ଥାନ: ବେଙ୍ଗାଲୁରୁ,**
> **ସମୟ: ଅପରାହ୍ନ ୨ଟା**
> **ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ପୂର୍ବରୁ ଦକ୍ଷିଣ ଆଫ୍ରିକାକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ନେଦରଲାଣ୍ଡ୍ସ କିନ୍ତୁ ଏଠାରେ ପ୍ରଭାବହୀନ ବ୍ୟାଟିଂ କରିଥିଲା। ତେଜା ନିଦାମାନୁରୁ ୪୧ ରନରେ ଅପରାଜିତ ରହି ଟପ୍ ସ୍କୋରର ହୋଇଥିବାବେଳେ ସ୍କଟ ଏଡୱାର୍ଡ୍ସ ୩୮, ୱେସଲି ବାରେସି ୩୭ ଓ ସିବ୍ରାଣ୍ଡ ଇଙ୍ଗଲବ୍ରେଚ୍ ୩୩ ରନ କରିବାକୁ ସକ୍ଷମ ହୋଇଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ମୋଇନ ଅଲୀ ଓ ଆଦିଲ ରଶିଦ ୩ଟି ଲେଖାଏ, ଡେଭିଡ ୱିଲି ୨ଟି ଓ କ୍ରିସ୍ ୱୋକ୍ସ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୫୦ ଓଭରରେ ୩୩୯/୯ (ବେନ୍ ଷ୍ଟୋକ୍ସ-୧୦୮, ଦାଉିଦ ମଲନ-୮୭, କ୍ରିସ୍ ୱୋକ୍ସ-୫୧, ବାସ୍ ଡି ଲିଡ୍ ସର୍ବାଧିକ-୩/୭୪, ଆର୍ଯ୍ୟନ ଦତ୍ତ-୨/୬୭, ଲୋଗାନ ଭାନ୍ ବିକ୍-୨/୮୮, ପଲ୍ ଭାନ୍ ମିକରେନ-୧/୫୭)। ନେଦରଲାଣ୍ଡ୍ସ ୩୭.୨ ଓଭରରେ ୧୭୯/ଅଲ୍ଆଉଟ (ତେଜା ନିଦାମାନୁରୁ-୪୧*, ମୋଇନ ଅଲୀ-୩/୪୨, ଆଦିଲ ରଶିଦ-୩/୫୪, ଡେଭିଡ ୱିଲି-୨/୧୯, କ୍ରିସ୍ ୱୋକ୍ସ-୧/୧୯)।


ପ୍ଲେୟର ଅଫ୍ ଦି ମ୍ୟାଚ ବେନ୍ ଷ୍ଟୋକ୍ସ।

# ଗୋଟିଏ ସ୍ଥାନ, ୩ ଦଳ

## ଭାରତର ସେମିଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ପାଇଁ ଦୌଡ଼

**କୋଲକାତା, ୮।୧୧ (ପି.ଟି.)**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ୩ ଦଳ ସେମିଫାଇନାଲ ପ୍ରବେଶ କରିସାରିଛନ୍ତି। ଆଉ ଗୋଟିଏ ସ୍ଥାନ ପାଇଁ ଏବେ ୩ ଦଳ ମଧ୍ୟରେ ଲଢ଼େଇ। ମଙ୍ଗଳବାର ମ୍ୟାଚରେ ଆଫଗାନିସ୍ତାନ ବିପକ୍ଷରେ ଅଷ୍ଟ୍ରେଲିଆର ଲଢୁଆ ବିଜୟ ପରେ ଦୃଶ୍ୟପଟ ସ୍ପଷ୍ଟ ହୋଇଯାଇଛି। ଏହି ଦଳ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବା ନିଶ୍ଚିତ ହୋଇଯାଇଛି। ପଏଣ୍ଟ ଟେବୁଲର ଶୀର୍ଷସ୍ଥାନରେ ଥିବା ଭାରତ ସହ କିଏ ସେମିଫାଇନାଲ ଖେଳିବ ତାହାକୁ ନେଇ ଉତ୍ସାହ ବଢ଼ିଛି। ଏହି ଦୌଡ଼ରେ ରହିଛନ୍ତି ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ଆଫଗାନିସ୍ତାନ। ଏହି ତିନି ଦଳ ୮ ପଏଣ୍ଟ ଲେଖାଏ ପାଇଛନ୍ତି। କେବଳ ନେଟ୍ ରନ୍ ହାରରେ ଉପର ତଳ ରହିଛନ୍ତି। ନ୍ୟୁଜିଲାଣ୍ଡ ଏହାର ଶେଷ ଲିଗ୍ ମ୍ୟାଚ ବେଙ୍ଗାଲୁରୁଠାରେ ଶ୍ରୀଲଙ୍କା ବିପକ୍ଷରେ ଖେଳିବ। ତିନି ଦଳ ମଧ୍ୟରେ ନ୍ୟୁଜିଲାଣ୍ଡ (୦.୩୯୮)ର ନେଟ୍ ରନ୍ ହାର ଉପରେ ରହିଛି। ଗତ ସଂସ୍କରଣର ରନରଅପ୍ ଏହି ଦଳ ବଡ଼ ବ୍ୟବଧାନରେ ଆଗାମୀ ମ୍ୟାଚ ଜିତିବା ଆବଶ୍ୟକ ହେଉଛି। ଏହା ବ୍ୟତୀତ ପାକିସ୍ତାନ (୦.୦୩୬) ଓ ଆଫଗାନିସ୍ତାନ (-୦.୦୩୮) ଭଲ ପ୍ରଦର୍ଶନ ନ କରୁ ବୋଲି ଚାହିଁବ। ବ୍ଲାକ୍‌କ୍ୟାପ୍ ଦଳ କ୍ରମାଗତ ୪ ମ୍ୟାଚ ଜିତିବା ପରେ ପରବର୍ତ୍ତୀ ୪ ମ୍ୟାଚ ହାରି ସମସ୍ୟାରେ ପଡ଼ିଛି। ଦୁର୍ବଳ ବୋଲିଂ ଦଳ ପାଇଁ ମହଙ୍ଗା ପଡ଼ିଛି। ମ୍ୟାଚ ଅବସରରେ ବେଙ୍ଗାଲୁରୁରେ ବର୍ଷା ହେବାର ସମ୍ଭାବନା ରହିଛି। ଏହା ମଧ୍ୟ ଦଳର ଚିନ୍ତା ବଢ଼ାଇଛି। କାରଣ ପଏଣ୍ଟ ଭାଗହେଲେ ଦଳ ଆଗକୁ ଯିବା ଅସମ୍ଭବ ହୋଇପଡ଼ିବ।

### ଭାରତ-ପାକ୍ ସେମିଫାଇନାଲ ସମ୍ଭବ

ସେମିଫାଇନାଲରେ ଭାରତର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ହେବା ମଧ୍ୟ ସମ୍ଭବ। ଏହା ହେଲେ ଇଡେନ ଗାର୍ଡେନ୍ସରେ ଦର୍ଶକ ଆଉ ଏକ ହାଇ ପ୍ରୋଫାଇଲ ମ୍ୟାଚ ଦେଖିବାକୁ ପାଇବେ। ତେବେ ଏଥିପାଇଁ ଆସନ୍ତା ଶନିବାର ଇଂଲଣ୍ଡ ବିପକ୍ଷରେ ପାକିସ୍ତାନକୁ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ହେବ। ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା ଓ ଆଫଗାନିସ୍ତାନ-ଦକ୍ଷିଣ ଆଫ୍ରିକା ମ୍ୟାଚ ପରେ ପାକିସ୍ତାନ ଖେଳିବାକୁ ଥିବାରୁ ଫାଇଦାରେ ରହିବ। ତେବେ ଦଳକୁ ଟାର୍ଗେଟ ହାସଲ କରିବାକୁ ହେବ। ଟୁର୍ନାମେଣ୍ଟରେ ସବୁଠାରୁ ଉନ୍ନତି କରିଥିବା ଦଳ ଆଫଗାନିସ୍ତାନ ପୂର୍ବ ମ୍ୟାଚରେ ଅଷ୍ଟ୍ରେଲିଆ ବିପକ୍ଷରେ ଭଲ ସ୍ଥିତିରେ ଥାଇ ମଧ୍ୟ ମ୍ୟାଚ ହାତଛଡ଼ା କରିଥିଲା। ଶୁକ୍ରବାର ଏହି ଦଳ ଅହମଦାବାଦରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆଉ ଏକ ବିପର୍ଯ୍ୟୟ ସୃଷ୍ଟିକାରୀ ପ୍ରଦର୍ଶନ ଦେବାକୁ ପଡ଼ିବ। ନେଟ୍ ରନ୍ ହାର ଉପରେ ମଧ୍ୟ ଏହି ଦଳକୁ ଦୃଷ୍ଟି ଦେବାକୁ ପଡ଼ିବ।

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୮ | ୮ | ୦ | ୧୬ | +୨.୪୫୬ |
| ଦକ୍ଷିଣ ଆଫ୍ରିକା | ୮ | ୬ | ୨ | ୧୨ | +୧.୩୭୬ |
| ଅଷ୍ଟ୍ରେଲିଆ | ୮ | ୬ | ୨ | ୧୨ | +୦.୮୬୧ |
| ନ୍ୟୁଜିଲାଣ୍ଡ | ୮ | ୪ | ୪ | ୮ | +୦.୩୯୮ |
| ପାକିସ୍ତାନ | ୮ | ୪ | ୪ | ୮ | +୦.୦୩୬ |
| ଆଫଗାନିସ୍ତାନ | ୮ | ୪ | ୪ | ୮ | -୦.୩୩୮ |
| ଇଂଲଣ୍ଡ | ୮ | ୨ | ୬ | ୪ | -୦.୮୮୫ |
| ବାଂଲାଦେଶ | ୮ | ୨ | ୬ | ୪ | -୧.୧୪୨ |
| ଶ୍ରୀଲଙ୍କା | ୮ | ୨ | ୬ | ୪ | -୧.୧୬୦ |
| ନେଦରଲାଣ୍ଡ୍ସ | ୮ | ୨ | ୬ | ୪ | -୧.୬୩୫ |

# ସେମିଫାଇନାଲ ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ

**ବେଙ୍ଗାଲୁରୁ, ୮।୧୧ (ପି.ଟି.):** ପ୍ରଥମ ୪ ମ୍ୟାଚ୍‌ରୁ ୪ ବିଜୟ ସହିତ ଅଭିଯାନ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡର ବିଜୟ ରଥ ବିଗତ ୪ ମ୍ୟାଚ୍‌ରେ ଅଟକି ଯାଇଛି। ଅନ୍ତିମ ୪ ମ୍ୟାଚ୍‌ରେ ହାରିଥିବା ବେଳେ ଶେଷ ମ୍ୟାଚ୍‌ରେ ଏହା ଶ୍ରୀଲଙ୍କାକୁ ଭେଟିବ। ଦଳର ସେମିଫାଇନାଲ ସମୀକରଣକୁ ଜୀବନ୍ତ ରଖିବା ପାଇଁ ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଆବଶ୍ୟକ ରହିଥିବା ବେଳେ ଶେଷ ମ୍ୟାଚ୍‌ରେ ସମ୍ମାନ ରକ୍ଷା ପାଇଁ ଉଦ୍ୟମ କରିବ। ଭାରତ, ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ସେମିଫାଇନାଲ ପାଇଁ ଉତ୍ତୀର୍ଣ୍ଣ ହୋଇ ସାରିଥିବା ବେଳେ ଗୋଟିଏ ସ୍ଥାନ ପାଇଁ ପାକିସ୍ତାନ ଓ ଆଫଗାନିସ୍ତାନ ସହିତ ନ୍ୟୁଜିଲାଣ୍ଡର ମୁକାବିଲା ହେବ। ଗୁରୁବାର ବେଙ୍ଗାଲୁରୁର ଆର୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଶ୍ରୀଲଙ୍କା ସହିତ ଏହି ମ୍ୟାଚ୍‌ଟି ଖେଳିବ ନ୍ୟୁଜିଲାଣ୍ଡ। ଦଳ ବର୍ତ୍ତମାନ ନେଟ୍ ରନ୍‌ରେଟ୍‌ରେ ଆଗୁଆ ରହି ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ରହିଛି। ପାକିସ୍ତାନ ଓ ଆଫଗାନିସ୍ତାନ ସମାନ ୮ ପଏଣ୍ଟ ଲେଖାଏ ଅର୍ଜନ କରିଥିବା ବେଳେ ଏହା ନ୍ୟୁଜିଲାଣ୍ଡ ପାଇଁ ଶଙ୍କାର ବିଷୟ ହୋଇଛି। ଏହା ସହିତ ବର୍ଷା ନ୍ୟୁଜିଲାଣ୍ଡ ପାଇଁ ଆଉ ଏକ ସମସ୍ୟା ସୃଷ୍ଟି କରିଛି। ପାକିସ୍ତାନ ବିପକ୍ଷରେ ଦଳ ୪୦୧ ରନ୍ ସ୍କୋର କରିଥିବା ବେଳେ ଡକ୍‌ୱର୍ଥ ଲୁଇସ୍‌ରେ ଦଳ ପରାଜିତ ହୋଇଥିଲା। ସମାନ ଢଙ୍ଗରେ ଗୁରୁବାରର ମ୍ୟାଚ୍ ମଧ୍ୟ ବର୍ଷା ଦ୍ୱାରା ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି। ନ୍ୟୁଜିଲାଣ୍ଡର ବ୍ୟାଟରମାନେ ଚମତ୍କାର ଫର୍ମରେ ରହିଛନ୍ତି। ଦଳ ପ୍ରାୟ ସମସ୍ତ ମ୍ୟାଚରେ ଭଲ ସ୍କୋର କରିବାରେ ସମର୍ଥ ହୋଇଛି। ତେବେ ଏହାର ବୋଲରମାନେ ଗୁରୁତ୍ୱପୂର୍ଣ୍ଣ ସମୟରେ ଦଳକୁ ନିରାଶ କରିଛନ୍ତି।

# ସ୍ୱସ୍ତିଙ୍କୁ ସ୍ୱର୍ଣ୍ଣ, ଖୋ ଖୋରେ ୨ ରୌପ୍ୟ



ଲନ୍‌ବୋଲ୍ସରେ ବ୍ରୋଞ୍ଜ ବିଜୟୀ ଓଡ଼ିଶା ଦଳ।

## ଜାତୀୟ କ୍ରୀଡ଼ା

### ଓଡ଼ିଶାର ପଦକ ସଂଖ୍ୟା ୫୦ ପାର

**ଭୁବନେଶ୍ୱର, ୮।୧୧**
**(ସରୋଜ ଜେନା)**

ଗୋଆରେ ଅନୁଷ୍ଠିତ ୩୭ ତମ ଜାତୀୟ କ୍ରୀଡାରେ ଓଡ଼ିଶା ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ବୁଧବାର ଓଡ଼ିଆ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଓଡ଼ିଶାର ପଦକ ସଂଖ୍ୟା ୫୦ ପାର କରିଛି। ୭୫ କି.ମି. ମାସ୍ ଷ୍ଟାର୍ଟ ରୋଡ ସାଇକ୍ଲିଂ ଇଭେଣ୍ଟରେ ସ୍ୱସ୍ତି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ସହିତ ଓଡ଼ିଶାର ପୁରୁଷ ଓ ମହିଳା ଖୋ ଖୋ ଦଳ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ନୂତନ ଭାବରେ ଜାତୀୟ କ୍ରୀଡାରେ ସାମିଲ କରାଯାଇଥିବା ସ୍କେ ମାର୍ଶିଆଲ ଆର୍ଟ୍ସରେ ଓଡ଼ିଶାର କୁନ୍ଦା ମାଝି ରୌପ୍ୟ ପଦକ ହାସଲ କରିଥିବା ବେଳେ ମୀନତି ସାହୁ ଓ ଡିଲାପ୍ରୋଜ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ଲନ୍ ବୋଲ୍‌ରେ ମଧ୍ୟ ଓଡ଼ିଶା ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛି। ପୁରୁଷ ଫୋର୍‌ସ ଓ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଦଳ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛି।

ବୁଧବାର ସାଇକ୍ଲିଂରେ ଓଡ଼ିଶା ଏହାର ଚତୁର୍ଥ ପଦକ ହାସଲ କରିଥିଲା। ପୂର୍ବରୁ ୩ଟି ବ୍ରୋଞ୍ଜ ମିଳିଥିବା ବେଳେ ସ୍ୱସ୍ତି ବ୍ୟକ୍ତିଗତ ପ୍ରଥମ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଅନ୍ୟ ପକ୍ଷରେ ଖୋ ଖୋରେ ଉଭୟ ପୁରୁଷ ଓ ମହିଳା ଦଳର ଅପରାଜେୟ ଧାରା ଶେଷ ହୋଇଛି। ଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ୍ ମହାରାଷ୍ଟ୍ର ଉଭୟ ଦଳଙ୍କୁ ପରାସ୍ତ କରିଥିଲା। ପୁରୁଷ ଦଳ ୨୬-୭୨ରେ ପରାଜିତ ହୋଇଥିବା ବେଳେ ମହିଳା ଦଳ ସଂଘର୍ଷପୂର୍ଣ୍ଣ ୪୦-୪୬ରେ ପରାଜିତ ହୋଇଥିଲା। ମହାରାଷ୍ଟ୍ର ଏକ ଶକ୍ତିଶାଳୀ ଦଳ ହୋଇଥିବା ବେଳେ ଆମ ଦଳର ପ୍ରଦର୍ଶନକୁ ନେଇ ମୁଁ ଖୁସି ଅଛି ବୋଲି କୋଚ୍ ସଞ୍ଜୀବ ଶର୍ମା କହିଛନ୍ତି। ଅଗଷ୍ଟ ମାସରୁ ଆମେ ଜାତୀୟ କ୍ରୀଡା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଥିଲୁ ଯାହାର ସୁଫଳ ମିଳିଛି। ପୁରୀରେ କରାଯାଇଥିବା କ୍ୟାମ୍ପ ଆମ ପାଇଁ ଲାଭଦାୟକ ରହିଥିଲା ବୋଲି ସେ କହିଛନ୍ତି। ଏହା ସହ ସେ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳୁଥିବା ସହାୟତାକୁ ପ୍ରଶଂସା କରିଛନ୍ତି। ଦୀର୍ଘ ୩୬ ବର୍ଷର କ୍ରୀଡା କ୍ୟାରିୟର ମଧ୍ୟରେ କୌଣସି ସରକାରଙ୍କ ନିକଟରୁ ଏଭଳି ସହଯୋଗିତା ଦେଖି ନାହିଁ ବୋଲି ସେ କହିଛନ୍ତି।



ପୋଡିୟମ ଉପରେ ସ୍ୱର୍ଣ୍ଣ ପଦକ ଗ୍ରହଣ ଅବସରରେ ଓଡ଼ିଶାର ସ୍ୱସ୍ତି ସିଂ (ମଝି)।


ଜାତୀୟ କ୍ରୀଡ଼ାର ଖୋ ଖୋ ଇଭେଣ୍ଟରେ ରୌପ୍ୟ ପଦକ ବିଜୟୀ ଓଡ଼ିଶା ପୁରୁଷ ଓ ମହିଳା ଦଳ।

# ଶାଜି ପ୍ରଭାକରନ୍‌ଙ୍କୁ ହଟାଇଲା ଏଆଇଏଫ୍ଏଫ୍

ନୂଆଦିଲ୍ଲୀ,୮।୧୧(ପି.ଟି.)

ବୁଧବାର ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ଏହାର ମହାସଚିବ ଶାଜି ପ୍ରଭାକରନଙ୍କୁ ପଦରୁ ହଟାଇଛି। ଭରସା ଭାଙ୍ଗିଥିବା କାରଣରୁ ଏହି ପଦକ୍ଷେପ ନିଆଯାଇଥିବା ଏଆଇଏଫ୍ଏଫ୍ ସ୍ପଷ୍ଟ କରିଛି। କିଭଳି ଭାବରେ ପ୍ରଭାକରନ ଭରସା ଭାଙ୍ଗିଛନ୍ତି ତାହାର କୌଣସି କାରଣ ଦର୍ଶାଯାଇ ନ ଥିବା ବେଳେ ନିଯୁକ୍ତିର ୧୪ ମାସରେ ତାଙ୍କୁ ହଟାଇ ଦିଆଯାଇଛି। ଏଆଇଏଫ୍ଏଫ୍ ପକ୍ଷରୁ ଏକ ବିବୃତି ଜାରି କରାଯିବା ସହିତ ୭ ନଭେମ୍ବରରୁ ତୁରନ୍ତ ପ୍ରଭାକରନଙ୍କୁ ତାଙ୍କ ପଦରୁ ହଟାଯାଉଛି ବୋଲି କୁହାଯାଇଛି। ସଭାପତି କଲ୍ୟାଣ ଚୌବେ ଏହି ବିବୃତିରେ ସ୍ୱାକ୍ଷର କରିଛନ୍ତି। ଏଆଇଏଫ୍ଏଫ୍‌ର ଉପସମ୍ପାଦକ ଏମ୍. ସତ୍ୟନାରାୟଣଙ୍କୁ କାର୍ଯ୍ୟକାରୀ ମହାସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ ପ୍ରଭାକରନଙ୍କୁ ସେପ୍ଟେମ୍ବର ୩, ୨୦୨୨ରେ ନିଯୁକ୍ତି ପ୍ରଦାନ କରାଯାଇଥିଲା ଓ ସେପ୍ଟେମ୍ବର ୬ରେ ସେ କାର୍ଯ୍ୟଭାର ଗ୍ରହଣ କରିଥିଲେ।

ଏହି ମାମଲାକୁ ନେଇ ପ୍ରଭାକରନଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ଉପ ସଭାପତି ଏନ୍. ଏ. ହରିସ୍ ଏହାକୁ ନେଇ ପ୍ରତିକ୍ରିୟା ଦେବା ସହ ପ୍ରଭାକରନଙ୍କ କାର୍ଯ୍ୟଶୈଳୀକୁ ନେଇ କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ଖୁସି ନ ଥିବା କହିଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପ୍ରଭାକରନ ଏକ ଟୁଇଟ୍ କରିବା ସହିତ ଏଆଇଏଫ୍ଏଫ୍ ମଧ୍ୟରେ ସବୁ କିଛି ଠିକ୍ ନ ଥିବା ଉଲ୍ଲେଖ କରିଥିଲେ। ଆମ ନିକଟରେ ଶକ୍ତି ଓ ସାମର୍ଥ୍ୟ ରହିଛି, ଯାହାର ଉପଯୋଗ କରି ଆମେ ଠିକ୍ ଦିଗରେ କାର୍ଯ୍ୟ କରିବା ଉଚିତ। ବ୍ୟକ୍ତିଗତ ସ୍ୱାର୍ଥ ରହିଲେ ଏପରି ହେବା ସମ୍ଭବ ନୁହେଁ ବୋଲି ସେ ଲେଖିଥିଲେ। ଭାରତକୁ ଗର୍ବିତ କରିବାକୁ ମୁଁ ମୋର ପ୍ରଥମ ଦାୟିତ୍ୱ ଭାବରେ ବିବେଚନା କରିଥାଏ ବୋଲି ସେ ଲେଖିଥିଲେ। ପୂର୍ବରୁ ଦିଲ୍ଲୀ ଫୁଟ୍‌ବଲର ସଭାପତି ଭାବରେ ପ୍ରଭାକରନ କାର୍ଯ୍ୟ କରୁଥିଲେ। ଗୁରୁବାର କାର୍ଯ୍ୟକାରୀ କମିଟି ପକ୍ଷରୁ ଏକ ବୈଠକ ଡକା ଯାଇଥିବା ନେଇ ସୂଚନା ଦେଇଛନ୍ତି ଉପସଭାପତି ଏନ୍. ଏ. ହରିସ୍। କାର୍ଯ୍ୟକାରୀ ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ମହାସଚିବ ପଦଟି ଏକ ବେତନଭୋଗୀ ପଦବୀ। ସଭାପତି ତାଙ୍କୁ ନିଯୁକ୍ତି ଦେଇଥିବା ବେଳେ ବର୍ତ୍ତମାନ ସଭାପତି ହିଁ ତାଙ୍କୁ ବରଖାସ୍ତ କରିଛନ୍ତି।




ଶାଜି ପ୍ରଭାକରନ୍

# ଦିନିକିଆ ର୍‍ୟାଙ୍କିଙ୍ଗ୍: ଗିଲ୍, ସିରାଜ ନଂ.୧

ଦୁବାଇ,୮।୧୧(ପି.ଟି.)

ବୁଧବାର ଆଇସିସି ପକ୍ଷରୁ ଦିନିକିଆ ର୍‍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ ସହ ଭାରତୀୟ ଓପନର ଶୁବମନ ଗିଲ୍ ଓ ପେସ୍ ବୋଲର ମହମ୍ମଦ ସିରାଜ ଏହି ର୍‍ୟାଙ୍କିଙ୍ଗ ତାଲିକାର ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଛନ୍ତି। ପାକିସ୍ତାନ କ୍ରିକେଟ ଦଳର ଅଧିନାୟକ ବାବର ଆଜମଙ୍କ ସ୍ଥାନରେ ଗିଲ୍ ଏକ ନମ୍ବର ସ୍ଥାନ ହାସଲ କରିଥିବା ବେଳେ ଦକ୍ଷିଣ ଆଫ୍ରିକାର କେଶବ ମହାରାଜଙ୍କୁ ହଟାଇ ସିରାଜ ପ୍ରଥମ ସ୍ଥାନରେ ପହଞ୍ଚିଛନ୍ତି। ବିଶ୍ୱକପ୍‌ରେ ଗିଲ୍ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ବାବରଙ୍କୁ ହଟାଇ ବ୍ୟାଟରଙ୍କ ମଧ୍ୟରେ ଏକନମ୍ବର ସ୍ଥାନ ହାସଲ କରିଛନ୍ତି। ଏହା ସହ ଚତୁର୍ଥ ଭାରତୀୟ ବ୍ୟାଟର ଭାବେ ସେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ପୂର୍ବରୁ ସଚିନ ତେନ୍ଦୁଲକର, ମହେନ୍ଦ୍ର ସିଂ ଧୋନି ଓ ବିରାଟ କୋହଲି ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ବିଶ୍ୱକପ୍‌ରେ ଅଦ୍ୟାବଧି ୬ ମ୍ୟାଚ୍ ଖେଳିଥିବା ଗିଲ୍ ୨୧୯ ରନ୍ ସ୍କୋର କରିଛନ୍ତି। ଶ୍ରୀଲଙ୍କା ବିପକ୍ଷରେ ୯୨ ଏହି ଟୁର୍ନାମେଣ୍ଟରେ ତାଙ୍କର ସର୍ବାଧିକ ସ୍କୋର ରହିଛି। ଅନ୍ୟପକ୍ଷରେ ପାକିସ୍ତାନର ଅଧିନାୟକ ରହିଥିବା ବାବର ଆଜମ୍ ୮ ମ୍ୟାଚ୍ ଖେଳି ୨୮୨ ରନ୍ ସ୍କୋର କରିଛନ୍ତି। ବାବର ୬ ରେଟିଂ ପଏଣ୍ଟ ହରାଇଥିବା ବେଳେ ଦୀର୍ଘ ଦୁଇ ବର୍ଷ ପରେ ଏକ ନମ୍ବର ସ୍ଥାନରୁ ହଟିଛନ୍ତି। ଅନ୍ୟ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ବିରାଟ କୋହଲି ଚତୁର୍ଥ ଓ ଭାରତୀୟ ଅଧିନାୟକ ରୋହିତ ଶର୍ମା ଷଷ୍ଠ ସ୍ଥାନରେ ରହିଛନ୍ତି। ଭାରତର ସର୍ବାଧିକ ସ୍କୋରର ରହିଥିବା କୋହଲି ଚଳିତ ଟୁର୍ନାମେଣ୍ଟରେ ୨ ଶତକ ଓ ୪ ଅର୍ଦ୍ଧଶତକ ସହିତ ୧୦୮ ଆଭରେଜରେ ୫୪୩ ରନ୍ ସ୍କୋର କରିଛନ୍ତି। ଭାରତୀୟ ମଧ୍ୟକ୍ରମ ବ୍ୟାଟର ଶ୍ରେୟସ ଆୟର ୧୭ ସ୍ଥାନ ଉପରକୁ ଉଠି ୧୮ ତମ ସ୍ଥାନରେ ପହଞ୍ଚିଛନ୍ତି।

ବୋଲରଙ୍କ ମଧ୍ୟରେ ମହମ୍ମଦ ସିରାଜ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ୮ ମ୍ୟାଚ୍‌ରୁ ୫.୨୩ର ଇକୋନୋମି ରେଟ୍ ସହ ସେ ୧୦ ଉଇକେଟ ଅକ୍ତିଆର କରିଛନ୍ତି। ଦକ୍ଷିଣ ଆଫ୍ରିକାର କେଶବ ମହାରାଜଙ୍କୁ ହଟାଇ ସେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଅନ୍ୟ ଭାରତୀୟ ବୋଲରଙ୍କ ମଧ୍ୟରେ ଯଶପ୍ରୀତ୍ ବୁମ୍ରା ୩ ସ୍ଥାନ ଉପରକୁ ଉଠି ଅଷ୍ଟମ ଓ ମହମ୍ମଦ ଶାମି ୭ ସ୍ଥାନ ଉପରକୁ ଉଠି ୧୦ମ ସ୍ଥାନରେ ପହଞ୍ଚିଛନ୍ତି।



ଶୁବମନ ଗିଲ୍





**Bhubaneswar - Hindustan Wheels:** 9776048108/ 9937020816, **Bapuji Nagar Branch:** 9348355705 / 9437142215 **Bhubaneswar - K2K Auto-Motives** 7008987920 / 7008987917 /16, **Bhubaneswar: Torque Motor Pahal:** 9692592014 / 7894252300, **Venus Automotives:** 9776012326 / 8917395776, **Nayagarh: Shree Motors:** 9123742457 9748294928, **Puri - Satyabadi Automobiles:** 8917467272 / 8917475550, **Brahmagiri Branch: Ananya Automobiles:** 8917467272 / 9556879502, **Cuttack - PMG Motors:** 7854912003 / 7854912006, **Cuttack: AMP Motors:** 9692200591 / 592, **Jajpur Road - Birendra Motors:** 8114371861 / 8114371865, **Balipatna:** 9078953592, **Dhalapathar:** 7008951601, **Balugaon:** 8018731318, **Jatni:** 8249369308, **Pipili:** 9937681634, **Nimapara:** 9776604707, **Kakatapur:** 9861413314, **Chandpur** 8018731318, **Adaspur:** 9438344646, **Banki:** 9337390774, **Narsinghpur :** 934891773, **Niali:** 7377401859, **Rajnagar:** 9776887470, **Bidharpur:** 9777100623, **Athagarh:** 8249515189, **Kendrapara:** 9238306061, **Jagatsinghpur:** 8249845109, **Paradeep:** 8895513620, **Rahama:** 9439064788, **Salepur:** 9337115957, **Pattamundai:** 9861502095, **Chhatia:** 9437397655, **Duburi:** 8093869659, **Binjharpur:** 9778266966, **Balichandrapur:** 7978609768, **Bhuban: 8249158563, Jajpur Town:** 9777022033, **Mangalapur:** 9937726644, **Singhpur:** 7008382026.





4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ